

ମୀନା, ଝିଲ୍ଲୀଙ୍କୁ ସ୍ୱର୍ଣ୍ଣିମ ସଫଳତା

▸ପୃଷ୍ଠା ୧୪ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-263 ◆BHUBANESWAR ◆MONDAY ◆18 MARCH 2024 ◆PAGE-16 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୨୬୩ ◆ଭୁବନେଶ୍ୱର ◆ସୋମବାର ◆୧୮ ମାର୍ଚ୍ଚ ୨୦୨୪ ◆ପୃଷ୍ଠା-୧୬ ◆ଟ.୬.୦୦


### ଇଲେକ୍ଟୋରଲ୍ ବଣ୍ଡରେ ରାଜନୈତିକ ଦଳଙ୍କୁ ଚାନ୍ଦା

# 'ଲଟେରୀ ମାର୍ଟିନ୍' ଦେଇଛି ୧୩୬୮ କୋଟି

## ଦକ୍ଷିଣ ଭାରତଠାରୁ ଉତ୍ତରପୂର୍ବ ରାଜ୍ୟ ପର୍ଯ୍ୟନ୍ତ ଲମ୍ବିଛି ବେପାର

■ **ନୂଆଦିଲ୍ଲୀ, ୧୭ ।୩ (ସମିସ):** ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ଇଲେକ୍ଟୋରାଲ ବଣ୍ଡ କ୍ରୟ କରିଥିବା ସଂସ୍ଥାଗୁଡ଼ିକର ନାମ ସାର୍ବଜନୀନ କରିଛନ୍ତି ନିର୍ବାଚନ ଆୟୋଗ। ୭୬୩ ପୃଷ୍ଠାର ଏହି ସୂଚୀରେ ଦେଶର ମାତ୍ର ଗୋଟିଏ କମ୍ପାନୀ ୧ ହଜାର କୋଟିରୁ ଊର୍ଦ୍ଧ୍ୱ ଇଲେକ୍ଟୋରାଲ ବଣ୍ଡ ଖରିଦ କରିଥିବା ସୂଚନା ରହିଛି। ୨୦୧୯ ଏପ୍ରିଲ ୧୨ ତାରିଖରୁ ୨୦୨୪ ଜାନୁଆରୀ ୧୧ ତାରିଖ ମଧ୍ୟରେ ଲଟେରୀ କାରବାର କରୁଥିବା ମାର୍ଟିନ୍ ସେଣ୍ଟିଆଗୋ ନାମକ ଜଣେ ବ୍ୟକ୍ତି ବିଭିନ୍ନ ରାଜନୈତିକ ଦଳକୁ ରାଜନୈତିକ ଚାନ୍ଦା ନିମନ୍ତେ ସର୍ବାଧିକ ୧୩୬୮ କୋଟି ଟଙ୍କାର ଇଲେକ୍ଟୋରାଲ ବଣ୍ଡ ଖରିଦ କରିଛନ୍ତି । ଦୀର୍ଘବର୍ଷ ଧରି ଲଟେରୀ କାରବାର ସହିତ ଜଡ଼ିତ ମାର୍ଟିନ୍ ସେଣ୍ଟିଆଗୋ 'ଲଟେରୀ କିଙ୍ଗ' ଭାବରେ ପରିଚିତ । କେହିକେହି ତାଙ୍କୁ 'ଲଟେରୀ ମାର୍ଟିନ୍' ଭାବରେ ମଧ୍ୟ ଜାଣନ୍ତି । ଫ୍ୟୁଚର ଗେମିଂ ଏଣ୍ଡ ହୋଟେଲ୍ ସର୍ଭିସେସ୍ ପ୍ରାଇଭେଟ୍ ଲିଃ ସହ ସେ ସିକ୍କିମ୍, ନାଗାଲାଣ୍ଡ, ପଶ୍ଚିମବଙ୍ଗ ସମେତ ପୁରା ଦେଶରେ ଲଟେରୀ କାରବାର କରନ୍ତି।

- ୨୦୧୬ରୁ ୨୦୨୩ ମଧ୍ୟରେ ୫ ଥର ଇଡି, ସିବିଆଇ ଚଢ଼ଉ
- ୨ ପର୍ଯ୍ୟାୟରେ ୮୬୬ କୋଟି ଟଙ୍କାର ସମ୍ପତ୍ତି ଜବତ କରିଛି ଇଡି
- ହଜାରେ କୋଟିରୁ ଊର୍ଦ୍ଧ୍ୱ ଚାନ୍ଦା ଦେବାରେ ଦେଶର ଏକମାତ୍ର ସଂସ୍ଥା



ମାର୍ଟିନ୍ ଫାଉଣ୍ଡେସନ୍ ତଥ୍ୟ ଅନୁସାରେ ସେ ମାର୍ଟିନ୍ ଗ୍ରୁପ୍ ଅଫ୍ କମ୍ପାନୀର ସଂସ୍ଥାପକ ଓ ଅଧ୍ୟକ୍ଷ । ବିଜିନେସ୍ ୱାର୍ଲ୍ଡ ଓ ଇକୋନୋମିକ୍ସ ଟାଇମ୍ସ ଆଦି ଖବରକାଗଜ ଦେଶର ସବୁଠାରୁ ବଡ଼ ବ୍ୟକ୍ତିଗତ ଆୟକର ଦାତାଙ୍କ ସୂଚୀରେ ମାର୍ଟିନଙ୍କ ନାମ ଥିବା ଉଲ୍ଲେଖ କରିଛି । ଏହା ସହ ସେ ବର୍ତ୍ତମାନ ଅଲ୍ ଇଣ୍ଡିଆ ଫେଡ଼େରେସନ ଅଫ୍ ଲଟେରୀ ଟ୍ରେଡ୍ ଏଣ୍ଡ ଆଲାଏଡ଼ ଇଣ୍ଡଷ୍ଟ୍ରୀର ସଭାପତି ମଧ୍ୟ ଅଛନ୍ତି। ଏହା ସହ ତାଙ୍କ କମ୍ପାନୀ ‸ ଅନ୍‌ଲାଇନ୍ ଗେମ୍, କ୍ୟାସିନୋ, ସ୍ପୋର୍ଟସ୍ ବେଟିଂ ଆଦି ଚଳାଉଥିବା ମଧ୍ୟ ବିଭିନ୍ନ ସମୟରେ ଚର୍ଚ୍ଚା ହୋଇଥାଏ । ଏକ ସମୟରେ ମ୍ୟାମାର୍‌ର ୟାଁଗୁନ୍‌ରେ ମଜୁରୀ ଲାଗୁଥିବା ମାର୍ଟିନ୍ ୧୯୮୮ରେ ତାମିଲନାଡୁ ଫେରି ଲଟେରୀ କାରବାର ଆରମ୍ଭ କରିଥିଲେ ଓ ପରବର୍ତ୍ତୀ ସମୟରେ ତାଙ୍କ ବ୍ୟବସାୟ କେରଳ, ତାମିଲନାଡୁ ଓ କର୍ଣ୍ଣାଟକ ଆଦି ରାଜ୍ୟରେ ବ୍ୟାପିଥିଲା। ପରବର୍ତ୍ତୀ ସମୟରେ ସେ ତାଙ୍କର ବ୍ୟବସାୟକୁ ସାରା ଦେଶରେ ସମ୍ପ୍ରସାରଣ କରିଥିଲେ। ୨୦୦୮ରେ ସିକିମ୍ ସରକାର ମାର୍ଟିନ ଓ ତାଙ୍କ କମ୍ପାନୀ ବିରୋଧରେ ▸ପୃଷ୍ଠା-୯

### ସାପ ବିଷ କାରବାରରେ ବିଗ୍ ବସ୍ ଓଟିଟି-୨ ବିଜେତା

# ୟୁଟ୍ୟୁବର୍ ଏଲ୍‌ଭିସ୍ ଯାଦବ ଗିରଫ

■ **ଗ୍ରେଟର ନୋଏଡ଼ା, ୧୭।୩ (ଏଜେନ୍ସି):** ୟୁଟ୍ୟୁବର୍ ତଥା ବିଗ୍ ବସ୍ ଓଟିଟି-୨ ବିଜେତା ଏଲ୍‌ଭିସ ଯାଦବଙ୍କୁ ରବିବାର ନୋଏଡ଼ାରୁ ଗିରଫ କରାଯାଇଛି। ସାପ ବିଷ ଚାଲାଣ ମାମଲାରେ ନୋଏଡ଼ା ପୁଲିସ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଗିରଫ ପରେ ତାଙ୍କୁ ସନ୍ଧ୍ୟାରେ ଗ୍ରେଟର ନୋଏଡାର ସୁରଜପୁର କୋର୍ଟରେ ହାଜର କରାଯାଇଛି। କୋର୍ଟ ଏଲ୍‌ଭିସଙ୍କୁ ୧୪ ଦିନ ପାଇଁ ନ୍ୟାୟିକ ହେପାଜତକୁ ପଠାଇ ଦେଇଛନ୍ତି। ପୁଲିସ ତାଙ୍କୁ ଗ୍ରେଟର ନୋଏଡ଼ାର ଲୁକ୍ସର ଜେଲ୍‌କୁ ନେଇଯାଇଛି। ଶୁଣାଣି ସମୟରେ ଓକିଲ ଡାକିବା ପାଇଁ ୨୦ ମିନିଟ ସମୟ ଦେବାକୁ ଏଲ୍‌ଭିସ ନିବେଦନ କରିଥିଲେ। ମାତ୍ର କୋର୍ଟ ୧୦ ମିନିଟ ସମୟ ଦେଇଥିଲେ। ଏହା ସତ୍ତ୍ୱେ ତାଙ୍କ ଓକିଲ ପହଞ୍ଚି ପାରି ନ ଥିଲେ।

ପୂର୍ବରୁ ଏହି ମାମଲାରେ ୟୁଟ୍ୟୁବରଙ୍କୁ ଦୀର୍ଘ ସମୟ ପର୍ଯ୍ୟନ୍ତ ଜେରା କରାଯାଇଥିଲା। କିଛି ଦିନ ତଳେ ନୋଏଡ଼ାରୁ ସାପ ବିଷ ଚାଲାଣ କରୁଥିବା ଗୋଷ୍ଠୀର ପର୍ଦ୍ଦାଫାସ ହୋଇଥିଲା। ଏହି ସମୟରେ ଏଲ୍‌ଭିସଙ୍କ ନାମ ମଧ୍ୟ ସାମ୍ନାକୁ ଆସିଥିଲା। ଏଲ୍‌ଭିସ୍‌ଙ୍କ ବିରୋଧରେ ନୋଏଡ଼ାରେ ମାମଲା ରୁଜୁ କରାଯାଇଥିଲା। ସାପ ବିଷ ଚାଲାଣକୁ ନେଇ ବିଜେପି ସାଂସଦ ମେନକା ଗାନ୍ଧୀଙ୍କ ସଂସ୍ଥା 'ପିପୁଲ ଫର୍ ଆନିମଲ'ର ଆନିମଲ ୱେଲଫେୟାର ଅଧିକାରୀ ଗୌରବ ଗୁପ୍ତା ▸ପୃଷ୍ଠା-୯



୧୪ ଦିନ ପାଇଁ ନ୍ୟାୟିକ ହେପାଜତକୁ ଗଲେ

### ୨୧ ଯାଏଁ ଜାରି ରହିବ କାଳବୈଶାଖୀ

# ୧୯ ଓ ୨୦ରେ କୁଆପଥର ବର୍ଷା

■ **ଭୁବନେଶ୍ୱର, ୧୭ ।୩ (ସମିସ):** ରାଜ୍ୟରେ ବର୍ତ୍ତମାନ କାଳବୈଶାଖୀ ପ୍ରଭାବରେ ବିଭିନ୍ନ ସ୍ଥାନରେ ବର୍ଷା ଜାରି ରହିଛି। ମୁଖ୍ୟତଃ ଅପରାହ୍ଣରେ ବିଜୁଳି ଘଡ଼ଘଡ଼ି ସହ କିଛି କିଛି ସ୍ଥାନରେ ବର୍ଷା ଯୋଗୁଁ ତାପମାତ୍ରା ପୂର୍ବାପେକ୍ଷା ହ୍ରାସ ପାଇଛି। ଗତ ୨୪ଘଣ୍ଟା ଅର୍ଥାତ ରବିବାର ଦିନ ମାତ୍ର ୨ଟି ସହର (ତାଳଚେର ଓ ବଲାଙ୍ଗୀର)ରେ ତାପମାତ୍ରା ୩୬ ଡିଗ୍ରୀ ଛୁଇଁଥିବା ବେଳେ ବାକି ସବୁ ସ୍ଥାନରେ ପାରଦ ଏହା ତଳେ ରହିଛି। ଏହି ସ୍ଥିତି ପ୍ରାୟ ୨୧ତାରିଖ ପର୍ଯ୍ୟନ୍ତ ଜାରି ରହିବାକୁ ଥିବା ବେଳେ ପରେ ପାଗରେ ପରିବର୍ତ୍ତନ ଆସିବା ନେଇ ସମ୍ଭାବନା ରହିଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ଆସନ୍ତା ୨୧ତାରିଖ ଯାଏଁ କାଳବୈଶାଖୀର ପ୍ରଭାବ ରହିବ। ଏଥିପାଇଁ ତାପମାତ୍ରାରେ ବିଶେଷ ବୃଦ୍ଧି ନ ହେବାକୁ ଥିବା ବେଳେ ଅନେକ ସ୍ଥାନରେ ଆହୁରି ୩-୫ଡିଗ୍ରୀ ▸ପୃଷ୍ଠା-୯

- ବିଜୁଳି ଘଡ଼ଘଡ଼ି ସହ ପବନ ଝଟକା ୫୦ କିମି ପହଞ୍ଚିବ
- ୨୨ ପରେ ତାପମାତ୍ରା ବଢ଼ି ୪୦ ଡିଗ୍ରୀ ଡେଇଁବ ତାତି

### ଶିମିଳିପାଳରେ କ୍ରମାଗତ ୪ ଦିନ ବର୍ଷା

## କାଳବୈଶାଖୀ ଟାଳିଲା ବନାଗ୍ନି ଭୟ

■ **ବାରିପଦା, ୧୭ ।୩ (ସମିସ):** ଗତ ୪ଦିନ ହେଲା ମୟୂରଭଞ୍ଜ ଜିଲ୍ଲାର ଅନେକ ସ୍ଥାନରେ କାଳବୈଶାଖୀ ଜନିତ ବର୍ଷା ହେଉଛି। ବିଶେଷକରି ଅପରାହ୍ଣରେ ଜୋର୍‌ରେ ପବନ ବହିବା ସହ ବିଜୁଳି ଘଡ଼ଘଡ଼ି ମାରି ବର୍ଷା ହୋଇଛି। ଫଳରେ ତାତିରୁ ସାମୟିକ ତ୍ରାହି ମିଳିବା ସହ ଜିଲ୍ଲାର ତାପମାତ୍ରା ହ୍ରାସ ପାଇଛି। ଅପରପକ୍ଷେ, ଏହାଦ୍ୱାରା ଶିମିଳିପାଳ ଅଭୟାରଣ୍ୟରେ ବନାଗ୍ନିର ପ୍ରାରମ୍ଭିକ ଭୟ ଟଳିଯାଇଛି। ଏହି ସମୟରେ ବୃକ୍ଷରାଜିଗୁଡ଼ିକ ପତ୍ରଝଡ଼ା ଦେଇଥା'ନ୍ତି। ଭୂଇଁରେ ଶୁଖିଲା ପତ୍ରର ପାହାଡ଼ ସୃଷ୍ଟି ହୋଇଥାଏ ଏବଂ ଏହା ବନାଗ୍ନି ଭଳି ବଡ଼ ଅଘଟଣକୁ ନିମନ୍ତ୍ରଣ କରିଥାଏ। ଏବର୍ଷ ବନାଗ୍ନିର ମୁକାବିଲା ପାଇଁ ବନ ବିଭାଗ ପକ୍ଷରୁ ବ୍ୟାପକ ପଦକ୍ଷେପ ▸ପୃଷ୍ଠା-୯



# ପଞ୍ଚମ ବିଜୟ ଲକ୍ଷ୍ୟରେ ପୁଟିନ

■ **ମସ୍କୋ, ୧୭।୩ (ଏଜେନ୍ସି):** ରୁଷିଆ-ୟୁକ୍ରେନ ଯୁଦ୍ଧ ମଧ୍ୟରେ ରୁଷିଆରେ ରାଷ୍ଟ୍ରପତି ନିର୍ବାଚନ ଶେଷ ହୋଇଛି। ଗତ ଶୁକ୍ରବାର ଆରମ୍ଭ ହୋଇଥିବା ମତଦାନ ପ୍ରାୟତଃ ଶାନ୍ତିପୂର୍ଣ୍ଣ ଭାବେ ରବିବାର ଶେଷ ହୋଇଛି। ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ବିଜୟ ଏକପ୍ରକାର ନିଶ୍ଚିତ ହୋଇଯାଇଛି ବୋଲି ସେଠାକାର ରାଜନୈତିକ ବିଶାରଦମାନେ ଆକଳନ କରିଛନ୍ତି। ବିଶେଷକରି ପୁଟିନଙ୍କ ବିରୋଧରେ ସେଭଳି କୌଣସି ପ୍ରାର୍ଥୀ ଛିଡା ହୋଇ ନ ଥିବାରୁ ତାଙ୍କର ବିଜୟ ନିଶ୍ଚିତ ବୋଲି କୁହାଯାଉଛି। ପୁଟିନ ବିଜୟୀ ହେଲେ କ୍ରମାଗତ ୫ମ ଥର ପାଇଁ ସେ ରାଷ୍ଟ୍ରପତି ହେବେ। ଏହା ରୁଷିଆର ୨୦୦ ବର୍ଷ ଇତିହାସରେ ପ୍ରଥମ ହେବା ସହିତ ପୁଟିନ ଦୀର୍ଘସ୍ଥାୟୀ ରାଷ୍ଟ୍ରପତି ଭାବେ ବିବେଚିତ ହେବେ ବୋଲି ଏବେ ଏଠାକାର ଗଣମାଧ୍ୟମରେ ଚର୍ଚ୍ଚା ଜୋର୍ ଧରିଛି।



୨୦୦ ବର୍ଷ ଇତିହାସରେ ସର୍ବାଧିକ ଥର ରାଷ୍ଟ୍ରପତି

## ଲୋକକଥା



ବିଲ୍ଡର୍‌ଙ୍କ କିଛି ନୀତି-ରୀତି ନାହିଁ
ଯେ ପାରେ ଯେମିତି କରୁଚି,
ନଭଶ୍ଚୁମ୍ବୀ କୋଠା ଗଢ଼ି ତୋଳୁଚନ୍ତି
ବସୁଧାର ଛାତି ଥରୁଚି !
କାନୁନ ଜଳକା ସାଜିଚି,
କଂକ୍ରିଟ ଜଙ୍ଗଲ ପ୍ରଭାବରେ ଆହା
ସବୁଜିମା ହଜି ଯାଉଚି !!

### କୋଲାବ୍‌କୁ ଓଲଟିଲା ଭ୍ୟାନ୍

# ୨ କନ୍ୟାଯାତ୍ରୀ ମୃତ, ୬ ଗୁରୁତର



■ **କୁନ୍ଦୁରା, ୧୭ ।୩ (ସମିସ):** କୋରାପୁଟ ଜିଲ୍ଲା କୁନ୍ଦୁରା ବ୍ଲକ୍ ଖୋଟଲାପଦର କୋଲାବ ନଦୀ ବ୍ରିଜ୍ ନିକଟରେ କନ୍ୟାଯାତ୍ରୀଙ୍କୁ ନେଇ ଯାଉଥିବା ଏକ ୪୦୭ ପିକ୍‌ଅପ୍ ଭ୍ୟାନ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ୨ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୬ଜଣ ଗୁରୁତର ଆହତ ହୋଇଛନ୍ତି। ଏହାବ୍ୟତୀତ ୩୨ଜଣ ସାମାନ୍ୟ ଆହତ ହୋଇଛନ୍ତି। ସମସ୍ତ ଆହତ ଓ ମୃତକ ବୈପାରୀଗୁଡ଼ା ବ୍ଲକ୍ ଧଳପୁର ଗ୍ରାମର। ମୃତକଦ୍ୱୟ ହେଲେ, ସୁଡି ବାଲିଆ(୬୨) ଏବଂ ଲଛମା ରାମପୁରିଆ (୧୭) । ମୃତ ଲଛମା ଧଳପୁର ହାଇସ୍କୁଲରେ ନବମ ଶ୍ରେଣୀରେ ପଢୁଥିଲେ।

ସୂଚନାନୁସାରେ, ପ୍ରାୟ ୪୦ଜଣ କନ୍ୟାଯାତ୍ରୀ ଏକ ପିକ୍‌ଅପ୍ ଭ୍ୟାନ୍‌ରେ ବୈପାରୀଗୁଡ଼ା ବ୍ଲକ୍‌ର ଧଳପୁର ଗ୍ରାମରୁ ବାହାରି କୋଟପାଡ଼ ବ୍ଲକ୍ ସସାହାଣ୍ଡି ନିକଟ ଧୂଡ଼ସାପାଲୀ ଗ୍ରାମରେ ଆୟୋଜିତ ବିବାହ ଉତ୍ସବକୁ ଯାଉଥିଲେ। ତେବେ ଖୋଟଲାପଦର ବ୍ରିଜ୍ ନିକଟରେ ଭ୍ୟାନ୍‌ଟି ଭାରସାମ୍ୟ ହରାଇ ନଦୀକୁ ଖସି ପଡ଼ିଥିଲା। ଖବର ପାଇ ଜିରାଗୁଡ଼ା, ▸ପୃଷ୍ଠା-୯

### ଲମ୍ବା ନିର୍ବାଚନ ସୂଚୀ

# ଦହଗଞ୍ଜି କରିବ ତାତି

■ **ଭୁବନେଶ୍ୱର, ୧୭ ।୩ (ସମିସ):** ସାରା ଦେଶରେ ବାଜିଛି ନିର୍ବାଚନ ବିଗୁଲ। ଦେଶରେ ୭ଟି ପର୍ଯ୍ୟାୟରେ ହେବାକୁଥିବା ନିର୍ବାଚନ ମଧ୍ୟର ଅନ୍ତିମ ୪ ପର୍ଯ୍ୟାୟ ଓଡ଼ିଶାରେ ମତଦାନ ହେବ। ବୈଶାଖ ଓ ଜ୍ୟେଷ୍ଠର ପ୍ରଚଣ୍ଡ ତାତି, କାଳବୈଶାଖୀ ସାଙ୍ଗକୁ ଲମ୍ବା ନିର୍ବାଚନ ସୂଚୀ ନେତା ଓ କର୍ମୀଙ୍କ ଚିନ୍ତା ବଢ଼ାଇଛି । ବସନ୍ତରେ ଓଡ଼ିଶାରେ ପାରଦ ୪୦ ଡିଗ୍ରୀ ମୁହାଁ ହୋଇଥିବା ବେଳେ ନିର୍ବାଚନୀ ଉଷ୍ଣତା ରାଜ୍ୟର ରାଜନୈତିକ ପରିବେଶକୁ ଆହୁରି ଉଷ୍ମ କରି ଦେଇଛି। ନିର୍ବାଚନୀ ତାରିଖ ଘୋଷଣା ହେବା ପରେ ରାଜ୍ୟର ରାଜନୈତିକ ଦୃଶ୍ୟପଟ ବଦଳିଛି, ବିଭିନ୍ନ ରାଜନୈତିକ ଦଳର ନେତାମାନେ ସମ୍ପୂର୍ଣ୍ଣ ନିର୍ବାଚନମନସ୍କ ହୋଇ ସାରିଛନ୍ତି । ଯେଉଁ ନେତାମାନେ ଟିକଟ ପାଇବା ନିଶ୍ଚିତ ମନେ କରୁଛନ୍ତି, ସେମାନେ ନିଜ ଅଞ୍ଚଳରେ କର୍ମୀ ସମାବେଶ ଆରମ୍ଭ ସହ ବୁଲାବୁଲି ଆରମ୍ଭ କରି ଦେଲେଣି । ମାତ୍ର ଏପ୍ରିଲ ୧୮ ତାରିଖରେ ଓଡ଼ିଶାରେ ପ୍ରଥମ ପର୍ଯ୍ୟାୟ ବିଜ୍ଞପ୍ତି ପରେ ୨୫ ତାରିଖରୁ ନାମାଙ୍କନ ଦାଖଲ ଆରମ୍ଭ ହେବ ଓ ଶେଷ ବୈଶାଖରେ ପ୍ରଥମ ପର୍ଯ୍ୟାୟ ମତଦାନ ଆରମ୍ଭ ହେବ । ସେହିପରି ୨୦ ମେ'ରୁ ୧ ଜୁନ୍ ମଧ୍ୟରେ ପରବର୍ତ୍ତୀ ୩ ପର୍ଯ୍ୟାୟ ନିର୍ବାଚନ ସୂଚୀ ଜ୍ୟେଷ୍ଠ ମାସରେ ରହିଛି। ଯାହାକୁ ନେଇ ବିଭିନ୍ନ ରାଜନୈତିକ ଦଳର ନେତାମାନେ ଚିନ୍ତାବ୍ୟକ୍ତ କରିଛନ୍ତି ।

ଯେଉଁ ସମୟରେ ରାଜ୍ୟରେ ଦିନ ୧୦ରୁ ଅପରାହ୍ଣ ୪ ଟା ଯାଏଁ ବାହାରକୁ ବାହାରିବା ମୁସ୍କିଲ ହୋଇପଡ଼େ ଓ ରାଜ୍ୟ ରିଲିଫ୍ କମିଶନ ଘରୁ ବାହାରକୁ ବାହାରିବା ଉପରେ କଟକଣା ଜାରି କରିଥାଆନ୍ତି; ସେହି ସମୟରେ କିପରି ନିର୍ବାଚନ ପ୍ରଚାର ହେବ ତାକୁ ନେଇ ସବୁ ମହଲରେ ସନ୍ଦେହ ପ୍ରକାଶ ପାଇଛି। ଚଳିତ ବର୍ଷ ନିର୍ବାଚନ ପ୍ରକ୍ରିୟା ଏପ୍ରିଲ-ଜୁନ୍ ପର୍ଯ୍ୟନ୍ତ ଜାରି ରହିବାକୁ ଥିବାରୁ ପ୍ରଚାର ସମୟରେ ନେତାମାନେ ଖରାରେ ସିଝିବା ଏକ ପ୍ରକାର ନିଶ୍ଚିତ। ଏଲ୍-ନିନୋ ପ୍ରଭାବ ଯୋଗୁଁ ଚଳିତ ବର୍ଷ ଖରାଦିନେ ତାପମାତ୍ରା ▸ପୃଷ୍ଠା-୯

- ଏଲ୍-ନିନୋ ପ୍ରଭାବରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ
- ମଞ୍ଚ ଭାଙ୍ଗିବ କାଳବୈଶାଖୀ
- ଚିନ୍ତାରେ ନେତା ଓ କର୍ମୀ








ସକାଳ THE SAKALA
www.sakalaepaper.com

## ଆଜିର ଇତିହାସ

- ୧୮୦୧- ଭାରତରେ ପ୍ରଥମ ଥର ଅସ୍ତ୍ରଶସ୍ତ୍ର କାରଖାନା ନିର୍ମାଣ କରାଗଲା ।
- ୧୯୦୬-ତାଇୱାନ୍‌ରେ ଭୂମିକମ୍ପ ଯୋଗୁଁ ୧୦୦୦ ଲୋକଙ୍କ ମୃତ୍ୟୁ ।
- ୧୯୫୯- ବୌଦ୍ଧ ଧର୍ମଗୁରୁ ଦଲାଇଲାମା ତିବ୍ବତରୁ ଭାରତରେ ପହଞ୍ଚିଲେ ।
- ୧୯୬୩-ବାଲିଦ୍ୱୀପରେ ଜ୍ୱାଳାମୁଖୀ ବିସ୍ଫୋରଣ ହେବାରୁ ୨୦୦୦ ଲୋକଙ୍କ ପ୍ରାଣହାନି ।
- ୧୯୮୭- ଭାରତୀୟ କ୍ରିକେଟ୍‌ର ସୁନୀଲ ଗାଭାସ୍କର ଟେଷ୍ଟ କ୍ରିକେଟ୍‌ରୁ ଅବସର ନେଲେ ।

## ଆଜି ଆସିଥିଲେ

# ଓଡ଼ିଶୀ ନୃତ୍ୟର ଆଦିଗୁରୁ ପଙ୍କଜ ଚରଣ ଦାସ

ଓଡ଼ିଶୀ ନୃତ୍ୟକୁ ବିଶ୍ୱ ଦରବାରରେ ପରିଚିତ କରାଇବାରେ ଗୁରୁ ପଙ୍କଜ ଚରଣ ଦାସଙ୍କର ଅତୁଳନୀୟ ଯୋଗଦାନ ରହିଛି । ସୀମାହୀନ ସୃଜନର ଅଧିକାରୀ ଥିଲେ ପଙ୍କଜଚରଣ । ଓଡ଼ିଶୀ ମାଧ୍ୟମରେ ସେ ଗୀତଗୋବିନ୍ଦକୁ କରିପାରିଥିଲେ ଭାବମୟ, ସଙ୍ଗୀତମୟ ଓ ଚେତନାମୟ । ସେ ଜଣେ ନୃତ୍ୟଶିଳ୍ପୀ, ନୃତ୍ୟ ନିର୍ଦ୍ଦେଶକ ଏବଂ ସର୍ବୋପରୀ ଓଡ଼ିଶୀ ନୃତ୍ୟର ପୁନଃନିର୍ମାତା ଥିଲେ । ତେଣୁ ତାଙ୍କୁ ଓଡ଼ିଶୀ ନୃତ୍ୟର ‘ଆଦିଗୁରୁ’ କୁହାଯାଏ । ପଙ୍କଜ ଚରଣ, ୧୯୨୫ ମସିହା ଆଜିର ଦିନରେ ପୁରୀର ମାଟିମଣ୍ଡପ ସାହିରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତାଙ୍କ ନାମ ଥିଲା ଧର୍ମୁ ଚରଣ ଦାସ ଓ ମାତାଙ୍କ ନାମ କ୍ଷେତ୍ରମଣି ଦେବୀ । ପିତୃଛେଉଣ୍ଡ ଭାବେ ଜନ୍ମ ହୋଇଥିଲେ ପଙ୍କଜ ଚରଣ । ଏହି ସଙ୍କଟକାଳରେ କ୍ଷେତ୍ରମଣି ଓ ତାଙ୍କର ଶିଶୁପୁତ୍ରକୁ ସାଦରେ ନିଜ ଘରକୁ ନେଇଯାଇଥିଲେ, ବଡ଼ ଠାକୁରଙ୍କ ଦେବଦାସୀ ରତ୍ନପ୍ରଭା ଦେବୀ । ମାହାରୀ ପରିବାରରେ ପଙ୍କଜଚରଣ ବଡ଼ ହୋଇଥିଲେ । ଏହି ସମୟରେ ତାଙ୍କର ନୃତ୍ୟଗୀତ ପ୍ରତି ଆକର୍ଷଣ ବଢ଼ିଲା । ରତ୍ନପ୍ରଭା ଦେବୀଙ୍କଠାରୁ ହିଁ ସେ ପ୍ରଥମେ



ନୃତ୍ୟ ଶିକ୍ଷା କରିଥିଲେ । ପାଠ ସହିତ ଗୀତ ବୋଲିବା, ନୃତ୍ୟ ଓ ଅଭିନୟରେ ତାଙ୍କର ଅସାଧାରଣ ପ୍ରତିଭା ଥିଲା । ନୃତ୍ୟ ପ୍ରତି ଅତ୍ୟାଗ୍ରହ, ତାଙ୍କୁ କଳା ଦୁନିଆରେ ପରିଚିତ କରାଇଥିଲା । ହେଲେ ଆଦ୍ୟ କୈଶୋରରେ ସେ ମାତାଙ୍କୁ ହରାଇ ଭାଙ୍ଗି ପଡ଼ିଥିଲେ । ଫଳରେ ଗୁଜୁରାଣ ମେଣ୍ଟାଇବା ପାଇଁ ସେ ଛୋଟମୋଟ ଚାକିରି କରିବାକୁ ବାଧ୍ୟ ହୋଇଥିଲେ । ଏହି ସମୟରେ ସେ ରାସଦଳ ଓ ରଙ୍ଗମଞ୍ଚରେ କାମ କରିବା ଆରମ୍ଭ କରି ଦେଇଥିଲେ । ପ୍ରାକ୍-ସ୍ୱାଧୀନତା କାଳରେ ଓଡ଼ିଶୀ ନୃତ୍ୟକୁ ଲୋକପ୍ରିୟ କରାଇବାରେ ସେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । ତାଙ୍କର ପ୍ରତ୍ୟେକ ଅଙ୍ଗଭଙ୍ଗୀରେ ଭକ୍ତି-ରସ ପ୍ରସ୍ଫୁଟିତ ହେଉଥିଲା । ‘ପଞ୍ଚକନ୍ୟା’, ‘ଗ୍ଲାନିସଂହାର’, ‘ମାତୃବନ୍ଦନା’, ‘ବାଳଗୋପାଳାଷ୍ଟକ’ ଆହୁରି ଅନେକ ନୃତ୍ୟରେ ସେ ତାଙ୍କର ଅଲିଭା ଛାପ ଛାଡ଼ିଯାଇଛନ୍ତି । କାଳିଦାସ ଓ ଜୟଦେବଙ୍କ ଜୀବନୀକୁ ନେଇ ମଧ୍ୟ ସେ ନୃତ୍ୟ ପରିବେଷଣ କରିଥିଲେ । ୧୯୬୪ରେ ପଙ୍କଜ ଚରଣ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟରେ ଯୋଗଦେଇ ଅଧ୍ୟକ୍ଷ ଭାବେ ଅବସର ନେଇଥିଲେ । ଏକାଧିକ ବିଦେଶ ରାଷ୍ଟ୍ରରେ ନୃତ୍ୟ ପରିବେଷଣ କରି ସେ ଓଡ଼ିଶୀ ନୃତ୍ୟକୁ ଲୋକପ୍ରିୟ କରାଇଥିଲେ । ଓଡ଼ିଶୀ ନୃତ୍ୟ ଜଗତକୁ ତାଙ୍କର ଅତୁଳନୀୟ ଅବଦାନ ପାଇଁ ୧୯୯୨ ରେ ତାଙ୍କୁ ‘ପଦ୍ମଶ୍ରୀ’ ମିଳିଥିଲା । ଏହାଛଡ଼ା ତାଙ୍କୁ ଏକାଧିକ ଜାତୀୟ ପୁରସ୍କାରରେ ସମ୍ମାନିତ କରାଯାଇଥିଲା । ୧୧ ଜୁନ୍, ୨୦୦୩ରେ ତାଙ୍କର ପରଲୋକ ଘଟିଥିଲା ।

# ‘ରାମାୟଣ’ ପାଇଁ ଯଶ୍ ନେଇଛନ୍ତି ୧୫୦ କୋଟି



ସାଉଥ୍ ସୁପରଷ୍ଟାର୍ ଯଶ୍‌ଙ୍କ ଅଭିନୀତ ‘କେଜିଏଫ୍ ଚାପ୍ଟର-୨’ ହିଟ୍ ହେବା ପରେ ଦର୍ଶକେ ଏବେ ତାଙ୍କର ଆଗାମୀ ଫିଲ୍ମକୁ ଅପେକ୍ଷା କରିଛନ୍ତି । ଯଶ୍ ‘ଟକ୍ସିକ୍’ ଫିଲ୍ମରେ କାମ କରୁଛନ୍ତି ବୋଲି ତାଙ୍କ ପ୍ରଶଂସକମାନଙ୍କୁ କିଛି ଦିନ ପୂର୍ବରୁ ଏକ ଭିଡିଓ ସେୟାର୍ କରି ଜଣାଇଥିଲେ । ତେବେ ନୀତେଶ ତିୱାରୀଙ୍କ ଫିଲ୍ମ ‘ରାମାୟଣ’ରେ ବି ଯଶ୍ ନଜର ଆସିପାରନ୍ତି ବୋଲି ଏବେ ଚର୍ଚ୍ଚା ହେଉଛି । ଅବଶ୍ୟ ଏନେଇ ଯଶ୍ କିଛି କହିନାହାନ୍ତି । ଅନ୍ୟପକ୍ଷରେ ‘ରାମାୟଣ’ ପାଇଁ ଯଶ୍ ବେଶ୍ ମୋଟା ଅଙ୍କର ପାରିଶ୍ରମିକ ନେଇଥିବା ଆଲୋଚନା ହେଉଛି । ଏହାକୁ ନୀତେଶ ତିନୋଟି ପାର୍ଟରେ ନିର୍ମାଣ କରିବେ । ଏଥିରେ ରଣବୀର କପୁର ଭଗବାନ ରାମଙ୍କ ଭୂମିକାରେ, ସାଇପଲ୍ଲବୀ ମାତା ସୀତାଙ୍କ ଭୂମିକାରେ ଏବଂ ଯଶ୍ ରାବଣ ଭୂମିକାରେ ଦେଖାଯିବେ । ତେବେ ଯଶ୍ ରାମାୟଣର ପ୍ରତ୍ୟେକ ପାର୍ଟ ପାଇଁ ୫୦ କୋଟି ଲେଖାଏଁ ନେଇଛନ୍ତି । ଏହି ହିସାବରେ ତାଙ୍କ ପକେଟ୍‌କୁ ୧୫୦ କୋଟି ଯାଇଥିବା କୁହାଯାଉଛି ।

## ହୋଟେଲର ନିଆରା ଅଫର୍

# ବର୍ଷା ହେଲେ ରହିବା, ଖାଇବା ମାହାଲିଆ



ବ୍ୟବସାୟର ପ୍ରସାର ପାଇଁ ହୋଟେଲ ମାଲିକ ବିଭିନ୍ନ ସମୟରେ ଗ୍ରାହକଙ୍କୁ ଆକୃଷ୍ଟ କଲାଭଳି ଅଫର୍ ପ୍ରଦାନ କରିଥାନ୍ତି । ଏହି ପରିପ୍ରେକ୍ଷୀରେ ସିଙ୍ଗାପୁରର ଏକ ଇଣ୍ଟରକଣ୍ଟିନେଣ୍ଟାଲ ହୋଟେଲ ବର୍ଷାକୁ ଦୃଷ୍ଟିରେ ରଖି ଗ୍ରାହକଙ୍କୁ ନିଆରା ଅଫର୍ ପ୍ରଦାନ କରୁଛି । ହୋଟେଲ୍ ପକ୍ଷରୁ ଏହାକୁ ‘ରେନ୍ ରେଜିଷ୍ଟ ବ୍ଲିସ୍’ ପ୍ୟାକେଜ କୁହାଯାଉଛି । ପ୍ୟାକେଜ୍ ଅନୁସାରେ, ବର୍ଷା ହେଲେ ଏହି ହୋଟେଲ ତା’ ଗ୍ରାହକଙ୍କୁ କେବଳ ରହିବା ପାଇଁ ମାଗଣା ସୁବିଧା ପ୍ରଦାନ କରିବ ନାହିଁ, ବରଂ ଅତିଥିଙ୍କ ସମ୍ପୂର୍ଣ୍ଣ ଖର୍ଚ୍ଚ ବହନ କରିବ । ସିଙ୍ଗାପୁରରେ ମୁଖ୍ୟତଃ ବର୍ଷା ବେଶି ଦେଖିବାକୁ ମିଳେ । ବର୍ଷା ଯୋଗୁଁ ଲୋକଙ୍କ ଛୁଟି ଯେଭଳି ବାଧାପ୍ରାପ୍ତ ନ ହେବ, ତାହାକୁ ଦୃଷ୍ଟିରେ ରଖି ଏହି ଅଫର୍ ପ୍ରଦାନ କରାଯାଇଛି । ହୋଟେଲର ଜେନେରାଲ ମ୍ୟାନେଜର ଆଣ୍ଡ୍ରିୟାସ କ୍ରେମର ଦିନେ ତାଙ୍କ ସାଙ୍ଗଙ୍କ ସହ ଲଗଜୁରି ଟ୍ରାଭେଲିଂକୁ କିଭଳି ଆଗକୁ ବଢ଼ାଯିବ, ସେନେଇ ଆଲୋଚନା କରୁଥିଲେ । ସେତିକିବେଳେ ତାଙ୍କର ଜଣେ ବନ୍ଧୁ ପରିହାସ ପୂର୍ବକ ଭଲ ପାଣିପାଗର ଗ୍ୟାରେଣ୍ଟି ଦେବାକୁ ତାଙ୍କୁ ପରାମର୍ଶ ଦେଇଥିଲେ । ସେଇଠୁ ତାଙ୍କ ମନରେ ଏଭଳି ଏକ ପ୍ୟାକେଜ୍ କଥା ଆସିଥିଲା । ଅବଶ୍ୟ ଏନେଇ ହୋଟେଲ ପକ୍ଷରୁ କିଛି ସର୍ତ୍ତ ରଖାଯାଇଛି । ସକାଳ ୮ ରୁ ସନ୍ଧ୍ୟା ୭ ମଧ୍ୟରେ ବର୍ଷା ହେବା ଦରକାର । ଅଫର୍ ପାଇଁ ହୋଟେଲରେ ଭାଉଚର ସିଷ୍ଟମ ରଖାଯାଇଛି । ତା’ସହ ବର୍ଷା ୧୨୦ ମିନିଟ୍ ବା ତା’ଠୁ ଅଧିକ ସମୟ ହେଲେ ହିଁ ଉକ୍ତ ଭାଉଚର କାର୍ଯ୍ୟକ୍ଷମ ହୋଇଥାଏ ।

# ଦୃଷ୍ଟିବାଧିତଙ୍କ ପାଇଁ ସ୍ମାର୍ଟ ଆଶାବାଡ଼ି

ସାଧାରଣତଃ ଦୃଷ୍ଟିବାଧିତ ବ୍ୟକ୍ତିମାନେ ଗୋଟେ ସ୍ଥାନରୁ ଅନ୍ୟ ଏକ ସ୍ଥାନକୁ ଯାତ୍ରା କରିବା ସମୟରେ ନାନା ସମସ୍ୟା ଭୋଗିଥାନ୍ତି । ଦୈନନ୍ଦିନ ନିତ୍ୟକର୍ମଠୁ ଆରମ୍ଭ କରି ସମସ୍ତ କାର୍ଯ୍ୟରେ ଏମାନେ ଅନ୍ୟମାନଙ୍କ ସାହାରା ନେଇ ବଞ୍ଚିଥାନ୍ତି । ପ୍ରତି ସମୟରେ ସେମାନଙ୍କ ପାଖରେ କେହି ରହିବା ସମ୍ଭବ ହୁଏନି, ଏହି ସମୟରେ ସେମାନେ ନିଜକୁ ଅସହାୟ ବୋଲି ମନେ କରନ୍ତି । ତେଣୁ ଦୃଷ୍ଟିହୀନଙ୍କ ଏହି ସମସ୍ୟାକୁ ଦୂର କରିବାକୁ ଉତ୍ତରପ୍ରଦେଶ ମହାରାଜଗଞ୍ଜ ଜିଲ୍ଲାର ଅଭିଷେକ ଚୌଧୁରୀ ସ୍ମାର୍ଟ ଷ୍ଟିକ୍ ବା ଅତ୍ୟାଧୁନିକ ଆଶାବାଡ଼ି ନିର୍ମାଣ କରିଛନ୍ତି । ଘରେ ଯେତେବେଳେ ଦୃଷ୍ଟିବାଧିତଙ୍କ ଦେଖାଶୁଣା କରିବାକୁ କେହି ଲୋକ ନ ଥାନ୍ତି, ଏହି ସମୟରେ ସ୍ୱତନ୍ତ୍ର ଆଶାବାଡ଼ି ଦ୍ୱାରା ଦୃଷ୍ଟିହୀନ ବ୍ୟକ୍ତି ନିଜ କାମ ନିଜେ କରିପାରିବେ । ଏନେଇ ଅଭିଷେକ କୁହନ୍ତି, ଏହି ଆଶାବାଡ଼ି ଅନ୍ୟ ସାଧାରଣ ଆଶାବାଡ଼ିଠାରୁ ସମ୍ପୂର୍ଣ୍ଣ ଭିନ୍ନ । କାରଣ ଏହାରି ସହାୟତାରେ ଦୃଷ୍ଟିହୀନମାନେ କାହାର ସାହାଯ୍ୟ ନ ନେଇ ଗୋଟେ ସ୍ଥାନରୁ ଅନ୍ୟ ସ୍ଥାନକୁ ଯାତ୍ରା କରିପାରିବେ । ଏମିତିକି କୌଣସି ଦୁର୍ଘଟଣା ଘଟିବା ପୂର୍ବରୁ ଏହି ବାଡ଼ିଟିରେ ଶବ୍ଦ ହେବା ସହିତ କମ୍ପନ ସୃଷ୍ଟି ହୁଏ । ଏହାଦ୍ୱାରା ଦୃଷ୍ଟିବାଧିତ ବ୍ୟକ୍ତି ସାମନାରେ କୌଣସି ବିପଦ ଥିବା ଅନୁମାନ ଲଗାଇ ପାରନ୍ତି । ଟେକ୍ନୋଲୋଜି ପ୍ରୟୋଗରେ ଏହି ଆଶାବାଡ଼ି ନିର୍ମାଣ କରାଯାଇଥିବାବେଳେ ଏଥିରେ ଶବ୍ଦଯୁକ୍ତ ଏକ ବଜର ଲଗାଯାଇଛି । ଯଦ୍ୱାରା ଏହା ବାଜିଉଠି ଦୃଷ୍ଟିହୀନ ବ୍ୟକ୍ତିଙ୍କୁ



ସମ୍ମୁଖରେ କୌଣସି ବସ୍ତୁଥିବା କିମ୍ବା କେହି ବ୍ୟକ୍ତି ଥିବା ସୂଚନା ଦିଏ । ଏହାର ପ୍ରଚଣ୍ଡ ଶବ୍ଦ ଶୁଣି ଲୋକେ ଆଗରୁ ହଟିଯାଆନ୍ତି । ନଚେତ କୌଣସି ବସ୍ତୁ ଥିଲେ ଦୃଷ୍ଟିହୀନ ବ୍ୟକ୍ତି ଜଣକ ଏହି ଆଶାବାଡ଼ି ସାହାଯ୍ୟରେ ଏହାକୁ ରାସ୍ତାରୁ ହଟେଇ ଦିଅନ୍ତି । କେବଳ ସେତିକି ନୁହେଁ, ଏହି ଆଶାବାଡ଼ିରେ ଚାର୍ଜ କରିବା ପାଇଁ ସୁବିଧା ମଧ୍ୟ ରହିଛି । ବ୍ୟାଟେରି ମାତ୍ର ଥରେ ଚାର୍ଜ ହେବା ପରେ ପାଖାପାଖି ୮ ଘଣ୍ଟା କାର୍ଯ୍ୟକ୍ଷମ ରୁହେ । ବ୍ୟାଟେରୀର କ୍ଷମତା ୭୨ ଘଣ୍ଟା । ଅନ୍ୟପଟେ ଯଦି ଏହି ଆଶାବାଡ଼ିରେ ବଜର କମ୍ ବ୍ୟବହାର ହେବ ତେବେ ବ୍ୟାଟେରୀ ପ୍ରାୟ ୨୦ ଘଣ୍ଟା କାମ କରିବ । ସେହିପରି ଏହି ଆଶାବାଡ଼ିଟି ଭାଇବ୍ରେଟ୍ ହୋଇ ସଙ୍କେତ ହେଉଥିବାରୁ ଏହା ଦୃଷ୍ଟିବାଧିତ ଓ ଶ୍ରବଣବାଧିତ ବ୍ୟକ୍ତି ଏହାକୁ ବ୍ୟବହାର କରିପାରିବେ । ଏହି ବାଡ଼ିରେ ଅନ୍, ଅଫ୍ ବଟନ ଲଗାଯାଇଛି । ବଜର ଯୁକ୍ତ ଆଶାବାଡ଼ିରେ ଅଲଟ୍ରାସୋନିକ ସେନ୍ସର ଲାଗିଛି ।

## ସବୁଠୁ ଛୋଟ ରେଳଲାଇନ୍



ନିକଟରେ ବିଶ୍ୱର ସବୁଠୁ ଛୋଟ ରେଳଲାଇନ୍ ଥିବା ଦେଶ ବାବଦରେ ସାମାଜିକ ଗଣମାଧ୍ୟମରୁ ଜଣାପଡ଼ିଛି, ଯାହା ବର୍ତ୍ତମାନ ସମୟରେ ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି । ତେବେ ଏହି ରେଳ ଲାଇନ୍ ବିଶ୍ୱର ସବୁଠୁ ଛୋଟ ଦେଶ ଭାଟିକାନ୍ ସିଟି ନିକଟରେ ରହିଛି । ଯାହାର ଲମ୍ବ ୩୦୦ ମିଟର । ଏହାକୁ ଚାହିଁଲେ ଜଣେ ବ୍ୟକ୍ତି ଦୁଇମିନିଟରେ ଚାଲିକରି ଯାଇପାରିବେ । କେବଳ ମାଲଗାଡ଼ି ଯାତାୟାତ ପାଇଁ ଏହି ରେଳ ଲାଇନ୍ ତିଆରି କରାଯାଇଛି । ତେବେ ଏହି ସ୍ଥାନରେ ଏକମାତ୍ର ରେଳ ଷ୍ଟେସନ ରହିଛି । ଯାହା ‘ସିଟ୍ଟା ଭାଟିକାନୋ’ ଭାବରେ ପରିଚିତ । ଏହି ରେଳ ଲାଇନ୍ ୧୯୩୪ ମସିହାରେ ନିର୍ମାଣ କରାଯାଇଛି । ସେହିପରି ଏହି ରେଳଲାଇନ୍ ଇଟାଲିର ରୋମାସାନ୍ ପିଓଟ୍ରା ରେଳଲାଇନ୍‌କୁ ସଂଯୋଗ କରୁଛି । ତେବେ ୨୦୧୫ ମସିହାରୁ ଏହି ସ୍ଥାନରେ ଏକ ପ୍ୟାସେଞ୍ଜର ଟ୍ରେନ୍ ଯାତ୍ରା କରୁଛି । ଯାହାପ୍ରତି ଶନିବାର ଇଟାଲିର କ୍ୟାଷ୍ଟଲ ଗାଣ୍ଡୋଲଫ୍ ପର୍ଯ୍ୟନ୍ତ ଯାତ୍ରା କରିଥାଏ । ଏହି ରେଳଧାରଣା ଉପରେ ମୁଖ୍ୟତ ମାଲଗାଡ଼ି ଆତଯାତ କରିଥାଏ ।

## ବୃତ୍ତି ଏମିତି...

# ଦିଅନ୍ତି ଭୂତମୁକ୍ତ ଅଟ୍ଟାଳିକାର ପ୍ରମାଣପତ୍ର



ସାଧାରଣତଃ ଭୂତ-ପ୍ରେତଙ୍କ କଥା ଶୁଣିଲେ ମନରେ ଭୟ ଜନ୍ମିଥାଏ । ବିଶ୍ୱରେ ଏପରି କିଛି ସ୍ଥାନ ଅଛି, ଯେଉଁଠି ଭୂତପ୍ରେତ ରହୁଥିବା କଥା କୁହାଯାଏ । ଏହି ସ୍ଥାନଗୁଡ଼ିକ ବର୍ଷ ବର୍ଷ ଧରି ଖାଲି ରହିଥାଏ । ନିକଟରେ ଏସବୁ ସମସ୍ୟାର ସମାଧାନ ପାଇଁ ଥାଇଲ୍ୟାଣ୍ଡର ଦୁଇଜଣ ଛାତ୍ର ଏକ ନିଆରା ବ୍ୟବସାୟ ଆରମ୍ଭ କରିଛନ୍ତି । ତାଇୱାନ୍‌ର ୱାଇଫି ଚେଙ୍ଗ୍ ଓ ଶ୍ରେଥବୁଟ୍ ବୁନପ୍ରାଖୋଙ୍ଗ୍ ମିଳିତ ଭାବେ ଏହି ନିଆରା ବ୍ୟବସାୟ ଆରମ୍ଭ କରିଛନ୍ତି । ତେବେ ଛାତ୍ର ଦୁଇଜଣ ଭୂତକୋଠି କିମ୍ବା ଭୂତପ୍ରେତ ଥିବା ଅଟ୍ଟାଳିକାରେ ଶୋଇ ପ୍ରମାଣ କରିଥାନ୍ତି, ଯେ ସେହିସ୍ଥାନ ଭୂତପ୍ରେତ ମୁକ୍ତ ଅଟେ । କେବଳ ସେତିକି ନୁହେଁ, ସେମାନେ ଲୋକଙ୍କୁ ଭୂତ ମୁକ୍ତ ଘରର ପ୍ରମାଣପତ୍ର ମଧ୍ୟ ଦେଇଥାନ୍ତି । ୱାଇଫିଙ୍କ କହିବାନୁଯାୟୀ, ଯେଉଁଠାରେ ପୂର୍ବରୁ କୌଣସି ହତ୍ୟା ହୋଇଥିଲା କିମ୍ବା ଭୂତପ୍ରେତ କଥା ଶୁଣାଯାଉଥିଲା, ସେହି ଘରର ମାଲିକମାନେ ସେଗୁଡ଼ିକ ବିକ୍ରି କରିବା ପାଇଁ ବହୁତ ଅସୁବିଧା ଭୋଗୁଥିଲେ । ଏହି କାରଣରୁ ସେ ଏପରି ନିଆରା ବ୍ୟବସାୟ କରିବାକୁ ଚିନ୍ତା କରିଥିଲେ । ତେବେ ଏନେଇ ସେମାନେ ସାମାଜିକ ଗଣମାଧ୍ୟମରେ ନିଜର ଏହି ଅଜବ ବ୍ୟବସାୟର ବିଜ୍ଞାପନ ସେୟାର୍ କରିବା ଆରମ୍ଭ କରିଛନ୍ତି । ଯେଉଁଥିରେ ସେମାନେ ଭୂତକୋଠି କିମ୍ବା ଅଟ୍ଟାଳିକାରେ ଶୋଇଥାନ୍ତି, ଯାହାଦ୍ୱାରା ଘର କିଣିବାକୁ ଚାହୁଁଥିବା ବ୍ୟକ୍ତି ବା ଘରଭଡ଼ା ନେବା ଚାହୁଁଥିବା ବ୍ୟକ୍ତିଙ୍କୁ ଭୂତମୁକ୍ତ କୋଠରିର ପ୍ରମାଣପତ୍ର ଦେଇ ତାଙ୍କ ମନରୁ ଭୂତଭୟ ଦୂର କରିଥାନ୍ତି ।

# କୋଲ୍ଡଡ୍ରିଙ୍କ୍ ପିଇଲେ ବ୍ୟାୟାମ ବୃଥା



ଆଜିକାଲି ସମସ୍ତେ ଫିଟ୍ ରହିବା ପାଇଁ ବ୍ୟାୟାମ କରିବା ସହ ଡାଏଟ୍ ଉପରେ ଗୁରୁତ୍ୱ ଦେଉଛନ୍ତି । ତେବେ ନିୟମିତ ବ୍ୟାୟାମ କରିବା ସତ୍ତ୍ୱେ ସପ୍ତାହକୁ ଦୁଇଥର କେନ୍ କୋଲ୍ଡ ଡ୍ରିଙ୍କ ପିଇବା ଦ୍ୱାରା ପରିଶ୍ରମ ବୃଥାଯାଏ । ବିଶେଷକରି ଏହା ହୃତ୍‌ପିଣ୍ଡ ପାଇଁ ବେଶ୍ କ୍ଷତିକାରକ ସାବ୍ୟସ୍ତ ହୋଇଥାଏ । ଆମେରିକା ଜର୍ଣ୍ଣାଲ ଅଫ୍ କ୍ଲିନିକାଲ୍ ନ୍ୟୁଟ୍ରିସନରେ ପ୍ରକାଶିତ ଅଧ୍ୟୟନରୁ ଏକଥା ଜଣାପଡ଼ିଛି । କ୍ୟୁବେକ୍ ସିଟିର ଲେବଲ ବିଶ୍ୱବିଦ୍ୟାଳୟର ଗବେଷକଙ୍କ ମତରେ, ଏକ୍ସରସାଇଜ୍ ପରେ କୋଲ୍ଡ ଡ୍ରିଙ୍କ୍ ପିଇବା ଦ୍ୱାରା ଯଦିଓ ତୃଷା ମେଣ୍ଟେ, କିନ୍ତୁ ଏହା ସ୍ୱାସ୍ଥ୍ୟ ପାଇଁ ଅଧିକ କ୍ଷତିକାରକ ସାବ୍ୟସ୍ତ ହୋଇଥାଏ । ସପ୍ତାହକୁ ୩୫୫ ମିଲିଲିଟର କୋଲ୍ଡଡ୍ରିଙ୍କ୍ ପିଇବା ଦ୍ୱାରା ବ୍ୟାୟାମରୁ ମିଳିବାକୁ ଥିବା ଫାଇଦା କମ୍ ହୁଏ । ବିଶେଷକରି ଏହା ହାର୍ଟ ପାଇଁ ଖରାପ । ସେହିପରି ଲକ୍ଷେରୁ ଅଧିକ ବୟସ୍କଙ୍କର ତିନି ଦଶକର ସ୍ୱାସ୍ଥ୍ୟ ତଥ୍ୟକୁ ବିଶ୍ଳେଷଣ କରି ସେମାନେ ଏ କଥା ଜାଣିବାକୁ ପାଇଛନ୍ତି । ଏଥିରେ ଭାଗ ନେଇଥିବା ଲୋକେ ଯଦିଓ ୧୫୦ ମିନିଟ୍ ବ୍ୟାୟାମ କରୁଥିଲେ, ତଥାପି ସୁଗାର ଡ୍ରିଙ୍କ ପିଇବାଦ୍ୱାରା, ସେଥିରେ ଥିବା ସୋଡା ହାର୍ଟକୁ ପ୍ରଭାବିତ କରୁଥିବା ଦେଖାଯାଇଥିଲା । ତେଣୁ ସୁଗାର ଡ୍ରିଙ୍କ ପିଇବାକୁ ସୀମିତ ରଖିବା ଉପରେ ସେମାନେ ଜୋର୍ ଦେଇଛନ୍ତି । କେବଳ ସେତିକି ନୁହେଁ, ପର୍ଯ୍ୟାପ୍ତ ଶାରୀରିକ କାର୍ଯ୍ୟକଳାପକୁ ବଜାୟ ରଖିବା ଦିଗରେ ଲୋକଙ୍କୁ ଗୁରୁତ୍ୱ ଦେବା ପାଇଁ କୁହାଯାଉଛି । ତେବେ ହୃଦୟର ସୁସ୍ଥତା ପାଇଁ ପାଣି ହିଁ ଉତ୍ତମ ବିକଳ୍ପ ।

## ଆଜିର ରାଶିଫଳ

**ମେଷ:** ଆୟର ନୂତନ ମାର୍ଗ ଉନ୍ମୋଚନ ହେବ । ନିବେଶରୁ ଦୂରେଇ ରହିବେ । ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି । ନୂଆ ଯୋଜନା ପାଇଁ ଗୁରୁଜନଙ୍କ ପରାମର୍ଶ ନେବେ । ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ ।

**ବୃଷ:** ଅଧିକ ଖର୍ଚ୍ଚାନ୍ତ ହୋଇପାରନ୍ତି । ବ୍ୟବସାୟରୁ ଲାଭ ମିଳିବ । ପ୍ରେମ ବ୍ୟାପାରରେ ସଫଳ ହେବେ । ଉଧାର ଧନ ଫେରି ପାଇବେ । ବିଦ୍ୟାର୍ଥୀ ଖେଳକୁଦରେ ସମୟ ଅତିବାହିତ କରିବେ ।

**ମିଥୁନ:** ସନ୍ତାନଙ୍କ ଭବିଷ୍ୟତ ପାଇଁ ଅଭିଭାବକ ଚିନ୍ତାରେ ରହିବେ । ପରୀକ୍ଷାର୍ଥୀ କୃତକାର୍ଯ୍ୟ ହେବେ । ବ୍ୟବସାୟରେ ଲାଭ ମିଳିବ । ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି । ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ ।

**କର୍କଟ:** ଅଫିସ୍ କାମରେ ବ୍ୟସ୍ତ ରହିବେ । ହଠାତ୍ ଅତିରିକ୍ତ ଦାୟିତ୍ୱ ତୁଲାଇବାକୁ ପଡ଼ିପାରେ । ବନ୍ଧୁଙ୍କ ସାହାଯ୍ୟରେ ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ । ଧାର୍ମିକ କାର୍ଯ୍ୟରେ ସାମିଲ ରହିବେ ।

**ସିଂହ:** କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ । ବନ୍ଧୁଙ୍କ ସହ ବୁଲିବା ପାଇଁ ନୂଆ ଯୋଜନା କରିବେ । ସମାଜରେ ମାନ ସମ୍ମାନ ପ୍ରତିଷ୍ଠା ବଢ଼ିବ । କଳା ଓ ସାହିତ୍ୟ କ୍ଷେତ୍ରରେ ସମ୍ମାନ ମିଳିବ ।

**କନ୍ୟା:** ଯାତ୍ରାରୁ ଲାଭ ମିଳିବ । ଦିନଟିରେ କର୍ମଚଞ୍ଚଳ ରହିବେ । ପାରିବାରିକ ଜୀବନରେ ତିକ୍ତତା ଦେଖା ଦେବ । ବ୍ୟବସାୟରେ ସଫଳତା ମିଳିବ । ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ ।

**ତୁଳା:** ଦିନଟି ମିଶ୍ରଫଳ ପ୍ରଦାନ କରିବ । ସାମାଜିକ କାର୍ଯ୍ୟରେ ସାମିଲ ହେବେ । ଅଫିସ୍‌ରେ ସହକର୍ମୀଙ୍କ ସହ ବ୍ୟକ୍ତିଗତ କଥା ଆଲୋଚନା କରିବେ ନାହିଁ । ଘରକୁ ଅତିଥିଙ୍କ ଆଗମନ ହେବ ।

**ବିଛା:** ଦିନଟି ଶୁଭଫଳ ପ୍ରଦାନ କରିବ । ସରକାରୀ କାମ ସମସ୍ୟା ସମାଧାନ ହେବ । ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ । ପାରିବାରିକ ବିବାଦରୁ ଦୂରେଇ ରହିବେ ।

**ଧନୁ:** କାର୍ଯ୍ୟରେ ଉନ୍ନତି ଘଟିବ । ଦାମ୍ପତ୍ୟ ଜୀବନ ହସଖୁସିରେ ଅତିବାହିତ କରିବେ । ଇଚ୍ଛା ପୂରଣ ହେବ । ଗରିବ, ଅସହାୟଙ୍କୁ ସାହାଯ୍ୟ କରିବେ । ଗୁରୁଜନଙ୍କ ଆଦେଶ ପାଳନ କରିବେ ।

**ମକର:** ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ । ବଦଭ୍ୟାସ ପରିତ୍ୟାଗ କରିବେ । ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ । ବିବାହ ପ୍ରସ୍ତାବ ସ୍ଥିର ହେବ । ବିଦ୍ୟାର୍ଥୀ ପ୍ରବେଶିକା ପରୀକ୍ଷା ଲାଗି ପ୍ରସ୍ତୁତି ଜାରି ରଖିବେ ।

**କୁମ୍ଭ:** ଦୀର୍ଘ ଦିନ ସମସ୍ୟାର ସମାଧାନ ହେବ । ଅଫିସ୍ କାମ ସୂଚାରୁରୂପେ ତୁଲାଇବେ । ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ । ଲେଖାଲେଖି ପ୍ରତି ରୁଚି ବଢ଼ିବ । ବଡ଼ ଭାଇ ଓ ଭଉଣୀଙ୍କ ସହଯୋଗ ମିଳିବ ।

**ମୀନ:** ବନ୍ଧୁଙ୍କ ସାହାଯ୍ୟ ମିଳିବ । ଆର୍ଥିକ ମାମଲାରେ ସୁଧାର ଆସିବ । ମାଆଙ୍କ ସ୍ୱାସ୍ଥ୍ୟାବସ୍ଥା ପାଇଁ ଚିନ୍ତାରେ ରହିବେ । ମନ୍ଦିରରେ ଦାନ କରନ୍ତୁ । ଅନ୍ୟମାନଙ୍କୁ ବ୍ୟକ୍ତିଗତ କଥା କହି ହଇରାଣରେ ପଡ଼ିପାରନ୍ତି ।

# ବଢୁଛି କଳା ସାମ୍ରାଜ୍ୟ, ଲମ୍ବୁଛି ଠକଙ୍କ ତାଲିକା

## ଇଡି ଅଧିକାରୀ କହି ଠକୁଥିଲେ
## ଢେଙ୍କାନାଳରୁ ଦୁଇ ଠକ ଭ୍ରାତା ଗିରଫ

**ଭୁବନେଶ୍ୱର/ଛତ୍ରପୁର,୧୭ ।୩(ସମିସ):** ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ର ଅଧିକାରୀ ପରିଚୟ ଦେଇ ଲୋକଙ୍କ ଠକିବା ଦୁଇ ଭାଇଙ୍କୁ ମହଙ୍ଗା ପଡ଼ିଛି । ଏହି ଠକ ଦୁଇ ଭାଇଙ୍କୁ କ୍ରାଇମ୍‌ବ୍ରାଞ୍ଚ ଏସ୍‌ଟିଏଫ୍ ଗିରଫ କରିଛି । ସେମାନେ ହେଲେ, ଢେଙ୍କାନାଳର ତାରିଣୀ ସେନ ମହାପାତ୍ର ଓ ବ୍ରହ୍ମଶଙ୍କର ମହାପାତ୍ର। ଛତ୍ରପୁର ଉପଜିଲ୍ଲାପାଳଙ୍କୁ ଠକିବାକୁ ଉଦ୍ୟମ ବେଳେ ଦୁଇଭାଇଙ୍କ କାରନାମା ଧରାପଡ଼ି ଯାଇଥିଲା । ଏନେଇ ଛତ୍ରପୁର ଉପଜିଲ୍ଲାପାଳ ଦେବଦତ୍ତ ମହନ୍ତ ଏସ୍‌ଟିଏଫରେ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗ ଆଧାରରେ ଏସ୍‌ଟିଏଫ ମାମଲା ରୁଜୁ କରି ଉପ ଜିଲ୍ଲାପାଳଙ୍କୁ ଆସିଥିବା ଫୋନ୍ କଲ୍‌କୁ ଟ୍ରାକ୍ କରି ଢେଙ୍କାନାଳରୁ ଦୁଇ ଭାଇଙ୍କୁ ଗିରଫ କରିଥିଲା । ସେମାନଙ୍କ ନିକଟରୁ ଗୋଟିଏ ଲାପ୍‌ଟପ, ଗୋଟିଏ କମ୍ପ୍ୟୁଟର୍, ୫ଟି ମୋବାଇଲ୍, ବ୍ୟାଙ୍କ ପାସ୍‌ବୁକ୍, ଚେକ୍, ଜାଲ୍ କାଗଜପତ୍ର, ୧୭ଟି ଏଟିଏମ୍ କାର୍ଡ ଜବତ କରାଯାଇଛି।

ପୁଲିସ୍ ସୂତ୍ରରୁ ମିଳିଥିବା ସୂଚନାନୁଯାୟୀ, ଦୁଇ ଭାଇ ଉଚ୍ଚଶିକ୍ଷିତ। ତାରିଣୀସେନ୍ ବି.କମ୍ ଡିଗ୍ରୀ ହାସଲ କରିଥିବା ବେଳେ ବ୍ରହ୍ମଶଙ୍କର ଯୁକ୍ତ ଦୁଇ ବିସିଏ ପଢ଼ିଛନ୍ତି। କିନ୍ତୁ କମ୍ ଦିନରେ କୋଟିପତି ହେବାର ସ୍ୱପ୍ନ ପୂରଣ କରିବା ପାଇଁ ସେମାନେ ଠକେଇ ରାସ୍ତା ଆପଣାଇ ନେଇଥିଲେ। ତେବେ ବ୍ୟାଙ୍କ ଋଣ ଶୁଝିବା ପାଇଁ ସେମାନେ ଏହି ଠକେଇର ଅପରାଧ ଦୁନିଆରେ ପାଦ ଥାପିଥିଲେ । ସେମାନଙ୍କ ବାପା ସ୍ଥାନୀୟ ଏକ ବ୍ୟାଙ୍କରୁ ଋଣ ନେଇ ଘର କରିଥିଲେ। ହେଲେ ସେମାନଙ୍କ ରୋଜଗାର ନଥିବାରୁ ବ୍ୟାଙ୍କ ଋଣ ଶୁଝି ପାରୁନଥିଲେ। ଏପରିକି ବଡ଼ଭାଇ ବେଙ୍ଗାଲୁରୁରେ ଚାକିରି କରୁଥିବା ବେଳେ କୋଭିଡ୍ ସମୟରେ ତାଙ୍କର ଚାକିରି ପଳାଇବାରୁ ସେ ଓଡ଼ିଶା ପଳାଇ ଆସିଥିଲେ। ତେଣୁ କିଛି ବାଟ ନପାଇ ଅସତ୍ ଉପାୟରେ ଟଙ୍କା ରୋଜଗାର କରିବାକୁ ଭାବିଥିଲେ। ଏଥିପାଇଁ ସେମାନେ ଲୋକଙ୍କୁ ଠକିବା ଆରମ୍ଭ କରିଥିଲେ।

ସେମାନେ ପ୍ରଥମେ ସରକାରୀ ଅଫିସରଙ୍କୁ ଠକିବା ପାଇଁ ଯୋଜନା କରିଥିଲେ। ବିଶେଷକରି ତହସିଲଦାର, ଜିଲ୍ଲାପାଳ, ଉପଜିଲ୍ଲାପାଳ, ଆର୍‌ଟିଓ, ଜେଇ ଏବଂ ଅନ୍ୟ ସରକାରୀ



ଅଫିସରଙ୍କୁ ଠକିବା ପାଇଁ ଯୋଜନା କରିଥିଲେ। ନିକଟରେ ଇଡି ରାଜ୍ୟର ବିଭିନ୍ନ ସ୍ଥାନରେ ଚଢ଼ଉ କରିଥିଲା। ଏନେଇ ଖବରକାଗଜ ଏବଂ ଟିଭିରେ ଦେଉଥିବା ଖବରକୁ ଦୁଇ ଭାଇ ଗୁରୁତ୍ୱର ସହ ଦେଖିବା ସହ ଇଡି ଚଢ଼ଉର ଶୈଳୀ ବିଷୟରେ ଅଧିକ ତଥ୍ୟ ହାସଲ କରିଥିଲେ। ପରେ ସେମାନେ ନିଜକୁ ଇଡି ଅଫିସ୍‌ର କହି ଠକେଇ କରିବାକୁ ସ୍ଥିର କରିଥିଲେ। ପ୍ରଥମେ ସେମାନେ ବିଭିନ୍ନ ସରକାରୀ ଅଫିସରଙ୍କୁ ଫୋନ୍ କରି ଧମକ ଦେଉଥିଲେ। ଟଙ୍କା ନଦେଲେ ଘରେ ପଶି ଚଢ଼ଉ କରିବୁ, ଇଡି ଅଫିସକୁ ଡାକି ଜେରା କରିବୁ ଆଦି କହି ଧମକ ଦେଉଥିଲେ। ପାଖାପାଖି ୩୦୦ ଜଣଙ୍କର ତାଲିକା ପ୍ରସ୍ତୁତ କରି ଫୋନ୍ କରିଥିଲେ। ସେମାନଙ୍କ ଚାଲାକି ଜାଣିନପାରି ଏହା ଭିତରେ ୧୬ରୁ ଅଧିକ ଅଫିସର୍ ସେମାନଙ୍କ ଜାଲରେ ପଡ଼ି ଲକ୍ଷଲକ୍ଷ ଟଙ୍କା ହରାଇଥିବା ଜଣାପଡ଼ିଛି । ଖାଲି ସେତିକି ନୁହେଁ, ଟଙ୍କା ନେବା ପରେ ଦୁଇ ଭାଇ ନକଲି ଦସ୍ତାବିଜ୍ ପ୍ରସ୍ତୁତ କରି ସେଥିରେ ଇଡିର ଲୋଗୋ ମାରି କ୍ଲିଏରାନ୍ସ ସାର୍ଟିଫିକେଟ୍ ମଧ୍ୟ ଦେଉଥିଲେ। ଲୋକଙ୍କୁ ଠକିବା ପାଇଁ ଦୁଇ ଭାଇ ଓଡ଼ିଶା ଏବଂ ଝାଡ଼ଖଣ୍ଡରୁ ଆକ୍ଟିଭ୍ ହୋଇଥିବା ଦୁଇସିମ୍ ଆଣି ସେଥିରୁ ଫୋନ୍ କରିଥିଲେ । ଏହି ଦୁଇ ଫୋନ୍

- ୩୪୦ ସରକାରୀ ଅଫିସରଙ୍କୁ ଫୋନ୍ କରି ଟଙ୍କା ମାଗିଛନ୍ତି
- ଝାଡ଼ଖଣ୍ଡରେ ଚଳାଉଥିଲେ ଏନ୍‌ଜିଓ
- ଛତ୍ରପୁର ଉପଜିଲ୍ଲାପାଳଙ୍କୁ ଠକିବାକୁ ଉଦ୍ୟମ ବେଳେ ଧରାପଡ଼ିଲେ
- ଆକାଉଣ୍ଟରେ ୧୬ଲକ୍ଷ ଟଙ୍କା ଟ୍ରାଞ୍ଜାକ୍‌ସନ ହୋଇଛି

ନମ୍ବରକୁ ଟ୍ରୁ-କଲର୍‌ରେ ଇଡିର ଅତିରିକ୍ତ ନିର୍ଦ୍ଦେଶକ ନାମରେ ସେଭ୍ କରିଥିଲେ। ଯେଉଁ ଅଧିକାରୀ ସେମାନଙ୍କ ଫୋନ୍ ଉଠାଉନଥିଲେ, ସେମାନଙ୍କୁ ଦୁଇ ଭାଇ ମେସେଜ୍ କରୁଥିଲେ। ଇଡି ଅଧିକାରୀ ସଞ୍ଜୟ ମିଶ୍ର ପରିଚୟ ଦେଇ ତୁରନ୍ତ ତାଙ୍କ ସହ ଯୋଗାଯୋଗ କରିବାକୁ ମେସେଜ୍‌ରେ ଲେଖୁଥିଲେ। ତେଣୁ ସରକାରୀ ଅଫିସର୍ ଭୟରେ ତୁରନ୍ତ କଲ୍ କରି ସେମାନଙ୍କୁ ଚଢ଼ଉ ନକରିବା ପାଇଁ ଟଙ୍କା ଦେଉଥିଲେ। ତେବେ ସେମାନେ ଛତ୍ରପୁର ଉପଜିଲ୍ଲାପାଳଙ୍କୁ ସମାନ ଭାବେ ଠକିବା ପାଇଁ ଉଦ୍ୟମ କରୁଥିବା ବେଳେ ଧରାପଡ଼ି ଯାଇଥିଲେ।

ଏସ୍‌ଟିଏଫ୍‌ର ତଦନ୍ତରୁ ଜଣାପଡ଼ିଛି ଯେ ଦୁଇଭାଇ ୩୪୦ ସରକାରୀ ଅଫିସର୍ ସହ ଯୋଗାଯୋଗ କରିଛନ୍ତି। ଉଭୟ ଫୋନ୍-ପେ' ମାଧ୍ୟମରେ ଟଙ୍କା ଆଣୁଥିଲେ। ଏହିଭଳି ଉଭୟଙ୍କ ଠାବ ହୋଇଥିବା ୫ଟି ବ୍ୟାଙ୍କ ଆକାଉଣ୍ଟକୁ ୧୬ ଲକ୍ଷ ଟଙ୍କା ଟ୍ରାଞ୍ଜାକ୍‌ସନ ହୋଇଛି। ଏହିଭଳି ଏହି ଦୁଇ ଭାଇ ଝାଡ଼ଖଣ୍ଡ ଏବଂ ରାଞ୍ଚିର ସରକାରୀ ଅଫିସରଙ୍କୁ ଠକିଥିବା ସନ୍ଦେହ କରାଯାଉଛି। ତେଣୁ ଏସ୍‌ଟିଏଫ୍ ଝାଡ଼ଖଣ୍ଡର ତଦନ୍ତକାରୀ ସଂସ୍ଥା ସହ ଯୋଗାଯୋଗ କରୁଛି। ଉଭୟଙ୍କୁ ରିମାଣ୍ଡ ଆଣି ପଚରାଉଚରା କରାଯିବା ସହ ସେମାନଙ୍କ ବ୍ୟାଙ୍କ ଟ୍ରାଞ୍ଜାକ୍‌ସନ୍ ସଂପର୍କରେ ଜାଣିବା ପାଇଁ ଆର୍‌ବିଆଇକୁ ଚିଠି କରାଯିବ ବୋଲି ଏସ୍‌ଟିଏଫ ଏସ୍‌ପି. କେ.କେ ପାଣିଗ୍ରାହୀ ସୂଚନା ଦେଇଛନ୍ତି।

ଅପରପକ୍ଷେ, ଦୁଇଭାଇ ଠକେଇ ଟଙ୍କାରେ ଢେଙ୍କାନାଳ ଟାଉନ୍‌ରେ ବିଳାସପୂର୍ଣ୍ଣ ଜୀବନଯାପନ କରୁଥିଲେ। ଉଭୟ ଢେଙ୍କାନାଳରେ ରହୁଥିବା ବେଳେ ଝାଡ଼ଖଣ୍ଡରେ ୧୦ ହଜାର ଟଙ୍କାରେ ଘରଭଡ଼ା ନେଇ ଅସ୍ଥାୟୀ ଭାବେ ରହୁଥିଲେ। ସେଠାରେ 'ଉପକାର' ନାମକ ଏକ ଏନ୍‌ଜିଓ ସଂସ୍ଥା ଖୋଲିଥିଲେ। ଏହି ସଂସ୍ଥା ରାଞ୍ଚି ଏବଂ ଝାଡ଼ଖଣ୍ଡରେ ଅପରେଟ୍ କରୁଥିଲା। ଉକ୍ତ ଏନ୍‌ଜିଓ ସଂସ୍ଥାର ଏମ୍‌ଡି ଲିୟାକତ ଅଲ୍ଲୀ ଖାଁ ଥିବା ବେଳେ ଦୁଇଭାଇ ଏହାକୁ ପରିଚାଳନା କରୁଥିଲେ। କିନ୍ତୁ ଗତ ବର୍ଷେ ହେବ, ଏହି ଏନ୍‌ଜିଓ ସଂସ୍ଥା କାର୍ଯ୍ୟକ୍ଷମ ହେଉନାହିଁ। ତେବେ ଏହି ସଂସ୍ଥା ଜରିଆରେ ସେମାନେ କାହାକୁ କାହାକୁ ଠକିଛନ୍ତି, ସେନେଇ ଏସ୍‌ଟିଏଫ୍ ଅଧିକ ତଦନ୍ତ ଚଳାଇଛି।

## କୋଟିଏ ଟଙ୍କା ଠକେଇ ଅଭିଯୋଗ
## ବାଲେଶ୍ୱରର ୨ ଯୁବକଙ୍କୁ ଉଠାଇନେଲା ଦିଲ୍ଲୀ କ୍ରାଇମ୍‌ବ୍ରାଞ୍ଚ

**ବାହାନଗା, ୧୭ ।୩ (ସମିସ):** ଅନ୍‌ଲାଇନ ଜରିଆରେ ପ୍ରାୟ କୋଟିଏ ଟଙ୍କା ଠକେଇ ମାମଲାରେ ଦିଲ୍ଲୀ କ୍ରାଇମବ୍ରାଞ୍ଚ ଟିମ୍ ରବିବାର ବାଲେଶ୍ୱର ଜିଲ୍ଲା ଗୋପାଳପୁର ଥାନା ଅଞ୍ଚଳରୁ ୨ ଯୁବକଙ୍କୁ ଉଠାଇ ନେଇଛି । ଗୋପାଳପୁର ଥାନା ନୂଆପୁର ପଞ୍ଚାୟତର ଦୁଇଜଣ ଯୁବକ କୌଣସି ଏକ ସଂସ୍ଥାରୁ ଅନଲାଇନ୍ ଜରିଆରେ ଆର୍ଥିକ ଠକେଇ କରିଥିବା ନେଇ ଦିଲ୍ଲୀ କ୍ରାଇମବ୍ରାଞ୍ଚ ନିକଟରେ ଅଭିଯୋଗ ହୋଇଥିଲା । ଦିଲ୍ଲୀ କ୍ରାଇମବ୍ରାଞ୍ଚର ୫ଜଣିଆ ଟିମ୍ ଓଡ଼ିଶାର ବିଭିନ୍ନ ସ୍ଥାନରେ ଛାନଭିନ୍ କରିବା ପରେ ଗୋପାଳପୁର ପୁଲିସ ସହାୟତାରେ ଠକେଇରେ ସମ୍ପୃକ୍ତ ଥିବା ଉପରୋକ୍ତ ୨ ଯୁବକଙ୍କୁ କ୍ରାଇମବ୍ରାଞ୍ଚ ଟିମ୍ ଉଠାଇ ନେଇଛନ୍ତି । ପରେ କ୍ରାଇମବ୍ରାଞ୍ଚ ଟିମ୍ ବାଲେଶ୍ୱର କୋର୍ଟରେ ଉଭୟ ଯୁବକଙ୍କୁ ହାଜର କରିବା ପରେ ରିମାଣ୍ଡ ଆବେଦନ କରି ଦିଲ୍ଲୀ ନେଇଯାଇଥିବା ଜଣାପଡ଼ିଛି । ଅନ୍ୟପଟେ ପ୍ରାଥମିକ ପର୍ଯ୍ୟାୟରେ ପାଖାପାଖି ୧କୋଟି ଟଙ୍କା ଠକେଇ ହୋଇଥିବାର ସୂଚନା ମିଳିଛି । ଏହି ଠକେଇରେ ଓଡ଼ିଶାରେ ଅନ୍ୟ ଅଭିଯୁକ୍ତ ମଧ୍ୟ ସମ୍ପୃକ୍ତ ଥିବାର କ୍ରାଇମବ୍ରାଞ୍ଚ ଟିମ୍ ଜାଣିବାକୁ ପାଇଥିବା ବେଳେ ଅଧିକ ତଦନ୍ତ ଜାରି ରଖିଛି । ଏନେଇ ଗୋପାଳପୁର ଥାନା ପୁଲିସ ସହ ଯୋଗଯୋଗ କରିବାରୁ ଠକେଇ ଅଭିଯୋଗରେ ଦିଲ୍ଲୀ କ୍ରାଇମବ୍ରାଞ୍ଚ ଟିମ୍ ଗୋପାଳପୁର ଥାନା ନୂଆପୁର ଅଞ୍ଚଳରୁ ୨ ଯୁବକଙ୍କୁ ଗିରଫ କରି ନେଇଥିବା ସୂଚନା ଦେଇଛି । ସମ୍ପୃକ୍ତ ଦୁଇ ଯୁବକଙ୍କ ପରିଚୟ ପୁଲିସ ସାର୍ବଜନୀନ କରିନାହିଁ।

# ଶ୍ରୀକ୍ଷେତ୍ରରେ 'ସୀତା'

**ପୁରୀ, ୧୭ ।୩ (ସମିସ):** ମହାପ୍ରଭୁଙ୍କ ଦର୍ଶନ କରିଛନ୍ତି ରାମାୟଣରେ ସୀତା ଭୂମିକାରେ ଅଭିନୟ କରିଥିବା ଦୀପିକା ଚିଖାଲିଆ। ରବିବାର ପୂର୍ବାହ୍ନରେ ସେ ଶ୍ରୀମନ୍ଦିରକୁ ଯାଇ ମହାପ୍ରଭୁଙ୍କ ଦର୍ଶନ ସହ ଆର୍ଶୀବାଦ କାମନା କରିଛନ୍ତି। ଦୀର୍ଘ ୩୦ ବର୍ଷ ପରେ ମହାପ୍ରଭୁଙ୍କ ଡୋରି ଲାଗିଥିବାରୁ ରତ୍ନସିଂହାସନରେ ଚତୁର୍ଦ୍ଧାବିଗ୍ରହଙ୍କ ଦର୍ଶନ ପାଇ ସେ ବେଶ୍ ଖୁସି ଅନୁଭବ କରିଥିବା କହିଛନ୍ତି। ମହାପ୍ରଭୁଙ୍କୁ ଦର୍ଶନ ଓ ପୂଜାର୍ଚ୍ଚନା ପରେ ମା' ବିମଳା, ଲକ୍ଷ୍ମୀ ଓ ଅନ୍ୟାନ୍ୟ ପାର୍ଶ୍ୱ

### ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ବୁଲି ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଜଣାଇଲେ

ଦେବଦେବୀଙ୍କ ଦର୍ଶନ କରିଥିଲେ ଦୀପିକା। ମହାପ୍ରଭୁଙ୍କ ଦର୍ଶନ ସମୟରେ ବେଶ୍ ଭାବବିହ୍ୱଳ ହୋଇଯାଇଥିବା ଦୀପିକା ନିଜ ଖୁସି ସହ ସାରା ବିଶ୍ୱବାସୀ ଯେଭଳି ଖୁସିରେ ରହିବେ, ସେନେଇ ପ୍ରାର୍ଥନା କରିଥିଲେ। ସନାତନ ଧର୍ମକୁ ସମସ୍ତେ ରକ୍ଷା କରିବା ସହ ଏହାର ପ୍ରଚାରପ୍ରସାର କରିବା ଦିଗରେ ଅଗକୁ ଆସିବା ଉଚିତ ବୋଲି ସେ କହିଛନ୍ତି। ୩୦ ବର୍ଷ ପୂର୍ବେ ଶ୍ରୀମନ୍ଦିରକୁ ଆସିଥିଲେ। ହେଲେ ଏବେ ଶ୍ରୀମନ୍ଦିର ଚତୁଃପାର୍ଶ୍ୱର ରୂପରେଖ ଯେଉଁଭଳି ସମ୍ପୂର୍ଣ୍ଣ ଭାବେ ବଦଳିଯାଇଛି, ସେଥିପାଇଁ ସରକାରଙ୍କୁ ଧନ୍ୟବାଦ ଜଣାଇଥିଲେ। ସେହିପରି ରାମମନ୍ଦିର ନିର୍ମାଣ ଦ୍ୱାରା ସନାତନ ଧର୍ମର ପ୍ରଚାରପ୍ରସାର ସହ ପ୍ରଭୁ ରାମଙ୍କ କଥାକୁ ସମସ୍ତେ ମନେ ରଖିବା ଉଚିତ ବୋଲି ସେ କହିଥିଲେ। ରବିବାର ଛୁଟିଦିନ ଥିବାରୁ ଶ୍ରୀମନ୍ଦିରରେ ପ୍ରବଳ ଭକ୍ତଙ୍କ ସମାଗମ ହୋଇଥିଲେ ହେଁ ଏତେ ଭିଡ଼ ମଧ୍ୟରେ ମହାପ୍ରଭୁଙ୍କ ଦିବ୍ୟ ଦର୍ଶନ ପାଇବା ଭାଗ୍ୟରେ ଥିଲେ ମିଳିଥାଏ ବୋଲି ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଥିଲେ ଦୀପିକା।

ମହାପ୍ରଭୁଙ୍କୁ ଦର୍ଶନ କଲେ ଦୀପିକା ଚିଖାଲିଆ



## ପାରାଦ୍ୱୀପରେ ବଢ଼ିଲା ବିଜେଡି ବଳ
## ଶଙ୍ଖ ଧରିଲେ ମୋନିଦୀପା ସର୍ଖେଲ

**ଭୁବନେଶ୍ୱର,୧୭।୩(ସମିସ):** ପାରାଦୀପ-ଏରସମା ଶିଳ୍ପାଞ୍ଚଳ ବିକାଶ ପରିଷଦର କାର୍ଯ୍ୟକାରୀ ସଭାପତି ମୋନିଦୀପା ସର୍ଖେଲ ଆଜି ବିଜେଡିରେ ଯୋଗ ଦେଇଛନ୍ତି । ତାଙ୍କ ନେତୃତ୍ୱରେ ପାରାଦୀପ ମ୍ୟୁନିସିପାଲିଟି ଉପାଧ୍ୟକ୍ଷା ଛବିଲତା ରାଉତ, ୯ କାଉନସିଲରଙ୍କ ସହ ଶତାଧିକ ବିଜେପି ଓ କଂଗ୍ରେସ କର୍ମୀ ବିଧିବଦ୍ଧ ଭାବରେ ବିଜୁ ଜନତା ଦଳରେ ସାମିଲ ହୋଇଛନ୍ତି। ରବିବାର ଶଙ୍ଖଭବନରେ ଆୟୋଜିତ ମିଶ୍ରଣ ପର୍ବରେ ବିଜେଡି ସାଧାରଣ ସମ୍ପାଦକ ତଥା ରାଜ୍ୟସଭା ସାଂସଦ ମାନସ ରଞ୍ଜନ ମଙ୍ଗରାଜ, ନୟାଗଡ଼ ବିଧାୟକ ତଥା ଜଗତସିଂହପୁର ଜିଲ୍ଲା ପର୍ଯ୍ୟବେକ୍ଷକ ଅରୁଣ ସାହୁ ଓ ପାରାଦୀପ ବିଧାୟକ ସମ୍ବିତ ରାଉତରାୟ ସମସ୍ତଙ୍କୁ ଦଳକୁ ସ୍ୱାଗତ କରିଛନ୍ତି। ମୋନିଦୀପାଙ୍କ ସହ ପାରାଦୀପ ପୌରାଞ୍ଚଳ ଉପାଧ୍ୟକ୍ଷା, ୯ କାଉନସିଲର ଓ ଶତାଧିକ ବିଜେପି ଓ କଂଗ୍ରେସ କର୍ମୀଙ୍କ ଯୋଗଦାନ ଫଳରେ ଜଗତସିଂହପୁର ବିଶେଷକରି ପାରାଦୀପ ନିର୍ବାଚନମଣ୍ଡଳୀରେ ଦଳୀୟ ସଂଗଠନ ଆହୁରି ମଜଭୁତ ହୋଇଛି ବୋଲି ବିଜେଡି ନେତାମାନେ ପ୍ରକାଶ କରିଛନ୍ତି ।



ବିଜେଡ଼ିରେ ସାମିଲ୍ ହୋଇଥିବା ମୋନିଦୀପା କହିଛନ୍ତି ଯେ ମାନ୍ୟବର ମୁଖ୍ୟମନ୍ତ୍ରୀ ତଥା ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ ଶାସନ ଓ ସ୍ୱଚ୍ଛ ଭାବମୂର୍ତ୍ତୀ ମୋତେ ବହୁତ ପ୍ରଭାବିତ କରିଛି । ବିଜୁ ବାବୁଙ୍କ ଆଦର୍ଶରେ ପରିଚାଳିତ ମୁଖ୍ୟମନ୍ତ୍ରୀ ସର୍ବଦା ଓଡ଼ିଶାବାସୀଙ୍କ ସୁଖ

- ପାରାଦ୍ୱୀପ ପୌର ଉପାଧ୍ୟକ୍ଷାଙ୍କ ସହ ୯ କାଉନସିଲର୍ ବିଜେଡିରେ ସାମିଲ
- ଯୋଗଦେଲେ ପାରାଦ୍ୱୀପର ଶତାଧିକ ବିଜେପି ଓ କଂଗ୍ରେସ କର୍ମୀ
- କଠିନ ପରିଶ୍ରମ କରୁଥିବା ନେତାଙ୍କୁ ବିଜେଡି ଉଚିତ୍ ସମ୍ମାନ ଦିଏ: ମାନସ

ଦୁଃଖର ସାଥୀ ହୋଇଛନ୍ତି। ଏପରି ଜଣେ ନେତାଙ୍କ ମାର୍ଗଦର୍ଶନରେ କାମ କରିବା ମୋ ପାଇଁ ବହୁତ ବଡ଼ ସୌଭାଗ୍ୟର ବିଷୟ। ବିଜେଡିରେ ମୋତେ ଓ ସମସ୍ତ କର୍ମୀଙ୍କୁ ଗ୍ରହଣ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, '୫-ଟି' କାର୍ତ୍ତିକ ପାଣ୍ଡିଆନ, ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ସାଂସଦ ମାନସ ରଞ୍ଜନ ମଙ୍ଗରାଜ ଏବଂ ସମସ୍ତ ନେତାମାନଙ୍କୁ କୃତଜ୍ଞତା ଜ୍ଞାପନ କରୁଛି ।

ସେହିପରି ନବାଗତମାନଙ୍କୁ ସ୍ୱାଗତ କରି ଶ୍ରୀ ମଙ୍ଗରାଜ କହିଛନ୍ତି ଯେ ବିଜେଡି ହେଉଛି ଏକ ଶୃଙ୍ଖଳିତ ଦଳ। ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନକ୍ରମେ ଆଜି ଶ୍ରୀମତୀ ସର୍ଖେଲ ଏବଂ ଅନ୍ୟମାନେ ବିଜେଡିରେ ଯୋଗ ଦେଇଛନ୍ତି। ମୋର ବିଶ୍ୱାସ ସମସ୍ତେ ଦଳର ସଂଗଠନ ସୁଦୃଢ଼ କରିବା ସହିତ ଲୋକଙ୍କ ସେବା ପାଇଁ ସମର୍ପିତ ଭାବେ କାମ କରିବେ। ଏହି ଦଳ ସର୍ବଦା ସମସ୍ତଙ୍କୁ ଉଚିତ ସମ୍ମାନ ଓ ଅଧିକାର ଦେଇ ଆସିଛି। ଦଳର ସଭାପତି କଦାପି କଠିନ ପରିଶ୍ରମକୁ ଅଣଦେଖା କରନ୍ତି ନାହିଁ। ତେଣୁ ମୁଖ୍ୟମନ୍ତ୍ରୀଙ୍କ ସ୍ୱପ୍ନକୁ ସାକାର କରିବା ଦିଗରେ ଆପଣମାନେ ପରିଶ୍ରମ କରନ୍ତୁ ବୋଲି ଶ୍ରୀ ମଙ୍ଗରାଜ ପରାମର୍ଶ ଦେଇଛନ୍ତି । ଏହି ଅବସରରେ ପାରାଦୀପ ମ୍ୟୁନିସିପାଲିଟି ଅଧକ୍ଷ ବସନ୍ତ ବିଶ୍ୱାଳ, ପାରାଦୀପ ସହ ପର୍ଯ୍ୟବେକ୍ଷକ ସନ୍ତୋଷ ବେଜ ପ୍ରମୁଖ ଉପସ୍ଥିତ ଥିଲେ। ମିଶ୍ରଣ ପର୍ବରେ ପାରାଦୀପ ମ୍ୟୁନିସିପାଲିଟି ଉପାଧ୍ୟକ୍ଷା ଛବିଲତା ରାଉତ, କାଉନସିଲର ଜୟନ୍ତୀ ମଦେଲି, ସ୍ୱପ୍ନାରାଣୀ ଜେନା, ବନିତା ରାଉତ, ଶୁକ୍ରମୁନି ନାଗ, ସୌଦାମିନୀ ସାହୁ, ରୁନିବାଳା ପରିଡ଼ା, ଜଗନ୍ନାଧ ରାଓ କମ୍ବଲା, ଯୁବନେତା ମିଟୁ ସ୍ୱାଇଁଙ୍କ ସହ ଶତାଧିକ ବିଜେପି ଓ କଂଗ୍ରେସ କର୍ମୀ ବିଜେଡ଼ିରେ ସାମିଲ୍ ହୋଇଥିଲେ। ଶେଷରେ ବିଜେଡ଼ି ମୁଖପାତ୍ର ଡଃ ପ୍ରିୟବ୍ରତ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

## କ୍ରସର୍‌ରେ ଚାପି ହୋଇ ଜଣେ ମୃତ, ଜଣେ ଗୁରୁତର
## ଶବ ଗାଏବ ଉଦ୍ୟମ ବେଳେ ଧରିଲେ ଗ୍ରାମବାସୀ

**ଧର୍ମଶାଳା/ଚଢ଼େଇଧରା,୧୭ ।୩(ସମିସ):** ଯାଜପୁର ଜିଲ୍ଲା ଧର୍ମଶାଳା ତହସିଲ ଅନ୍ତର୍ଗତ ରାହାଡ଼ପୁର ମୌଜାରେ ଥିବା ଏକ କ୍ରସରରେ ଅଘଟଣ ଘଟିଛି । ଉକ୍ତ କ୍ରସର୍‌ରେ ଦୁର୍ଘଟଣା ଘଟି ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଶ୍ରମିକ ଗୁରୁତର ଅବସ୍ଥାରେ କଟକ ବଡ଼ ମେଡିକାଲରେ ଚିକିତ୍ସିତ ହେଉଥିବା ଜଣାପଡ଼ିଛି । ମୃତ ଶ୍ରମିକଜଣକ



ପଶ୍ଚିମବଙ୍ଗର ବାଙ୍କୁଡ଼ା ଜିଲ୍ଲା ଅନ୍ତର୍ଗତ ବାରିକୁଳ ଥାନା ଶ୍ୟାମଚରଣ ହାଁସଦା। ଗୁରୁତର ଆହତ ହେଇଥିବା ଯୁବକଙ୍କ ନାମ ଆନିଲ ସୋରେନ୍ ବୋଲି ସୂଚନା ମିଳିଛି। ତେବେ ମାଲିକ ଶବ ଗାଏବ କରିବାକୁ ଉଦ୍ୟମ କରୁଥିବା ବେଳେ ସ୍ଥାନୀୟ ଗ୍ରାମବାସୀ ଏହାକୁ ପଣ୍ଡ କରିଛନ୍ତି। ମାଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଦାବି ହୋଇଛି।

ସୂଚନା ମୁତାବକ, ରାହାଡ଼ପୁରଠାରେ ଥିବା ଶିବଶକ୍ତି କ୍ରସର୍‌ରେ ଯାନ୍ତ୍ରିକ ତ୍ରୁଟି ଦେଖାଦେବାରୁ ସେଠାରେ ଉପରୋକ୍ତ ଦୁଇ କର୍ମଚାରୀ ଦେଖାଦେଖି କରୁଥିଲେ। ତେବେ କ୍ରସରର ଲାଗିଥିବା ଚକାଟି ଉପରୁ ତଳକୁ ଖସି ପଡ଼ିବାରୁ ଉଭୟ ଚକା ତଳେ ରହିଯାଇଥିଲେ। ସେମାନଙ୍କୁ ଉଦ୍ଧାର କରାଯାଇଥିବା ବେଳେ ଶ୍ୟାମଙ୍କ ମୃତ୍ୟୁ ହୋଇଯାଇଥିଲା। ଅନ୍ୟ ଗୁରୁତର ଅନୀଲଙ୍କୁ ଚିକିତ୍ସା ନିମନ୍ତେ କଟକ ପଠାଇ ଦିଆଯାଇଥିଲା। ଶ୍ୟାମଙ୍କ ମୃତଶରୀରକୁ ଏକ ପିକଅପ୍ ଭ୍ୟାନ୍‌ରେ ଗାଏବ ପାଇଁ ଉଦ୍ୟମ କରାଯାଉଥିବା ବେଳେ ସ୍ଥାନୀୟ ଅଞ୍ଚଳର ଶତାଧିକ ଲୋକ ଏକତ୍ରିତ ହୋଇ ରାସ୍ତା ଅବରୋଧ କରିବା ସହିତ ଶବକୁ ଛାଡ଼ି ନ ଥିଲେ। ସ୍ଥାନୀୟ ଅଞ୍ଚଳର ପାହାଡ଼ ପର୍ବତ ସୁରକ୍ଷା ମଞ୍ଚର ନେତା ସତୀଶ ବିଶ୍ୱାଳ ପହଞ୍ଚି କ୍ରସର ମାଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରି ଧାରଣାରେ ବସି ରହିଥିଲେ। ଖବର ପାଇ ଜେନାପୁର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲେ ସୁଦ୍ଧା କିଛି ଶୁଣି ନଥିଲେ। ଏହି ଦୁର୍ଘଟଣାରେ ଏକାଧିକ ଶ୍ରମିକଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ କରିଥିଲେ। ମୃତ ଶ୍ରମିକଙ୍କ ସମ୍ପର୍କୀୟ ନିଜ ଲୋକ ନ ଆସିବା ଯାଏ ଶବ ଛାଡ଼ିବେ ନାହିଁ ବୋଲି ସେମାନେ ଆଡ଼ି ବସିଥିଲେ।

ପରିସ୍ଥିତିକୁ ଦେଖି ଘଟଣାସ୍ଥଳରେ ଜେନାପୁର ଥାନାଧିକାରୀ ଶୁଭେନ୍ଦୁ ସାହୁ, ଧର୍ମଶାଳାର ତପନ ନାୟକ, ବଡ଼ଚଣା ଥାନା ଅଧିକାରୀ ଶରତ ପାତ୍ର ପ୍ରମୁଖ ପହଞ୍ଚି ବୁଝାଶୁଝା କରିବାକୁ ଚେଷ୍ଟା କରିଥିଲେ ହେଁ ସଫଳ ହୋଇପାରି ନଥିଲେ। ତେବେ ଏସ୍‌ଡିପିଓ ସଞ୍ଜୟ ନାୟକ ଆସି ଲୋକଙ୍କୁ ବୁଝାସୁଝା କରିବା ପରେ ମାମଲା ଶାନ୍ତ ପଡ଼ିଥିଲା। ପୁଲିସ ଶବକୁ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ଏ ସମ୍ପର୍କରେ କ୍ରସର କର୍ତ୍ତୃପକ୍ଷଙ୍କୁ ପଚାରିବାରୁ ମୃତକକୁ ଗାଏବ କରିବା କୌଣସି ଉଦ୍ଦେଶ୍ୟ ନ ଥିଲା। ସେ ମୁମୂର୍ଷ ଅବସ୍ଥାରେ ଥିବାରୁ ତାକୁ ଗାଡ଼ି ଯୋଗେ ମେଡିକାଲ ନିଆଯାଉଥିବା ବେଳେ ଗ୍ରାମବାସୀ ଅଟକାଇଥିଲେ। ଅପରପକ୍ଷେ ମୃତକ ପରିବାରକୁ ଆଇନ ଅନୁଯାୟୀ ଯାହା କ୍ଷତିପୂରଣ ଦିଆଯିବା କଥା ଦିଆଯିବ। ତତ୍‌ସହିତ ବଡ଼ ମେଡିକାଲରେ ଚିକିତ୍ସିତ ହେଉଥିବା ଆହତଙ୍କ ସମସ୍ତ ଖର୍ଚ୍ଚ କ୍ରସର ବହନ କରିବ ବୋଲି ପ୍ରତିକ୍ରିୟାରେ କହିଛନ୍ତି।

# ତୃଣମୂଳ ସ୍ତରରେ ସୃଷ୍ଟି ହେବେ ଉଦ୍ୟୋଗୀ

- ୨୦୨୫ ସୁଦ୍ଧା ୧୨୦୦ 'ନାନୋ ୟୁନିକର୍ଣ୍ଣ' ସୃଷ୍ଟି ଲକ୍ଷ୍ୟ
- ମହିଳା, କିନ୍ନର, ଦିବ୍ୟାଙ୍ଗ, ଜନଜାତି ଓ ପଛୁଆ ବର୍ଗକୁ ଅଗ୍ରାଧିକାର
- ପ୍ରଥମ ବର୍ଷ ଅବଧି ମଧ୍ୟରେ ଋଣ ଫେରସ୍ତ କଲେ ଲାଗିବନି ସୁଧ

**ଭୁବନେଶ୍ୱର, ୧୭।୩(ସମିସ):** ଆସନ୍ତା ବର୍ଷ ସୁଦ୍ଧା ଓଡ଼ିଶାରେ ୧୨୦୦ ନାନୋ ୟୁନିକର୍ଣ୍ଣ ସୃଷ୍ଟି ଲାଗି ସରକାର ଲକ୍ଷ୍ୟ ରଖିଛନ୍ତି। ଗୁରୁତ୍ୱପୂର୍ଣ୍ଣ ହେଉଛି ନାନୋ ୟୁନିକର୍ଣ୍ଣ ଭାବେ ଛୋଟ ଛୋଟ ସଫଳ ଉଦ୍ୟୋଗୀ ସୃଷ୍ଟି କରିବା କାର୍ଯ୍ୟକ୍ରମରେ ୧୦ ଆକାଂକ୍ଷୀ ଜିଲ୍ଲା ଏବଂ ଗ୍ରାମାଞ୍ଚଳକୁ ଗୁରୁତ୍ୱ ଦିଆଯିବ। ତେବେ ମହିଳା, ଦିବ୍ୟାଙ୍ଗ, କିନ୍ନର, ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଆବେଦନକାରୀଙ୍କୁ ଅଗ୍ରାଧିକାର ମିଳିବ। ନାନୋ ୟୁନିକର୍ଣ୍ଣ ମାର୍ଗଦର୍ଶିକାକୁ ସରକାର ଅନୁମୋଦନ କରିଥିବା ନେଇ ଚଳିତ ମାସ ୧୧ ତାରିଖରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

ତୃଣମୂଳସ୍ତରରେ ଉଦ୍ୟୋଗୀ ସୃଷ୍ଟି କରିବା ସହିତ ଅଧିକରୁ ଅଧିକ ସ୍ୱଳ୍ପ ଶିକ୍ଷିତ ଯୁବକ ଯୁବତୀଙ୍କୁ ପ୍ରୋତ୍ସାହନ ଦେବା ଲକ୍ଷ୍ୟରେ ସରକାର ନାନୋ ୟୁନିକର୍ଣ୍ଣ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ସ୍କିଲ୍ଡ ଇନ୍ ଓଡ଼ିଶା ଅଧୀନରେ ନାନୋ ୟୁନିକର୍ଣ୍ଣ ହେଉଛି ଏକ କାର୍ଯ୍ୟକ୍ରମ। ଯାହା ୧ ଲକ୍ଷ ଟଙ୍କାର ମୂଳଧନରୁ ଆରମ୍ଭ ହୋଇଥାଏ। ଯେତେବେଳେ କୌଣସି ଷ୍ଟାର୍ଟଅପ୍‌ର ମୂଲ୍ୟ ୧୦୦ କୋଟି ଡଲାରରୁ ଅଧିକ ହୁଏ ତାହା ୟୁନିକର୍ଣ୍ଣ କମ୍ପାନୀ ଭାବେ ପରିଗଣିତ ହୁଏ।

ମାର୍ଗଦର୍ଶିକା ଅନୁସାରେ ଯୋଗ୍ୟ ଷ୍ଟାର୍ଟଅପ୍‌କୁ ସରକାର ୧ ଲକ୍ଷ ଟଙ୍କା ଫେରସ୍ତଯୋଗ୍ୟ ମୂଳ ପାଣ୍ଠି ପ୍ରଦାନ କରିବେ। ଏଥିସହ ଉକ୍ତ ଉଦ୍ୟୋଗ କିପରି ଆଗକୁ ବଢ଼ିବ ଏବଂ ପ୍ରତିକୂଳ ପରିସ୍ଥିତି ସହିତ ସଫଳ ମୁକାବିଲା କରିବ ସେଥିଲାଗି ଉପଯୁକ୍ତ ବୈଷୟିକ ସହାୟତା ପ୍ରଦାନ କରାଯିବ। ଏଥିପାଇଁ ଗଠିତ ଷ୍ଟିଅରିଂ କମିଟିରେ ଦକ୍ଷତା ବିକାଶ ବିଭାଗର ସଚିବ ଅଧ୍ୟକ୍ଷ ରହିବେ ଏବଂ କାର୍ଯ୍ୟନିର୍ବାହୀ କମିଟିର ମୁଖ୍ୟ ଭାବେ ବିଭାଗୀୟ ନିର୍ଦ୍ଦେଶକ ଦାୟିତ୍ୱ ନିର୍ବାହ କରିବେ। ଆଇଟିଆଇ, ପଲିଟେକ୍‌ନିକ୍, ବୈଷୟିକ ଶିକ୍ଷାନୁଷ୍ଠାନ, ବିଶ୍ୱ ଦକ୍ଷତା କେନ୍ଦ୍ରରେ ସଫଳତା ସହ ପାଠ୍ୟକ୍ରମ ଶେଷ କରିଥିବା ୧୮-୩୫ ବର୍ଷର ଯୁବକ ଯୁବତୀଙ୍କୁ ଏଥିରେ ଅଗ୍ରାଧିକାର ମିଳିବ। ସେହିପରି 'ନୂଆ ଓଡ଼ିଶା' ଅଧିନସ୍ଥ ଯୁବକ ଯୁବତୀଙ୍କୁ ମଧ୍ୟ ସହାୟତା ମିଳିବ। ଏହା ବ୍ୟତୀତ ନିର୍ଦ୍ଦିଷ୍ଟ ପ୍ରସ୍ତାବ ଆଧାରରେ ସରକାରୀ ବିଭାଗ ଦ୍ୱାରା ହୋଇଥିବା ସୁପାରିଶ ଆଧାରରେ କୃଷକ, ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ମଧ୍ୟ ନାନୋ ୟୁନିକର୍ଣ୍ଣ କାର୍ଯ୍ୟକ୍ରମରେ ସାମିଲ କରାଯାଇପାରିବ। ପ୍ରୋତ୍ସାହନ ପ୍ରଦାନ ନିମନ୍ତେ ପ୍ରତି ବର୍ଷ ୩୦ ଜିଲ୍ଲାରୁ ୪୦୦ ନାନୋ ୟୁନିକର୍ଣ୍ଣ ଚିହ୍ନଟ କରାଯିବ। ଏଥିରୁ ୧୦ ଆକାଂକ୍ଷୀ ଜିଲ୍ଲାରୁ ୨୦ ଲେଖାଏଁ ନାନୋ ୟୁନିକର୍ଣ୍ଣ ଅନ୍ତର୍ଭୁକ୍ତ। ଏଥିପାଇଁ ରାଜ୍ୟ ସରକାର ୧୩ କୋଟି ଟଙ୍କା ବ୍ୟୟ କରିବେ। ଛୋଟମୋଟ ବ୍ୟବସାୟ ଆରମ୍ଭ କରିବା ପାଇଁ ଆଗ୍ରହୀ ବ୍ୟକ୍ତି ସହାୟତା ପାଇଁ ଆବେଦନ କରିପାରିବେ।

ନାନୋ ୟୁନିକର୍ଣ୍ଣ କାର୍ଯ୍ୟକ୍ରମରେ ଆର୍ଥିକ ଓ ସାମାଜିକ ସ୍ତରରେ ପଛୁଆ ବର୍ଗର ଆବେଦନକାରୀଙ୍କୁ ଅଗ୍ରାଧିକାର ମିଳିବ। ଆର୍ଥିକ ସହାୟତା ପାଇଥିବା ଉଦ୍ୟୋଗୀ ଦ୍ୱିତୀୟ ବର୍ଷରୁ ୨୦ଟି କିସ୍ତିରେ ଋଣ ପରିଶୋଧ ଆରମ୍ଭ କରିବେ। ଦ୍ୱିତୀୟ ବର୍ଷରେ ୪% ଏବଂ ତୃତୀୟ ବର୍ଷରେ ୮% ସୁଧ ଦେବାକୁ ହେବ। ତେବେ ଯଦି ପ୍ରଥମ ବର୍ଷରେ ଋଣ ପରିଶୋଧ କରାଯାଏ ତା ହେଲେ ଆଦୌ ସୁଧ ଦେବାକୁ ପଡ଼ିବ ନାହିଁ ବୋଲି ବିଭାଗ ପକ୍ଷରୁ ଜାରି ମାର୍ଗଦର୍ଶିକାରେ କୁହାଯାଇଛି।



# ଦେଶ ବିଦେଶ



● ଅଗଷ୍ଟା ୱେଷ୍ଟଲାଣ୍ଡ ଦୁର୍ନୀତି ମାମଲା

## ସୁପ୍ରିମକୋର୍ଟ ଗଲେ ମିଚେଲ



ନୂଆଦିଲ୍ଲୀ, ୧୭।୩ (ଏଜେନ୍ସି): ଅଗଷ୍ଟା ୱେଷ୍ଟଲାଣ୍ଡ ହେଲିକପ୍ଟର ଦୁର୍ନୀତି ମାମଲାର ଅଭିଯୁକ୍ତ କ୍ରିଷ୍ଟିଆନ ମିସେଲ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ନିଜକୁ ଶୀଘ୍ର ମୁକ୍ତି କରିବା ପାଇଁ ଦାବି କରିଛନ୍ତି। ବ୍ରିଟିଶ ନାଗରିକ ମିଚେଲ କହିଛନ୍ତି ଯେ ସେ ୫ ବର୍ଷ ୩ ମାସ ହେଲା ଜେଲ୍‌ରେ ଅଛନ୍ତି। ତାଙ୍କର ବି ଜୀବନଧାରଣର ଏବଂ ସ୍ୱାଧୀନତାର ଅଧିକାର ରହିଛି। ଏହି ମାମଲାରେ ଦୋଷୀ ସାବ୍ୟସ୍ତ ହେଲେ ୫ ବର୍ଷ ଜେଲ୍ ଦଣ୍ଡ ହୋଇଥାନ୍ତା। କିନ୍ତୁ ଏ ପର୍ଯ୍ୟନ୍ତ ମାମଲାର ତଦନ୍ତ ଶେଷ ହୋଇନାହିଁ। ଟ୍ରାଏଲ ମଧ୍ୟ ଆରମ୍ଭ ହୋଇନାହିଁ। ଏହି ଦୃଷ୍ଟିରୁ ନ୍ୟାୟିକ ହେପାଜତ ମଧ୍ୟ ବେଆଇନ ବୋଲି ଉଲ୍ଲେଖ କରିଛନ୍ତି। ମିଚେଲଙ୍କ ଏହି ଆବେଦନକୁ ସୁପ୍ରିମକୋର୍ଟ ସ୍ୱୀକାର କରିଛନ୍ତି। ସୋମବାର ଏହା ଉପରେ ଶୁଣାଣି ହେବ। ୨୦୧୭ରେ ଦୁବାଇରୁ ପ୍ରତ୍ୟର୍ପଣ କରି ମିଚେଲକୁ ଭାରତ ଅଣା

ମହାକାଶରେ ରାତ୍ରିଭୋଜନ ପାଇଁ ଯାତ୍ରୀଙ୍କୁ ସୁବିଧା

## ଟିକଟ ୪.୧ କୋଟି ଟଙ୍କା



ଫ୍ଲୋରିଡ଼ା, ୧୭।୩ (ଏଜେନ୍ସି): ଖୁବଶୀଘ୍ର ଲୋକେ ମହାକାଶରେ ରାତ୍ରିଭୋଜନ କରିବାକୁ ସୁଯୋଗ ପାଇବେ। ତେବେ ଏଥିପାଇଁ ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରିବାକୁ ପଡ଼ିବ। ପୃଥିବୀ ବାୟୁମଣ୍ଡଳରୁ ୯୯ ପ୍ରତିଶତ ଉପରକୁ ଯାଇ ଭୋଜନ କରିବା ପାଇଁ ୪.୧ କୋଟି ଟଙ୍କା ଦେବାକୁ ପଡ଼ିବ। ଏହି ଯାତ୍ରା ମାତ୍ର ୬ ଘଣ୍ଟା ପାଇଁ ରହିବ। ହାଇଟେକ ସ୍ପେସ ବେଲୁନରେ ଯାତ୍ରୀଙ୍କୁ ମହାକାଶକୁ ନିଆଯିବ। ଆମେରିକା ସ୍ପେସ ଟ୍ରାଭେଲ କମ୍ପାନୀ 'ସ୍ପେସ୍ ଭିଆଇପି' ଆସନ୍ତା ବର୍ଷଠାରୁ ଏହି ସେବା ଆରମ୍ଭ କରିବ। ଏଥିପାଇଁ ସ୍ପେସ ପର୍ସପେକ୍ଟିଭ କମ୍ପାନୀ ସ୍ପେସସିପ ନେପଚ୍ୟୁନର ବ୍ୟବହାର କରିବ। ଏହା ଫ୍ଲୋରିଡ଼ାର କେନେଡି ସ୍ପେସ ସେଣ୍ଟରରୁ ପ୍ରଥମ ଉଡ଼ାଣ ଭରିବ।

## ହୋସାବଲେ ଆରଏସଏସର ସାଧାରଣ ସମ୍ପାଦକ ନିର୍ବାଚିତ



ନାଗପୁର, ୧୭।୩ (ଏଜେନ୍ସି): ଦତ୍ତାତ୍ରେୟ ହୋସାବଲେ ପୁଣିଥରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆରଏସଏସ) ର ସାଧାରଣ ସମ୍ପାଦକ (ସରକାର୍ଯ୍ୟବାହ) ଭାବେ ନିର୍ବାଚିତ ହୋଇଛନ୍ତି। ସେ ୨୦୨୧ରୁ ଏହି ପଦବୀରେ ଅଛନ୍ତି। ଏବେ ଆଉ ତିନି ବର୍ଷ ପାଇଁ ୨୦୨୭ ପର୍ଯ୍ୟନ୍ତ କାର୍ଯ୍ୟ କରିବେ। ସୂଚନା ଅନୁଯାୟୀ ଶୁକ୍ରବାରଠାରୁ ନାଗପୁରର ସ୍ମୃତି ଭବନ କମ୍ପ୍ଲେକ୍ସରେ ଆରଏସଏସର ବାର୍ଷିକ କାର୍ଯ୍ୟକ୍ରମ ଅଖିଳ ଭାରତୀୟ ପ୍ରତିନିଧି ସଭା ଚାଲିଛି। ଏଥିରେ ବିଭିନ୍ନ ସଂଗଠନର ପ୍ରାୟ ୧୫୦୦ ପ୍ରତିନିଧି ସାମିଲ ହୋଇଥିଲେ। ୬ ବର୍ଷ ପରେ ପ୍ରଥମ ଥର ପାଇଁ ଏହି ସଭା ନାଗପୁର ମୁଖ୍ୟାଳୟରେ ଅନୁଷ୍ଠିତ ହୋଇଛି। ସୂଚନାଯୋଗ୍ୟ ଯେ ଏବେ ଆରଏସଏସର ୬ ସହସରକାର୍ଯ୍ୟବାହ ଅଛନ୍ତି।

### ନିର୍ବାଚନ ବଣ୍ଡକୁ ନେଇ ନୂଆ ତଥ୍ୟ ରଖିଲେ ଇସି

# ବିଜେପି ପାଇଛି ୬୯୮୬, ଟିଏମ୍‌ସିକୁ ୧୩୯୭ କୋଟି

ନୂଆଦିଲ୍ଲୀ,୧୭।୩(ଏଜେନ୍ସି)

ନିର୍ବାଚନ ଆୟୋଗ (ଇସି) ରବିବାର ନିର୍ବାଚନୀ ବଣ୍ଡ ସମ୍ପର୍କିତ କିଛି ନୂଆ ତଥ୍ୟ ସାର୍ବଜନୀନ କରିଛନ୍ତି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ପୂର୍ବରୁ ଗତ ୧୪ ତାରିଖରେ ଇସି ଯେଉଁ ତଥ୍ୟ ନିଜ ୱେବସାଇଟ୍ରେ ଅପଲୋଡ କରିଥିଲେ ସେ ତଥ୍ୟ ଠାରୁ ଏହା ଭିନ୍ନ। ବିଭିନ୍ନ ରାଜନୈତିକ ଦଳଙ୍କୁ ୨୦୧୯ ଏପ୍ରିଲ ପରେ ନିର୍ବାଚନୀ ବଣ୍ଡ ମାଧ୍ୟମରେ ଯେଉଁ ଦାନ ମିଳିଥିଲା ତାହାକୁ ଭାରତୀୟ ଷ୍ଟେଟ ବ୍ୟାଙ୍କ ଠାରୁ ପାଇବା ପରେ ଇସି ଗତ ୧୪ ତାରିଖରେ ସାର୍ବଜନୀନ କରିଥିଲେ। ହେଲେ ରବିବାର ପ୍ରକାଶ କରିଥିବା ନୂଆ ତଥ୍ୟରେ ୨୦୧୭-୧୮ ଆର୍ଥିକ ବର୍ଷର ତଥ୍ୟ ରହିଥିବା କୁହାଯାଇଛି। ଅର୍ଥାତ୍ ୨୦୧୯ ଏପ୍ରିଲ ପୂର୍ବରୁ ରାଜନୈତିକ ଦଳଗୁଡିକୁ ମିଳିଥିବା ଦାନ ସମ୍ପର୍କିତ ତଥ୍ୟ ଏଥିରେ ସାମିଲ ରହିଥିବା କୁହାଯାଇଛି। ଏହି ତଥ୍ୟକୁ ଇସି ପକ୍ଷରୁ ବନ୍ଦ ଲଫାଫାରେ ସୁପ୍ରିମକୋର୍ଟଙ୍କୁ ଦିଆଯାଇଥିଲା। କିନ୍ତୁ ସର୍ବୋଚ୍ଚ ନ୍ୟାୟାଳୟ ଏହାକୁ ସାର୍ବଜନୀନ କରିବାକୁ ନିର୍ଦ୍ଦେଶ ଦେବା ପରେ ଇସି ରବିବାର ଏହାକୁ ୱେବସାଇଟ୍ରେ ଅପଲୋଡ୍ କରିଛନ୍ତି। ସଦ୍ୟ ପ୍ରକାଶିତ ତଥ୍ୟରେ କେବଳ ବଣ୍ଡର ତାରିଖ, ନାମ, ବଣ୍ଡ ସଂଖ୍ୟା, ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସବିଆଇ) ଦ୍ୱାରା ପ୍ରଦତ୍ତ ଶାଖା, ପ୍ରାପ୍ତ ତାରିଖ ଏବଂ ରଣ ତାରିଖର ପ୍ରାଥମିକ ତଥ୍ୟ ଦର୍ଶାଯାଇଛି। ତେବେ ବଣ୍ଡର ଅନନ୍ୟ ସଂଖ୍ୟା (ୟୁନିକ ଆଲଫା-ନ୍ୟୁମରିକ୍) ପ୍ରକାଶ କରାଯାଇ ନଥିବାରୁ ଏ ସମ୍ପର୍କରେ ଆସନ୍ତାକାଲି ସୁଦ୍ଧା ଉତ୍ତର ରଖିବାକୁ କୁହାଯାଇଛି। ତେବେ ସଦ୍ୟ ପ୍ରକାଶିତ ନୂଆ ତଥ୍ୟ ଅନୁସାରେ ସବୁ ରାଜନୈତିକ ଦଳଙ୍କ ମଧ୍ୟରେ ବିଜେପିକୁ ସର୍ବାଧିକ ୬୯୮୬.୫୦ କୋଟି ଟଙ୍କାର ଚାନ୍ଦା ମିଳିଥିବା ଜଣାପଡ଼ିଛି। ଏହାପଛକୁ ମମତା ବାନାର୍ଜୀଙ୍କ ତୃଣମୂଳ କଂଗ୍ରେସକୁ ୧୩୯୭ କୋଟି ଟଙ୍କା ମିଳିଛି। କଂଗ୍ରେସକୁ ୧୩୩୪.୩୫ କୋଟି ଟଙ୍କା ମିଳିଥିଲା ବେଳେ ଭାରତ ରାଷ୍ଟ୍ର ସମିତି ଓ ୱାଇ,ଏସଆର୍ କଂଗ୍ରେସକୁ ଯଥାକ୍ରମେ ୧୩୨୨ ଏବଂ ୪୪୨ କୋଟି ଟଙ୍କା ମିଳିଛି। ଅନ୍ୟପକ୍ଷରେ ତାମିଲନାଡୁର ଡିଏମକେ ଦଳକୁ ୬୫୬.୫୦ କୋଟି ଟଙ୍କା ମିଳିଥିବା ଜଣାପଡ଼ିଛି। ଏହାମଧ୍ୟରୁ ଲଟେରୀ କିଙ୍ଗ ଭାବେ ପରିଚିତ ସାଣ୍ଟିଆଗୋ ମାର୍ଟିନ ଫ୍ୟୁଚର ଗେମିଂ ପକ୍ଷରୁ ସର୍ବାଧିକ ୫୦୯ କୋଟି ଟଙ୍କା ମିଳିଛି। ନିର୍ବାଚନ ଆୟୋଗ ସମସ୍ତ ତଥ୍ୟ ସାର୍ବଜନୀନ କରିବା ପରେ କର୍ପୋରେଟ୍ କ୍ଷେତ୍ରରୁ ୯୭% ଚାନ୍ଦା ଆସିଛି ବୋଲି ଏଡିଆର୍ ରିପୋର୍ଟରେ କୁହାଯାଇଛି।




## ସିକିମ୍, ଅରୁଣାଚଳରେ ଜୁନ୍ ୪ ବଦଳରେ ୨ରେ ଭୋଟ୍ ଗଣତି

ନୂଆଦିଲ୍ଲୀ,୧୭।୩(ଏଜେନ୍ସି)

୨୦୨୪ ଲୋକସଭା ଏବଂ ୪ ରାଜ୍ୟର ବିଧାନସଭା ନିର୍ବାଚନ ପାଇଁ ଗତକାଲି ନିର୍ବାଚନ ଆୟୋଗ କାର୍ଯ୍ୟସୂଚୀ ଘୋଷଣା କରିଥିଲେ। ଏଥିରେ ଲୋକସଭା ନିର୍ବାଚନକୁ ୭ଟି ପର୍ଯ୍ୟାୟରେ କରାଯିବା ସହିତ ଏପ୍ରିଲ ୧୯ ରୁ ଜୁନ୍ ୧ ତାରିଖ ମଧ୍ୟରେ ସମସ୍ତ ମତଦାନ ଶେଷ କରାଯିବ ବୋଲି କୁହାଯାଇଥିଲା। ସେହିପରି ଜୁନ୍ ୪ରେ ଭୋଟ ଗଣତି କରାଯାଇ ଫଳଫଳ ପ୍ରକାଶ କରାଯିବ ବୋଲି କୁହାଯାଇଥିଲା। ତେବେ ଅରୁଣାଚଳ ଏବଂ ସିକିମ୍ ବିଧାନସଭା ନିର୍ବାଚନ ଫଳାଫଳ ପ୍ରକାଶ କରିବା ତାରିଖକୁ ନିର୍ବାଚୟ ଆୟୋଗ ରବିବାର ପରିବର୍ତ୍ତନ କରିଛନ୍ତି। ଜୁନ୍ ୪ ବଦଳରେ ୨ ତାରିଖରେ ଏହି ଦୁଇ ରାଜ୍ୟର ଫଳାଫଳ ପ୍ରକାଶ କରାଯିବ ବୋଲି କୁହାଯାଇଛି। ଏହି ଦୁଇ ରାଜ୍ୟରେ ଜୁନ୍ ୨ ତାରିଖରେ ଭୋଟ ଗଣତି ଅନୁଷ୍ଠିତ ହେବା ସହିତ ସେହି ଦିନ ହିଁ ଫଳାଫଳ ପ୍ରକାଶ କରାଯିବ ବୋଲି ଆୟୋଗ କହିଛନ୍ତି। ଜୁନ୍ ୨ ତାରିଖରେ ଏହି ଦୁଇ ରାଜ୍ୟର ବିଧାନସଭା କାର୍ଯ୍ୟକାଳ




ଶେଷ ହେଉଥିବାରୁ ଏହାପୂର୍ବରୁ ଫଳାଫଳ ପ୍ରକାଶ କରିବାକୁ ନିର୍ବାଚନ ଆୟୋଗ ନିଷ୍ପତ୍ତି ନେଇଥିବା କୁହାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ଲୋକସଭା ନିର୍ବାଚନ ସମେତ ଅରୁଣାଚଳ ପ୍ରଦେଶ, ସିକିମ, ଆନ୍ଧ୍ରପ୍ରଦେଶ ଏବଂ ଓଡ଼ିଶାରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ। ଏପ୍ରିଲ ୧୯ ରେ ସିକିମ ଏବଂ ଅରୁଣାଚଳ ପ୍ରଦେଶରେ ବିଧାନସଭା ସହିତ ଲୋକସଭା ପାଇଁ ମଧ୍ୟ ମତଦାନ ହେବ।

## ପ୍ରଥମ ପର୍ଯ୍ୟାୟ ମତଦାନ ପାଇଁ ପଶ୍ଚିମବଙ୍ଗ ଯିବେ ୨୫ ହଜାର ଯବାନ

ନୂଆଦିଲ୍ଲୀ, ୧୭।୩ (ଏଜେନ୍ସି): ପଶ୍ଚିମବଙ୍ଗରେ ଲୋକସଭା ନିର୍ବାଚନ ପାଇଁ ଏପ୍ରିଲ ୧୯ରେ ପ୍ରଥମ ପର୍ଯ୍ୟାୟ ମତଦାନ ହେବ। ଏହି ଦିନ ତିନୋଟି ଆସନ କୁଚ ବିହାର, ଅଲିପୁରଦ୍ୱାର ଏବଂ ଜଲପାଇଗୁଡ଼ି ପାଇଁ ଲୋକେ ନେତା ଚୟନ କରିବେ। ଏହାର ସୁରକ୍ଷା ପାଇଁ କଡ଼ା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଏଥିପାଇଁ କେନ୍ଦ୍ରୀୟ ସୁରକ୍ଷା ବାହିନୀର ୨୫୦ କମ୍ପାନୀ ମୁତୟନ କରାଯିବ। ସୂଚନାଯୋଗ୍ୟ ଯେ କେନ୍ଦ୍ରୀୟ ସଶସ୍ତ୍ର ପୁଲିସ ବାହିନୀ (ସିଏପିଏଫ) ର ଗୋଟିଏ କମ୍ପାନୀରେ ପ୍ରାୟ ୧୦୦ କର୍ମୀ ରହିଥାନ୍ତି। ଅର୍ଥାତ୍ ପ୍ରାୟ ୨୫ ହଜାର ଯବାନ ୩ ଲୋକସଭା ଆସନର ଦାୟିତ୍ୱରେ ରହିବେ। ଏହା ସହିତ ତିନି ଜିଲ୍ଲାକୁ ନେଇ ଗୋଟିଏ ନିୟନ୍ତ୍ରଣ କକ୍ଷ ବନାଯିବ।

## ୨୧ ମତ୍ସ୍ୟଜୀବୀ ଗିରଫ

ନୂଆଦିଲ୍ଲୀ, ୧୭।୩ (ଏଜେନ୍ସି): ଶ୍ରୀଲଙ୍କା ନୌସେନା ଶନିବାର ଭାରତର ୨୧ ମତ୍ସ୍ୟଜୀବୀଙ୍କୁ ଗିରଫ କରିଛି। ମତ୍ସ୍ୟଜୀବୀଙ୍କ ୨ଟି ଡଙ୍ଗା ମଧ୍ୟ ଜବତ କରିନେଇଛି। ତାମିଲନାଡୁର ରାମେଶ୍ୱରମ ଫିସରମ୍ୟାନ ଆସୋସିଏସନ ପକ୍ଷରୁ କୁହାଯାଇଛି ଯେ ୪୮୦ ଡଙ୍ଗାରେ ଅନେକ ମତ୍ସ୍ୟଜୀବୀ ମାଛ ମାରିବାକୁ ଯାଇଥିଲେ। ଏମାନେ ରାତିରେ ପାଲ୍‌କେବେ ସାମୁଦ୍ରିକ ସୀମାରେ ପ୍ରବେଶ କରିଥିଲେ। ଏହା ପରେ ଶ୍ରୀଲଙ୍କା ନୌସେନା ମତ୍ସ୍ୟଜୀବୀଙ୍କୁ ଗିରଫ କରି ପଚରାଉଚୁରା କରୁଥିଲା।

ମିଳିବ ପ୍ରାର୍ଥୀଙ୍କ ସମ୍ପତ୍ତି, ଅପରାଧ ରେକର୍ଡ ସମ୍ପର୍କିତ ତଥ୍ୟ

## ଆରମ୍ଭ ହେଲା 'ନୋ ୟୋର୍ କ୍ୟାଣ୍ଡିଡେଟ୍' ମୋବାଇଲ ଆପ୍

ନୂଆଦିଲ୍ଲୀ, ୧୭।୩(ଏଜେନ୍ସି)




ଇଲେକ୍ସନ୍ କମିଶନ ଅଫ୍ ଇଣ୍ଡିଆ(ଇସିଆଇ) ରବିବାର ' ନୋ ୟୋର୍ କ୍ୟାଣ୍ଡିଡେଟ୍ (କେୱାଇସି)' ମୋବାଇଲ ଆପ୍ଲିକେସନ୍ ଲଞ୍ଚ୍ କରିଛନ୍ତି। ଗୁଗୁଲ ପ୍ଲେ ଷ୍ଟୋର ଓ ଆପଲ ଆପ୍ ଷ୍ଟୋରରେ ଉପଲବ୍ଧ ଏହି ଆପ୍ ଉଭୟ ଆଣ୍ଡ୍ରଏଡ ଓ ଆଇଏସଓ ପ୍ଲାଟଫର୍ମରେ ଡାଉନଲୋଡ୍ କରିହେବ। ଏହି ଆପରୁ ଭୋଟର ଲୋକସଭା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀମାନଙ୍କ ସମ୍ପର୍କରେ ସମସ୍ତ ଜ୍ଞାତବ୍ୟ ସୂଚନା ଯଥା ପ୍ରାର୍ଥୀଙ୍କ ଅପରାଧ ରେକର୍ଡ, ପ୍ରାର୍ଥୀଙ୍କ ବିରୋଧରେ ଦର୍ଜ ହୋଇଥିବା ମାମଲାସବୁର ବିବରଣୀ, ତାଙ୍କ ସ୍ଥାବର, ଅସ୍ଥାବର ସମ୍ପତ୍ତିର ବିବରଣୀ ଓ ମୂଲ୍ୟ, ଋଣ ପରିମାଣ (ଯଦି ଥାଏ) ଆଦି ସମସ୍ତ ଜ୍ଞାତବ୍ୟ ସୂଚନା ଚାହିଁବା ମାତ୍ରେ ନିଜ ଫୋନରୁ ଜାଣିପାରିବେ। ଏହି ଆପ୍ ବ୍ୟବହାରକର୍ତ୍ତା ପ୍ରାର୍ଥୀଙ୍କ ନାମ ଲେଖି ସର୍ଚ୍ଚ କଲେ ପ୍ରାର୍ଥୀଙ୍କ ଅପରାଧ ରେକର୍ଡ, ସେ କେଉଁ ଧରଣର ଅପରାଧ ପାଇଁ ଅଭିଯୁକ୍ତ ଅଛନ୍ତି, ତାଙ୍କ ବିରୋଧରେ ଥିବା ମାମଲାର ବିଚାରରେ କେତେ ବା କେଉଁ ପ୍ରକାରର ଅଗ୍ରଗତି ହୋଇଛି ସମେତ ଅନ୍ୟ ସୂଚନାସବୁ ସହଜରେ ତୁରନ୍ତ ପାଇପାରିବେ। ନିୟମ ଅଛି ଯେ ପ୍ରାର୍ଥୀଙ୍କର ଅପରାଧ ପୃଷ୍ଠଭୂମୀ ବା ରେକର୍ଡ ଥିଲେ, ତାଙ୍କ ଅପରାଧିକ ମାମଲା ବିଚାରାଧୀନ ଥିଲେ ତାହାର ସମ୍ପୂର୍ଣ୍ଣ ତଥ୍ୟ ସେ ନିର୍ବାଚନ କମିଶନଙ୍କୁ ଜଣାଇବାକୁ ବାଧ୍ୟ। ସେ ତାହା ତିନି ଥର ଖବରକାଗଜରେ ଛପାଇବେ ଓ ଟେଲିଭିଜନରେ ପ୍ରସାରଣ କରାଇବେ। ରାଜନୈତିକ ଦଳଗୁଡ଼ିକ ମଧ୍ୟ ଅପରାଧ ରେକର୍ଡ ଥିବା ବ୍ୟକ୍ତିଙ୍କୁ କାହିଁକି ପ୍ରାର୍ଥୀ ବାଛିଛନ୍ତି ତାହାର ଉତ୍ତର ନିର୍ବାଚନ କମିଶନଙ୍କୁ ଦେବେ।

ଜଳବୋର୍ଡ ଅନିୟମିତତାକୁ ନେଇ ନୂଆ ମାମଲା

## ଜାମିନ ପରେ କେଜ୍ରିୱାଲଙ୍କୁ ନୂଆ ସମନ

ନୂଆଦିଲ୍ଲୀ, ୧୭।୩(ଏଜେନ୍ସି)

ଆମ ଆଦମୀ ପାର୍ଟି ମୁଖ୍ୟ ତଥା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ପୁଣି ୨ଟି ସମନ ଜାରି କରିଛି। ଦିଲ୍ଲୀ ଜଳ ବୋର୍ଡ(ଡିଜେବି)ରେ ଅନିୟମିତତା ଓ ଦୁର୍ନୀତି ସମ୍ପର୍କିତ ମନିଲଣ୍ଡରିଂ ମାମଲାରେ ଜେରାର ସାମନା କରିବାକୁ ଆସନ୍ତା କାଲି(ମାର୍ଚ୍ଚ୧୮ରେ) ଇଡି ଦପ୍ତରରେ ହାଜର ହେବାକୁ କେଜ୍ରିୱାଲଙ୍କୁ ନୂଆ ସମନ ଜାରି କରାଯାଇଥିବା ବେଳେ ଦିଲ୍ଲୀ ଅବକାରୀ ଦୁର୍ନୀତି ସମ୍ପର୍କିତ ମନିଲଣ୍ଡରିଂ ମାମଲାରେ ନବମ ସମନ ଜାରି କରାଯାଇଛି। ଏହି ମାମଲାରେ ଆସନ୍ତା ୨୧ ତାରିଖରେ ଇଡି ଦପ୍ତରରେ ହାଜର ହେବାକୁ ଏହି ସମନ ଜାରି କରାଯାଇଛି। ବିଜେପି ନେତ୍ରୀ ବାଂଶୁରୀ ସ୍ୱରାଜ କହିଛନ୍ତି, ଦିଲ୍ଲୀ ଅବକାରୀ ନୀତି ମାମଲାରେ



କେଜ୍ରିୱାଲ ଉତ୍ତରଦାୟୀ କିନ୍ତୁ ସେ ବାରମ୍ବାର ଇଡି ସମନକୁ ଅବଜ୍ଞା କରିଚାଲିଛନ୍ତି। ବାଂଶୁରୀ ହେଉଛନ୍ତି ଦିବଂଗତ କେନ୍ଦ୍ରମନ୍ତ୍ରୀ ସୁଷମା ସ୍ୱରାଜଙ୍କ କନ୍ୟା ଓ ସେ ଏବେ କେନ୍ଦ୍ର ଦିଲ୍ଲୀ ଲୋକସଭା ଆସନରେ ନିର୍ବାଚନ ଲଢ଼ିବାକୁ ବିଜେପି ଟିକଟ୍ ପାଇଛନ୍ତି। ବାଂଶୁରୀ କହିଛନ୍ତି, ଜଣେ ସମନ ଅବଜ୍ଞା କରିବା ଅର୍ଥ ନୂଆ ଅପରାଧ କରିବା ସହ ସମାନ। ଆମ୍ ଆଦମୀ ପାର୍ଟି ମୁଖପାତ୍ର ଦିଲ୍ଲୀ ମନ୍ତ୍ରୀ ଆତିଶୀ କହିଛନ୍ତି, ଦିଲ୍ଲୀ ଜଳ ବୋର୍ଡ ମାମଲା କ'ଣ ତାହା କାହାକୁ ଜଣାନାହିଁ। ବୋଧେ କେଜ୍ରିୱାଲଙ୍କୁ କୌଣସି ଏକ ମାମଲାରେ ଇଡି ଗିରଫ କରି ଜେଲରେ ଭର୍ତ୍ତି କରିବ ଯେପରିକି ସେ ଲୋକସଭା ନିର୍ବାଚନରେ ପ୍ରଚାର କରିପାରିବେ ନାହିଁ। ଜଳ ବୋର୍ଡ ମାମଲା ବିଜେପିର ବ୍ୟାକଅପ୍ ପ୍ଲାନ୍ ହୋଇଥାଇପାରେ ବୋଲି ଆତିଶୀ କହିଛନ୍ତି। କେଜ୍ରିୱାଲ ଇଡି ସମନ ଅବଜ୍ଞା ମାମଲାରେ ଗତକାଲି ରାଉଜ ଏଭେନ୍ୟୁ କୋର୍ଟରେ ବ୍ୟକ୍ତିଗତ ଭାବେ ହାଜର ହେବା ପରେ ବେଲ ବଣ୍ଡ ଓ ସ୍ୟୁରିଟି ଦେଇ ଜାମିନ ପାଇଥିଲେ । ଇଡି ସମନ ଉପରେ ରହିତାଦେଶ ପ୍ରାର୍ଥନା ସମ୍ବଳିତ କେଜ୍ରିୱାଲଙ୍କ ଆବେଦନକୁ କୋର୍ଟ ଗତକାଲି ଖାରଜ କରିଥିଲେ।

### ସିଏଏକୁ ନେଇ ଆମେରିକାରେ ଆଲୋଚନା

## ସେମାନେ ଆମ ଇତିହାସ ବିଷୟରେ କିଛି ଜାଣିନାହାଁନ୍ତି: ଜୟଶଙ୍କର

ନୂଆଦିଲ୍ଲୀ,୧୭।୩(ଏଜେନ୍ସି)



ନାଗରିକତା ସଂଶୋଧନ ଆଇନ (ସିଏଏ) କୁ ନେଇ ଆମେରିକା ସମେତ ବିଶ୍ୱର ବହୁ ଦେଶରେ ଆଲୋଚନା-ପର୍ଯ୍ୟାଲୋଚନା ଚାଲିଛି। ଭାରତରେ ଏହି ଆଇନ ଲାଗୁ ହେବାକୁ ନେଇ କିଛି ରାଷ୍ଟ୍ର ମଧ୍ୟ ଭାରତକୁ ସମାଲୋଚନା କରିଛନ୍ତି। କିନ୍ତୁ ବିଭିନ୍ନ ରାଷ୍ଟ୍ରଙ୍କ ଏହି ଆଭିମୁଖ୍ୟକୁ ନେଇ ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ ଜୟଶଙ୍କର ବଡ ବୟାନ ଦେଇଛନ୍ତି। ସେ କହିଛନ୍ତି ଯେ, ସିଏଏକୁ ନେଇ ଯେଉଁ ସବୁ ରାଷ୍ଟ୍ର ମତ ମନ୍ତବ୍ୟ ଦେଉଛନ୍ତି ସେମାନେ ଭାରତର ବିଭାଜନ ସ୍ଥିତିକୁ ପ୍ରଥମେ ବୁଝିବା ଦରକାର। ଭାରତରେ ସିଏଏର ବିଜ୍ଞପ୍ତିକୁ ନେଇ ଆମେରିକା ଚିନ୍ତିତ ଏବଂ ଏହାର କାର୍ଯ୍ୟକାରିତା ଉପରେ ତୀକ୍ଷ୍ଣ ନଜର ରଖିଛି ବୋଲି କହିବା ପରେ ଏହାକୁ ନେଇ ଜୟଶଙ୍କର କହିଛନ୍ତି,' ମୁଁ ସେମାନଙ୍କର ଗଣତନ୍ତ୍ର ବ୍ୟବସ୍ଥାର ତ୍ରୁଟି କିମ୍ବା ଅନ୍ୟ ବ୍ୟତିକ୍ରମ ଉପରେ ପ୍ରଶ୍ନ କରୁନାହିଁ । ମୁଁ କେବଳ ଆମର ଇତିହାସକୁ ନେଇ ସେମାନଙ୍କ ମତ ଉପରେ ପ୍ରଶ୍ନ କରୁଛି । କାରଣ ଆମ ଦେଶର ଇତିହାସ ସମ୍ପର୍କରେ ସେମାନେ କିଛି ଜାଣନ୍ତି ନାହିଁ। ଅନେକ ଦେଶ ନାଗରିକତା ପ୍ରଦାନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଥିବାର ଉଦାହରଣ ରହିଛି। ଭାରତ ଯଦି ନିଜ ସମସ୍ୟାର ସମାଧାନ ପାଇଁ ଏହା କରେ ତେବେ ଅସୁବିଧା କେଉଁଠି ବୋଲି ସେ ପ୍ରଶ୍ନ କରିଛନ୍ତି। ଏହି ସମୟରେ ସେ ଭାରତ ଏବଂ କାନାଡା ସମ୍ପର୍କ ବିଷୟରେ ମତ ରଖିଥିଲେ ।

● ଛାଡ଼ପତ୍ର ପାଇଁ ପତ୍ନୀଙ୍କ ମାନସିକ ସ୍ୱାସ୍ଥ୍ୟ ପରୀକ୍ଷା ଚାହୁଁଥିଲେ ପତି

## ୫୦ ହଜାର ଜରିମାନା ଲଗାଇଲେ ହାଇକୋର୍ଟ

ବେଙ୍ଗାଲୁରୁ, ୧୭।୩ (ଏଜେନ୍ସି): ନିଜ ପତ୍ନୀଙ୍କୁ ମାନସିକ ଅସୁସ୍ଥ ଦେଖାଇବାକୁ ପ୍ରୟାସ କରିବା ବେଙ୍ଗାଲୁରୁର ଜଣେ ବ୍ୟକ୍ତିଙ୍କୁ ମହଙ୍ଗା ପଡ଼ିଛି। ଛାଡ଼ପତ୍ର ପାଇଁ ପତ୍ନୀଙ୍କ ମାନସିକ ସ୍ୱାସ୍ଥ୍ୟ ପରୀକ୍ଷା କରିବାକୁ ଚାହୁଁଥିବା ଏହି ପତିଙ୍କ ଆବେଦନକୁ କର୍ଣ୍ଣାଟକ ହାଇକୋର୍ଟ ଖାରଜ କରି ଦେଇଛନ୍ତି। ତୀବ୍ର ଭର୍ତ୍ସନା କରି ୫୦ ହଜାର ଟଙ୍କା ଜରିମାନା ମଧ୍ୟ ଲଗାଇଛନ୍ତି। ରିପୋର୍ଟ ଅନୁଯାୟୀ ୨୦୨୦ରେ ଏହି ଦମ୍ପତିଙ୍କ ବିବାହ ହୋଇଥିଲା। କିନ୍ତୁ ବିବାଦ ଯୋଗୁଁ ବିବାହର ତିନି ମାସ ପରେ ପତ୍ନୀ ଶ୍ୱଶୁର ଘର ଛାଡ଼ି ବାପଘରକୁ ପଳାଇ ଥିଲେ। ୨୦୨୨ ଜୁନ୍‌ରେ ପତିଙ୍କ ବିରୋଧରେ ଯୌତୁକ ନିର୍ଯାତନା ନେଇ କେପି ଅଗ୍ରହାରା ଥାନାରେ ଅଭିଯୋଗ କରିଥିଲେ। ମାମଲା ରୁଜୁ ହେବାର କିଛି ଦିନ ପରେ ତାଙ୍କ ସ୍ୱାମୀ ନିଷ୍ଠୁରତା ଆଧାରରେ ପରିବାର କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ଏବଂ ବିବାହ ବିଚ୍ଛେଦ ଦାବି କରିଥିଲେ। ପତ୍ନୀଙ୍କ ମାନସିକ ସ୍ଥିତି ଠିକ୍ ନ ଥିବା କହିଥିଲେ। ମାତ୍ର ଏହା ବିରୋଧରେ ପତ୍ନୀ ଅନେକ ପ୍ରମାଣ ଦେଇଥିଲେ। ପରେ ମାମଲା ହାଇକୋର୍ଟରେ ପହଞ୍ଚି ଥିଲା। ଏହାର ଶୁଣାଣି କରି ଜଷ୍ଟିସ ଏମ ନାଗପ୍ରସନ୍ନା କହିଥିଲେ ଯେ ପରିବାର କୋର୍ଟ ଯେକୌଣସି ବ୍ୟକ୍ତିର ମେଡିକାଲ ପରୀକ୍ଷା ପାଇଁ ନିର୍ଦ୍ଦେଶ ଦେଇପାରିବେ। ମାତ୍ର କେବଳ ଆବେଦନ ଆଧାରରେ ଏପରି ଅନୁମତି ଦିଆଯାଇପାରିବ ନାହିଁ।

## ପୁତ୍ର ସନ୍ତାନ ଜନ୍ମଦେଲେ ମୁସେୱାଲାଙ୍କ ମାଆ

ଚଣ୍ଡିଗଡ଼, ୧୭।୩ (ଏଜେନ୍ସି)

ଦିବଂଗତ ପଞ୍ଜାବୀ ଗୀତିକାର ସିଦ୍ଧୁ ମୁସେୱାଲା ତଥା ଶୁଭଦୀପ ସିଂହ ସିଦ୍ଧୁଙ୍କ ଘରେ ଖୁସିର ଲହରି ଖେଳି ଯାଇଛି। ମୁସେୱାଲାଙ୍କ ମାଆ ଚରଣକୌର ୫୮ ବର୍ଷ ବୟସରେ ମାଆ ହୋଇଛନ୍ତି। ସେ ରବିବାର ସକାଳେ ପୁତ୍ର ସନ୍ତାନଙ୍କୁ ଜନ୍ମ ଦେଇଛନ୍ତି। ମୁସେୱାଲାଙ୍କ ବାପା ବଲକୌର ସିଦ୍ଧୁ ଏହି ସୂଚନା ଦେଇଛନ୍ତି। ସେ ପୁଅର ଫଟୋକୁ ସାମାଜିକ ଗଣମାଧ୍ୟମରେ ଛାଡ଼ିଛନ୍ତି। ସୂଚନା ଅନୁଯାୟୀ ମାଆ ହେବା ପାଇଁ ଚରଣ କୌର ଇନ୍ ଭିଟ୍ରୋ ଫର୍ଟିଲାଇଜେସନ (ଆଇଭିଏଫ) ଜ୍ଞାନକୌଶଳର ସହାୟତା ନେଇଛନ୍ତି। ସେ ଗତ ୩-୪ ମାସ ହେଲା ଘରୁ ବାହାରକୁ ବାହାରି ନ ଥିଲେ। ମୁସେୱାଲାଙ୍କ କୁନି ଭାଇର ନାମ ଶୁଭଦୀପ ସିଂହ ରଖାଯିବ ବୋଲି ତାଙ୍କ କକା ଚମକୌର ସିଂହ କହିଛନ୍ତି। ଶୁଭଦୀପ ସିଂହକୁ ଏକ ଶିଶୁ ଭାବେ ପୁଣିଥରେ ଜନ୍ମ ଦେଇଥିବାରୁ ସେ ଅକାଲ ପୁରଖଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରିଛନ୍ତି। ସିଦ୍ଧୁ ମୁସେୱାଲା ମାତା-ପିତାଙ୍କ ଏକ ମାତ୍ର ସନ୍ତାନ ଥିଲେ। ୨୦୨୨ ମଇ



୨୯ରେ ତାଙ୍କୁ ୬ ଜଣ ସୁଟର ଗୁଳିମାରି ହତ୍ୟା କରାଯାଇଥିଲା। ସେତେବେଳେ ମୁସେୱାଲାଙ୍କ ବୟସ ୨୮ ବର୍ଷ ଥିଲା। ଏହି ହତ୍ୟା ପାଇଁ ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ ନିଜକୁ ଦାୟୀ କରିଥିଲା। ଏହା ପରେ ମାଆ ଚରଣ କୌର ଏବଂ ବାପା ବଲକୌର ସିଂହ ଏକାକୀ ହୋଇ ଯାଇଥିଲେ। ତେଣୁ ଉଭୟେ ଦ୍ୱିତୀୟ ଶିଶୁକୁ ଜନ୍ମଦେବା ପାଇଁ ନିଷ୍ପତ୍ତି ନେଇଥିଲେ।

ମହାଦେବ ବେଟିଂ ଆପ୍ ମାମଲା

# ଏତଲାରେ ଭୂପେଶ ବଘେଲଙ୍କ ନାମ

ରାୟପୁର, ୧୭।୩ (ଏଜେନ୍ସି)

ମହାଦେବ ବେଟିଂ ଆପ୍ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଅଭିଯୋଗରେ ଆର୍ଥିକ ଅନୁସନ୍ଧାନ ଶାଖା (ଇଓଡବ୍ଲ୍ୟୁ) ଛତିଶଗଡ଼ର ପୂର୍ବତନ ମୁଖ୍ୟମନ୍ତ୍ରୀ ଭୂପେଶ ବଘେଲଙ୍କ ସମେତ ୨୧ ଅଭିଯୁକ୍ତଙ୍କ ବିରୋଧରେ ଏତଲା ରୁଜୁ କରିଛି। ଏମାନଙ୍କ ମଧ୍ୟରେ ପ୍ରମୋଟର ସୌରଭ ଚନ୍ଦ୍ରାକର, ରବି ଉପ୍ପଲ ସମେତ ଅନେକ ଅଜ୍ଞାତ ପୁଲିସଅଧିକାରୀ ଏବଂ ବ୍ୟବସାୟୀଙ୍କ ନାମ ସାମିଲ ରହିଛି। ଅନ୍ୟପଟେ ବଘଲେ ଏହାକୁ ରାଜନୈତିକ ଷଡ଼ଯନ୍ତ୍ର କହିଛନ୍ତି। ଇଡି ଦ୍ୱାରା ରୁଜୁ ଏତଲାରେ କୁହାଯାଇଛି ଯେ ମହାଦେବ ଆପ୍‌ର ପ୍ରମୋଟରଙ୍କୁ ପୁଲିସ, ପ୍ରଶାସନିକ ଅଧିକାରୀଙ୍କ ସହିତ କ୍ଷମତାଶାଳୀ ରାଜନେତାଙ୍କ ସୁରକ୍ଷା ମିଳୁଥିଲା। ଆପ୍ ବିରୋଧରେ କାର୍ଯ୍ୟାନୁଷ୍ଠାନରୁ ସୁରକ୍ଷା ଦେବା ପାଇଁ ପ୍ରମୋଟରମାନେ ଅଭିଯୁକ୍ତଙ୍କୁ ନିୟମିତ ଭାବେ ବିପୁଳ ଟଙ୍କା ପ୍ରଦାନ କରୁଥିଲେ। ମହାଦେବ ବୁକ୍‌ର ଅପରେଟରମାନେ ହାୱାଲା ମାଧ୍ୟମରେ ପୁଲିସ, ପ୍ରଶାସନିକ ଅଧିକାରୀ ଏବଂ ରାଜନେତାଙ୍କୁ ପ୍ରୋଟେକ୍ସନ ମନି (ସୁରକ୍ଷା ପାଇଁ ଟଙ୍କା) ଦେଉଥିଲେ। ଏହି ଅଧିକାରୀ ଏବଂ ନେତାମାନେ ନିଜ ପଦବୀର ଅପବ୍ୟବହାର କରି ପ୍ରମୋଟର୍ସଙ୍କଠାରୁ ଆର୍ଥିକ ଲାଭ ଉଠାଉ ଥିଲେ। ଏହା ସହିତ ବେଆଇନ ସମ୍ପତ୍ତି ଅର୍ଜନ କରୁଥିଲେ। ଇଡି ଅନେକ ଅଚଳ ସମ୍ପତ୍ତିକୁ ଜବତ କରିଛି। ଗତ ୪ ତାରିଖରେ ଇଓଡବ୍ଲ୍ୟୁ ଏହି ମାମଲା ରୁଜୁ କରିଥିଲା।

■ ହାୱାଲା ମାଧ୍ୟମରେ ପାଇଥିଲେ ଟଙ୍କା

■ ଆପ୍‌ରୁ ହୋଇଛି ୬ ହଜାର କୋଟିର ଆୟ





ଇଡି ପ୍ରାୟ ବର୍ଷେ ହେଲା ଏହି ମାମଲାର ତଦନ୍ତ କରୁଛି। ଏହି ଦୁର୍ନୀତିରେ ଛତିଶଗଡ଼ର ବରିଷ୍ଠ ରାଜନେତା ଏବଂ ଅମଲାତାନ୍ତ୍ରିକ ଅଧିକାରୀ ସାମିଲ ଥିବା ଜଣାପଡ଼ିଛି। ଆପ୍‌ର ୨ ମୁଖ୍ୟ ପ୍ରମୋଟର ମଧ୍ୟ ଛତିଶଗଡ଼ର। ଏହି ଆପ୍ ମାଧ୍ୟମରେ ପ୍ରାୟ ୬ ହଜାର କୋଟି ଟଙ୍କା ଆୟ ହୋଇଥିବା ଆକଳନ କରାଯାଇଛି। ଠକେଇ ପାଇଁ ମହାଦେବ ଆପ୍‌ର ପ୍ରମୋଟର ଉପ୍ପଲ, ଚନ୍ଦ୍ରାକର, ସୋନି ଏବଂ ଅଗ୍ରୱାଲ ଅନ୍‌ଲାଇନ ବେଟିଂ ପାଇଁ ଲାଇଭ ମଞ୍ଚ ବନାଇ ଥିଲା। ହ୍ୱାଟସଆପ୍, ଫେସବୁକ, ଟେଲିଗ୍ରାମ ଏବଂ ଅନ୍ୟ ସାମାଜିକ ଗଣମାଧ୍ୟମ ପ୍ଲାଟଫର୍ମ ମାଧ୍ୟମରେ ବେଟିଂରେ ସାମିଲ ହୋଇଥିଲା। ପ୍ରମୋଟରମାନେ ଅଲଗା ଅଲଗା ପ୍ଲାଟଫର୍ମ ବନାଇ ଥିଲେ ଏବଂ ପ୍ୟାନେଲ ଅପରେଟରଙ୍କ ମାଧ୍ୟମରେ ବେଆଇନ ବେଟିଂରେ ସାମିଲ ହୋଇଥିଲେ। ଏମାନେ ବେଆଇନ ଆୟରୁ ପ୍ରାୟ ୭୦ରୁ ୮୦ ପ୍ରତିଶତ ନିଜ ପାଖରେ ରଖୁଥିଲେ। ଅନ୍ୟ ଟଙ୍କାକୁ ପ୍ୟାନେଲ ଅପରେଟର ତଥା ଶାଖା ପରିଚାଳକଙ୍କୁ ପ୍ରଦାନ କରୁଥିଲେ। କରୋନା ଲକ୍‌ଡାଉନ ସମୟ (୨୦୨୦)ରେ ଏହି ଆପ୍ ମାଧ୍ୟମରେ ପ୍ରତି ମାସରେ ୪୫୦ କୋଟି ଟଙ୍କା ଆୟ କରିଥିଲେ।

ସକାଳ
THE SAKALA
ସୋମବାର
୧୮ ମାର୍ଚ୍ଚ, ୨୦୨୪



# ଧରାପଡ଼ିଲା ଗୋ-ଚାଲାଣ; ୩ ଗଲେ ଜେଲ୍

**ତୁରେକେଲା,୧୭।୩(ସମିସ):** ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ସହରରେ ଗୋ ଚାଲାଣକୁ ରୋକିଲା ରାମସେନା। ଶନିବାର ସନ୍ଧ୍ୟା ସମୟରେ ତୁରେକେଲା ଥାନା ରାମୋଡ ଅଞ୍ଚଳରୁ ଏକ ପିକଅପ ଭ୍ୟାନରେ ୪ଟି ଗୋରୁ ମୁହଁରେ ଦୌଡି ବାନ୍ଧି ଚାଲାଣ କରାଯାଉଥିଲା। ଏନେଇ କଣ୍ଟାବାଞ୍ଜି ସହରର ରାମସେନାର ସଦସ୍ୟମାନେ ଖବର ପାଇବା ପରେ ସ୍ଥାନୀୟ ଅଗ୍ନିଶମ ବିଭାଗ ଅଫିସ ସମ୍ମୁଖୀନରେ ଗାଡିକୁ ରୋକିଥିଲେ। ଘଟଣାସ୍ଥଳରେ କିଛି ସମୟ ଧରି ଉତ୍ତେଜନା ପ୍ରକାଶ ପାଇଥିବା ବେଳେ କଣ୍ଟାବାଞ୍ଜି ପୁଲିସ ପହଞ୍ଚି ଗାଡି ଜବତ କରିବା ସହ ୩ ଜଣଙ୍କୁ ଥାନାକୁ ନେଇଥିଲା। ପରେ କଣ୍ଟାବାଞ୍ଜି ରାମସେନା ପକ୍ଷରୁ ବେଆଇନ ଭାବେ ଗୋ ଚାଲାଣ କରାଯାଉଥିବା ନେଇ ଅଭିଯୋଗ ହେବା ପରେ ପୁଲିସ ମାମଲା ରୁଜୁକରି ୩ ଜଣ ଅଭିଯୁକ୍ତ ବିସିକେଶନ ନାଗ(୩୦),ଦିଲୀପ କେତକୀ(୨୮) ସହ ଅନ୍ୟ ଜଣେ ସହଯୋଗୀଙ୍କୁ କୋର୍ଟ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।



# ଯୁବତୀଙ୍କୁ ଦୁଷ୍କର୍ମ, ଯୁବକ ଫେରାର

**ସଇଁତଲା, ୧୭।୩(ସମିସ):** ସଇଁତଲା ଥାନା ଅନ୍ତର୍ଗତ ବେନିଆବନ୍ଧ ଗାଁର ଜଣେ ଯୁବତୀଙ୍କୁ ଦୁଷ୍କର୍ମ କରି ଦୁଇ ଯୁବକ ଫେରାର ଥିବା ନେଇ ସଇଁତଲା ଥାନାରେ ଅଭିଯୋଗ ହୋଇଛି। ସଇଁତଲା ଥାନା ବେନିଆବନ୍ଧ ଗାଁର ଜଣେ ଯୁବତୀ ସହ ଉକ୍ତ ଗାଁର ଶିଶିର ସାଗର ସହ ଦୀର୍ଘ ଦିନରୁ ପ୍ରେମ ସମ୍ପର୍କ ଥିଲା। କୌଣସି ଉଦ୍ଦେଶ୍ୟ ନେଇ ସଂପୃକ୍ତ ଯୁବକ ଓ ତା ବନ୍ଧୁ ସହ ଗାଁର ଖେଳପଡ଼ିଆ ନିକଟରେ ଉକ୍ତ ଯୁବତୀ ସହ ଗତ ୧୫ ତାରିଖରେ ସାକ୍ଷାତ କରିବା ପାଇଁ କହିଥିଲା। ପରେ ଗାଁର ଖେଳପଡିଆରେ ଶିଶିର ଓ ଯୁବତୀ ସେଠାରେ ସାକ୍ଷାତ ମଧ୍ୟ କରିଥିଲେ। ଶିଶିରର ବନ୍ଧୁ ପ୍ରିତମ ସୁନା ମଧ୍ୟ ସେଠାରେ ଉପସ୍ଥିତ ଥିଲେ। ସେଠାରେ ଶିଶିର ଓ ତାଙ୍କ ସହ ଯାଇଥିବା ତାଙ୍କ ବନ୍ଧୁ ପ୍ରିତମ ସୁନା ଦୁହେ ମିଶି ଯୁବତୀକୁ ଦୁଷ୍କର୍ମ କରିଥିଲେ। ଏନେଇ ଯୁବତୀର ପରିବାର ପକ୍ଷରୁ ସଇଁତଲା ଥାନାରେ ଲିଖିତ ଭାବେ ଅଭିଯୋଗ କରାଯାଇଛି। ସଇଁତଲା ପୋଲିସ ଦୁଇ ଯୁବକଙ୍କୁ ଖୋଜାଖୋଜି କରୁଛି।

## ରାହା ଦେଖାଇଛି ଜୈବିକ ଚାଷ

# ପ୍ରାକୃତିକ ପଦ୍ଧତିରେ ପ୍ରସ୍ତୁତ ହେଉଛି କୀଟନାଶକ

ସବୁ ରୋଗବ୍ୟାଧିର ମୂଳ କାରଣ ସାରଯୁକ୍ତ ଖାଦ୍ୟ। ମଣିଷ ଯାହାକୁ ତଟକା ପନିପରିବା ଭାବି ବଜାରରୁ କିଣୁଛି, ଖାଉଛି। ତହିଁରେ କେତେପ୍ରକାର ସାର, କୀଟନାଶକ ପ୍ରୟୋଗ କରାଯାଉଛି ତାହା ଅଜ୍ଞାତ। ଏଥିପାଇଁ ମଣିଷ ନାନା ରୋଗରେ ପୀଡ଼ିତ ହେଉଛି ତାହା ନୁହେଁ ଚାଷଜମି ମଧ୍ୟ ବିଶେଷ ମାତ୍ରାରେ ପ୍ରଭାବିତ ହେଉଛି। ଜମିର ଉର୍ବରତା, ଜଳଧାରଣ କ୍ଷମତା କମିବା ସାଙ୍ଗକୁ ମାଟିରେ ଥିବା ଉପଯୋଗୀ ଜୀବ ଅଣୁଜୀବ ଯାହାକୁ କୃଷକର ବନ୍ଧୁ ବୋଲି କୁହାଯାଏ ମାଟିରେ ସେମାନଙ୍କ ମାତ୍ରା କମିବାରେ ଲାଗିଛି। ଲାଭଖୋର ମନୋବୃତ୍ତିରେ ସାର କୀଟନାଶକର ପ୍ରୟୋଗ କରାଯାଉଛି ସତ, କିନ୍ତୁ ଆଗାମୀ ଭବିଷ୍ୟତ ପାଇଁ ଏହା ମୁଖ୍ୟ ସମସ୍ୟା ଭାବରେ ଉଭା ହୋଇସାରିଛି ଏକଥାକୁ ଏଡାଇ ଦିଆଯାଇ ନପାରେ। ତେଣୁକରି ଆଜିର ସମୟରେ ଜୈବିକ ଚାଷ ଏକ ଆହ୍ୱାନ ପାଲଟିଛି। ବଲାଙ୍ଗିର ଜିଲ୍ଲାର ଦେଓଗାଁ ବ୍ଲକର ଚାଷୀମାନେ ଏହି ଆହ୍ୱାନକୁ ଅଭିଯାନ କରି ଆରମ୍ଭ କରିଛନ୍ତି ଜୈବିକ ଚାଷ। ପ୍ରାକୃତିକ ସାର, କୀଟନାଶକ ପ୍ରସ୍ତୁତି କରି ଚାଷ କରିବା ସହିତ ସ୍ୱତନ୍ତ୍ର ଭାବରେ ବଜାର କରି ବିକ୍ରି କରୁଥିବା ଚାଷୀଙ୍କ କାହାଣୀକୁ ନେଇ ଆମର ଉପସ୍ଥାପନା 'ରାହା ଦେଖାଇଛି ଜୈବିକ ଚାଷ'।

**ଦେଓଗାଁ, ୧୭।୩(ସମିସ)**

୨୬ଟି ପଞ୍ଚାୟତକୁ ନେଇ ଗଠିତ ଦେଓଗାଁ ବ୍ଲକ। ଏହି ଅଞ୍ଚଳରେ ସୋନଗଡ଼ ଓ ତେଲ ନଦୀ ପ୍ରବାହିତ ହେଉଛି। ତେଣୁକରି ଦେଓଗାଁ ବ୍ଲକ ଏକ ଚାଷୀ ପ୍ରଧାନ ଅଞ୍ଚଳ। ପ୍ରାୟ ୮୦ ପ୍ରତିଶତ ଲୋକେ ଚାଷ କରି ଜୀବିକା ନିର୍ବାହ କରନ୍ତି। ଚାଷ କାର୍ଯ୍ୟରେ କୃତ୍ରିମ ସାର, କୀଟନାଶକର ପ୍ରୟୋଗ ସେମାନଙ୍କୁ କ୍ଷତି ପହଞ୍ଚାଉଛି ଏହା ସେମାନେ ହୃଦୟଙ୍ଗମ କରିସାରିଛନ୍ତି। ତେଣୁକରି ଜୈବୀକ ଚାଷ ପଦ୍ଧତିକୁ ଆପଣାଇଛନ୍ତି। କୃତ୍ରିମ ସାର, କୀଟନାଶକ ପ୍ରୟୋଗ କରିବା ଛାଡି ନିଜେ ନିଜେ ପ୍ରାକୃତିକ ଉପାୟରେ କୀଟନାଶକ ପ୍ରସ୍ତୁତ କରୁଛନ୍ତି। ରୋଗପୋକ ଦମନ କ୍ଷେତ୍ରରେ ଏହା ଶତପ୍ରତିଶତ ସଫଳ ହେବା ସହିତ ଫସଲ ସୁସ୍ୱାଦୁ ଓ ସୁସ୍ଥ ଓ ବିଷହୀନ ହେଉଥିବା ଚାଷୀମାନେ ପ୍ରତିକ୍ରିୟା ଦେଇଛନ୍ତି।

ଗତ ଦେଢବର୍ଷ ହେଲା ଦେଓଗାଁ ବ୍ଲକ ଅଞ୍ଚଳରେ ଏକ ସଂସ୍ଥା କାମ କରୁଛି। ଯାହାର ନାଁ ଫାଉଣ୍ଡେସନ ଫର ଇକୋଲାଜିକାଲ ସିକ୍ୟୁରିଟି ବା ଏଫଇଏସ। ଏହି ସଂସ୍ଥା ଓଡ଼ିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଓ ଓଡ଼ିଶା ଜୀବିକା ମିଶନ ସହ ଚୁକ୍ତି ସ୍ୱାକ୍ଷରିତ କରିଛି। ଚାଷ କ୍ଷେତ୍ରରେ କୃତ୍ରିମ ସାର କୀଟନାଶକ ବଦଳରେ ପ୍ରାକୃତିକ ପଦ୍ଧତିରେ ଖତ, କୀଟନାଶକ ପ୍ରସ୍ତୁତ କରି ବ୍ୟବହାର କରିବାକୁ ପ୍ରୋତ୍ସାହିତ କରୁଛି। ଏହି ସଂସ୍ଥା କୃଷକ ସାଥୀ, କୃଷି ମିତ୍ର ମାନଙ୍କୁ ତାଲିମ ପ୍ରଦାନ କରି ଚାଷଙ୍କ ମଧ୍ୟରେ ସଚେତନତା ଓ ଆଗ୍ରହ ସୃଷ୍ଟି କରିବାରେ କାମ କରୁଛି। ବର୍ତ୍ତମାନ ସୁଦ୍ଧ ଦେଓଗାଁ ବ୍ଲକର ବନ୍ଧପଡ଼ା, ଦେଷଣ୍ଡ, ଲଣ୍ଡାପଥର, ଉଡାର, ଉପରଝର, ଜରାସିଂହା, ସିଂହାମୁଣ୍ଡା, ରାମଚନ୍ଦ୍ରପୁର, ଡୁମେରପିଟା ପଞ୍ଚାୟତରେ ଜୈବୀକ ଚାଷ କରାଯାଉଥିବା ଦେଖିବାକୁ ମିଳିଛି। ଜୈବୀକ ପଦ୍ଧତିରେ ଚାଷ କରୁଥିବା ଚାଷୀ ମାନଙ୍କୁ ପଞ୍ଚାୟତ ସ୍ତରରେ ସ୍ୱତନ୍ତ୍ର ଭାବରେ ବଜାର ଯୋଗାଇ ଦିଆଯାଉଛି। ଦେଓଗାଁ ବ୍ଲକର ବନ୍ଧପଡ଼ା ସାପ୍ତାହିତ ବଜାରରେ ଜୈବିକ ଉତ୍ପାଦର ସ୍ୱତନ୍ତ୍ର ଦୋକାନ ରହିଥିବାବେଳେ ଆହୁରି ଅନେକ ସ୍ଥାନରେ ଏ ଦୋକାନ ଖୋଲିବାକୁ ଯୋଜନା ରହିଛି।

## ଜୈବିକ ଚାଷୀଙ୍କୁ ଯୋଗାଇ ଦିଆଯାଉଛି ସ୍ୱତନ୍ତ୍ର ବଜାର







## ଜୈବିକ ଉତ୍ପାଦର ସଫଳ ଚାଷୀ

ଦେଓଗାଁ ବ୍ଲକ ଉଡାର ଗ୍ରାମର ଜଣେ ସଫଳ ଚାଷୀ ହେଉଛନ୍ତି ନରେନ୍ଦ୍ର ଭୁକ୍ତା। ସେ ଜଣେ କ୍ଷୁଦ୍ରଚାଷୀ। ଜଣେ ବ୍ୟକ୍ତିଙ୍କ ପାଖାପାଖି ୨୨ ଏକର ଜମିରେ ଚାଷ କରୁଛନ୍ତି। ଧାନ ସହ ଅନ୍ୟାନ୍ୟ ପନିପରିବା ଚାଷ କରୁଛନ୍ତି। ବର୍ତ୍ତମାନ ସେ ତରଭୂଜ, ପୋଟଳ, ଝୁଡୁଙ୍ଗ ଚାଷ କରିଥିବାବେଳେ ସେଥିରେ ନିଜେ ପ୍ରସ୍ତୁତ କରିଥିବା ପ୍ରାକୃତିକ କୀଟନାଶକ ପ୍ରୟୋଗ କରୁଛନ୍ତି। ସେହିଭଳି ଆଉ ଜଣେ ଚାଷୀ ହେଲେ ଟେପ୍ରେନ ଗାଁର ଜୟଦେବ ସିଂନିନା। ସେ ପାଖାପାଖି ଦେଢ ଏକର ଜମିରେ ଟମାଟ ଚାଷ କରୁଛନ୍ତି। ସେ ମଧ୍ୟ ଜୈବିକ ଚାଷ କରି ପ୍ରାକୃତିକ ସାର ଓ କୀଟନାଶକ ବ୍ୟବହାର କରୁଥିବା ଜଣାପଡ଼ିଛି। ଦେଓଗାଁ ବ୍ଲକ ଅଞ୍ଚଳରେ ଜୈବିକ ପଦ୍ଧତିରେ ଚାଷ ଏକ ବିପ୍ଳବ ସୃଷ୍ଟି କରିଛି। ଚାଷୀମାନେ ଏହାର ଲାଭ ଉଠାଇ ଜୈବିକ ପଦ୍ଧତିରେ ଚାଷ କଲେ ମଣିଷ ବିଷମୁକ୍ତ ଖାଦ୍ୟ ପାଇବା ସହିତ ମୃତ୍ତିକା ପ୍ରଦୂଷଣ ଓ ପରିବେଶ ସନ୍ତୁଳନ ହୋଇପାରିବ ବୋଲି ମତପ୍ରକାଶ ପାଇଛି।

## ଟ୍ରାଫିକ୍ ଜାମ୍‌ରେ ଫସୁଛନ୍ତି ସହରବାସୀ

**ତୁଷୁରା, ୧୭।୩ (ସମିସ):** ବଲାଙ୍ଗିର ଜିଲ୍ଲାର ତୁଷୁରା ସହର ଭିତର ମୁଖ୍ୟରାସ୍ତାଗୁଡିକ ଜବରଦଖଲ ହୋଇଥିବାରୁ ଟ୍ରାଫିକ ସମସ୍ୟା ଗମ୍ଭୀର ପରିସ୍ଥିତିରେ ପହଞ୍ଚିଛି। ପ୍ରତ୍ୟେକ ଦିନ ହଜାର ହଜାର ହଜାର ସଂଖ୍ୟାରେ ଲୋକମାନେ ତୁଷୁରାକୁ ଯିବାଆସିବା କରିଥାନ୍ତି। ସହର ଭିତରେ ଥିବା ମାରୱାଡ଼ି ପଡା ରାସ୍ତା କଦର୍ଯ୍ୟ ହୋଇ ଖାଲ ଢିପରେ ପରିପୂର୍ଣ୍ଣ ହେବା ସହ ଜବରଦଖଲ ପାଇଁ ରାସ୍ତା ସଙ୍କୁଚିତ ହୋଇଥିବାରୁ ଯେ କୌଣସି ଚାରିଚକିଆ ଗାଡି ଯିବାଆସିବା ସମୟରେ ରାସ୍ତାଜାମ ହୋଇ ଟ୍ରାଫିକ ଜାମ ହେଉଛି। ଯାହାଫଳରେ ତୁଷୁରା ସହରକୁ ବିଭିନ୍ନ କାମ ପାଇଁ ଆସୁଥିବା ଲୋକେ ରାସ୍ତାର ଅବସ୍ଥା ଏବଂ ଟ୍ରାଫିକ ଜାମ ଦେଖି ପରିହାସ କରୁଛନ୍ତି। ଏସବୁ ବିଷୟରେ ପ୍ରଶାସନ କିଛି ବି ପଦକ୍ଷେପ ନେଉ ନଥିବାରୁ ତୁଷୁରା ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢିବାରେ ଲାଗିଛି।

# ହଲନଭଟା ଓ ଢୋଲମାନ୍ଦଲରେ ଶଙ୍ଖ ଜନସମ୍ପର୍କ

**ତୁରେକେଲା,୧୭।୩(ସମିସ):** ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ନିର୍ବାଚନମଣ୍ଡଳୀ ତୁରେକେଲା ବ୍ଲକ ଅନ୍ତର୍ଗତ ହଲନଭଟା, ଗୁର୍ଜିଭଟା, କୁଶପାଲି, ଭାଲୁକୁନା, ଡେବରିଆମୁଣ୍ଡା, ବିଜାମାଲପଡା, ବରିଆଲି, ଗଭରା, ରମାଇଗଡ, ଢୋଲମାନ୍ଦଲ, ବାହାବଳ, ଭଗୁଆପଡା ଗାଁରେ ଯୁବ ବିଜେଡି ନେତା ତଥା ଡାକ୍ତର ଅମଜଦ ଖାନଙ୍କ ନେତୃତ୍ୱରେ ବିଜୁ ଜନତା ଦଳ ପକ୍ଷରୁ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ କଣ୍ଟାବାଞ୍ଜି ପୂର୍ବତନ ବିଧାୟକ ଆୟୁବ ଖାନ ଯୋଗ ଦେଇଥିଲେ। ଗାଁ ଲୋକଙ୍କ ସହ ଆଲୋଚନା କରି ଅଞ୍ଚଳର ସମସ୍ୟାକୁ କିପରି ସମାଧାନ କରାଯାଇ ପାରିବ ସେ ଦିଗରେ ସ୍ଥାନୀୟ ଯୁବ ପିଢ଼ି ଏବଂ ଗାଁଲୋକଙ୍କୁ ପରାମର୍ଶ ଦେଇଥିଲେ। ସେହିପରି ଢୋଲମାନ୍ଦଲ ପଞ୍ଚାୟତ ବରିଆଲି ଗାଁରେ ବିଜୁ ଜନତା ଦଳ ପକ୍ଷରୁ ବରିଷ୍ଠ ବିଜେଡି ନେତା ଅଜୟ ଦାସଙ୍କ ନେତୃତ୍ୱରେ ଜନସମ୍ପର୍କ ଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ସରପଞ୍ଚ ବିଶ୍ୱାମିତ୍ର ଛତ୍ରିଆ, ପ୍ରମେ ମେହେର, ନବରଙ୍ଗ ଦାସ, ସୁବାସ ସାହୁ, ମୁରଲୀ ମଲ୍ଲିକ, ନିରନ ଖୁରା, ପବିତ୍ର ବେମାଲ, ଚରଣ ନାୟକ, ଚନ୍ଦ୍ରମଣି ତାଣ୍ଡି, କାଳୀଚରଣ ମାଝୀ, ସାନତୁଳା ମାଝୀ, ଦେବାର୍ଚ୍ଚନ ମାଝୀ, ଅଶୋକ ପରାଭୂଏ, ଗୋବିନ୍ଦ ବଗର୍ତି, ଦେବେନ୍ଦ୍ର ବରିହା ଓ ବହୁ ବିଜେଡି କର୍ମୀ ଉପସ୍ଥିତ ଥିଲେ।



## ମୁଁ କଳାକାର

# ଡଁଣ୍‌ଶାଲ୍ ଦୁଲ୍‌କଉଛେ ମଗସିରର୍ ଜୁଏଁପିଲା

**ବଲାଙ୍ଗିର, ୧୭।୩(ସମିସ):** ଆଦିକାଳର କଳା ଦଣ୍ଡନୃତ୍ୟ। ଉପାସନା ଭାବରୁ ଆରମ୍ଭ ହୋଇ ଏବେ ମଞ୍ଚରେ ପହଞ୍ଚିଛି। ରାଧା କୃଷ୍ଣର ମିଳନ କାହାଣୀକୁ ନେଇ ପଶ୍ଚିମ ଓଡ଼ିଶାରେ ପ୍ରଦର୍ଶନ କରାଯାଉଥିବା ଦଣ୍ଡନୃତ୍ୟରେ ଢୁଲିଆ ମାମୁର ଭୂମିକା ବେଶ ଗୁରୁତ୍ୱପୂର୍ଣ୍ଣ। ତଦନୁଯାୟୀ ମଗସିର ଢୁଲିଆ ଦଣ୍ଡନୃତ୍ୟର ଅପାସୋରା ଚେହେରା। ତାଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ଅନେକ ଯୁବକ ଦଣ୍ଡନୃତ୍ୟରେ ଢୁଲିଆ ସାଜିଛନ୍ତି। ମୁଁ କଳାକାର ଶୀର୍ଷକରେ ଆମେ ଏଭଳି ଜଣେ ଉଦୀୟମାନ କଳାକାର ଙ୍କ କାହାଣୀ ପରିବେଷଣ କରିବାକୁ ଯାଉଛୁ ଯିଏ ଦଣ୍ଡ ନୃତ୍ୟରେ ଦମଦାର ଢୁଲିଆ ଭାବରେ ଚାରିଆଡେ ପରିଚିତ ହେଲେଣି। ସେ ଆଉ କେହି ନୁହନ୍ତି ପ୍ରସିଦ୍ଧ ଢୁଲିଆ ମଗସିର ନନ୍ଦଙ୍କ ଵାଇଁ ଚରଣ ବାଗ।



ଶଶୁରଙ୍କୁ ଗୁରୁ କରି ନିଜର ନୂଆ ଜୀବନ ଆରମ୍ଭ କରିଥିବା କଳାକାର ହେଉଛନ୍ତି ଚରଣ। ତାଙ୍କର ପ୍ରକୃତ ଘର ହେଉଛି ବଲାଙ୍ଗିର ସହର ବିଷ୍ଣୁମୁଣ୍ଡା ଗାଁରେ। ତାଙ୍କର ବାପା କର୍ଲୁ ବାଗ ମଧ୍ୟ ସ୍ଥାନୀୟ ଅଞ୍ଚଳର ଜଣେ ନାଁ କରା ବାଦ୍ୟକାର ଥିଲେ। ଗରିବ ପରିବାରର ହୋଇଥିବାରୁ ଚରଣ ଉଚ୍ଚଶିକ୍ଷା ଗ୍ରହଣ ପାରିଲେ ନାହିଁ। ପିଲାଟି ବେଳରୁ ବାପା ଓ ବଡ ଭାଇଙ୍କ ସାଥୀରେ ବାଜା ବଜାଇ, ଦିନମଜୁରୀ କାମକରି ପରିବାର ପ୍ରତିପୋଷଣ କରୁଥିଲେ। ଭାଗ୍ୟକୁ ତାଙ୍କର ବାହାଘର ପାଇଁ ପ୍ରସ୍ତାବ ଫିଟିଲା ପୁଇଁତଲା ବ୍ଲକ ଅର୍ନ୍ତଗତ ପଦମପୁର ଗ୍ରାମର ମଗସିର ନନ୍ଦଙ୍କ ଘରେ। ତାଙ୍କର ଏକମାତ୍ର ଝିଅ ଯାଜ୍ଞସେନୀଙ୍କ ସହିତ ସାମାଜୀକ ରିତୀନିତୀ ଅନୁସାରେ ହାତଗଣ୍ଠି ପଡ଼ିଲା। ନିଜ ଶଶୁର ଦଣ୍ଡନୃତ୍ୟର ପ୍ରସିଦ୍ଧ ଢୁଲିଆ। ତାଙ୍କର କାର୍ଯ୍ୟକ୍ରମ ସବୁଦେଖି ସେ ମଧ୍ୟ ଏହି କ୍ଷେତ୍ରରେ ନିଜର ଭବିଷ୍ୟତ ଗଢିବାକୁ ଇଚ୍ଛା ପ୍ରକାଶ କଲେ। ଶଶୁରଙ୍କୁ ଗୁରୁ କରି ତାଙ୍କଠାରୁ ଦଣ୍ଡ ନୃତ୍ୟରେ ଢୋଲ ବାଦନ ଶୈଳୀ ଶିଖିଲେ। ୧୦ ବର୍ଷ ହେଲା ସେ ବିଭିନ୍ନ ସ୍ଥାନରେ ଦଣ୍ଡନୃତ୍ୟରେ ଢୋଲ ବଜାଉଥିବାବେଳେ ବର୍ତ୍ତମାନ ମାଁ ତାରିଣୀ ଖୁସବୁ ମହିଳା ଦଣ୍ଡନୃତ୍ୟ ଦଳ ସହ ଅଛନ୍ତି। ବଲାଙ୍ଗିର ସମେତ ନୂଆପଡ଼ା, କଳାହାଣ୍ଡି, ସୋନପୁର, ବୌଦ୍ଧ ଆଦି ଜିଲ୍ଲାର ବିଭିନ୍ନ ସ୍ଥାନରେ ନିଜର କଳା ପରିବେଷଣ କରି ଦର୍ଶକଙ୍କ ମନ ମୋହୁଛନ୍ତି। ଦଣ୍ଡନୃତ୍ୟର ଏକ ଉଦୀୟମାନ କଳାକାର ଭାବରେ ସେ ତାଙ୍କର ନାଁ କରିଛନ୍ତି। ହେଲେ ଏଭଳି ଜଣେ କଳାକାର ବର୍ତ୍ତମାନ ସୁଦ୍ଧା କଳା, ସଂସ୍କୃତି ବିଭାଗର ନଜରରୁ ଦୂରରେ ରହିଛନ୍ତି। ତାଙ୍କର ଅନ୍ତର୍ନିହିତ ପ୍ରତିଭା ଓ ଅକ୍ଲାନ୍ତ ପରିଶ୍ରମ ବଳରେ ଆଜି ଜଣେ ନାଁ କରା କଳାକାର ଭାବରେ ପରିଚୟ ହାସଲ କରିଛନ୍ତି। ତାଙ୍କୁ ସରକାରଙ୍କ ତରଫରୁ କିଛି ସହାୟତା ମିଳିପାରିଲେ ସେ ଆହୁରି ଆଗକୁ ବଢ଼ିପାରିବେ ବୋଲି ଆଶା ପ୍ରକାଶ କରିଛନ୍ତି।

*କଳା ପ୍ରତି କଳାକାରର ରହିଥାଏ ସମର୍ପଣ ଭାବ। କଳାକୁ ବଞ୍ଚାଇବାକୁ ଅନବରତ କଳାକାର କରିଥାଏ ସଂଘର୍ଷ। ଏହି ସଂଘର୍ଷରେ କିଛି ଭିଡ ଭିତରେ ହଜିଯାଆନ୍ତି ତ ଆଉ କିଛି ସଫଳ ହୁଅନ୍ତି। ଏହି ଭିଡ ଭିତରେ ହଜିଯାଉଥିବା ଅନେକ କଳାକାର ଆଗାମୀ ପିଢି ପାଇଁ ଏକ ମଞ୍ଚ ତିଆରି କରିବାରେ ସଫଳ ହୋଇଥାନ୍ତି। ଏହିଭଳି କଳାକାର ମାନଙ୍କ ସଂଘର୍ଷ, ସଫଳତାର କାହାଣୀକୁ ନେଇ 'ସକାଳ'ର ଉପସ୍ଥାପନା 'ମୁଁ କଳାକାର'।*

# ରାଜେନ୍ଦ୍ର ନାରାୟଣ ସିଂହଦେଓ ସ୍ମାରକୀ କ୍ରିକେଟ ଉଦ୍‌ଯାପିତ

**ବଲାଙ୍ଗିର, ୧୭।୩(ସମିସ)**

ମହାରାଜା ରାଜେନ୍ଦ୍ର ନାରାୟଣ ସିଂହଦେଓ ସ୍ମାରକୀ କ୍ରିକେଟ, ବଲାଙ୍ଗିର ପାଟଣା କପ-୨୦୨୪ ଉଦଯାପିତ ହୋଇଯାଇଛି। ଫାଇନାଲ ଖେଳରେ ଦେଓଗାଁ ପଞ୍ଚାୟତ ବିଜେତା ହୋଇ ଟ୍ରଫି ସହ ୨୫୦୦ ଟଙ୍କାର ଚେକ ଗ୍ରହଣ କରିଥିବା ବେଳେ ଉପବିଜେତା ବ୍ରାହ୍ମଣୀଯୋରକୁ ୧୫୦୦୦ଟଙ୍କ ସହ ଟ୍ରଫି ପ୍ରଦାନ କରାଯାଇଛି। ପୁରସ୍କାର ବିତରଣ ସମାରୋହରେ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ପୂର୍ବତନ ରାଜ୍ୟସଭା ସାଂସଦ ଅନଙ୍ଗ ଉଦୟ ସିଂହଦେଓ, ପୂର୍ବତନ ସାଂସଦ ତଥା ଓଡିଶାଗୃହ ନିର୍ମାଣ ନିଗମର ଅଧ୍ୟକ୍ଷ କଳିକେଶ ନାରାୟଣ ସିଂହଦେଓ, ଅର୍କେଶ ନାରାୟଣ ସିଂହଦେଓ, ବଲାଙ୍ଗିର ପୌର ପରିଷଦ ର ପୌରାଧ୍ୟକ୍ଷା ଲିକା ସାହୁ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ, ବଲାଙ୍ଗିର ବ୍ଲକ୍ ଅଧ୍ୟକ୍ଷା ସରିତା ବାଗ, ଦେଓଗାଁ ବ୍ଲକ୍ ଅଧ୍ୟକ୍ଷା ମଣ୍ଟୁ ଖମାରି ଯୋଗ ଦେଇଥିଲେ।

ଖେଳ ପରିଚାଳନା କରିଥିଲେ ବୁଦ୍ଧିରାଜ ବିଶ୍ୱାଳ, ସତ୍ୟନାରାୟଣ ପଟେଲ, ପୁରନ୍ଦର ସେଠ, ରାଜକୁମାର ପାଣିଗ୍ରାହୀ, କ୍ଷିତେଶ୍ୱର ବିଶ୍ୱାଳ, ସୁଦର୍ଶନ ସେଠ, ସୌରଭ ପ୍ରଧାନ, ଉମାକାନ୍ତ ପ୍ରଧାନ, ବୈକୁଣ୍ଠ ଜେନା, ଜନାର୍ଦ୍ଦନ ସାହୁ, ପ୍ରଶ୍ନାନନ୍ଦ ବାଗ, ରାଜେଶ କୁମ୍ଭାର, ବେଦବ୍ୟାସ ପ୍ରଧାନ, ଗଜାନନ ସାଇ, ବିଭୁତି ସ୍ୱାଇଁ, କୁଞ୍ଜ ବିହାରୀ ବେହେରା, ମୁକେଶ ସ୍ୱାଇଁ, ଜଳନ୍ଧର ସାହୁ, ବଦ୍ରିନାରାୟଣ ନାଏକ।

ପୁରସ୍କାର ବିତରଣୀ ଉତ୍ସବ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ଓଡିଆ ସଂଗୀତ ଜଗତର ଆଗଧାଡିର ଗାୟିକା ଅସୀମା ପଣ୍ଡା, ଯୁବ କଣ୍ଠଶିଳ୍ପୀ ପ୍ରିଆନ ପ୍ରିୟଦର୍ଶନଙ୍କ ସଂଗୀତକୁ ବେଶ୍ ଉପଭୋଗ କରିଥିଲେ ସମବେତ ଦର୍ଶକ। ସଂପାଦକ ସୁମିତ ରଞ୍ଜନ ପୁରୋହିତ ପରିଚାଳନା କରିଥିବା ବେଳେ ଶ୍ରୀପ୍ରଦା ଷଡ଼ଙ୍ଗୀ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ପାଟଣାକପ ଆୟୋଜକ କମିଟିର ସଭାପତି ରାଜେନ୍ଦ୍ର ହୋତା, ନାଗରିକ କମିଟିର ସଭାପତି ତଥା ଜିଲ୍ଲା କ୍ରୀଡା ସଂସଦର କାର୍ଯ୍ୟକାରୀ ସଭାପତି ଡ.ଶ୍ରୀକର ମିଶ୍ର, ବରିଷ୍ଠନେତା ଲକ୍ଷ୍ମଣ ମେହେର, ଘରୋଇ ବସ ମାଲିକ ସଂଘର ସଭାପତି ଦୁର୍ଗାପ୍ରସାଦ ବେହେରା, ବିଜେଡିର ରାଜ୍ୟ ସଂପାଦକ ପ୍ରଦ୍ୟୁତ ମିଶ୍ର, ପୂର୍ବତନ ସଦର ବ୍ଲକ ଅଧ୍ୟକ୍ଷ ଗୁଲାବ ବାଗ, ବିଜୁ ମହିଳା ଜନତାଦଳର ସଭାପତି ଦମୟନ୍ତି ବାଗ, ପୂର୍ବତନ ପୌର ଉପାଧ୍ୟକ୍ଷା ଲିପିଶ୍ରୀ ସାଏ, ଜିଲ୍ଲା ବିଜୁ ଛାତ୍ରଜନତାଦଳର ସଭାପତି ସୁମନ ନନ୍ଦ, ଆଇଟି ସେଲ୍‌ର ବିଭୂତିଭୂଷଣ ମିଶ୍ର, ଦେବବ୍ରତ ବେହେରା, ଲେଙ୍କା ସାହୁ, ସାଗର ସଙ୍ଗମ ଶତପଥୀ ଯୋଗ ଦେଇଥିଲେ। ରାଜେନ୍ଦ୍ର ନାରାୟଣ ସିଂହଦେଓ ସ୍ମୃତି କମିଟି ତରଫରୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଛି।




## ବିଜେତା ଦେଓଗାଁ, ଉପବିଜେତା ବ୍ରାହ୍ମଣୀଯୋର

## ସଂଗୀତରେ ଝୁମାଇଲେ ଅସୀମା ପଣ୍ଡା ଓ ପ୍ରିୟାନ ପ୍ରିୟଦର୍ଶନ

# ନାଗରିକ କମିଟିର ନବନିର୍ବାଚିତ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧନା

**ବଲାଙ୍ଗିର, ୧୭।୩(ସମିସ):** ନାଗରିକ କଲ୍ୟାଣ ମହାସଂଘ ତରଫରୁ ଏକ ସମ୍ବର୍ଦ୍ଧନା ସଭା ସ୍ଥାନୀୟ ସାଇଟ କଲେଜ, ପଲ୍ଲିଶ୍ରୀ ବିହାର, ସଦାଇପାଲି ଠାରେ ଅନୁଷ୍ଠିତ ହୋଇଥିଲା। ସଭାପତି ପ୍ରଭାକର ମିଶ୍ର, କାର୍ଯ୍ୟକାରୀ ସଭାପତି କପିଳେଶ୍ୱର ଖମାରୀ, ଉପସଭାପତି ବ୍ରଜକିଶୋର ପଣ୍ଡା, ସାଧାରଣ ସଂପାଦକ ସୁନୀଲଚନ୍ଦ୍ର ବିଶ୍ୱାଳ, କୋଷାଧ୍ୟକ୍ଷ ଅଶୋକ ଚାନ୍ଦ ଓ ମୁଖ୍ୟ ଉପଦେଷ୍ଟା ପଦ୍ମଚରଣ ଆଚାର୍ଯ୍ୟ ମଞ୍ଚାସୀନ ଥିଲେ। ସଭାପତି ପ୍ରଭାକର ମିଶ୍ର କମିଟିର ଆଭିମୁଖ୍ୟ ତଥା ନବ ନିର୍ବାଚିତ ନାଗରିକ କମିଟିର କର୍ମକର୍ତ୍ତା, ନିର୍ବାଚନ କମିଟିର ନିର୍ବାଚନ ଅଧିକାରୀ, ଉପଅଧିକାରୀଦ୍ୱୟଙ୍କୁ ଓ ସରକାରୀ ଟାଉନ ବାଳିକା ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କୁ ସମ୍ବର୍ଦ୍ଧନା କରିବା ବିଷୟରେ ଗୃହରେ ଉପସ୍ଥାପନ କରିଥିଲେ। ନାଗରିକ କମିଟିର ସଭାପତି ତଥା ସାଇଟ କଲେଜ ପ୍ରତିଷ୍ଠାତା ଡ. ଶ୍ରୀକର ମିଶ୍ର ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ ଯେ ନାଗରିକ କମିଟି କେବଳ ଯେ ବଲାଙ୍ଗିର ସହରାଞ୍ଚଳ ନୁହେଁ ବରଂ ସମଗ୍ର ବଲାଙ୍ଗିର ଜିଲ୍ଲାର ଉନ୍ନତି ପାଇଁ କାର୍ଯ୍ୟ କରିବା ସକାଶେ ବଦ୍ଧ ପରିକର। ମୁଖ୍ୟ ଉପଦେଷ୍ଟା ପଦ୍ମଚରଣ ଆଚାର୍ଯ୍ୟ ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ ଯେ ନାଗରିକ କମିଟିର କର୍ମକର୍ତ୍ତାଙ୍କ ଉପରେ ଜିଲ୍ଲାର ଜନସାଧାରଣଙ୍କର ଅକୁଣ୍ଠ ସମର୍ଥନ ଅଛି। ସମ୍ବର୍ଦ୍ଧନା ସମାରୋହରେ ଏଡ୍‌ଭୋକେଟ ତଥା ନିର୍ବାଚନ ଅଧିକାରୀ ଅଶୋକ ମିଶ୍ର, ନିର୍ବାଚନ ଉପଅଧିକାରୀଦ୍ୱୟ ଗୋବିନ୍ଦ ମିଶ୍ର ଓ ନରେନ୍ଦ୍ର କବାଟ ସରକାରୀ ଟାଉନ ବାଳିକା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନରେନ୍ଦ୍ରନାଥ ମିଶ୍ର, ନାଗରିକ କମିଟିର ସଭାପତି ଡ. ଶ୍ରୀକର ମିଶ୍ର, ଉପସଭାପତି ନିତ୍ୟାନନ୍ଦ ମିଶ୍ର, ସାଧାରଣ ସଂପାଦକ ମଧୁସୂଦନ ନାୟକ, ଯୁଗ୍ମ ସଂପାଦକ ସୁନୀଲଚନ୍ଦ୍ର ବିଶ୍ୱାଳ, କୋଷାଧ୍ୟକ୍ଷ ଗଜେନ୍ଦ୍ର ତ୍ରିଭୁବନଦାଶ ଭମର, କାର୍ଯ୍ୟକାରି କମିଟି ସଦସ୍ୟ ଶରତ ମହାକୁର, ପ୍ରଦୀପ ସାହୁ, ରତୁରାଜ ସିଂ, ବିନୟ ମିଶ୍ର, ପ୍ରଫେସର ତରୁଣ ମିଶ୍ର, ଗୌରଚନ୍ଦ୍ର ପୁରୋହିତ, ଗୋପବନ୍ଧୁ ପୁରୋହିତ, ଡା. ପ୍ରମୋଦ ମିଶ୍ର, ବିନୋଦ ବିହାରୀ ପାଣିଗ୍ରାହୀ, ଧର୍ମବ୍ରତ ରଥ, ନରେନ୍ଦ୍ର ଆଚାର୍ଯ୍ୟ ପ୍ରମୁଖଙ୍କୁ ମେମେଣ୍ଟୋ ତଥା ଉପଢୌକନ ଦେଇ ମହାସଂଘର କର୍ମକର୍ତ୍ତା ସମ୍ବର୍ଦ୍ଧିତ କରିଥିଲେ। ପୂର୍ବତନ ସଭାପତି ତଥା ବିଶିଷ୍ଟ ସମାଜସେବୀ ବିକ୍ରମାନନ୍ଦ ବହିଦାର, ବିଶିଷ୍ଟ ଶିକ୍ଷାବିତ୍ ତଥା ଓଡିଶାର ସର୍ବବୃହତ ଶିକ୍ଷକ ସଂଗଠନ ଓଷ୍ଟାର ପୂର୍ବତନ ସଭାପତି ପୁରନ୍ଦର ଦାଶ, ବରିଷ୍ଠ ସଂଗଠକ ଭଗବାନ ବଗର୍ତି ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏଡଭୋକେଟ ତଥା ଜିଲ୍ଲା କ୍ରୀଡା ସଂସଦର ଉପସଭାପତି କୃଷ୍ଣଚନ୍ଦ୍ର ମିଶ୍ର, ସଦସ୍ୟ ସୁଧିରଚନ୍ଦ୍ର ପଣ୍ଡା, ଅଘରିଆ ସମାଜର ସଂପାଦକ ଦିଗାମ୍ବର ନାଏକ, ସୁଧାଂଶୁ ଶେଖର ବାବୁ, ବରିଷ୍ଠ ନାଗରିକ ମଂଚ ସଭାପତି ନାରାୟଣ ପାଢୀ ଓ ସାଇଟ ସଂପାଦକ ଡ. ନାରାୟଣ ପ୍ରସାଦ ମିଶ୍ର ଉପସ୍ଥିତ ଥିଲେ। ଧନ୍ୟବାଦ ଅର୍ପଣ କରିଥିଲେ କୋଷାଧ୍ୟକ୍ଷ ଅଶୋକ ଚାନ୍ଦ।

# ପଣ୍ଡିତ ପ୍ରୟାଗଦତ୍ତ ଯୋଷୀଙ୍କ ଜନ୍ମଦିନ ପାଳିତ

**ଟିଟିଲାଗଡ଼, ୧୭।୩ (ସମିସ):** ସହରର ଅଗ୍ରଣୀ ଅନୁଷ୍ଠାନ କୋସଲି ଭାଷା ସୁରକ୍ଷା ସମିତି ପକ୍ଷରୁ କୋସଲି ଭାଷା ଆନ୍ଦୋଳନର ଆଦିରଥୀ ପଣ୍ଡିତ ପ୍ରୟାଗଦତ୍ତ ଯୋଷୀଙ୍କ ଜନ୍ମଦିନକୁ 'କୋସଲି ଦିନ' ଭାବରେ ସ୍ଥାନୀୟ ମହାବୀର ଧର୍ମଶାଳା ଠାରେ ପାଳନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଆୟୋଜିତ ସଭାରେ ସମିତିର ଅଧ୍ୟକ୍ଷ ଭିକାରୀ ଚରଣ ମିଶ୍ର ସଭାପତିତ୍ୱ କରିଥିଲେ। ବିଶିଷ୍ଟ ଶିଶୁ ସାହିତ୍ୟିକ ଡ. ଯୁଗଳ କିଶୋର ଷଡଙ୍ଗୀ, ଚଉଷଠି ଯୋଗିନୀ କଳା ସାହିତ୍ୟ ପରିଷଦର ସଭାପତି ଡ. ନାରାୟଣ ମିଶ୍ର, ସାହିତ୍ୟ ସଂସ୍କୃତିର ସଭାପତି ଜ୍ୟୋତିପ୍ରକାଶ ଗଡତ୍ୟା, କୋସଲି ସାଂସ୍କୃତିକ ମହାଯୋଟର ଆଗ ମଂଗୁଆଳ ଟିକେଲାଲ ବେହେରା ତଥା ସମିତିର ସଭାପତି ଦିଲୀପ ପସାୟତ ମଞ୍ଚାସୀନ ଥିଲେ। ଏହି ଭାଷାରେ ଅକାଦେମୀ ପ୍ରତିଷ୍ଠା, ପ୍ରାଥମିକ ସ୍ତରରେ ଶିକ୍ଷାଦାନ ତଥା ଏହାର ବିକାଶ ପାଇଁ ବିଶ୍ୱବିଦ୍ୟାଳୟରେ ଗବେଷଣା ବ୍ୟବସ୍ଥା ଗ୍ରହଣ କରିବା ପ୍ରଭୃତି ଉପରେ ମଞ୍ଚାସୀନ ବ୍ୟକ୍ତିତ୍ୱ ଓ ବୁଦ୍ଧିଜୀବୀଗଣ ମତ ପ୍ରକାଶ କରିଥିଲେ। ପ୍ରଥମେ ସ୍ୱର୍ଗତ ଯୋଷୀଙ୍କ ଚିତ୍ରରେ ମାଲ୍ୟାର୍ପଣ କରିବା ପରେ ଉପସ୍ଥିତ ଭାଷାପ୍ରେମୀ ଭକ୍ତିଅର୍ଘ୍ୟ ପ୍ରଦାନ କରିଥିଲେ। ରଶ୍ମିରଂଜନ ବାଗ, ମହେନ୍ଦ୍ର ପାଣିଗ୍ରାହୀ, ନୀଳମଣି ସାହୁ, ସେବକ ଚରଣ ଦାଶ, କୁବେର ବେହେରା, ଦୁବ ହରପାଲ, ଆଦିମୂଳ ଶତପଥୀ, ପଞ୍ଚାନନ ତାଣ୍ଡି, ସଞ୍ଜୟ ଅଗସ୍ତି, ରାଜ ନାଗ ଓ କୋସଲି କବୟିତ୍ରୀଗଣ ଉପସ୍ଥିତ ଥିଲେ।



# ଅବାଧ, ନିରପେକ୍ଷ ନିର୍ବାଚନ ହେବ: ଜିଲ୍ଲାପାଳ

**ସମ୍ବଲପୁର, ୧୭।୩ (ସମିସ)**

ସାଧାରଣ ନିର୍ବାଚନ ପାଇଁ ବିଗୁଲ ବାଜିଛି। ସମ୍ବଲପୁର ଲୋକସଭାରେ ମେ ୨୫ରେ ମତଦାନ ହେବ। ତେଣୁ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ହୋଇଛି। ମହିଳା ଓ ଦିବ୍ୟାଙ୍ଗଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ନିରପେକ୍ଷ, ସ୍ୱଚ୍ଛ, ଅବାଧ ନିର୍ବାଚନ ହେବ ବୋଲି ଆଜି ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ସୂଚନା ଦେଇଛନ୍ତି। ସେ ଆହୁରି କହିଥିଲେ ଯେ, ନିର୍ବାଚନ ଘୋଷଣା ପରେ ଆଚରଣ ବିଧି ଲାଗୁ ହୋଇଛି। ସମ୍ବଲପୁରର ଲୋକସଭା

**- ୧ ଲକ୍ଷରୁ ଅଧିକ ନୂଆ ଭୋଟର**
**- ମହିଳା ଦିବ୍ୟାଙ୍ଗଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା**

କ୍ଷେତ୍ରରେ ୭ଟି ବିଧାନସଭା ରହିଛି। ଲୋକସଭା କ୍ଷେତ୍ର ପାଇଁ ଜିଲ୍ଲପାଳ ରିଟର୍ଣ୍ଣିଂ ଅଫିସର ଥିବାବେଳେ କୁଚିଣ୍ଡା ବିଧାନସଭା ପାଇଁ ସ୍ଥାନୀୟ ଉପଜିଲ୍ଲାପାଳ, ସମ୍ବଲପୁର ବିଧାନସଭା ପାଇଁ ସମ୍ବଲପୁର ସଦର ଉପଜିଲ୍ଲାପାଳ, ରେଢ଼ାଖୋଲ ପାଇଁ ରେଢ଼ାଖୋଲ ଉପଜିଲ୍ଲାପାଳ ରହିଛନ୍ତି। ଜିଲ୍ଲାରେ ସମୁଦାୟ ୮ ଲକ୍ଷ ୧୩ ହଜାର ୪୨୦ ଭୋଟର ରହିଛନ୍ତି। ସେଥିମଧ୍ୟରୁ ୪ଲକ୍ଷ ୩ ହଜାର ୮୮୩ ଜଣ ପୁରୁଷ ଭୋଟର ରହିଥିବା ବେଳେ ୪ଲକ୍ଷ ୯ହଜାର ୫୪୮ ମହିଳା ଭୋଟର ରହିଛନ୍ତି। ୭୯ଜଣ ତୃତୀୟ ଲିଙ୍ଗ ଭୋଟର ରହିଛନ୍ତି। ଜିଲ୍ଲାରେ ଦିବ୍ୟାଙ୍ଗ ଭୋଟର ୧୬ ହଜାର ୭୪୨ ଜଣ ରହିଛନ୍ତି। ଜିଲ୍ଲାରେ ୯୪୮ ଟି ପୋଲିଂ ସେଣ୍ଟର କରାଯାଇଛି। ମହିଳାଙ୍କ ପାଇଁ ୧୨୨ଟି ସଖି ବୁଥ୍ ବ୍ୟବସ୍ଥା କରାଯାଇଛି। ୧୮ ୯ଟି ମୋଡେଲ ବୁଥ୍ କରାଯାଇଛି। ନୋମିନେସନ ପାଇଁ ଶେଷ ତାରିଖ ୬ ମଇ ରହିଛି। ଜିଲ୍ଲାରେ ୨୫ ମେ ରେ ଭୋଟଦାନ ହେବ ଓ ୪ ଜୁନ୍‌ରେ ଭୋଟ ଗଣତି ହେବ। ନିର୍ବାଚନ ସମୟରେ ଯେପରି କୌଣସି ପ୍ରକାର ଗଣ୍ଡୋଗୋଳ ନହେବ, ଟଙ୍କା ଓ ନିଶା କାରବାର ନହେବ ସେଥିପାଇଁ ସମ୍ବଲପୁର ପୁଲିସ ଓ ଅବକାରୀ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରତି ବୁଥ୍‌ରେ ଜଣେ ପୁଲିସ କର୍ମଚାରୀଙ୍କ ସମେତ ୬ଜଣ ଅଧିକାରୀ ରହିବେ। ଏଥିପାଇଁ ତାଲିମ ପ୍ରଦାନ କରାଯାଉଛି। ମତଦାନ କେନ୍ଦ୍ରଗୁଡ଼ିକରେ ଭୋଟରଙ୍କ ପାଇଁ ପାନୀୟ ଜଳ, ଛାଇ ବ୍ୟବସ୍ଥା ରହିବ। ଦିବ୍ୟାଙ୍ଗ ଓ ବରିଷ୍ଠ ନାଗରିକମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଓ ସୁବିଧା ରହିବ। ବାହାରେ ରହୁଥିବା ଭୋଟରମାନେ ମଧ୍ୟ ମତଦାନ ଅନ୍‌ଲାଇନ ମାଧ୍ୟମରେ କରିପାରିବେ। ହେଲେ ସେମାନଙ୍କୁ ପୂର୍ବରୁ ଆବେଦନ କରିବାକୁ ପଡ଼ିବ। ଆବେଦନ କଲେ ବ୍ୟବସ୍ଥା କରାଯିବ। ନୂତନ ଭୋଟରଙ୍କ ତାଲିକା ପ୍ରକାଶ ହୋଇନାହିଁ। ହେଲେ ମଧ୍ୟ ୪ ଗୋଟି ବିଧାନ ସଭାରେ ୧ ଲକ୍ଷରୁ ଊର୍ଦ୍ଧ୍ୱ ନୂତନ ଭୋଟର ଚଳିତ ନିର୍ବାଚନରେ ମତଦାନ କରିବେ। ମତଦାନ ପରେ ସୁରକ୍ଷିତ ଭାବେ ଇଭିଏମ୍ ଗୁଡ଼ିକ ଭୋଟ ଗଣତି କେନ୍ଦ୍ରକୁ ନିଆଯିବ ସେନେଇ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯିବ। ନିର୍ବାଚନ ସମୟରେ ବିଧାୟକ ପ୍ରାର୍ଥୀମାନେ ୪୦ଲକ୍ଷ ଟଙ୍କା ଓ ଲୋକସଭା ପ୍ରାର୍ଥୀମାନେ ୯୫ ଲକ୍ଷ ଟଙ୍କା ଖର୍ଚ୍ଚ କରିବାର ନିୟମ ରହିଛି। ସମ୍ବେଦନ ଶିଳ ମତଦାନ କେନ୍ଦ୍ରରେ ଭିଡିଓ ଗ୍ରାଫି କରାଯିବ। ଏପରିକି କେତେକ କେନ୍ଦ୍ରରେ ଲାଇଭ କରାଯିବ। ଯାହାକୁ ସିଧାସଳଖ ଜିଲ୍ଲା ଓ ସବ୍‌ଡିଭିଜନ ସ୍ତରରେ ଅଧିକାରୀମାନେ ଦେଖିପାରିବେ ବୋଲି କହିଥିଲେ। ଏସପି ମୁକେଶ କୁମାର ଭାମୁ କହିଥିଲେ, ସୁରକ୍ଷାକୁ ଦୃଷ୍ଟିରେ ରଖି ବ୍ୟାପକ ପୁଲିସ ବ୍ୟବସ୍ଥା କରାଯିବ। ରାଜ୍ୟ ବାହାରୁ ପୁଲିସ ଓ କେନ୍ଦ୍ରୀୟ ସୁରକ୍ଷାବଳ ନିୟୋଜିତ ହେବାର ସମ୍ଭାବନା ରହିଛି। ଏ ପର୍ଯ୍ୟନ୍ତ ଚୂଡ଼ାନ୍ତ ହୋଇନାହିଁ। ବୁଥ୍ ଗୁଡିକରେ ନିୟୋଜିତ ପୁଲିସ କର୍ମଚାରୀ ତାଲିକା କରାଯାଇଛି। ନିଶା, ଟଙ୍କା କାରବାର, ଅପରାଧିକ କାର୍ଯ୍ୟ ରୋକିବା ନେଇ କଡ଼ା ଅଭିମୁଖ୍ୟ ଗ୍ରହଣ କରାଯିବ। ସ୍ୱତନ୍ତ୍ର ସ୍କ୍ୱାର୍ଡ଼ ନିୟୋଜିତ ରହିବେ। ପୁଲିସ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ୨୦ଟି ଚେକ୍‌ପୋଷ୍ଟ ମଧ୍ୟ କରାଯାଇଛି। ଏବେଠାରୁ ଯାଞ୍ଚ କରାଯାଉଛି ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତରିକ୍ତ ଜିଲ୍ଲାପାଳ ଅଜାମ୍ବର ମହାନ୍ତି ଉପସ୍ଥିତ ରହିଥିଲେ।



## ନିଶାମୁକ୍ତ ନିର୍ବାଚନ ନେଇ ଓଡ଼ିଶା- ଛତିଶଗଡ଼ ଅବକାରୀ ବିଭାଗର ଆନ୍ତଃରାଜ୍ୟ ବୈଠକ

**ସମ୍ବଲପୁର, ୧୭।୩(ସମିସ):** ନିର୍ବାଚନକୁ ଶାନ୍ତିଶୃଙ୍ଖଳା ସହ ସମ୍ପନ୍ନ କରିବା ନେଇ ନିର୍ବାଚନ ଆୟୋଗ ଆହ୍ୱାନ ଦେଇଛନ୍ତି। ନିର୍ବାଚନ ସମୟରେ ନିଶା କାରବାର ଉପରେ ରୋକ୍ ଲଗାଇବା ସହ ଅତ୍ୟଧିକ କଡ଼ାକଡ଼ି ଚେକିଂ ଉପରେ ଗୁରୁତ୍ୱ ଦେବା ଲାଗି କୁହାଯାଇଛି। ଏହି ପରିପ୍ରେକ୍ଷୀରେ ବେଆଇନ ନିଶା କାରବାର ଯେମିତି ରୋକାଯାଇ ପାରିବ ସେଥିପ୍ରତି ଗୁରୁତ୍ୱ ଦେଇ ଏକ ବୈଠକ ଆଜି ଅନୁଷ୍ଠିତ ହୋଇଛି। ଛତିଶଗଡ଼ ସହ ଓଡ଼ିଶାର ଅବକାରୀ ବିଭାଗର ଅଧିକାରୀ ଏହି ବୈଠକରେ ଉପସ୍ଥିତ ଥିଲେ। ଛତିଶଗଡ଼ ସୀମାବର୍ତ୍ତୀ ଜିଲ୍ଲା ସହ ସମ୍ବଲପୁର, ବରଗଡ଼, ଝାରସୁଗୁଡା, ସୁନ୍ଦରଗଡ଼, ନୁଆପଡ଼ାର ଅବକାରୀ ବିଭାଗର ଅଧିକାରୀମାନେ ଏହି ଭାର୍ଚୁଆଲ ବୈଠକରେ ଯୋଗ ଦେଇଥିଲେ। କଡ଼ାକଡ଼ି ପାଟ୍ରୋଲିଂ ସହ ସୀମାବର୍ତ୍ତିତ ଅଞ୍ଚଳରେ ମଦ ଚେକିଂ କରିବାକୁ ଆଲୋଚନା ହୋଇଛି। ବୈଠକରେ ସହ ଅବକାରୀ ଆୟୁକ୍ତ ରାଜେନ୍ଦ୍ର ଭୋତ୍ରା, ଇଡିସି ଉତ୍ତରାଞ୍ଚଳ ସମ୍ବଲପୁର ବିଜୟ ସେନ ଶର୍ମା, ଇଡିସି ବିଳାସପୁର ଅରବିନ୍ଦ ପଟଲେ, ଇଡିସି ରାୟପୁର ଶ୍ରୀରାମ କ୍ରିଷ୍ଣା ମିଶ୍ର, ଆସିଷ୍ଟାଣ୍ଟ କମିଶନର ଅବକାରୀ ରାୟଗଡ଼, ସେରଗଡ଼, ଗରିଆବନ୍ଦ, ବରଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼, ନୁଆପଡ଼ାର ଜିଲ୍ଲା ଅବକାରୀ ଅଧିକାରୀ ଉପସ୍ଥିତ ଥିଲେ।



# ଭାରିଯାନ ପାଇଁ ଖୋଲି ଦିଆଯାଉଛି ଜାତୀୟ ରାଜପଥ

**ସମ୍ବଲପୁର/ ଯୁଯୁମୁରା ୧୭।୩ (ସମିସ):** ସମ୍ବଲପୁର-ଅନୁଗୋଳ ଜାତୀୟ ରାଜପଥରେ ଦୁର୍ଘଟଣା ଘଟିବାରେ ରେକର୍ଡ ସୃଷ୍ଟି କଲାଣି। ଏବେ ନିର୍ମାଣଧିନ ରାସ୍ତାକୁ ଖୋଲି ଦିଆଯାଉଛି। ଏକ କମ୍ପାନୀ ଭାରି ଓ ଉଚ୍ଚତା ସମ୍ପନ୍ନ ଯାନ ଯିବା ପାଇଁ ଏଭଳି ରାସ୍ତା ଖୋଲି ଦିଆଯାଇଥିବା ସ୍ଥାନୀୟ ଲୋକମାନେ ଅଭିଯୋଗ କରୁଛନ୍ତି। ଏହାକୁ ନେଇ ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଅଭିଯୋଗ କ୍ରମେ ଜାତୀୟ ରାଜପଥ ୫୫ ରେ ଯୁଯୁମୁରା ଥାନା ଗଡ଼ଗଡ଼ବାହାଲ ନିକଟରେ ରେଳ ଓଭର ବ୍ରିଜ ରହିଛି। ଜାତୀୟ ରାଜପଥ ନିର୍ମାଣ ମଧ୍ୟ କରାଯାଇଛି। ବ୍ରିଜ ତଳକୁ ଛାଡି ଦେଲେ ଉଭୟ ପାର୍ଶ୍ୱରେ ଏବେ କଂକ୍ରିଟ ରାସ୍ତା ମଧ୍ୟ ହୋଇ ସାରିଛି। ହେଲେ ଗତକାଲି ଠାରୁ ଏକ କମ୍ପାନୀର କର୍ମଚାରିମାନେ ଜେସିବି ଲଗାଇ ରାସ୍ତା ଖୋଲି ଦେଇଛନ୍ତି। ଏହା ସହ ରାସ୍ତା କଡରେ ଥିବା ମାଟି ମଧ୍ୟ ଖୋଲିଛନ୍ତି। ସ୍ଥାନୀୟ ଲୋକମାନେ ଘଟଣା ସ୍ଥଳକୁ ଯାଇ କାହା ଅନୁମତିରେ ପଚାରିବାରୁ ଏଥିପାଇଁ ଆମ ପାଖରେ ଅନୁମତି ଅଛି ବୋଲି କହିଥିଲେ। ହେଲେ ଘଟଣା ସ୍ଥଳରୁ କିଛି ସମୟ ପରେ ଫେରାର ହୋଇଯାଇଥିଲେ। ତେଣୁ କରି ସେମାନଙ୍କ ପାଖରେ ଥିବା କାଗଜ ନକଲି ହୋଇ ଥାଇ ପାରେ ବୋଲି ସନ୍ଦେହ କରାଯାଉଛି। ରେଳ ବିଭାଗ ବ୍ରିଜ ତଳେ ମାଟି ଖୋଳିବାକୁ କିଭଳି ଅନୁମତି କିଭଳି ଦେଲା ବୋଲି ପ୍ରଶ୍ନ ଉଠୁଛି। ମାଟି ଯେଭଳି ଭାବେ ଖୋଲି ଦିଆଯାଇଛି ତାହା ରେଳ ବ୍ରିଜ ପାଇଁ ମଧ୍ୟ ବିପଦ ହୋଇ ପାରେ। ସେହିପରି ଜାତୀୟ ରାଜପଥ ରାସ୍ତାକୁ ଖୋଳିଦେବାକୁ କିଏ ଅନୁମତି ଦେଇଛନ୍ତି ବୋଲି ଅଭିଯୋଗ ହେଉଛି। ଅନ୍ୟପଟେ ରେଳ ବିଭାଗ କହିଛିଯେ, ବ୍ରିଜ ନିକଟରେ ଥିବା ଲୁହା ପିଲରକୁ ଖୋଲିବା ଓ ପୁଣି ଲଗାଇବାକୁ ଅନମୁତି ଦିଆଯାଇଥାଏ। ହେଲେ ମାଟି ଖୋଳିବା, ରାସ୍ତା ଖୋଲିବା ପାଇଁ ଅନୁମତି ଦିଆଯାଇ ନଥାଏ। ତେଣୁ




ପକ୍ଷରୁ ନିର୍ମାଣ ଧିନ ରାସ୍ତା ଖୋଲିବା, ରାସ୍ତା କଡରେ ମାଟିକୁ ଉଠାଇ ଦେବା ପାଇଁ ଅନୁମତି ଦିଆଯାଇ ନଥିବା ଅଭିଯୋଗ ହେଉଛି। ଭାରିଯାନ ଚଳାଚଳ କରିବା ପାଇଁ ଅନୁମତି ଦିଆଯାଇଥାଏ। ହେଲେ କରି ଘଟଣା ତଦନ୍ତ କରାଯିବ ବୋଲି କହିଥିଲେ। ଅନ୍ୟପଟେ ଜାତୀୟ ରାଜପଥ ପକ୍ଷରୁ ଘଟଣା ତଦନ୍ତ କରି କାର୍ଯ୍ୟନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଦାବି ହେଉଛି।

## ଜିଲ୍ଲା କଂଗ୍ରେସର ସାମ୍ବାଦିକ ସମ୍ମିଳନୀ

# ବିଜେପିର ମିଥ୍ୟା ପ୍ରତିଶ୍ରୁତିକୁ ପ୍ରସଙ୍ଗ କରିବ କଂଗ୍ରେସ

**ସମ୍ବଲପୁର, ୧୭।୩(ସମିସ):** ସାଧାରଣ ନିର୍ବାନକୁ ନେଇ କଂଗ୍ରେସ ଭୋଟରଙ୍କ ବିଶ୍ୱାସଭାଜନ ହେବା ପାଇଁ ନିର୍ବାଚନୀ ଇସ୍ତାହାର ଘୋଷଣା କରିଛି। ଆଜି ସମ୍ବଲପୁର ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ସାମ୍ବାଦିକ ସମ୍ମିଳନୀ କରି ନେତାମାନେ ନିର୍ବାଚନୀ ଇସ୍ତାହାର ଘୋଷଣା କରିଥିଲେ। କେନ୍ଦ୍ରର ବିଭିନ୍ନ ପ୍ରକାର ବିଫଳତାକୁ ଲୋକଲୋଚନକୁ ଆଣି ଭୋଟ ଭିକ୍ଷା କରିବେ ବୋଲି ଜିଲ୍ଲା କଂଗ୍ରେସ ସଭାପତି ଜୟଶଙ୍କର ମିଶ୍ର କହିଥିଲେ। ସେ ଆହୁରି କହିଥିଲେ, ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ କଂଗ୍ରେସ ଗ୍ୟାରେଣ୍ଟି କାର୍ଡ ଖୋଲିଛି। ମହିଳା, କୃଷକ, ସ୍ୱୟଂ ସହାୟକ ଗୋଷ୍ଠୀ ଓ ଯୁବଗୋଷ୍ଠୀଙ୍କ ପାଇଁ କଂଗ୍ରେସର ସଂକଳ୍ପ ପତ୍ରରେ ୯ଟି ଘୋଷଣା ରହିଛି। ଏହା ଭିତରେ ୧୦ଟି ଗ୍ୟାରେଣ୍ଟି କଥା କୁହାଯାଉଛି। ବୋନସ୍ ମହ ଧାନ କ୍ରୟ ମୂଲ୍ୟ କ୍ୱିଣ୍ଟାଲ ପିଛା ୩ ହଜାର ଟଙ୍କା, କୃଷି ଋଣ ଛାଡ଼, କୃଷକଙ୍କ ପାଇଁ ମାସିକ ୨ହଜାର ଟଙ୍କା ପେନସନ, ପ୍ରତ୍ୟେକ ଘରୋଇ ଉପରୋକ୍ତାଙ୍କ ପାଇଁ ୨ଶହ ୟୁନିଟ୍ ବିଦ୍ୟୁତ୍ ମାଗଣା, ଯୁବକଯୁବତୀଙ୍କ ପାଇଁ ନିଯୁକ୍ତି, ସମସ୍ତ ସ୍ୱୟଂ ସହାୟକ ଗୋଷ୍ଠୀର ବ୍ୟାଙ୍କ ଋଣ ଛାଡ଼, ଗୃହଲକ୍ଷ୍ମୀ ଯୋଜନାରେ ପ୍ରତ୍ୟେକ ଘରର ମୁଖ୍ୟଙ୍କୁ ମାସିକ ୨ହଜାର ଭତ୍ତା, ପ୍ରତି ପରିବାରକୁ ୫ଶହ ଟଙ୍କାରେ ମାସକୁ ଗୋଟିଏ ସିଲିଣ୍ଡର, ସରକାରୀ କର୍ମଚାରୀଙ୍କ ସମେତ ସମସ୍ତଙ୍କ ପାଇଁ ୨୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସରକାରୀ ଓ ବେସରକାରୀ ଚିକିତ୍ସାଳୟରେ ମାଗଣା ଚିକିତ୍ସା ସୁବିଧା, ବାର୍ଦ୍ଧକ୍ୟ, ବିଧବା ଓ ଦିବ୍ୟାଙ୍ଗ ଭାତ୍ତା ମାସିକ ୨ହଜାର, ରାଜ୍ୟରେ ଜାତି ଭିତ୍ତିକ ସମାନତା ଓ ଆର୍ଥିକ ସର୍ଭେ ପୂର୍ବରୁ ତୁରନ୍ତ ଶିକ୍ଷାନୁଷ୍ଠାନ ଓ ଚାକିରୀ କ୍ଷେତ୍ରରେ ପଛୁଆବର୍ଗ ପାଇଁ ୨୭ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ରହିଥିବା ନେତୃବୃନ୍ଦ ସୂଚନା ଦେଇଥିଲେ। ସରକାର ଗଠନର ଦିନକ ଭିତରେ 'ପେସା' ଆଇନ ପ୍ରଣୟନ, ନିଶାମୁକ୍ତ ଗାଁକୁ ପୁରସ୍କାର, ଆଦିବାସୀ ଦଳିତ, ଏସ୍‌ସି ଓ ଏସ୍‌ଟିଙ୍କ ଉପରେ ଥିବା ଜମିଜମା ସଂପର୍କିତ ଫୌଜଦାରୀ ମାମଲା ୧୦୦ଦିନ ଭିତରେ ପ୍ରତ୍ୟାହର କରିବା ପାଇଁ କଂଗ୍ରେସ ନିଜ ଇସ୍ତାହାର ପତ୍ରରେ ଘୋଷଣା କରିଛି। ଚିଟ୍‌ଫଣ୍ଡ ଦୁର୍ନୀତିରେ ପ୍ରଭାବିତ ହୋଇଥିବା ପରିବାରକୁ ଟଙ୍କା ଫେରାଇବାକୁ ବ୍ୟବସ୍ଥା କରାଯିବ ବୋଲି ସୂଚନା ଦିଆଯାଇଛି। ଆଜିର ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ସଭାପତି ଜୟ ଶଙ୍କର ମିଶ୍ର, ପୂର୍ବତନ ବିଧାୟକ ଦୁର୍ଯ୍ୟୋଧନ ଗଡ଼ିରିଆ, ଅଶ୍ୱିନୀ ଗୁରୁଙ୍କ ସମେତ ଦୁଲାଲ ପ୍ରଧାନ, ଅମିତ ଗୁରୁ, ଗୋବିନ୍ଦ ମିଶ୍ର, ମନୋରଞ୍ଜନ ଦାସ, ଜିଲ୍ଲା ମହିଳା ସଭାନେତ୍ରୀ ବିଜୟଲକ୍ଷ୍ମୀ ବେହେରା, ସୁବାସ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।



# ଭାରତୀୟ ସଂସ୍କୃତି, ପରମ୍ପରା ସହ ଶିକ୍ଷାର ବିକାଶ ଲୋଡ଼ା

**ପଡ଼ିଆବାହାଲ, ୧୭ ।୩(ସମିସ):** ଭାରତୀୟ ସଂସ୍କୃତି ଓ ପରମ୍ପରା ସହିତ ଶିକ୍ଷାର୍ଥୀଙ୍କ ମଧ୍ୟରେ ଶିକ୍ଷା ଦକ୍ଷତା ବିକାଶ ହିଁ ଅସଲ ବିଦ୍ୟାଳୟର ପରିଚୟ ବୋଲି ଆଜି ମତ ପ୍ରକାଶ ପାଇଛି। ମୁଣ୍ଡେନପାଲି ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଦ୍ୱାଦଶତମ ବାର୍ଷିକ ଉତ୍ସବରେ ବକ୍ତାମାନେ ଯୋଗଦେଇ ଏଭଳି ମନ୍ତବ୍ୟ ରଖିଛନ୍ତି। ସଭାରେ କୁଚିଣ୍ଡାର ପୁର୍ବତନ ବିଧାୟକ ରବି ନାରାୟଣ ନାଏକ-ମୁଖ୍ୟଅତିଥି, ଖଣ୍ଡପଥର ଶିକ୍ଷାଶ୍ରମର ପ୍ରଧାନ ଶିକ୍ଷକ ତଥା ବିତ୍ତଅଧିକାରୀ ରାଜେନ୍ଦ୍ର କୁମାର ଜଗତ-ମୁଖ୍ୟବକ୍ତା ଓ ସମ୍ମାନୀତ ଅତିଥି ଭାବେ ଅବସର ପ୍ରାପ୍ତ ଶିକ୍ଷକ ଦିଲ୍ଲିପ ବହିଦାର, ସମ୍ବଲପୁର ନର୍ସି କଲେଜର ପରିଚାଳନା ନିର୍ଦ୍ଦେଶକ ରଘୁନନ୍ଦନ ନାୟକ ଯୋଗଦେଇ ଶିକ୍ଷାର୍ଥୀ ସଳିତା ହେଲେ ଶିକ୍ଷକ ଶିକ୍ଷୟତ୍ରୀ ମାନେ ଘିଅ ଭଳି ପ୍ରଦୀପ ଦିପ୍ତୀର ନିଦର୍ଶନ ବୋଲି କହିଥିଲେ।ଏପରିକି ସଂସ୍କୃତି ଓ ପରମ୍ପରା ଶିକ୍ଷାର ମାନଦଣ୍ଡକୁ ଅଭିବୃଦ୍ଧି କରିଥାଏ ବୋଲି ଦର୍ଶାଇଥିଲେ। ପ୍ରାରମ୍ଭରେ ଅନୁଷ୍ଠାନର ପ୍ରଧାନ ଆଚାର୍ଯ୍ୟା ସୁଶ୍ରୀ ଜ୍ୟୋତିର୍ମୟୀ ବାଗ ବାର୍ଷିକ ବିବରଣୀ ପାଠ କରିଥିଲେ। ସଭାରେ ଅଞ୍ଚଳର ସାମାଜିକ କର୍ମୀ ଡା. ରାଜାରାମ ଷଡଙ୍ଗୀ ଅଧକ୍ଷତା କରିଥିଲେ।ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଶିକ୍ଷାର୍ଥୀ ମାନଙ୍କୁ ପୁରସ୍କାର ଅତିଥି ମାନଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା।ଏହାକୁ ଆଚାର୍ଯ୍ୟା ସଙ୍ଗୀତା ବେହେରା ପରିଚାଳନା କରିଥିଲେ। ସଭାପତି ସରୋଜ କୁମାର ନାଥ ଅତିଥି ପରିଚୟ ଦେବା ସହ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।ବନ୍ଦେ ଉତ୍କଳ ଜନନୀ ଗାନ ପରେ ସଭା ସାଙ୍ଗ ହୋଇ ଶିକ୍ଷାର୍ଥୀ ମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ ବିଚିତ୍ରା କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି ଅବସରରେ ଆରୟାନ ବେସନ, ଓମ୍ ମିର୍ଧା, ଅଦ୍ଯୁଶା ବେହେରା ଓ ପ୍ରତିକ ପ୍ରଧାନଙ୍କୁ ଚମ୍ପିଆନ ଭାବେ ଓ ଶ୍ରେଷ୍ଠ ଶିକ୍ଷାର୍ଥୀ ଭାବେ ଗୁନିଥ ପ୍ରଧାନ(ଅରୁଣା), ପିୟୁଷ ରାଜ ସାହୁ(ଉଦୟ), ତୋଶନ ଖମାରୀ-୧ମ, ସିନେ ପ୍ରିୟଦର୍ଶିନୀ ପ୍ରଧାନ-୨ୟ, ସମ୍ବିତ ଶେଖର ରାଉତ-୩ୟ, ବିଭବ କୁମାର ବେହେରା-୪ର୍ଥ, ଅଦ୍ୟାଶା ବେହେରା-୫ମ, ଲୁସୀ ପ୍ରଧାନ-୬ଷ୍ଠ, ସୌରଭ କୁମାର ବାଗ୍-୭ମ ଓ ବିନୟ କୁମାର ନାୟକ-୮ମଙ୍କୁ ପ୍ରମାଣପତ୍ର ଓ ସିଲ୍ଡ ପ୍ରଦାନ କରାଯାଇ ସମ୍ମାନୀତ କରାଯାଇଥିଲା।

## ନାଗଦୋ ଓ ଲୁଢରଠାରେ ସ୍ୱାସ୍ଥ୍ୟ ଶିବିର

**କୁଚିଣ୍ଡା,୧୭ ।୩(ସମିସ):** ସମନ୍ୱିତ ୱାଡି ପ୍ରକଳ୍ପ ଲଇମୁରା ପକ୍ଷରୁ ନାବାର୍ଡର ସହାୟତା ଓ ସାର୍କର ପରିଚାଳନାରେ ଆଜି ଲଇମୁରା ପଞ୍ଚାୟତର ନାଗଦୋ ଓ ଡିମିରିକୁଦା ପଞ୍ଚାୟତର ଲୁଢ଼ରଠାରେ ୨ଟି ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ସାର୍କର ସଂପାଦକ ଅଶୋକ କୁମାର ପାଣିଗ୍ରାହୀ ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଡା.ରାଜାରାମ ଷଡ଼ଙ୍ଗୀ ବିଭିନ୍ନ ରୋଗରେ ପୀଡ଼ିତ ଲୋକମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଔଷଧ ବଣ୍ଟନ କରିଥିଲେ। ପ୍ରକଳ୍ପ ଯୋଜନା ପ୍ରବନ୍ଧକ ଲୋକନାଥ କଉଡି, ପ୍ରକଳ୍ପ ସଂଯୋଜକ ସୁରେନ୍ଦ୍ର ଭୋଇ, ଭିଏଲଡବ୍ଲୁ କ୍ଷମା ସାଗର ସାମଲ ଓ ବିକାଶ ରଞ୍ଜନ ଭୋଇ ପରିଚାଳନା କରିଥିଲେ।

## ପ୍ରଜ୍ଞାଙ୍କୁ ନୂତନ ଦାୟିତ୍ୱ

**ରେଙ୍ଗାଲି, ୧୭।୩(ସମିସ):** ସମ୍ବଲପୁର ଜିଲ୍ଲା ରେଙ୍ଗାଲି ବ୍ଲକ କତରବଗା ପଞ୍ଚାୟତ ଗୋଲାମାଳ ଗ୍ରାମର ପ୍ରଜ୍ଞାନନ୍ଦ ପୋଢ଼ ବିଜୁ ଯୁବ ଜନତା ଦଳ ରାଜ୍ୟ ସାଧାରଣ ସମ୍ପାଦକ ନିଯୁକ୍ତ ହୋଇଛନ୍ତି। ତାଙ୍କ ଉପରେ ବିଶ୍ୱାସ କରି ତାଙ୍କୁ ବିଜୁ ଯୁବ ଜନତା ଦଳ ରାଜ୍ୟ ସାଧାରଣ ସମ୍ପାଦକ ନିଯୁକ୍ତ ଦେଇଥିବାରୁ ସେ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି। ତାଙ୍କ ନିଯୁକ୍ତି ରେଙ୍ଗାଲି ବିଜେଡି ମହଲରେ ଉତ୍ସାହ ଭରି ଦେଇଛି।



## କୁଚିଣ୍ଡା ହସ୍ପିଟାଲକୁ 'ଆମ ହସ୍ପିଟାଲ'

# ରୂପାନ୍ତରୀକରଣ ଓ ଡାଏଲିସିସ ସେଣ୍ଟର ଉଦ୍‌ଘାଟନ

**କୁଚିଣ୍ଡା, ୨୧।୨(ସମିସ):** କୁଚିଣ୍ଡା ଉପଖଣ୍ଡ ହସ୍ପିଟାଲ ଫେବ୍ରୁଆରୀ ୧୭ ତାରିଖ ଠାରୁ ଆମ ହସ୍ପିଟାଲ ରୂପେ ରୂପାନ୍ତରୀତ ହୋଇସାରିଛି। ସେହିପରି ଡାଇଲେସିସ ସେଣ୍ଟର ଉଦ୍‌ଘାଟନ ହେବା ଦିନଠାରୁ ୨ଜଣ କିଡ଼ନୀ ରୋଗୀଙ୍କ ଡାଇଲେସିସ ହୋଇ ସାରିଛି। ପ୍ରଥମ ଡାଇଲେସିସ ରୋଗୀ ମହୁଲପାଲି ନିକଟସ୍ଥ ବାଲି ତୁରେଇ ଗ୍ରାମର ସୁଶାନ୍ତ କିସାନଙ୍କ ସ୍ୱାସ୍ଥ୍ୟବସ୍ତା ସ୍ଥିର ଅଛି। ହସ୍ପିଟାଲରେ ଡାକ୍ତର ସଂଖ୍ୟା ସନ୍ତୋଷଜନକ ଥିବାବେଳେ ସମସ୍ତ ଡାକ୍ତରଙ୍କ ଉତ୍ତମ ବ୍ୟବହାର ଥିବାବେଳେ ଜଣେ ଦୁଇଜଣ ଡାକ୍ତର ନିଜକୁ ପ୍ରଭାବଶାଳୀ ଡାକ୍ତର ବୋଲାଇବା ସହ ବହୁ ସମୟରେ ରୋଗୀଙ୍କୁ ଦୁର୍ବ୍ୟବହାର କରିବାରେ ପଛାଉ ନାହାନ୍ତି। ନର୍ସଙ୍କ ଉତ୍ତମ ସେବା ଯୋଗୁଁ ରୋଗୀଙ୍କ ନୂତନ ଜୀବନ ସୃଷ୍ଟି କରୁଛି। ରାଜ୍ୟ ସରକାରଙ୍କ ଦ୍ୱାରା ଗରୀବ ଶ୍ରେଣୀଙ୍କୁ ନିରାମୟ ଯୋଜନାରେ ମାଗଣା ଔଷଧ ବଣ୍ଟନ ହେତୁ ରୋଗୀଙ୍କ ହୃଦୟରେ ଆନନ୍ଦ ଭରି ଦେଉଛି। ଏଥି ନିମନ୍ତେ ରାଜ୍ୟ ସରକାର ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଦେଉଛନ୍ତି। ପୂର୍ବ ଅପେକ୍ଷା ଏବେ କିନ୍ତୁ ସରକାରଙ୍କ ହସ୍ତକ୍ଷେପ ପରେ ଡାକ୍ତରଖାନାର ପରିବେଶ ଚକାଚକ୍, ସୁନ୍ଦର ଲାଇଟ୍ ବ୍ୟବସ୍ଥା, ରୋଗୀ ଓ ରୋଗୀ ପରିଜନଙ୍କ ପାଇଁ ଆଶ୍ରୟ ସ୍ଥଳୀ, ଏଲ୍‌ଇଡି ମାଧ୍ୟମରେ ରୋଗୀ ଓ ରୋଗ ସମ୍ବନ୍ଧରେ ଜନସାଧାରଣଙ୍କୁ ସୂଚନା ପ୍ରଦାନ ଏସବୁ ବହୁ ଲୋକଙ୍କୁ ଡାକ୍ତରଖାନାକୁ ଆକର୍ଷଣ କରୁଛି। ପ୍ରତ୍ୟେକ ଦିନ ଆଉଟ୍‌ଡୋର୍ ଓ ଇନଡୋରରେ ୩ ରୁ ୪ଶହରୁ ଅଧିକ ରୋଗୀ ଆସି ଉତ୍ତମ ସେବା ପାଇ ନିରୋଗ ହୋଇ ଘରକୁ ଫେରୁଛନ୍ତି। ପୂର୍ବରୁ ଡାଇଲେସିସ ସେଣ୍ଟର ନଥିବାରୁ ଗରୀବ ରୋଗୀ ବହୁ ଖର୍ଚ୍ଚାନ୍ତ ହୋଇ ସୁଦୂର ଦେବଗଡ଼, ସମ୍ବଲପୁର, ଝାରସୁଗୁଡ଼ା, ରାଉରକେଲା ଯାଇ ସର୍ବସାନ୍ତ ହୋଇ ଘରକୁ ଫେରୁଥିଲେ। ଏବେ କୁଚିଣ୍ଡାରେ ନିଃଶୁଳ୍କ ଡାଇଲେସିସ ସେବା ହେବାଦ୍ୱାରା ଅନେକ କିଡ଼ନୀ ରୋଗୀ ବେଶ୍ ଆରାମରେ ଡାଇଲେସିସ ସେବା ପାଇପାରୁଛନ୍ତି। ରାଜ୍ୟ ସରକାରଙ୍କ ଏପରି ପଦକ୍ଷେପକୁ ଅଞ୍ଚଳବାସୀ ବହୁତ ପ୍ରଶଂସା କରୁଛନ୍ତି। ଡାଇଲେସିସ ସେଣ୍ଟରରେ ଏପର୍ଯ୍ୟନ୍ତ ସଂସ୍ଥା ପକ୍ଷରୁ ଡାକ୍ତର ନଥିବା ବେଳେ ୨ଜଣ ଟେକନିସିଆନ, ଜଣେ ନର୍ସ, ଜଣେ ଆଟେଣ୍ଡେଣ୍ଟ, ସଫେଇ କର୍ମଚାରୀ ଅବସ୍ଥାପିତ ଅଛନ୍ତି। ଆଗକୁ ଆହୁରି ଉନ୍ନତମାନର ଯନ୍ତ୍ରପାତି ପରିଚାଳକ ଆସିବାର ଯୋଜନା ରହିଥିବା ବେଳେ ଆମ ହସ୍ପିଟାଲ ସମ୍ପୂର୍ଣ୍ଣ ରୂପରେଖ ବଦଳିଯାଇ ଅଞ୍ଚଳବାସୀ ଉତ୍ତମ ସେବା ପାଇପାରିବେ ବୋଲି ଆଶା ରହିଛି।

## ଗ୍ରାମକୁ ରାସ୍ତା ନ ହେଲେ ଭୋଟ୍ ମନା

# ନିର୍ବାଚନୀ ପ୍ରଚାର ପାଇଁ ନେତା ପଶି ପାରିବେନି

**ରେଢ଼ାଖୋଲ, ୧୭।୩(ସମିସ)**

ଗାଁକୁ ରାସ୍ତା ନାହିଁ ତ ଭୋଟ ନାହିଁ। ନିର୍ବାଚନୀ ପ୍ରଚାରବେଳେ ସମସ୍ତ ଦଳର ନେତାଙ୍କୁ ଗ୍ରାମକୁ ପ୍ରବେଶ ନିଷେଧ କରାଯିବ ବୋଲି




ନାକଟିଦେଉଳ ବ୍ଲକ କିସିଣ୍ଡା ଥାନା ଅଧୀନ ପାଣିମୁରା ଗ୍ରାମ ପଞ୍ଚାୟତର ତାଲବ, ଗରିଆଖମଣ, ଡିମିରିକୁଦା, କଟାସାହିର ଆଦିବାସୀ ସମ୍ପ୍ରଦାୟର ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ପୂର୍ବରୁ ଉକ୍ତ ଅଞ୍ଚଳଗୁଡ଼ିକ ମାଓ ଅଧ୍ୟୁଷିତ ଲାଲ୍ ସଲାମ୍ ଅଞ୍ଚଳ ଭାବେ ସାରା ଓଡ଼ିଶାରେ ଚହଳ ସୃଷ୍ଟି କରିଥିଲା। ତେବେ ଏବେ କିନ୍ତୁ ମାଓ କବଳରୁ ମୁକ୍ତ ହୋଇଥିଲେ ମଧ୍ୟ ଏହି ଗାଁ ଗୁଡ଼ିକୁ ବିକାଶ ପହଞ୍ଚି ପାରିନାହିଁ। ଉପଖଣ୍ଡର ୧୨ଟି ଛୋଟ ଛୋଟ ଗାଁରେ ୩ହଜାରରୁ ଊର୍ଦ୍ଧ୍ୱ ଭୋଟର ରହିଛନ୍ତି। ତେବେ ସେମାନେ ପ୍ରଶାସନିକ ଅବହେଳା ଯୋଗୁ ମୌଳିକ ସରକାରୀ ସୁବିଧା ସୁଯୋଗରୁ ବଞ୍ଚିତ ରହିଛନ୍ତି ବୋଲି ଉଦ୍‌ବେଗ ପ୍ରକାଶ କରୁଛନ୍ତି। ସବୁ ପ୍ରକାର ଯୋଗାଯୋଗ ପାଇଁ ରହିଥିବା ୧୫କିମି ରାସ୍ତା ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। କିସିଣ୍ଡା ଥାନା ଅଧୀନରେ ରହିଥିବା ଏହି ରାସ୍ତାରେ ଗାଡ଼ିମଟର ତ ଦୂରର କଥା ସାଇକେଲରେ ମଧ୍ୟ ଯାଇ ହେଉନାହିଁ। ତେଣୁ ଗ୍ରାମବାସୀ ମାନେ ୩୦ କିମି ରାସ୍ତା ଅତିକ୍ରମ କରି କିସିଣ୍ଡାକୁ ଆସୁଛନ୍ତି। ତା'ସହିତ ପାଣିମୁରା ପଞ୍ଚାୟତକୁ ରାସନ୍ କାର୍ଡରେ ଚାଉଳ ନେବାକୁ ଟେମ୍ପୁ ଭଡ଼ା କରି ଆସି ଗ୍ରାମବାସୀ ଅଯଥା ଖର୍ଚ୍ଚାନ୍ତ ହେଉଛନ୍ତି। ଗ୍ରାମକୁ ବର୍ଷା ଋତୁରେ ଆମ୍ବୁଲାନ୍ସ ସେବା ଆସିପାରୁ ନ ଥିବାରୁ ବହୁ ସମୟରେ ଖଟିଆରେ ରୋଗୀ ବୋହିବା ଦେଖିବାକୁ ମିଳେ। ପୂର୍ବରୁ ୨୦୦୨ ମସିହାରେ ପ୍ରଥମଥର ପାଇଁ ଆର୍‌ଡି ବିଭାଗ ପକ୍ଷରୁ ମୁରୁମ୍ ମାଟି ପକାଇ କାମଚଳା ରାସ୍ତା ନିର୍ମାଣ କରାଯାଇଥିଲା। ତା'ସହିତ ୨୦୧୭ ମସିହାରେ ଜରାସିଂଘାଠାରୁ ଗରିଆଖମଣ ଗ୍ରାମକୁ ରାସ୍ତାରେ ଏକ ପୋଲ ରେଢ଼ାଖୋଲ ବିଧାୟକ ରୋହିତ ପୂଜାରୀ ଉଦ୍‌ଘାଟନ କରିଥିଲେ। ସେହି ପୋଲଟି ଏବେ ଉଭୟ ପାର୍ଶ୍ୱରେ ମାଟି ଖାଇଗଲାଣି। ବର୍ଷା ଋତୁରେ ପାଣି ବଢ଼ି ଆସିଲେ ପୋଲଟି ଭାଙ୍ଗି ଯିବାର ସମ୍ଭାବନା ରହିଛି। ଏ ଦିଗରେ ପ୍ରଶାସନ ଦୃଷ୍ଟି ପକାଉ ନାହିଁ। ପୂର୍ବରୁ ୧୫କିମି ରାସ୍ତା ନିର୍ମାଣ ପାଇଁ ବାରମ୍ବାର ପ୍ରଶାସନ ଜରିଆରେ ଗ୍ରାମବାସୀ ମାନେ ସରକାର ଙ୍କୁ ଅଭିଯୋଗ କରିଥିଲେ ମଧ୍ୟ କିଛି ସୁଫଳ ମିଳି ପାରିନାହିଁ। ସେଥିପାଇଁ ଗ୍ରାମବାସୀ ମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ତେଣୁ ଗ୍ରାମବାସୀ ପ୍ରତିବାଦ ସଭା କରି ନିଷ୍ପତ୍ତି ନେଇଛନ୍ତି ଯେ ଆସନ୍ତା ନିର୍ବାଚନରେ ଭୋଟ ବର୍ଜନ କରିବା ସହିତ ସମସ୍ତ ଦଳର ନେତାଙ୍କୁ ନିର୍ବାଚନୀ ପ୍ରଚାର ପାଇଁ ଗ୍ରାମକୁ ପ୍ରବେଶ ନିଷେଧ କରିବେ। ଏଥିରେ ଉକ୍ତ ଗ୍ରାମର ବହୁ ସଂଖ୍ୟାରେ ଆଦିବାସୀ ସମ୍ପ୍ରଦାୟ ଗ୍ରାମବାସୀମାନେ ସାମିଲ ରହିଥିଲେ।



ଚତୁର୍ଥ ଶ୍ରାଦ୍ଧବାର୍ଷିକୀ



୰ ଲାଲବାହାଦୂର ସାହୁ
(ପୂର୍ବତନ ନଗରପାଳ, କୋଣାର୍କ ଏନଏସି )
ଆବିର୍ଭାବ:- ୧୧.୦୧.୧୯୬୬
ତିରୋଧାନ:- ୧୮.୦୩.୨୦୨୦
ଆପଣଙ୍କ ଅମର ଆତ୍ମାର ସଦଗତି ପାଇଁ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା ।
-: ଶୋକସନ୍ତପ୍ତ :-
ପତ୍ନୀ,ପୁଅ, ବୋହୂ, ଝିଅ, ଜ୍ୱାଇଁ ଓ ବନ୍ଧୁ ପରିବାରବର୍ଗ

## କୂଅ ଭିତରୁ ଗଳିତ ଶବ ଉଦ୍ଧାର

**ଗାଇସିଲେଟ, ୧୭।୩(ସମିସ):** ଗାଇସିଲେଟ ବ୍ଲକ ଅନ୍ତର୍ଗତ କନ୍ଦାଗାଡର ସୁରେନ୍ଦ୍ର ବରିହା (୩୦) ଗତ ମାର୍ଚ୍ଚ ୬ ତାରିଖରୁ ନିଖୋଜ ଥିଲେ। ପଡୋଶୀ ବାବେବାହାଲ ଗାଁର ଏକ ଖେତ କୂଅରୁ ତାଙ୍କ ଗଳିତ ମୃତଦେହ ଭାସୁଥିବା ଲୋକେ ଦେଖିଥିଲେ। ପରେ ସ୍ଥାନୀୟ ଲୋକଙ୍କ ପାଖରୁ ଖବର ପାଇ ପରିବାର ଲୋକେ ପହଞ୍ଚି ଦେଖିଥିଲେ। ଗାଇସିଲେଟ ଥାନାରେ ଅଭିଯୋଗ ପରେ ଥାନାଧିକାରୀ ପ୍ରଶାନ୍ତ ସାମଲ ଓ ଅଗ୍ନିଶମ ବାହିନୀ ଘଟଣାସ୍ଥଳକୁ ପହଞ୍ଚି ଶବକୁ ବ୍ୟବଚ୍ଛେଦ ପାଇଁ ପଦ୍ମପୁରକୁ ପଠାଛନ୍ତି। ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇ ତଦନ୍ତ ଜାରି ରହିଛି।

## ଗଞ୍ଜେଇ ଚାଲାଣ ବେଳେ ୨ ଗିରଫ

**ବରଗଡ଼, ୧୭।୩(ସମିସ):** ବରଗଡ଼ ଲମ୍ବା ବିଲ୍ଡିଂ ଛକ ନିକଟରେ ବିପୁଳ ପରିମାଣର ଗଞ୍ଜେଇ ସହ ଦୁଇ ଜଣଙ୍କୁ ଗିରଫ କରିଛି ପୁଲିସ। ଗିରଫ ଯୁବକମାନେ ଛତିଶଗଡ଼ ଶକ୍ତିର ବାସୁଦେବ ସାହୁ ଏବଂ ଅମିତ କୁମାର



ବୋଲି ପୁଲିସ ସୂଚନା ଦେଇଛି। ପ୍ରାୟ ୮ କେଜି ଗଞ୍ଜେଇ ଏବଂ ଗୋଟିଏ ମୋଟର ସାଇକଲ ଜବତ କରିଛି ପୁଲିସ। ଜବତ ଗଞ୍ଜେଇ ବୌଦ୍ଧ ଅଞ୍ଚଳରୁ ଛତିଶଗଡ଼କୁ ଚାଲାଣ ହେଉଥିବା ବେଳେ ପୁଲିସ ସେମାନଙ୍କ ପିଛା କରି ଲମ୍ବା ବିଲଡିଂ ଛକରେ ଧରିବାକୁ ସକ୍ଷମ ହୋଇଥିଲା। ପୁଲିସ ସେମାନଙ୍କ ବ୍ୟାଗ ଯାଞ୍ଚ କରିବା ସମୟରେ ସେଥିରୁ ଚାଲାଣ ହେଉଥିବା ଗଞ୍ଜେଇ ଜବତ କରିଥିଲା। ଏନେଇ ବରଗଡ଼ ଟାଉନ ଥାନା ପୁଲିସ ଏକ ମାମଲା ରୁଜୁକରି ତଦନ୍ତ ଜାରି ରଖିଛି।

## ଘର ହିଁ ବିଦ୍ୟାଳୟ ପ୍ରକଳ୍ପ ତୃତୀୟ ପର୍ଯ୍ୟାୟ

**ପଦ୍ମପୁର, ୧୭।୩(ସମିସ):** ପଦ୍ମପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଶିଶୁ ବାଟିକା ବିଭାଗର ନୂତନ ଶିକ୍ଷାବର୍ଷ ପାଇଁ ଘର ହିଁ ବିଦ୍ୟାଳୟ ତୃତୀୟ ପର୍ଯ୍ୟାୟ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷା ବିକାଶ ସମିତି କେନ୍ଦ୍ରୀୟ ସଦସ୍ୟ ସୁବାସ ସାହୁ ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ। ଆଚାର୍ଯ୍ୟ ଦୀନବନ୍ଧୁ ଦେହେରୀ ଅତିଥି ପରିଚୟ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସଂକୁଳ ଶିଶୁ ବାଟିକା ପ୍ରମୁଖ ସୁଜାତା ତ୍ରିପାଠୀ ସୂଚନା ପ୍ରଦାନ କରିଥିଲେ। ଯାମିନୀ ଗୁରୁମା ସଂଯୋଜନା କରିଥିବା ବେଳେ ଶିଶୁ ବାଟିକା ବିଭାଗର ଗୁରୁଜୀ ଗୁରୁମା'ଙ୍କ ଦ୍ୱାରା ପ୍ରାୟଗିକ କାଳାଂଶ କରାଯାଇଥିଲା। ଘର ତିଆରି ୭୩ ପ୍ରକାର ପୁଷ୍ଟିକର ବିଭିନ୍ନ ପ୍ରକାର ଖାଦ୍ୟ ର ପ୍ରଦର୍ଶନୀ ହୋଇଥିଲା। ସଭାପତି ପୃଥିରାଜ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ୫୨ ଜଣ ନୂତନ ଅଭିଭାବକ ଅଭିଭାବିକା ଯୋଗ ଦେଇଥିଲେ। ସମସ୍ତ ଗୁରୁଜୀ ଗୁରୁମା ସହଯୋଗ କରିଥିଲେ।

## ସୁପ୍ରଭା ଶତପଥୀଙ୍କ ପରଲୋକ

**ପଦ୍ମପୁର, ୧୭।୩(ସମିସ):** ରବିବାର ସକାଳ ୮ଟାରେ ଅବସରପ୍ରାପ୍ତ ଜିଲ୍ଲା ଜଜ୍ ହରିହର ଶତପଥୀଙ୍କ ସହଧର୍ମିଣୀ ସୁପ୍ରଭା ଶତପଥୀଙ୍କ



ପଦ୍ମପୁରସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ସେ ଜଣେ ଧର୍ମପରାୟଣା, ସହାନୁଭୂତି ସମ୍ପନ୍ନା, ପରୋପକାରୀ ଓ ସ୍ନେହୀ ମହିଳା ଥିଲେ। ବିଶିଷ୍ଟ ସାହିତ୍ୟିକ ସ୍ୱର୍ଗତ ଡ. ଗଙ୍ଗାଧର ଗୁରୁଙ୍କ ଏକମାତ୍ର କନ୍ୟା ଥିଲେ। ମୃତ୍ୟୁବେଳକୁ ତାଙ୍କୁ ୬୮ ବର୍ଷ ହେଉଥିଲା। ମୃତ୍ୟୁ ଶଯ୍ୟାରେ ସ୍ୱାମୀ, କନ୍ୟା ଓ ଜ୍ୱାଇଁ ଆଦି ବନ୍ଧୁବାନ୍ଧବ ଉପସ୍ଥିତ ଥିଲେ। ତାଙ୍କର କନ୍ୟା ଏଡଭୋକେଟ ଦୀପ୍ତିମୟୀ ଶତପଥୀ ମୁଖାଗ୍ନି ପ୍ରଦାନ କରିଥିଲେ। ଶବଦାହ ବେଳେ ଅନେକ ଗଣ୍ୟମାନ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

## ମିଲେଟ୍ ଟିଫିନ୍ ସେଣ୍ଟର୍ ଉଦ୍‌ଘାଟିତ

**ପାଇକମାଳ, ୧୭।୩ (ସମିସ):** ଓଡ଼ିଶା ମିଲେଟ ମିଶନ ତରଫରୁ ବୁକୁରମୁଣ୍ଡା ଗ୍ରାମରେ ଅହିଂସା କ୍ଲବ୍ ସହାୟତାରେ ଗୋଟିଏ ମିଲେଟ ଟିଫିନ୍ ସେଣ୍ଟର୍ ଉଦ୍‌ଘାଟିତ ହୋଇଯାଇଛି। ପାଇକମାଳ ବ୍ଲକ ସିଡିପିଓ ବାସନ୍ତୀ ପୂର୍ତ୍ତି, ମିଶନ ଶକ୍ତି ବିପିସି ଦୈତାରି ବେହେରା, ବୁକୁରାମୁଣ୍ଡା ସରପଞ୍ଚ ଅନିତା ଭୋଇ, ପଞ୍ଚାୟତ ସମିତିସଭ୍ୟା ସସ୍ମିତା ବାରିକ, ଏମବିକେ ପୁଷ୍ପାଞ୍ଜଳି ଭୋଇ, ମିଲେଟ ମିଶନ ଦୁଇଜଣ ବ୍ଲକ ସଂଯୋଜକ ଗୌରଚରଣ ସାହୁ ଓ ରାକେଶ ପ୍ରଧାନ, ଗାଁର ସ୍ୱୟଂ ସହାୟକ ଗୋଷ୍ଠୀର ୧୦ ଜଣ ସଭ୍ୟ ଉପସ୍ଥିତ ଥିଲେ। ସମସ୍ତଙ୍କୁ ମାଣ୍ଡିଆ ଜାତୀୟ ଖାଦ୍ୟ ନିତିଦିନିଆ ଖାଇବା ଅଭ୍ୟାସ କରିବା ପାଇଁ କହିଥିଲେ। ଆହୁରି ଟିଫିନ୍ ସେଣ୍ଟର୍ ସବୁ ଜାଗାରେ କେମିତି କରାଯାଇ ପାରିବ ସେ ଦିଗରେ ଧ୍ୟାନ ଦେବାପାଇଁ ଅହିଂସା କ୍ଲବ୍‌ର କର୍ମକର୍ତ୍ତାଙ୍କୁ କହିଥିଲେ।



ଏକକାଳୀନ ସାଧାରଣ ନିର୍ବାଚନ-୨୦୨୪

# ଜିଲ୍ଲାରେ ମତଦାତା ସଂଖ୍ୟା ୧୧ ଲକ୍ଷ ୮୧, ୮୯୩

**ବରଗଡ଼, ୧୭।୩(ସମିସ)**

ଗଣତନ୍ତ୍ରର ମହାପର୍ବ ସାଧାରଣ ନିର୍ବାଚନ ୨୦୨୪କୁ ସୁଚାରୁରୂପେ ଆୟୋଜନ ପାଇଁ ବରଗଡ଼ ଜିଲ୍ଲା ପ୍ରଶାସନ ତତ୍ପରତା ଦେଖାଇଛି। ଜିଲ୍ଲାରେ ନିର୍ବାଚନୀ ପରିଚାଳନା ଓ ଆଦର୍ଶ ଆଚରଣ ବିଧିର ଅନୁପାଳନ ସଂକ୍ରାନ୍ତରେ ବରଗଡ଼ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କ ଅଧ୍ୟକ୍ଷତାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି।



ଭାରତୀୟ ନିର୍ବାଚନ କମିଶନଙ୍କ ଘୋଷଣା ଅନୁଯାୟୀ, ବରଗଡ଼ ଲୋକସଭା ଏବଂ ପଦ୍ମପୁର, ବିଜେପୁର, ବରଗଡ଼ ଅତାବିରା ଏବଂ ଭଟଲି ବିଧାନସଭା ପାଇଁ ପଞ୍ଚମ ପର୍ଯ୍ୟାୟରେ ନିର୍ବାଚନ ଆୟୋଜନ କରାଯିବ। ପଞ୍ଚମ ପର୍ଯ୍ୟାୟ ପାଇଁ ଗେଜେଟ୍ ବିଜ୍ଞପ୍ତି ୨୬ ଏପ୍ରିଲ ୨୦୨୪ରେ ପ୍ରକାଶ ପାଇବାକୁ ଥିବାବେଳେ ନାମାଙ୍କନପତ୍ର ଦାଖଲର ଶେଷ ତାରିଖ ୩ ମଇ ରଖଯାଇଛି। ୬ ମଇ ସୁଧା ପ୍ରାର୍ଥିପତ୍ର ପ୍ରତ୍ୟାହାର ହେବାକୁ ସ୍ଥିର ହୋଇଥିବା ବେଳେ ୨୦ ମଇ ମତଦାନ ଏବଂ ୪ ଜୁନ ଦିନ ଭୋଟ ଗଣତି ହେବ ବୋଲି ଜିଲ୍ଲାପାଳ କହିଥିଲେ।

ଜିଲ୍ଲାସ୍ତରରେ ଖର୍ଚ୍ଚ ମନିଟରିଂ ପାଇଁ ବ୍ୟବସ୍ଥା, ଜିଲ୍ଲାସ୍ତରୀୟ ମିଡିଆ ସାର୍ଟିଫିକେଟ୍ ଏବଂ ମନିଟରିଂ କମିଟି, ନିର୍ବାଚନ ପରିଚାଳନାରେ ବ୍ୟବହୃତ ନାଗରିକ/ପ୍ରାର୍ଥୀ କେନ୍ଦ୍ରିକ ସୂଚନା ଏବଂ ପ୍ରଯୁକ୍ତିବିଦ୍ୟା ପ୍ରୟୋଗଗୁଡ଼ିକ ଯଥା ସି-ଭିଜିଲ ଆପ, ସୁବିଧା ପୋର୍ଟାଲ, ପ୍ରାର୍ଥୀ ଆଫିଡେଭିଟ୍ ପୋର୍ଟାଲ୍, ଭୋଟର ସେବା ପୋର୍ଟାଲ, ଭୋଟର ହେଲ୍ପଲାଇନ ଏବଂ ସକ୍ଷମ ଆପ ବିଷୟରେ ବିସ୍ତୃତ ବିବରଣୀ ଦେଇବା ସହିତ ନିର୍ବାଚନ ଟୋଲ ଫ୍ରୀ ନ-୧୯୫୦ କିମ୍ବା ପୋଲିସ ହେଲ୍ପ ଲାଇନ ୧୧୨କୁ ଫୋନ କରି ନିଜର ଅଭିଯୋଗ କରିପାରିବେ ବୋଲି ସୂଚନା ପ୍ରଦାନ କରିଥିଲେ।

ଜିଲ୍ଲାରେ ମତଦାତା ସଂଖ୍ୟା ୧୧,୮୧,୮୯୩ ଥିବା ବେଳେ ପୁରୁଷ ୫୯୫୪୯୪ ମହିଳା ୫୮୬୩୫୩ ରହିଛନ୍ତି। ୧୧୧୯୬ ଜଣ ଶାରୀରିକ ଅକ୍ଷମ ବ୍ୟକ୍ତି ଥିବା ବେଳେ ନୂତନ ଭୋଟର ସଂଖ୍ୟା ୪୩୯୧୩୬। ୮୫ ବର୍ଷ ବୟସରୁ ଅଧିକ ୮୩୧୫ ଭୋଟର ଜିଲ୍ଲାରେ ଏହି ସାଧାରଣ ନିର୍ବାଚନରେ ଭାଗ ନେବାକୁ ଯାଉଛନ୍ତି। ସେହିପରି ଭାବରେ ଜିଲ୍ଲାରେ ୫ଟି ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ୫ ଜଣ ବରିଷ୍ଠ ପ୍ରଶାସନିକ ଅଧିକାରୀ ରିଟର୍ଣ୍ଣିଙ୍ଗ ଅଫିସର ଭାବେ ନିୟୋଜିତ ହୋଇଛନ୍ତି। ଜିଲ୍ଲାରେ ସମୁଦାୟ ୧୩୯୭ଟି ବୁଥରେ ମତଦାନ ହେବ ବୋଲି ଜିଲ୍ଲା ନିର୍ବାଚନ ଅଧିକାରୀ କହିଥିଲେ।

ଜିଲ୍ଲାପାଳ ଶ୍ରୀ ଗୋୟାଲ ସମଗ୍ର ଜିଲ୍ଲାରେ ନିର୍ବାଚନୀ ପରିଚାଳନା କରିବା ଏବଂ ଆଦର୍ଶ ଆଚରଣ ବିଧିର ଅନୁପାଳନ କରିବା ସହ ଏକ ସ୍ୱଚ୍ଛ, ମୁକ୍ତ, ନିରପେକ୍ଷ, ଅଂଶଗ୍ରହଣକାରୀ ପ୍ରଭାବଶାଳୀ ନିର୍ବାଚନକୁ ସୁନିଶ୍ଚିତ କରିବା ପାଇଁ ସମସ୍ତଙ୍କୁ ଅନୁରୋଧ କରିଥିଲେ। ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ପ୍ରହଲ୍ଲାଦ ସହାୟ ମିନା ସମସ୍ତ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଥିବା ପ୍ରକାଶ କରିଥିଲେ। କୈାଣସି ପ୍ରକାର ଦ୍ୱନ୍ଦ୍ୱ, ହିଂସା ଏବଂ ଅପରାଧିକ କାର୍ଯ୍ୟର ତଦନ୍ତ କରାଯିବା ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି। ଠିକ ସମୟରେ ଏବଂ ଠିକ ଉପାୟରେ ନିର୍ବାଚନ ପରିଚନ କରିହେବ ସେଠି ପ୍ରତି ପୋଲିସ ପ୍ରଶାସନ ସର୍ବଦା ଜାଗ୍ରତ ରହିବ ବୋଲି କହିଥିଲେ। ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଜିଲ୍ଲାପାଳ ମହେନ୍ଦ୍ର ମହାପାତ୍ର, ନିର୍ବାଚନ ଡେପୁଟି କଲେକ୍ଟର ମୁକ୍ତେଶ୍ୱର ପାଣିଗ୍ରାହୀଙ୍କ ସମେତ ନିର୍ବାଚନ କାର୍ଯ୍ୟାଳୟର ସମସ୍ତ କର୍ମକର୍ତା ଏବଂ ଜିଲ୍ଲା ସଦର ମହକୁମାର ସମସ୍ତ ଗଣମାଧମ ପ୍ରତିନିଧି ଉପସ୍ଥିତ ଥିଲେ।

**ପୁରୁଷ ମତଦାତା ୫୯୫୪୯୪, ମହିଳା ମତଦାତା ୫୮୬୩୫୩**

**୧୧୧୯୬ ଶାରୀରିକ ଅକ୍ଷମ, ନୂଆ ଭୋଟର ୪୩୯୧୩୬**

**୮୫ ବର୍ଷ ବୟସରୁ ଅଧିକ ମତଦାତା ୮୩୧୫**

**୫ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ୧୩୯୭ଟି ବୁଥ୍**

## ନିର୍ବାଚନ ପୂର୍ବରୁ ସୋହେଲା ପୁଲିସର ଫ୍ଲାଗ୍‌ମାର୍ଚ୍ଚ

**ସୋହେଲା, ୧୭।୩(ସମିସ):** ଗତକାଲି ସାଧାରଣ ନିର୍ବାଚନ ପାଇଁ ତାରିଖ ଘୋଷଣା



ପରେ ରବିବାର ସଂଧ୍ୟାରେ ସୋହେଲା ପୁଲିସ ପକ୍ଷରୁ ଫ୍ଲାଗମାର୍ଚ୍ଚ କରାଯାଇଛି। ଆଗାମୀ ମଇ ୨୦ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ସାଧାରଣ ନିର୍ବାଚନକୁ ଅବାଧ ଓ ନିରପେକ୍ଷ ଭାବେ ସମାପନ କରିବା ଏବଂ ଭୋଟର ନିର୍ଭୟରେ ଯେପରି ନିଜର ମତଦାନ କରିପାରିବେ ସେଥିପାଇଁ ସୋହେଲା ପୁଲିସ ଏବଂ ସିଆରପିଏଫ ଯବାନମାନେ ଫ୍ଲାଗମାର୍ଚ୍ଚ କରିଥିଲେ। ଛତିଶଗଡ଼ ରାଜ୍ୟ ସୀମାନ୍ତକୁ ଲାଗିଥିବା ସୋହେଲା ଥାନା ଅନ୍ତର୍ଗତ ତବଡା, ଲୁହୁରାଚଟି ଏବଂ ଗ୍ରିଂଜାଲ ସହ ସୋହେଲାରେ ଫ୍ଲାଗମାର୍ଚ୍ଚ କରାଯାଇଥିଲା। ପୁଲିସ ଓ ସିଆରପିଏଫ ଯବାନମାନେ ସୋହେଲା ଥାନାଛକରୁ ପୁରୁଣା ଚେକଗେଟ ପର୍ଯ୍ୟନ୍ତ ଜାତୀୟ ରାଜପଥରେ ଫ୍ଲାଗମାର୍ଚ୍ଚ କରିଥିଲେ। ପଦ୍ମପୁର ଏସଡିପିଓ ବିଭୂତି ଭୂଷଣ ଭୋଇଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଫ୍ଲାଗମାର୍ଚ୍ଚରେ ସୋହେଲା ଥାନା ଆଇଆଇସି ପ୍ରଣୟ ମୁର୍ମୁ, ସବ୍‌ଇନ୍ସପେକ୍ଟର ଅରୂପ ବାରାକ, ଅନୀମା ଏକ୍କା, ରବିନାରାୟଣ ପଧାନ, ଏଏସଆଇ ସଚିଦାନନ୍ଦ ପଧାନ, ସୁଶାନ୍ତ ଭୋଇ, ପୁଷ୍ପା ଡୁଙ୍ଗଡୁଙ୍ଗଙ୍କ ସମେତ ସଶସ୍ତ୍ର ସିଆରପିଏଫ ଯବାନ, ଏପିଆର ଯବାନ ଓ ସୋହେଲା ଥାନା ପୁଲିସ କର୍ମଚାରୀ ସାମିଲ ଥିଲେ।

## ଦଳୀୟ ପୋଷ୍ଟର ହଟାଇଲା ପ୍ରଶାସନ

**ପଦ୍ମପୁର, ୧୭।୩ (ସମିସ):** ନିର୍ବାଚନ କମିଶନରଙ୍କ ନିର୍ବାଚନ ତିଥି ଘୋଷଣା ପରେ ଆଚରଣ ବିଧି କାର୍ଯ୍ୟକାରୀ କରାଯାଉଛି। ପ୍ରଶାସନ ତରଫରୁ ଯୁଦ୍ଧକାଳୀନ ଭିତ୍ତିରେ ସରକାରୀ ପ୍ରକଳ୍ପ, ଯାନବାହନରେ ଥିବା ଦଳୀୟ ପ୍ରଚାର ପୋଷ୍ଟରକୁ ହଟାଇ ଦିଆଯାଉଛି। ବିଭିନ୍ନ ସୂଚନା ଫଳକରେ ନେତୃବୃନ୍ଦଙ୍କ ଫଟୋକୁ ଘୋଡାଇ ରଖି ଦିଆଯାଉଛି। ସର୍ବତ୍ର ଏକକାଳୀନ ସମସ୍ତ ସରକାରୀ ବସରେ ଥିବା ବେନର, ପୋଷ୍ଟର ହଟାଯାଉଥିବାରୁ ନିର୍ବାଚନ ମାହୋଲ ଜୋରଦାର ଅନୁଭୂତ ହେଉଛି।




## ଆକାଶବାଣୀ ଶ୍ରୋତା ସଂଘର ବାର୍ଷିକ ସମ୍ମିଳନୀ

**ବରଗଡ଼, ୧୭।୩(ସମିସ):** ଅଗ୍ରଗାମୀ ଯୁବକ ସଂଘ ପରିସରରେ ଆକାଶବାଣୀ ଶ୍ରୋତାସଂଘର ୩୦ତମ ବାର୍ଷିକ ଶ୍ରୋତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି କୃଷ୍ଣଚନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ ପ୍ରସାର ଭାରତୀର ମୁଖ୍ୟ ଅଶୋକ ପାଣିଗ୍ରାହୀ ମୁଖ୍ୟଅତିଥି, ଆକାଶବାଣୀ ସମ୍ବଲପୁରର କାର୍ଯ୍ୟକ୍ରମ ନିଷ୍ପାଦକ ସନ୍ତୋଷ ପିଙ୍କ ମୁଖ୍ୟବକ୍ତା, ଗବେଷକ ମୋହନ ସାହୁ, ଡ.ତପସ୍ୱିନୀ ଗୁରୁ ଏବଂ ସୂର୍ଯ୍ୟକୁମାର ପାଣିଗ୍ରାହୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଗୋପବନ୍ଧୁ ପୁରୋହିତ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଏ ଅବସରରେ ସୋହେଲାର ଶୁକ୍ରୁ କାଣ୍ଡଙ୍କୁ ବିଷ୍ଣୁ ସାହୁ ଶ୍ରେଷ୍ଠ ଶ୍ରୋତା ସମ୍ମାନରେ ସମ୍ମାନିତ କରାଯାଇଥିଲା। ସେହିପରି ଶିବଶଙ୍କର ପୂଜାରୀଙ୍କୁ ଗୀତିକାର କ୍ଷତିପତି ସାହୁ ସ୍ମୃତି ସମ୍ମାନ, ମୋହନଲାଲ ସିଂ କନ୍ହେଇଙ୍କୁ ହରେକୃଷ୍ଣ ପୂଜାରୀ ନାଟ୍ୟକାର ସମ୍ମାନ, ସଂଘମିତ୍ରା ପଟେଲଙ୍କୁ ସମାଜସେବୀ ବିପିନ ବିହାରୀ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ଦୟାନିଧି ପ୍ରଧାନ, ଅଶୋକ ସାହୁ, ଜଗନ୍ନାଥ ସାହୁ, ସୁଦାମ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବା ବେଳେ ପରିଶେଷରେ ଯୁଧିଷ୍ଠିର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।




## ବିପୁଳ ହାତରନ୍ଧା ମଦ ଓ କଫ୍‌ସିରପ୍ ଜବତ

**ବରଗଡ଼, ୧୭।୩(ସମିସ):** ଅବକାରୀ ବିଭାଗ ତରଫରୁ ପ୍ରାକ ନିର୍ବାଚନୀ ଚଢଉ କରି ଅବକାରୀ ଆୟୁକ୍ତ, ଓଡ଼ିଶାଙ୍କ ଆଦେଶ ଓ ବରଗଡ଼ ଜିଲ୍ଲାପାଳ ଏବଂ ଅବକାରୀ ଅଧୀକ୍ଷକଙ୍କ ନିର୍ଦ୍ଦେଶ ଅନୁସାରେ ଜିଲ୍ଲା ଅବକାରୀ ବିଭାଗ ପଡୋଶୀ ଛତିଶଗଡ଼ ଓ ଜିଲ୍ଲା ମାନଙ୍କ ସୀମାନ୍ତବର୍ତ୍ତୀ ଅଞ୍ଚଳରେ ବ୍ୟାପକ ଚଢଉ କରାଯାଇ ବିପୁଳ ପରିମାଣର ହାତରନ୍ଧା ମହୁଲି ମଦ ଜବତ କରାଯାଇଛି। କତୁରକଟାରେ ଜିଲ୍ଲା ଭ୍ରାମ୍ୟମାଣ ଅବକାରୀ ଦଳ ଅଧିକାରୀ ରଶ୍ମିତା ଲାକ୍ରା ଓ ସହଯୋଗୀଙ୍କ ଦ୍ୱାରା ଚଢାଉ କରାଯାଇ ୧୮୦ ଲିଟର ଚୋରା ହାତ ରନ୍ଧା ମଦ, ମୋଟର ସାଇକଲ ସହ ଜଣେ ବ୍ୟକ୍ତିକୁ ଗିରଫ କରାଯାଇଛି। ଗିରଫ ବ୍ୟକ୍ତି କତୁରକଟା ଗ୍ରାମର ରଞ୍ଜନ ତାଣ୍ଡି ବୋଲି ସୂଚନା ଦିଆଯାଇଛି। ସେହିପରି ବରଗଡ଼ ସଦର ରେଞ୍ଜ ଅଧିକାରୀ ବିକାଶ ଟପ୍ପୋ ଓ ସହକର୍ମୀ ରେଲୱେ ଷ୍ଟେସନ ପଟେ ଚଢଉ କରି ୧୪୦ ବୋତଲ କଫ ସିରପ ସହ ସମ୍ବଲପୁର ବୁଢାରଜା ଅଞ୍ଚଳର ଜଣେ ମହିଳାଙ୍କୁ ଗିରଫ କରାଯାଇଥିବା ସୂଚନା ଦିଆଯାଇଛି। ନିର୍ବାଚନକୁ ଦୃଷ୍ଟିରେ ରଖି ଅବକାରୀ ବିଭାଗ ତରଫରୁ ଜିଲ୍ଲା ତଥା ସୀମାନ୍ତରେ ବ୍ୟାପକ ଚଢ଼ଉ ଜାରି ରହିବ।



## ବୃକ୍ଷ ବଞ୍ଚାଅ, ଜଳ ବଞ୍ଚାଅ ଭାରତ ଭ୍ରମଣକାରୀଙ୍କୁ ସମ୍ବର୍ଦ୍ଧନା

**ପଦ୍ମପୁର, ୧୭।୩ (ସମିସ):** ବୃକ୍ଷ ବଞ୍ଚାଅ, ଜଳ ବଞ୍ଚାଅର ବାର୍ତ୍ତା ନେଇ ସାଇକଲରେ ସାରା ଭାରତ ଭ୍ରମଣ କରୁଥିବା ଆସାମ ଶ୍ରୀଚର ସହରର ଲିଟନ ନାମସୁଦ୍ରକୁ ପଦ୍ମପୁର ଉପଖଣ୍ଡ ଲଖମରାଠାରେ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଗତ ନଭେମ୍ବର ୨ରୁ ଆସାମରୁ ବାହାରି ପଶ୍ଚିମବଙ୍ଗ, ସିକିମ, ଝାରଖଣ୍ଡ, ବିହାର, ଉତ୍ତର ପ୍ରଦେଶ, ମଧ୍ୟପ୍ରଦେଶ, ଛତିଶଗଡରୁ ପ୍ରାୟ ୭୮୪୫କିମି ଅତିକ୍ରମ କରି ଚର୍ଦାପାଲି ପଞ୍ଚାୟତର ଗୁଣ୍ଡିଚାଡିହି ରାସ୍ତାରେ ଓଡିଶାକୁ ପ୍ରବେଶ କରିଥିଲେ। ଶ୍ରୀ ନାମସୁଦ୍ର ରାସ୍ତାରେ କୌଣସି ଚାରା ନର୍ସରୀ ଦେଖିଲେ ଚାରା କିଛି ଚାରା ଆଣି ଦେବାଳୟ, ପୋଖରୀ ହିଡରେ ଲଗାଇ ଚାଲିଛନ୍ତି। ବିଭିନ୍ନ ଜାଗାରେ ପଥପ୍ରାନ୍ତ ସଚେତନ ବୈଠକ କରି ବୃକ୍ଷ ଓ ଜଳ ବଞ୍ଚାଇବା ପାଇଁ ସଚେତନ କରୁଛନ୍ତି। ଲଖମରାଠାରେ ଚିତ୍ତରଞ୍ଜନ ତନସନା, ମଳୟ ସାହୁ, ଝସକେତନ ଭୋଏ, କ୍ଷେତ୍ରମୋହନ କୁଦେଇ, ବିରଞ୍ଚି ସୁନା, ମଳୟ ଭୋଇ, ରମେଶ ବାରିକ ପ୍ରମୁଖ ପୁଷ୍ପ ଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ।



# ଭଟଲି ନୂତନ ମାଉସୀ ମାଁ ମନ୍ଦିରର ପ୍ରତିଷ୍ଠା ମହୋତ୍ସବ ଉଦ୍‌ଯାପିତ

**ଭଟଲି, ୧୭।୩(ସମିସ)**

ପଶ୍ଚିମଓଡିଶାର ଶ୍ରୀକ୍ଷେତ୍ର ଭଟଲି ଧାମର ବହୁ ପ୍ରତୀକ୍ଷିତ ନୂତନ ମାଉସୀ ମାଁ ମନ୍ଦିରର ପ୍ରତିଷ୍ଠା ମହୋତ୍ସବ ୧୧ ତାରିଖ ସୋମବାର ଶୁଭାରମ୍ଭ ହୋଇ ୧୭ ତାରିଖ ରବିବାର ପୂର୍ଣ୍ଣାହୁତି ହୋଇଥିଲା। ପଣ୍ଡିତ ଟିକେଶ୍ୱର ମହାପାତ୍ର, ନେହରୁଲାଲ ଶତପଥୀ, ଜୟଦେବ ପଣ୍ଡା, ଗୋକୁଲେଶ୍ୱର ରଥ, ବେଣୁଧର ମହାପାତ୍ର, ରାଜେଶ ମିଶ୍ର, ରୋହିତ ରଥ, ଗୌରଚନ୍ଦ୍ର ରଥ, ଭୋଗେନ୍ଦ୍ର ପଣ୍ଡା, ରବିଲାଲ ଶତପଥୀ, ସୁରେନ୍ଦ୍ର ଦାସ, ବିଷ୍ଣୁ ମହାପାତ୍ର, ରିଙ୍କୁ ପଣ୍ଡା, ବାଚସ୍ପତି ରଥ, ଲଳିତ ରଥ, ସଂସାର ପଣ୍ଡାଙ୍କ



ତତ୍ୱାବଧାନରେ ହୋମଯଜ୍ଞ ଅନୁଷ୍ଠିତ ହୋଇଥିଲା। ପ୍ରତାପ ମହାପାତ୍ର ଓ ଆନନ୍ଦ ମହାପାତ୍ର ସହଯୋଗ କରିଥିଲେ। ଯଜ୍ଞରେ କର୍ତ୍ତା ଭାବେ ଶ୍ରୀ ଦଧିବାମନ ମହାପ୍ରଭୁଙ୍କ ପରମଭକ୍ତ ପରମାନନ୍ଦଙ୍କ ବଂଶଜ ସରୋଜ ସାହୁ ଏବଂ ତାଙ୍କ ପତ୍ନୀ ମିନାକ୍ଷୀ ସାହୁ କାର୍ଯ୍ୟ ନିର୍ବାହ କରିଥିଲେ। ଭକ୍ତଙ୍କ ପାଇଁ ଅନ୍ନଛତ୍ରର ବ୍ୟବସ୍ଥା ହୋଇଥିଲା। ଭଟଲି ବିଧାୟକ ସୁଶାନ୍ତ ସିଂ ମହୋଦୟ ସମସ୍ତ ଖର୍ଚ୍ଚ ବହନ କରିଥିଲେ। ଶ୍ରୀ ଦଧିବାମନ ମନ୍ଦିର ପ୍ରାଙ୍ଗଣରେ ଶ୍ରୀକ୍ଷେତ୍ର ପୁରୀରୁ ଆସିଥିବା କଥାବାଚକ ସୀତାରାମ ଦାସଙ୍କ ଦ୍ୱାରା ପ୍ରବଚନ ଅନୁଷ୍ଠିତ ହୋଇଥିବା ବେଳେ ସଂଧ୍ୟାରେ ଶ୍ରୀଧାମ ବୃନ୍ଦାବନରୁ ଆସିଥିବା କଥା ବାଚିକା ସ୍ତୁତି ଦିଦିଙ୍କ ଦ୍ୱାରା ଯଜ୍ଞ ମଣ୍ଡପ ପାଖରେ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରାତ୍ରିରେ ସମଲେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ଲୋଇସିଙ୍ଗାର ଶଙ୍କର ବେହେରାଙ୍କ ସଙ୍ଗୀତ ସାଧନା କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ବସଷ୍ଟାଣ୍ଡ ପେଣ୍ଡାଲରେ ବରଗଡ଼ର ମା' ସମଲେଶ୍ୱରୀ କଳାବିକାଶ କେନ୍ଦ୍ର ସାଂସ୍କୃତିକ କାର୍ଯ୍ୟକ୍ରମ କରିଥିଲେ।

## ସାହୁ ସମାଜର ବ୍ଲକ୍‌ସ୍ତରୀୟ ବୈଠକ

**ପଦ୍ମପୁର, ୧୭।୩ (ସମିସ):** ପଦ୍ମପୁର ଉପଖଣ୍ଡ କୁଚିପାଲି ପଞ୍ଚାୟତ ସଭାକକ୍ଷରେ ସୋହେଲା ବ୍ଲକସ୍ତରୀୟ ତୈଳିକ ବୈଶ୍ୟ ସାହୁ ସମାଜର ଏକ ବୈଠକ ଜିଲ୍ଲା ସଭାପତି ଭିକାରୀ ଚରଣ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ସଂପାଦକ ଡ ଭକ୍ତପୁରନ ସାହୁ, ଯୁଗ୍ମ ସଂପାଦକ ଡ ବିରଞ୍ଚି ସାହୁ ସମାଜର ଏକତା ଓ ସଙ୍ଗଠନ ପାଇଁ ଆଲୋଚନା କରିଥିଲେ। ଉକ୍ତ ବ୍ଲକର ସଙ୍ଗଠନକୁ ମଜବୁତ କରିବା ପାଇଁ ସଭାପତି ଭାବରେ ବୁଦ୍ଧଦେବ ସାହୁ, ଉପସଭାପତି ହୀରାଲାଲ ସାହୁ, ଧନପତି ସାହୁ, ସଂପାଦକ ମହେଶ ସାହୁ, କୋଷାଧ୍ୟକ୍ଷ ପ୍ରମୋଦ ସାହୁ ଓ ଅନ୍ୟ କାର୍ଯ୍ୟକାରୀ ସଦସ୍ୟ ମନୋନୀତ ହୋଇଛନ୍ତି। ଗଣେଶଚନ୍ଦ୍ର ସାହୁ, ପରମାନନ୍ଦ ସାହୁ, ନବୀନ ସା, ଧନପତି ସାହୁ ସହଯୋଗ କରିଥିଲେ।



ଭୋଟ ଏକ ବନ୍ଧୁକ ଭଳି, ଏହାର ଉପଯୋଗିତା ବ୍ୟବହାରକାରୀର ଚରିତ୍ର ଉପରେ ନିର୍ଭର କରେ।
-ଟି. ରୁଜଭେଲ୍ଟ

ସକାଳ
THE SAKALA

## ବନ୍ଦେ ଭାରତୀୟ ଗଣତନ୍ତ୍ର ମହୋତ୍ସବ - ୨୦୨୪

ପ୍ରଥମ ସହସ୍ରାବ୍ଦୀରେ ଭାରତ ବିଶ୍ୱଗୁରୁ ଭାବେ ସୁଖ୍ୟାତି ଅର୍ଜନ କରିଥିଲା। ଆଜି ଏକବିଂଶ ଶତାବ୍ଦୀରେ ସେହି ଗୌରବାବହ ଚିତ୍ର ମଳିନ ହୋଇଥିଲେ ହେଁ ବହୁକ୍ଷେତ୍ରରେ ଏବେ ମଧ୍ୟ ଭାରତ ବିଶ୍ୱର ଅଗ୍ରଣୀ ଦେଶ। ବିଶ୍ୱର ପ୍ରଥମ ସାଧାରଣତନ୍ତ୍ର ବ୍ୟବସ୍ଥା ଉତ୍ତରଭାରତରେ ମର୍ଯ୍ୟାଦାପୂର୍ଣ୍ଣ ଇତିହାସ ରଚନା କରିଛି। ପୃଥିବୀର ସର୍ବୋତ୍ତମ ଜ୍ଞାନବିଜ୍ଞାନ ଓ ନୀତିଜ୍ଞାନର ଶାସ୍ତ୍ର, ବେଦବେଦାନ୍ତ, ପୁରାଣ ଆଦି ଆର୍ଯ୍ୟାବର୍ତ୍ତରେ ରଚିତ ହୋଇଥିଲା। ଏହି ପୃଷ୍ଠଭୂମିରେ ଦେଖିଲେ ଆଜି ପୃଥିବୀର ସର୍ବବୃହତ୍ ଓ ସର୍ବଶ୍ରେଷ୍ଠ ଗଣତନ୍ତ୍ର ଭାରତରେ ଯେ ସୁପ୍ରତିଷ୍ଠିତ ଏ କଥା ସମଗ୍ର ମାନବଜାତିକୁ ଜଣା। ଜ୍ଞାନ-ପ୍ରଜ୍ଞାନ ଭୂମିର ଏହି ଉତ୍କର୍ଷକୁ ପୁଣି ଥରେ ମନେ ପକାଇ ଦେଇଛି ଗତ ଶନିବାର ରାଜଧାନୀ ନୂଆଦିଲ୍ଲୀରେ ଜାତୀୟ ନିର୍ବାଚନ କମିଶନ୍ ଦ୍ୱାରା ଘୋଷଣା କରାଯାଇଥିବା ଭାରତର ସାଧାରଣ ନିର୍ବାଚନର ସମୟ ନିର୍ଘଣ୍ଟ। ପ୍ରକୃତରେ ଭାରତର ଜନଗଣମନ ଅଧିନାୟକମାନଙ୍କ ସୁନିର୍ବାଚନ କେବଳ ଭାରତୀୟମାନଙ୍କ ପାଇଁ ନୁହେଁ, ବରଂ ଆଧୁନିକ ବିଶ୍ୱର ସମସ୍ତ ସଚେତନ ଗଣତାନ୍ତ୍ରିକ ଜନମାନସର ପ୍ରଶଂସାର ଘଡ଼ି।

ଗଣତନ୍ତ୍ରର ବନ୍ଦନା ଆବଶ୍ୟକ କି, ଏ ପ୍ରଶ୍ନ କେତେକଙ୍କ ମନରେ ଆସିବା ସ୍ୱାଭାବିକ। ସେହିଭଳି ପ୍ରଜ୍ଞାହୀନ ବ୍ୟକ୍ତିଙ୍କୁ ଉତ୍ତରରେ କୁହାଯାଇପାରେ ଯେ ଆଜି ଏକବିଂଶ ଶତାବ୍ଦୀର ପ୍ରାୟ ଏକ-ଚତୁର୍ଥାଂଶ ଅତିବାହିତ ହେବା ପରେ ଆମେ କ'ଣ ଅପ୍ରାସଙ୍ଗିକ ରାଜତନ୍ତ୍ରର ବନ୍ଦନା କରିବା? ଅବା ସଶସ୍ତ୍ର ସୈନ୍ୟବାହିନୀର ସ୍ୱେଚ୍ଛାଚାରୀ ଶାସନକୁ ଅଥବା ଏକଛତ୍ରାଧିପତି ସ୍ୱୈରାଚାରୀ ସ୍ୱୟଂଭୂ ଅତ୍ୟାଚାରୀଙ୍କୁ ବନ୍ଦନା କରିବା? ଜ୍ଞାନ-ବିଜ୍ଞାନ-ପ୍ରଜ୍ଞାନର ଏ ଯାବତ୍ ସର୍ବଶ୍ରେଷ୍ଠ ସ୍ତରରେ ପହଞ୍ଚିଥିବା ମାନବ ସମାଜରେ ବ୍ୟକ୍ତି ସ୍ୱାତନ୍ତ୍ର୍ୟତା ଓ ନାଗରିକ ଅଧିକାରର ଉତ୍କର୍ଷ ପ୍ରତିପାଦିତ କରୁଥିବା ନିର୍ମଳ ଗଣତନ୍ତ୍ର ଶାସନର ମହିମାମଣ୍ଡନ ଅବଶ୍ୟ ପ୍ରତ୍ୟେକ ବିବେକବାନ୍ ମଣିଷର ପ୍ରଧାନ କର୍ତ୍ତବ୍ୟ। ଏହି ଦୃଷ୍ଟିରେ ପୃଥିବୀର ସର୍ବବୃହତ୍ ଜନସଂଖ୍ୟା ବିଶିଷ୍ଟ ପ୍ରାଚୀନ ସଭ୍ୟତାର ରାଷ୍ଟ୍ର ଭାରତରେ ଆସନ୍ତା ମାସରୁ ହେବାକୁ ଯାଉଥିବା ବିଶାଳ ନିର୍ବାଚନ ମହୋତ୍ସବ ଆଧୁନିକ ବିଶ୍ୱର ଇତିହାସରେ ଏକ ସର୍ବମାନ୍ୟ କୀର୍ତ୍ତିମାନ। ତେଣୁ ଆସନ୍ତୁ ସମସ୍ୱରରେ କହିବା - ବନ୍ଦେ ଭାରତୀୟ ଗଣତନ୍ତ୍ର ମହୋତ୍ସବ-୨୦୨୪!

୨୦୨୪ର ଆମ ପ୍ରିୟ ଜନ୍ମଭୂମି ଭାରତ। ମୋଟ ଜନସଂଖ୍ୟା ପ୍ରାୟ ୧୪୦ କୋଟି। ମୋଟ ଭୋଟଦାତାଙ୍କ ସଂଖ୍ୟା ମୋଟ ୯୬ କୋଟି ୮୨ ଲକ୍ଷ କୋଟି। ସେମାନଙ୍କ ମଧ୍ୟରେ ୪୯ କୋଟି ୭୨ ଲକ୍ଷ ପୁରୁଷ ଭୋଟର ଥିବା ବେଳେ ୪୭ କୋଟି ୧୦ ଲକ୍ଷ ମହିଳା ଭୋଟର। ମହିଳା ଭୋଟରଙ୍କ ମଧ୍ୟରୁ ୮୫ ଲକ୍ଷ ପ୍ରଥମ ଥର ପାଇଁ ଭୋଟ ଦେବାକୁ ଯାଉଛନ୍ତି। ୧୨ଟି ରାଜ୍ୟରେ ମହିଳା ଭୋଟରଙ୍କ ସଂଖ୍ୟା ପୁରୁଷ ଭୋଟରଙ୍କ ତୁଳନାରେ ଅଧିକ। ସେହିପରି ଶତାୟୁ ଭୋଟରଙ୍କ ସଂଖ୍ୟା ୨ ଲକ୍ଷ ୧୮ ହଜାର ଥିବା ବେଳେ ୮୫ ବର୍ଷରୁ ଊର୍ଦ୍ଧ୍ୱ ଭୋଟଦାତାଙ୍କ ସଂଖ୍ୟା ୮୨ ଲକ୍ଷ। ୨୦ ରୁ ୨୯ ବର୍ଷ ବୟସ୍କ ଭୋଟରଙ୍କ ସଂଖ୍ୟା ୧୯ କୋଟି ୭୪ ଲକ୍ଷ। ୮୮.୪ ଲକ୍ଷ ଭିନ୍ନକ୍ଷମ ଭୋଟ ଦେବାକୁ ନିଜ ନାମ ପଞ୍ଜିକରଣ କରିଥିବା ବେଳେ ୪୮ ହଜାର ଟ୍ରାନ୍ସଜେଣ୍ଡର ମତଦାନ ଅଧିକାର ପାଇଛନ୍ତି।

ଏଠାରେ ଲକ୍ଷ୍ୟ କରିବାର କଥା ଭାରତର ଜନସଂଖ୍ୟା ସବୁଠାରୁ ବିଶାଳ ହେବା ସାଙ୍ଗକୁ ଆଉ ଏକ ଉପଲବ୍ଧି ଆମର ପ୍ରତି ନିର୍ବାଚନରେ ନୂତନ ଭାବେ ମତାଧିକାର ଲାଭ କରୁଥିବା ବିଶାଳ ଯୁବଗୋଷ୍ଠୀ। ଏମିତି ତ ଆମ ବିଶାଳ ଜନସଂଖ୍ୟାର ବହୁତ ବଡ଼ ଭାଗ ହେଉଛନ୍ତି ୧୫ ରୁ ୩୫ ବର୍ଷ ବର୍ଗର ଯୁବଗୋଷ୍ଠୀ। ସେଇମାନେ ଆଗାମୀ ଭାରତର କର୍ଣ୍ଣଧାର ସାଜିବେ। ନିର୍ବାଚନ କମିଶନଙ୍କ ସୂଚନା ଅନୁଯାୟୀ, ୧ କୋଟି ୮୦ ଲକ୍ଷ ନାଗରିକ ପ୍ରଥମ ଥର ଭୋଟ ଦେବାକୁ ଯାଉଛନ୍ତି, ଯେଉଁମାନଙ୍କର ବୟସ ୧୮ ରୁ ୧୯ ବର୍ଷ ଭିତରେ। ସେମାନଙ୍କର ବୁଦ୍ଧି ବିବେକରେ ଯଦି ଗଣତନ୍ତ୍ର ଦର୍ଶନ ବଦ୍ଧମୂଳ ହୁଏ, ତେବେ ଆଗାମୀ ଭାରତ ପୁଣି ଥରେ ବିଶ୍ୱଗୁରୁ ସ୍ଥାନରେ ଅଭିଷିକ୍ତ ହେବା ନିଶ୍ଚିତ। ଆଜିର ଦିନରେ ବିଶ୍ୱର ବିଭିନ୍ନ ଉନ୍ନତ ଦେଶମାନଙ୍କରେ ସର୍ବାଧିକ ବିଦେଶୀ ନାଗରିକ ଭାବେ ଭାରତୀୟମାନେ ପ୍ରଥମ ସ୍ଥାନରେ ଅଛନ୍ତି। ଆଗାମୀ ଦିନରେ ଭାରତୀୟତାର ପରାକାଷ୍ଠା ସାରା ବିଶ୍ୱରେ ଅଧିକ ଅନୁଭୂତ ହେବ।

ଭାରତୀୟ ଗଣତନ୍ତ୍ରରେ ମୁକ୍ତ ଓ ଅବାଧ ନିର୍ବାଚନ ଓ ଗଣତାନ୍ତ୍ରିକ ପରମ୍ପରାର ମୂଳକୁ ସୁଦୃଢ଼ କରିବା ପାଇଁ ଭାରତୀୟ ନିର୍ବାଚନ କମିଶନରଙ୍କ ଯୋଗଦାନ ଅତୁଳନୀୟ। ୧୯୫୦ ଜାନୁଆରୀ ୨୬ରେ ସ୍ୱାଧୀନ ଭାରତର ସମ୍ବିଧାନ ଲାଗୁ ହେବା ସହିତ ଆମ ନିର୍ବାଚନ କମିଶନ୍ ଜନ୍ମ ନେଇଛି ଏବଂ ସାରା ବିଶ୍ୱରେ ଏକ ଆଦର୍ଶ ଓ ସଫଳ ନିର୍ବାଚନ ପରିଚାଳନା ଅନୁଷ୍ଠାନ ଭାବେ ସୁଖ୍ୟାତି ଲାଭ କରିଛି। ଏ ପର୍ଯ୍ୟନ୍ତ ଭାରତୀୟ ନିର୍ବାଚନ ଆୟୋଗ ୧୭ଟି ସାଧାରଣ ନିର୍ବାଚନ, ୪୦୦ରୁ ଅଧିକ ବିଧାନସଭା ନିର୍ବାଚନ, ୧୬ଟି ରାଷ୍ଟ୍ରପତି ନିର୍ବାଚନ ଓ ୧୬ଟି ଉପରାଷ୍ଟ୍ରପତି ନିର୍ବାଚନ ପରିଚାଳନା କରିସାରିଛି। ଏ ସବୁ ସଫଳତା ସତ୍ତ୍ୱେ ଆମର ବିଶ୍ୱାସ ଯେ ଭାରତର ଗଣତନ୍ତ୍ର-ଦୀକ୍ଷିତ ଜନମତ ସବୁଥର ପରି ଏଥର ମଧ୍ୟ ମୁକ୍ତ, ଅବାଧ ଓ ଶାନ୍ତିପୂର୍ଣ୍ଣ ସାଧାରଣ ନିର୍ବାଚନରେ ପୂର୍ବର ପ୍ରଶଂସନୀୟ ରେକର୍ଡ ବଜାୟ ରଖିବ। ଚଳିତ ଥର ୫୪୩ଟି ସଂସଦୀୟ ଆସନରେ ନିର୍ବାଚନ ଅନୁଷ୍ଠିତ ହେବାକୁ ଥିବା ବେଳେ ସେଥିମଧ୍ୟରୁ ୪୧୨ଟି ସାଧାରଣ ବର୍ଗ, ୮୪ଟି ଅନୁସୂଚିତ ଜାତି ଓ ୪୭ଟି ଅନୁସୂଚିତ ଜନଜାତି ବର୍ଗ ପାଇଁ ଉଦ୍ଦିଷ୍ଟ। ଏଥିସହିତ ଲୋକସଭା ନିର୍ବାଚନ ସହିତ ଓଡ଼ିଶା ସମେତ ଚାରିଟି ରାଜ୍ୟର ବିଧାନସଭା ନିର୍ବାଚନ ପାଇଁ ମୋଟ ୪୧୪ଟି ବିଧାନସଭା ନିର୍ବାଚନ ମଣ୍ଡଳୀରେ ଭୋଟ ଗ୍ରହଣ ହେବ। ସେହିପରି ୧୩ଟି ରାଜ୍ୟରେ ୨୬ଟି ବିଧାନସଭା ମଣ୍ଡଳିରେ ଉପନିର୍ବାଚନ ମଧ୍ୟ ଅନୁଷ୍ଠିତ ହେବ। ଭୋଟଗ୍ରହଣ ପାଇଁ ୧୦ ଲକ୍ଷ ୫୦ ହଜାର ଭୋଟଦାନ କେନ୍ଦ୍ରରେ ୧ କୋଟି ୫୦ ଲକ୍ଷ ଅଧିକାରୀ ଓ କର୍ମଚାରୀ ନିୟୋଜିତ ହେବେ। ଏଥିପାଇଁ ୫୫ ଲକ୍ଷ ଇଭିଏମ୍ ଓ ୪ ଲକ୍ଷ ଗାଡ଼ିକୁ ପ୍ରସ୍ତୁତ ଏବଂ ଅବାଧ ଓ ନିରପେକ୍ଷ ନିର୍ବାଚନ ପାଇଁ ୨୧୦୦ ପର୍ଯ୍ୟବେକ୍ଷକଙ୍କୁ ନିଯୁକ୍ତ କରାଯାଇଛି।

ଗଣତନ୍ତ୍ର ଏକ ଉଚ୍ଚ ଆଦର୍ଶ ଓ ଦର୍ଶନର କଥା। ନିର୍ବାଚନ କିନ୍ତୁ ଏକ ବିଶାଳ ପ୍ରଶାସନିକ ପ୍ରକରଣ। ଭାରତ ଭଳି ଉପମହାଦେଶରେ ନିର୍ବାଚନ ପରିଚାଳନା ସମୟସାପେକ୍ଷ ତଥା ବହୁଅର୍ଥ ବ୍ୟୟର ଅନୁଷ୍ଠାନ। ଅନ୍ୟପଟେ କ୍ଷମତା ରାଜନୀତିର କୁତ୍ସିତ ରୂପ ମଧ୍ୟ ଦେଖିବାକୁ ମିଳେ। ବାହୁବଳ, ଅର୍ଥବଳ, ବିଭିନ୍ନ ପ୍ରଲୋଭନ ଏପରିକି ଭୋଟ ବୁଥ୍ ଘେରାଉ ଇତ୍ୟାଦି ଘୃଣ୍ୟ ଉପାୟ ଅବଲମ୍ବନ କରି କେତେକ ରାଜନୈତିକ ଦଳ ପବିତ୍ର ରାଜନୀତିକୁ କଳୁଷିତ କରନ୍ତି। ବିଶେଷକରି ଗରିବ ସ୍ତରର ଜନସାଧାରଣ, ବସ୍ତିବାସିନ୍ଦା ଓ ସଂଖ୍ୟାଲଘୁମାନଙ୍କୁ ପ୍ରଭାବିତ କରି ଭୋଟ ହାସଲ କରିବା ପାଇଁ ରାଜନୀତିର ଗଳି ରାସ୍ତାରେ ଦୁର୍ଦ୍ଦାନ୍ତ ରକ୍ତବୀର୍ଯ୍ୟମାନେ ସଚଳ ହୋଇ ଉଠନ୍ତି ନିର୍ବାଚନ ସମୟରେ। ଭୋଟଗଣନା ହୋଇ ଫଳାଫଳ ଘୋଷଣା ନ ହେଲା ପର୍ଯ୍ୟନ୍ତ ପ୍ରତ୍ୟେକ ସଂସଦୀୟ କ୍ଷେତ୍ର ଓ ବିଧାନସଭା ମଣ୍ଡଳୀରେ ମାନସିକ ଚାପର ସକ୍ରିୟ ପ୍ରଭାବ ଦେଖାଯାଏ। ଭୋଟ ଫଳାଫଳ ଘୋଷଣା ପରେ ସଂସଦୀୟ ଓ ବିଧାନମଣ୍ଡଳୀୟ ରାଜନୀତି ଅଙ୍କ କଷାକଷିରେ ଯାହା ଘଟୁଛି ସେ ପୁଣି କ୍ଷମତା ମହାଭାରତର ଉତ୍ତରାକାଣ୍ଡ। କେତେବେଳେ ଗୁଜରାଟରୁ ମହୀଶୂର ତ କେତେବେଳେ ମହାରାଷ୍ଟ୍ରରୁ ମେଘାଳୟ ଏହିଭଳି ବିଧାୟକମାନଙ୍କର ଅଜ୍ଞାତବାସ ହେବାର ଦୃଷ୍ଟାନ୍ତ ମଧ୍ୟ ଆମେ ସବୁ ଦେଖିଛେ। ତେବେ ସଂସଦରେ ଏଭଳି ନାଟକ ଏ ପର୍ଯ୍ୟନ୍ତ ଦେଖିବାକୁ ମିଳିନାହିଁ ଏବଂ ଏଥର ମଧ୍ୟ ଦେଖିବାକୁ ମିଳିବ ନାହିଁ ବୋଲି ଜନମତ ସର୍ବେକ୍ଷଣର ପ୍ରାକ୍ ଆକଳନ ଦର୍ଶାଉଛି। କ୍ଷମତା ରାଜନୀତି ଓ ନିର୍ବାଚନୀ କସରତ ଯେ ଆଉ ଆଦର୍ଶମୂଳକ ହୋଇ ରହିନାହିଁ ଏହା ଆମେ ସମସ୍ତେ ଊଣା ଅଧିକେ ଜାଣିଛୁ। ଏହାର ଗୋଟିଏ ଜ୍ୱଳନ୍ତ ଉଦାହରଣ ହେଲା ମୁଖ୍ୟ ରାଜନୈତିକ ଦଳମାନଙ୍କ ଦ୍ୱାରା ନିର୍ବାଚନ ସଂକଳ୍ପ ପତ୍ର ବା ମାନିଫେଷ୍ଟୋକୁ ପୂର୍ବରୁ ମିଳୁଥିବା ଅଗ୍ରାଧିକାର ଘୋର ଅବକ୍ଷୟ। ଏମିତି ବି ଦିନ ଆସିଛି ସଂସଦୀୟ ନିର୍ବାଚନର ପ୍ରଥମ ପର୍ଯ୍ୟାୟ ଭୋଟ ଗ୍ରହଣ ପରେ ଯାଇ ଆନୁଷ୍ଠାନିକ ସଂକଳ୍ପପତ୍ର ଘୋଷଣା କରାଯାଇଛି। ତେବେ ଏ ସମସ୍ତ ବ୍ୟତିକ୍ରମ ସତ୍ତ୍ୱେ ଭାରତୀୟ ଗଣତାନ୍ତ୍ରିକ ପରମ୍ପରାରେ ଆମର ନିର୍ବାଚନ ପ୍ରକରଣ ନିଶ୍ଚିତ ଭାବେ ପ୍ରଶଂସନୀୟ କୀର୍ତ୍ତିମାନ ହାସଲ କରିଚାଲିଛି। ଭାରତୀୟ ଗଣତନ୍ତ୍ରର ଏହି ୨୦୨୪ ମହୋତ୍ସବ ସଂସ୍କରଣ ଭାରତମାତାଙ୍କ ଆଶୀର୍ବାଦରୁ ଶାନ୍ତିପୂର୍ଣ୍ଣ, ମୁକ୍ତ ଓ ଅବାଧ ହେବ - ଏହା ଆମର ବିଶ୍ୱାସ। ଏଥିପାଇଁ ରାଜନୈତିକ ଦଳମାନଙ୍କୁ, ପ୍ରଶାସନର ବିଭିନ୍ନ ବିଭାଗରେ କାର୍ଯ୍ୟରତ ଅଧିକାରୀ ଏବଂ ବିଶେଷକରି ଗଣମାଧ୍ୟମକୁ ଆଦର୍ଶ ଆଚରଣବିଧି ପାଳନ କରିବା ବିଧେୟ। ବିଶେଷକରି ବିଭ୍ରାନ୍ତିକର ସମ୍ବାଦର ପ୍ରଚାର ଓ ପ୍ରସାରର ନିୟନ୍ତ୍ରଣ ପ୍ରତି କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ପଡ଼ିବ।

# ହାତ ପାଆନ୍ତାରେ ସୌରଶକ୍ତି



ପ୍ରଫେସର ରମେଶ ଚନ୍ଦ୍ର ପରିଡ଼ା
ଭୁବନେଶ୍ୱର, ମୋ: ୯୯୩୭୩୦୧୪୬୦

ଜନସଂଖ୍ୟା ବୃଦ୍ଧି ଏବଂ ଶିଳ୍ପର ଦ୍ରୁତ ସମ୍ପ୍ରସାରଣ ସହିତ ତାଳଦେଇ ବିଗତ ଦଶନ୍ଧି ମଧ୍ୟରେ ଆମ ଦେଶରେ ଶକ୍ତିର ଆବଶ୍ୟକତା ହାରାହାରି ବାର୍ଷିକ ପ୍ରାୟ ୩ ପ୍ରତିଶତ ହାରରେ ବଢ଼ିଚାଲିଛି। ଏହାର ଗଭୀର ପ୍ରଭାବ ଅନୁଭୂତ ହେଉଛି ଆମ ଅର୍ଥନୀତି, ପରିବେଶ ଏବଂ ପରିସଂସ୍ଥା ଉପରେ। ୨୦୪୦ ମସିହା ବେଳକୁ ଶକ୍ତି ଚାହିଦା ୨୦୧୯ ମସିହା ତୁଳନାରେ ୩୦ ରୁ ୬୦ ପ୍ରତିଶତ ବୃଦ୍ଧି ପାଇପାରେ ବୋଲି ପୂର୍ବାନୁମାନ କରାଯାଉଛି। ଶକ୍ତିର ଆବଶ୍ୟକତା ପୂରଣ ଲାଗି ଆମେ ବିଶେଷଭାବେ ଜୀବାଶ୍ମ ଇନ୍ଧନ ଏବଂ ଅଳ୍ପ କିଛି ମାତ୍ରାରେ ପୁନଃ ନବୀକରଣକ୍ଷମ ଶକ୍ତି ଉତ୍ସମାନଙ୍କ ଉପରେ ନିର୍ଭର କରୁ। ବର୍ତ୍ତମାନ ଆମ ଶକ୍ତି ଚାହିଦାର ପ୍ରାୟ ଅଧାଅଧି ଯୋଗାଉଛି କୋଇଲା (୪୬%)। ଏହା ପଛକୁ ଖଣିଜତୈଳ (୨୪%), ଜୈବଇନ୍ଧନ (୨୧%) ଏବଂ ପ୍ରାକୃତିକ ବାଷ୍ପ (୫%)ର ସ୍ଥାନ। ଅନ୍ୟପକ୍ଷରେ ଜଳବିଦ୍ୟୁତ ପ୍ରକଳ୍ପ ତଥା ପରମାଣବିକ, ସୌର, ବାୟୁ ଆଦି ପୁନଃ ନବୀକରଣକ୍ଷମ ଉତ୍ସଗୁଡ଼ିକ ଏକତ୍ର ଆମର ମାତ୍ର ୩ ପ୍ରତିଶତ ଆବଶ୍ୟକତା ପୂରଣ କରନ୍ତି।

ଜୀବାଶ୍ମ ଇନ୍ଧନଗୁଡ଼ିକ ଅତ୍ୟନ୍ତ ପ୍ରଦୂଷଣକାରୀ। ତାହାର ଖଣିରୁ ଉତ୍ତୋଳନ, ପରିବହନ, ବିଶୋଧନ ଏବଂ ବିଦ୍ୟୁତ ଉତ୍ପାଦନ ଲାଗି ବ୍ୟବହାର ଏକତ୍ର ବିଶାଳ ଅଙ୍ଗାର-ପଦଚିହ୍ନମାନ ସୃଷ୍ଟି କରନ୍ତି। 'ଇଣ୍ଟରନ୍ୟାସନାଲ ପ୍ୟାନେଲ୍ ଅନ୍ କ୍ଲାଇମେଟ୍ ଚେଞ୍ଜ୍'ର ଆକଳନ ଅନୁସାରେ କୋଇଲାରୁ ଏକ 'କିଲୋୱାଟ୍ ଆୱାର' ବିଦ୍ୟୁତ୍ ଉତ୍ପାଦନରେ ଉତ୍ପନ୍ନ ହୋଇଥାଏ ୭୪୦ ରୁ ୧୬୮୯ ଗ୍ରାମ ଅଙ୍ଗାରକାମ୍ଳ-ସମତୁଲ୍ୟ ସବୁଜଗ୍ରହ ବାଷ୍ପ। ସେହିପରି ଖଣିଜତୈଳ ଏବଂ ପ୍ରାକୃତିକ ବାଷ୍ପରୁ ଏହା ଯଥାକ୍ରମେ ୫୧୦ ରୁ ୧୧୭୦ ଏବଂ ୨୩୦ ରୁ ୨୯୦ ହେଲା ବେଳେ ପୁନଃ ବିନିଯୋଗକ୍ଷମ ଉତ୍ସ ଯଥା - ଜଳବିଦ୍ୟୁତ୍ ଉତ୍ପାଦନ କ୍ଷେତ୍ରରେ ୪ ଗ୍ରାମ୍, ବାୟୁଶକ୍ତି କ୍ଷେତ୍ରରେ ୧୧ ଗ୍ରାମ୍, ପରମାଣବିକ ଶକ୍ତି କ୍ଷେତ୍ରରେ ୧୨ ଗ୍ରାମ୍ ଏବଂ ସୌରଶକ୍ତି କ୍ଷେତ୍ରରେ ୪୧ ଗ୍ରାମ୍ ହୋଇଥାଏ। ତେଣୁ ଅଧିକ ପରିମାଣର ଜୀବାଶ୍ମ ଇନ୍ଧନ ବ୍ୟବହାର ଆମ ଦେଶକୁ ବିଶ୍ୱର ତୃତୀୟ ସର୍ବାଧିକ ଅଙ୍ଗାରକାମ୍ଳ ନିର୍ଗମନକାରୀ ରାଷ୍ଟ୍ରରେ ପରିଣତ କରିଛି (୨୦୧୧ ମସିହାରେ ୨.୫ ଗିଗାଟନ୍)। ଏହାବ୍ୟତୀତ ଆମ ଆବଶ୍ୟକତାର ୮୦ ପ୍ରତିଶତ ଖଣିଜତୈଳ, ୫୦ ପ୍ରତିଶତ ପ୍ରାକୃତିକ ବାଷ୍ପ ଏବଂ ୨୦ ପ୍ରତିଶତ କୋଇଲା ବିଦେଶରୁ ଆମଦାନୀ କରାଯାଏ। ଆନ୍ତର୍ଜାତିକ ବଜାରରେ ନିୟମିତ ଭାବେ ଏଗୁଡ଼ିକର ମୂଲ୍ୟବୃଦ୍ଧି ଘଟୁଥିବା ହେତୁ ତାହା ଆମ ଅର୍ଥନୀତିକୁ ଏବଂ ବିଶେଷକରି ସ୍ୱଳ୍ପ ଆୟକାରୀ ବର୍ଗଙ୍କୁ ଗଭୀରଭାବେ ପ୍ରଭାବିତ କରୁଛି।

ଏସବୁ କଥା ବିଚାରକୁ ନେଇ ଆମ ଦେଶରେ ପୁନଃ ନବୀକରଣ ଶକ୍ତି କ୍ଷେତ୍ରରେ ଦ୍ରୁତ ବିକାଶ ଲାଗି ଏବଂ ସମୁଦାୟ ଶକ୍ତି ଉତ୍ପାଦନର ୩୧ ପ୍ରତିଶତକୁ ବୃଦ୍ଧି କରିବା ଲାଗି ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ତହିଁରେ ସର୍ବାଗ୍ରରେ ରହିଛି ସୌରଶକ୍ତି (୫୪.୯୯%) ଏବଂ ତା'ପରେ ଯଥାକ୍ରମେ ବାୟୁଶକ୍ତି (୩୩.୩%), ଜୈବଶକ୍ତି (୮.୦୫%) ଏବଂ କ୍ଷୁଦ୍ର ଜଳବିଦ୍ୟୁତ୍ ଉତ୍ପାଦନ ବ୍ୟବସ୍ଥା (୩.୭%)। ଭାରତରେ ପୁନଃ ନବୀକରଣ ଶକ୍ତି ପ୍ରତି ଗୁରୁତ୍ୱ ଦେବା ମୂଳରେ ରହିଛି ଜଳବାୟୁ ପରିବର୍ତ୍ତନ ଜନିତ ପ୍ରଭାବକୁ ପ୍ରତିହତ କରିବା ପାଇଁ ଅଙ୍ଗାରକାମ୍ଳ ନିର୍ଗମନ ଯଥାସମ୍ଭବ ହ୍ରାସ ଏବଂ ଶକ୍ତି ଉତ୍ପାଦନ କ୍ଷେତ୍ରରେ ସ୍ୱାବଲମ୍ବୀ ହେବା ଦିଗରେ ଅଗ୍ରସର ହେବା ଲାଗି ପ୍ରତିଶ୍ରୁତିବଦ୍ଧତା। ଏହି ଲକ୍ଷ୍ୟ ନେଇ ବିଗତ ଫେବ୍ରୁଆରୀ ୩ ତାରିଖରେ କେନ୍ଦ୍ର ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା 'ଛାତ ଉପରେ ମାଗଣା ସୌର ଯୋଜନା-୨୦୨୪' ପ୍ରଣିଧାନଯୋଗ୍ୟ।

ପ୍ରାରମ୍ଭିକ ପର୍ଯ୍ୟାୟରେ ଦେଶରେ ଅନ୍ତତଃ ୧ କୋଟି ଘରର ଛାତ ଉପରେ ସୌର ଫଳକ ପ୍ରତିଷ୍ଠା କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି, ଯାହାଫଳରେ କି ଅଧିକରୁ ଅଧିକ ଲୋକେ ସେଗୁଡ଼ିକୁ ସ୍ୱାଧୀନ ଭାବେ ବ୍ୟବହାର କରିପାରିବେ ଏବଂ ଗ୍ରୀଡ଼ରୁ କମ୍ ଶକ୍ତି ଆବଶ୍ୟକ କରିବେ। ଏଥିପାଇଁ ୧ କିଲୋୱାଟ୍ ବ୍ୟବସ୍ଥା ପ୍ରତିଷ୍ଠା ଲାଗି ୧୦ ବର୍ଗମିଟର ସ୍ଥାନ ଲୋଡ଼ା। ଏହି ଯୋଜନା ମୁତାବକ ୩ କିଲୋୱାଟ୍ ପର୍ଯ୍ୟନ୍ତ ସୌରଫଳକ ପ୍ରତିଷ୍ଠା କଲେ ସରକାର ୪୦ ଶତାଂଶ ଆର୍ଥିକ ରିହାତି ପ୍ରଦାନ କରିବେ। ତାହା ୪ ରୁ ୧୦ କିଲୋୱାଟ୍ ହେଲେ ଏହା ୬୦ ଶତାଂଶକୁ ବୃଦ୍ଧି କରାଯିବ। ଏତଦ୍‌ବ୍ୟତୀତ ଅବଶିଷ୍ଟ ଖର୍ଚ୍ଚ ଲାଗି କମ୍ ସୁଧରେ ଋଣର ବ୍ୟବସ୍ଥା କରାଯିବ, ଯାହାକୁ ଋଣ ଗ୍ରହୀତା ୧୦ ବର୍ଷ ଭିତରେ ସୁଝିପାରିବେ। ଆଶା କରାଯାଏ ଯେ ଛାତ ଉପର ସୌରଫଳକ ପ୍ରତିଷ୍ଠା ବିଦ୍ୟୁତ୍ ବିଲ ୩୦ ରୁ ୫୦ ପ୍ରତିଶତ ହ୍ରାସ କରିବ। ଏ ବ୍ୟବସ୍ଥାଟି ୨୫ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ରହିବ। ତେବେ ୫ ରୁ ୬ ବର୍ଷ ମଧ୍ୟରେ ଏଥିରେ ନିୟୋଜିତ ଅର୍ଥ ପରିଶୋଧ ହୋଇଯିବ। ଟେକ୍ନୋଲୋଜିର ବିକାଶ ଏ ସମୟକୁ ଯଥାଶୀଘ୍ର ୧ ରୁ ୨ ବର୍ଷକୁ ହ୍ରାସ କରିପାରିବ ବୋଲି କୁହାଗଲାଣି। ଏହାପରେ ଉପଭୋକ୍ତା ଅବଶିଷ୍ଟ ସମୟ ଏଥିରୁ ମାଗଣା ବିଦ୍ୟୁତ୍‌ଶକ୍ତି ପାଇପାରିବ।

ତେବେ ସବୁ ଯୋଜନା ଭଳି ଏ କ୍ଷେତ୍ରରେ ମଧ୍ୟ କେତେକ ସମସ୍ୟା ଉପୁଜିବାର ଆଶଙ୍କା ରହିଛି। ଉଦାହରଣ ସ୍ୱରୂପ ପ୍ରତ୍ୟେକ ସୌର ଫଳକରେ ଥାଏ ଗୋଟିଏ ଆଲୁମିନିୟମ ଫ୍ରେମ, କାଚର ଢାଙ୍କୁଣୀ, ସିଲିକନ୍ ସେଲ୍‌ଫ, ତମ୍ବାର ସୁପରିବାହୀ ତାର ଏବଂ ତା'ର ପୃଷ୍ଠଦେଶ ତିଆରି ହୋଇଥାଏ ପଲିମର ବା ପ୍ଲାଷ୍ଟିକ୍‌ରେ। ଏଗୁଡ଼ିକ ମଧ୍ୟରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଲା ସିଲିକନ୍। ଖଣି ଖନନ ଦ୍ୱାରା ନିଷ୍କାସିତ କ୍ୱାର୍ଜକୁ ଅତ୍ୟନ୍ତ ଉଚ୍ଚ ତାପମାତ୍ରାରେ ଉତ୍ତପ୍ତ କରି ଏବଂ ସେଥିରେ କେତେକ ରାସାୟନିକ ପଦାର୍ଥ ପ୍ରୟୋଗ କରି ଏହା ପ୍ରସ୍ତୁତ କରାଯାଏ। ସେହିପରି ତମ୍ବା ଓ ଆଲୁମିନିୟମ ମଧ୍ୟ ଖଣିରୁ ଉତ୍ତୋଳିତ କଞ୍ଚାମାଲ୍ କାରଖାନାରେ ବିଶୋଧନ ମାଧ୍ୟମରେ ଉତ୍ପନ୍ନ ହୁଏ। ଅନ୍ୟପକ୍ଷରେ କାଚ ଓ ପ୍ଲାଷ୍ଟିକ୍ ପାଇଁ ନାନାଦି ରସାୟନ ଓ ପ୍ରସ୍ତୁତି ପାଇଁ କାରଖାନା ଦରକାର। ଏସବୁ ପ୍ରକ୍ରିୟା କାଳରେ ଆବଶ୍ୟକ ହୁଏ ପ୍ରଚୁର ଶକ୍ତି ଏବଂ ନିର୍ଗତ ହୁଏ ନାନାଦି ପ୍ରଦୂଷକ। ଏଣୁ ଏହାର ଅଙ୍ଗାର-ପଦଚିହ୍ନ ଖୁବ୍ ଅଧିକ। ଅନ୍ୟପକ୍ଷରେ ବ୍ୟବହାର କାଳ ସମାପ୍ତ ହେଲା ପରେ ସୌରଫଳକଗୁଡ଼ିକ ଆବର୍ଜନାରେ ପରିଣତ ହୁଅନ୍ତି। ସେଗୁଡ଼ିକର ଉଚିତ ପୁନଃଚକ୍ରଣ କରାଯାଇ ନପାରିଲେ ଇ-ଆବର୍ଜନା ଭଳି ସମସ୍ୟା ସୃଷ୍ଟି ହେବ। ତେବେ ଏସବୁ ସମସ୍ୟାର ହ୍ରାସ ବା ନିରାକରଣ ଲାଗି ଏବେ ଟେକ୍ନୋଲୋଜିମାନ କ୍ରମବିକଶିତ ହେବାରେ ଲାଗିଛି।

ଅନ୍ୟପକ୍ଷରେ ୨୫ ବର୍ଷ ଜୀବନକାଳ ମଧ୍ୟରେ ଶକ୍ତି ଉତ୍ପାଦନ କ୍ଷେତ୍ରକୁ ସୌରଫଳକର ଅବଦାନ ବିଚାରକୁ ନେଲେ ଏହାକୁ ଅତ୍ୟନ୍ତ ପରିବେଶ ସହାୟକ ବୋଲି ସ୍ୱୀକାର କରିବାକୁ ପଡ଼ିବ। କାରଣ ଏହାର ହାରାହାରି ବାଷ୍ପୀୟ ନିର୍ଗମନ 'କିଲୋୱାଟ୍-ଆୱାର' ପ୍ରତି ମାତ୍ର ୪ ଗ୍ରାମ ଅଙ୍ଗାରକାମ୍ଳ ସମତୁଲ୍ୟ ବୋଲି ଆକଳନ କରାଯାଇଛି। ପୁନଶ୍ଚ ବର୍ତ୍ତମାନ ସୌରଫଳକର କାର୍ଯ୍ୟଦକ୍ଷତା ୫୦ ଶତାଂଶ ବୃଦ୍ଧି ପାଇ ସାରିଲାଣି। ଏଣୁ ଇତିମଧ୍ୟରେ ଏହାର ଅଙ୍ଗାର-ପଦଚିହ୍ନ ଆହୁରି ହ୍ରାସ ପାଇସାରି ଥିବ ଏବଂ ଆଗକୁ ଏହା ଅଧିକ ନିମ୍ନଗାମୀ ହେବ ବୋଲି ଆଶା କରାଯାଏ। ଅର୍ଥନୈତିକ ଦୃଷ୍ଟିକୋଣରୁ ମଧ୍ୟ ଏହା ବେଶ୍ ସହନୀୟ।

ଏପରିସ୍ଥଳେ ସୂର୍ଯ୍ୟକିରଣରୁ ବିଦ୍ୟୁତ୍ ଉତ୍ପାଦନ ଯୋଜନାର ଏକ ସୁଦୂରପ୍ରସାରୀ ଭବିଷ୍ୟତ ରହିଛି। ଏହା ଆମ ଦେଶରେ ସୌରଶକ୍ତି ଉତ୍ପାଦନକୁ ଊର୍ଦ୍ଧ୍ୱ ଲମ୍ଫ ପ୍ରଦାନ କରିବା ସହିତ ଆଗାମୀ ଦିନମାନଙ୍କରେ ପୁନଃନବୀକରଣ ଶକ୍ତି ଉପରେ ୯୦% ନିର୍ଭରଶୀଳ ହେବାଲାଗି ସରକାରଙ୍କ ଧାର୍ଯ୍ୟ ଲକ୍ଷ୍ୟ ପୂରଣ ଦିଗରେ ଏକ ବିରାଟ ପଦକ୍ଷେପ ହେବ। ଅତଏବ ଜାତିସଂଘର ଜଳବାୟୁ ପରିବର୍ତ୍ତନ କାର୍ଯ୍ୟକ୍ରମ ଦ୍ୱାରା ନିର୍ଦ୍ଧାରିତ ୨୦୫୦ ମସିହା ସୁଦ୍ଧା 'ଶୂନ ନିର୍ଗମନ'ରେ ପହଞ୍ଚିବା ସହଜ ହୋଇପାରିବ (ଭାରତ ଏଥିପାଇଁ ୨୦୭୦ ମସିହା ପର୍ଯ୍ୟନ୍ତ ସମୟ ମାଗିଛି)। ଏତଦ୍‌ବ୍ୟତୀତ ଏହା ଆମ ଅର୍ଥନୀତିକୁ ସୁଦୃଢ଼ କରିବ ଏବଂ ଶକ୍ତି କ୍ଷେତ୍ରରେ ଆମକୁ ଅଧିକ ଆତ୍ମନିର୍ଭରଶୀଳ କରିବ।



# ଅବଲୁପ୍ତ ବସନ୍ତ !



ଡ. ପ୍ରଫୁଲ୍ଲ କୁମାର ସାହୁ
ଭଦ୍ରକ, ମୋ: ୬୩୭୧୬୪୨୪୬୪

ଫାଲଗୁନ ଚୈତ୍ର ବସନ୍ତରେ, ମୃଦୁ ମଳୟ ମନ ହରେ'। ଭକ୍ତକବି ମଧୁସୂଦନ ରାଓଙ୍କର ଏହି ଅନୁଭବସିଦ୍ଧ ଉକ୍ତି ଅନୁଯାୟୀ ଫଗୁଣରେ ପତ୍ରଝଡ଼ା ଋତୁ ବିଦାୟ ନେବା ସାଙ୍ଗକୁ ନୂତନ ସୃଷ୍ଟିର ପ୍ରସ୍ତୁତି ନେଇ ଧରାପୃଷ୍ଠରେ ପ୍ରବେଶ କରେ ଋତୁରାଜ ବସନ୍ତ। ଏଥିରେ ଉଲ୍ଲସିତ ହୋଇ ଷୋହଳ କଳାରେ ସଜେଇହୁଏ ପ୍ରକୃତି। ଜନମନ ହରିନିଏ ବସନ୍ତର ମୃଦୁମଳୟ ତଥା ନବମୁକୁଳ ଗହଳରୁ ଭାସିଆସୁଥିବା କୋକିଳର ପଞ୍ଚମ ତାନ। କିନ୍ତୁ ବସନ୍ତର ସେ ପ୍ରାଣପ୍ରାଚୁର୍ଯ୍ୟ ଏବେ କାହିଁ? ଏଥର ତ' ପହିଲି ଫଗୁଣରୁ ମାଡ଼ି ଆସିଲାଣି ଖରା। ଅଘୋଷିତ ଭାବେ ବଢ଼ି ଚାଲିଲାଣି ତାତି। ରାଜ୍ୟରେ ଗ୍ରୀଷ୍ମ ପ୍ରବାହର ପ୍ରକୋପକୁ ଲକ୍ଷ୍ୟ କରି ତା'ର ମୁକାବିଲା ପାଇଁ ସବୁ ଜିଲ୍ଲାରେ ନିୟନ୍ତ୍ରଣ କକ୍ଷ ଖୋଲିବାକୁ ନିର୍ଦ୍ଦେଶ ଦେଇ ସାରିଲେଣି ସରକାର। ଏଥିପାଇଁ ଜାରି ହୋଇ ସାରିଲାଣି ମାର୍ଗଦର୍ଶିକା। କିନ୍ତୁ ଗଲା ଦୁଇ ଦଶନ୍ଧି ପୂର୍ବରୁ ଏଭଳି ଅବସ୍ଥା ନ ଥିଲା କି ଲୋକେ ଶୁଣି ନ ଥିଲେ ଅଂଶୁଘାତର ନାଁ। ଶୀତତାପ ନିୟନ୍ତ୍ରକ ଯନ୍ତ୍ର ତ' ଦୂରର କଥା ବିନା ବିଜୁଳିପଙ୍ଖାରେ ଚଳୁଥିଲେ ଗାଁ ଗଣ୍ଡାର ଲୋକେ। ସେତେବେଳେ ଅଧିକାଂଶ ଗାଆଁକୁ ବିଜୁଳି ସଂଯୋଗ ନ ଥିବାରୁ ତାଳପତ୍ର ବିଞ୍ଚଣାରେ କଟୁଥିଲା ତମାମ ଖରାଦିନ। ମୁଣ୍ଡରେ ଠେକା ଖଣ୍ଡେ ଭିଡ଼ି ଦେଇ ଦିନ ଦ୍ୱିପ୍ରହର ଯାଏଁ କ୍ଷେତବାରିରେ କାମ କରୁଥିଲା ଚାଷୀଭାଇ। ଖରାବେଳେ ନିର୍ମାଣ କାର୍ଯ୍ୟ ବନ୍ଦ ପାଇଁ ସରକାରଙ୍କ ପକ୍ଷରୁ କଟକଣା ଜାରି ହେଉ ନ ଥିଲା କି ଗ୍ରୀଷ୍ମ ପ୍ରବାହରେ ଅସ୍ତବ୍ୟସ୍ତ ହେଉ ନ ଥିଲା ଜନଜୀବନ। ତାତିର ପ୍ରକୋପ କଥା ପଡ଼ିଲେ ଆଗେ ଆଖିଆଗକୁ ଆସୁଥିଲା ପଶ୍ଚିମ ଓଡ଼ିଶା। ଟିଟିଲାଗଡ଼ ଥିଲା ସବୁଠାରୁ ତତଲା ସହର। ଏବେ କିନ୍ତୁ ଉପାନ୍ତରୁ ଉପକୂଳ ଯାଏ ସବୁଠି ସ୍ଥିତି ଅସମ୍ଭାଳ। କେଉଁଠି ହେଲେ ବାରି ହେଉନି ମୃଦୁମଳୟର ହିଲ୍ଲୋଳ କି ବାସନ୍ତିକ ସୁଷମାର କଲ୍ଲୋଳ।

ଋତୁଚକ୍ରର ଏହି ଅସ୍ୱାଭାବିକତା ଯେ ଏଥର ଆକସ୍ମିକ, ତାହା ନୁହେଁ। ବରଂ ଗଲା କେତେବର୍ଷ ପୂର୍ବରୁ ରାଜ୍ୟରେ ଖୋଲି ସାରିଛି ପାରିବେଶିକ ବିଭ୍ରାଟର ସ୍ଥାୟୀ ଶିବିର। ଦୁଇ ଦଶନ୍ଧି ପୂର୍ବକଥା ଭାବିଲେ ମନେହୁଏ ସେତେବେଳେ ଫଗୁଣରେ ହାରାହାରୀ ତାପମାତ୍ରା ରହୁଥିଲା ୩୩ ଡିଗ୍ରୀ ସେଲ୍‌ସିୟସ୍ ଭିତରେ। ପରବର୍ତ୍ତୀ ସମୟରେ ତାହା କ୍ରମାଗତ ବଢ଼ି ବଢ଼ି ପହଞ୍ଚିଲାଣି ୩୭ ଡିଗ୍ରୀ ସେଲ୍‌ସିୟସ୍ ଉପରେ। ଏହାଦ୍ୱାରା ଆମ ପରିବେଶରୁ ଧୀରେ ଧୀରେ କମୁଛି ଋତୁରାଜ ବସନ୍ତର ପ୍ରଭାବ। କେବଳ ବସନ୍ତ ନୁହେଁ, ଅନେକ ଆଗରୁ ନିରୁଦ୍ଦିଷ୍ଟ ଋତୁ ତାଲିକାରେ ଲେଖା ସରିଲାଣି ଶରତ ଓ ହେମନ୍ତର ନାମ। ଏବେ ଗ୍ରୀଷ୍ମ ପରେ ବର୍ଷା ଆସୁଛି ସତ, କିନ୍ତୁ ମଠେଇ ମଠେଇ। ବର୍ଷା ଓ ମୌସୁମୀ ମଧ୍ୟରେ ରହୁନି ତାଳମେଳ। ମୌସୁମୀ ପ୍ରଭାବ ସତ୍ତ୍ୱେ ଆଶାନୁରୂପ ବୃଷ୍ଟିପାତ ହେଉନି ବିନା ଲଘୁଚାପରେ। ଲଘୁଚାପ ବର୍ଷା ତ' ଲଗାମଛଡ଼ା। ବର୍ଷିଲା ତ ବର୍ଷିଲା ସପ୍ତାହବ୍ୟାପୀ। ଯଦି ବାଟବଣା ହେଲା ଚାଷୀ ହତାଶ। ଊଣା ପଡୁଥିବା ବର୍ଷାଋତୁର ଅବଧି ଠାରୁ ଆହୁରି କମିଲାଣି ଶୀତଋତୁର କାୟା। କଥାରେ ଅଛି - ମାଘ ମାସ ଶୀତ ବାଘ ପରି। ବର୍ଣ୍ଣବୋଧରେ ଭକ୍ତକବି ଲେଖିଛନ୍ତି - ଶୀତରେ ପୌଷ ମାଘ ମାସ, ଦେହରେ ରଖ ଶୀତବାସ। ଅଥଚ ଏଥର ଶୀତର ଲୁଚକାଳି ଖେଳ ମଧ୍ୟରେ ବିତିଗଲା ପୌଷ ଓ ମାଘ ମାସ। ମାଘ ଶେଷ ଆଡ଼କୁ ଶୀତବସ୍ତ୍ର ତ ଦୂରର କଥା ରାତିରେ ଶୋଇଲାବେଳେ ଆବଶ୍ୟକ ହେଲା ପଙ୍ଖା ପବନ। ଶୀତର ପ୍ରକୋପ ନ ରହିବା ଫଳରେ କମୁଛି ଶୀତଦିନିଆ ଫସଲ ଓ ପନିପରିବା ଉତ୍ପାଦନ। ଯାହା କିଛି ଫଳୁଛି, ସେଥିରେ ରହୁନି ତା'ର ଅସଲ ସ୍ୱାଦ। ଏହାର ପ୍ରତିକୂଳ ପ୍ରଭାବ ପଡୁଛି ଆମ ସ୍ୱାସ୍ଥ୍ୟ ଉପରେ। ବିଶେଷଜ୍ଞଙ୍କ କହିବା ଅନୁଯାୟୀ ଶୀତଋତୁରେ ଗରମ ଅନୁଭୂତ ହେବା ଦ୍ୱାରା ବିଭିନ୍ନ ରୋଗ ସୃଷ୍ଟି ହେବା ସାଙ୍ଗକୁ ବୃଦ୍ଧି ପାଉଛି ମଶା ବଂଶ। ଋତୁଚକ୍ରର ଆବର୍ତ୍ତନ କ୍ରମରେ ଶୀତ ପରେ ଆସେ ବସନ୍ତ। ତେଣୁ ଯଦି ଶୀତ ନ ଆସିବ ତେବେ କ'ଣ ହେବ ବସନ୍ତର ଅବସ୍ଥା ?

ଋତୁଚକ୍ର ସହିତ ଜୀବଜଗତ ଓ ଉଦ୍ଭିଦ ଜଗତର ଏକ ଅନୁପମ ସମ୍ପର୍କ ଥିବାରୁ ବର୍ଷର ଏକ ନିର୍ଦ୍ଦିଷ୍ଟ ସମୟରେ ଗଛର ପତ୍ର କଅଁଳେ, ତା'ର ରଙ୍ଗ ବଦଳାଏ, ଗଛ ପତ୍ରଝଡ଼ା ଦିଏ, ଫୁଲ ଫୁଟେ ଓ ଫୁଲର ହାଟରେ ବର୍ଷେ ପ୍ରଜାପତିଙ୍କ ମେଳ। ପକ୍ଷୀର ଶାବକ ଯେତେବେଳେ ଜନ୍ମ ନିଏ, ସେତେବେଳେ ଆଖପାଖ ପରିବେଶରେ ମିଳୁଥାଏ ପ୍ରଚୁର ଆହାର। ପରାଗସଙ୍ଗମ ପାଇଁ ଅନୁକୂଳ ଥାଏ ପାଣିପାଗ। ଆମ୍ବଗଛରେ ବଉଳ ସେତିକିବେଳେ ଖୁନ୍ଦି ହୋଇଯାଏ, ଯେତେବେଳେ ବାତାବରଣରେ ବାରିହୋଇ ପଡ଼େ ନବ ବସନ୍ତର ବାସ୍ନା। ଏହି ସୂକ୍ଷ୍ମ ଭାରସାମ୍ୟ ବିଗିଡ଼ି ଯିବା ଫଳରେ ଏବେ ଫୁଲ ଫୁଟୁନି କି ଫଳ ଧରୁନି ଯଥା ସମୟରେ। ଶୀଘ୍ର ଶୀଘ୍ର ବଦଳି ଯାଉଛି ଫୁଲର ରଙ୍ଗ ଓ ଫଳର ସ୍ୱାଦ। ଅସମୟରେ ବୁଢ଼ା ହୋଇ ଯାଉଛି ଗଛ। ପରାଗସଙ୍ଗମ ତଥା ପରାଗକମାନଙ୍କ ବ୍ୟବହାରରେ ଅସ୍ୱାଭାବିକତା କାରଣରୁ ଅବ୍ୟବସ୍ଥିତ ହୋଇପଡୁଛି ଉଦ୍ଭିଦ ଜଗତର ଛନ୍ଦ, ତାଳ ଓ ଲୟ। ଋତୁ ଅନୁଯାୟୀ ଯାହା ଅନୁଭବ କରିବା କଥା ତାହା ଅନୁଭବ କରି ହେଉନି ଏବଂ ତା'ର ପ୍ରତିକୂଳ ପ୍ରଭାବ ପଡୁଛି ସମଗ୍ର ପରିବେଶ ଉପରେ।

ପ୍ରକୃତି ହେଉଛି ଦିବ୍ୟ ଚେତନାର ବାହ୍ୟତମ ରୂପ। ପ୍ରକୃତି ମାଧ୍ୟମରେ କାର୍ଯ୍ୟକାରୀ ହୋଇଥାଏ ଈଶ୍ୱରଙ୍କ କଳ୍ପନା, ଭାବନା ଓ ଯୋଜନା। ସେଥିପାଇଁ ପ୍ରକୃତି ଯେମିତି ଶୃଙ୍ଖଳିତ ସେମିତି ସ୍ନେହଶୀଳ। ତା'ର କ୍ରିୟାତ୍ମକ ରୂପ ଅନ୍ତରାଳରେ ଥିବା ସୂକ୍ଷ୍ମ ଦୃଷ୍ଟି ଓ ପରିଣାମଦର୍ଶିତା ପାଇଁ ସଂସାର ଏତେ ମଞ୍ଜୁଳ ଓ ମଧୁମୟ। ମାତ୍ର ଦୁର୍ଭାଗ୍ୟର ବିଷୟ ଆମର ଅପରିଣାମଦର୍ଶିତା ପାଇଁ କ୍ରମାଗତ ବିଗିଡ଼ି ଚାଲିଛି ପ୍ରକୃତିର ଭିନ୍ନ ଭିନ୍ନ ସ୍ୱୟଂକ୍ରିୟ ବ୍ୟବସ୍ଥା। ଋତୁଚକ୍ର ଆବର୍ତ୍ତନରେ ଆଉ ରହୁନି ଧାରାବାହିକତା। ଏକଦା ସବୁଠାରୁ ଥଣ୍ଡା ସହର ଭାବେ ପରିଚିତ ଥିଲା ରାଜଧାନୀ ଭୁବନେଶ୍ୱର। ରାଜଧାନୀ ଉପକଣ୍ଠରେ ଥିବା ଘଞ୍ଚ ଅରଣ୍ୟ, ସୁନ୍ଦର ସବୁଜିମା ଭରା ପାହାଡ଼ ତଥା କଳକଳ ନାଦ କରି ବହିଯାଉଥିବା ନଦୀ ଓ ଝରଣା ପାଇଁ ତା'ର ଜଳବାୟୁ ଥିଲା ନାତିଶୀତୋଷ୍ଣ ଓ ସ୍ୱାସ୍ଥ୍ୟକର। ଏବେ ଆଉ ସେ ଭୁବନେଶ୍ୱର ନାହିଁ କି ପ୍ରାଣକୁ ଉଲ୍ଲସିତ କରୁନି ତା'ର ଦକ୍ଷିଣା ପବନ। ଜଳଉତ୍ସ ପୋତାଯାଇ ଘର ଓ ଆପାର୍ଟମେଣ୍ଟ ନିର୍ମାଣ କରିବାର ପ୍ରତିଯୋଗିତା, ରାସ୍ତା ନିର୍ମାଣ ପାଇଁ ବୃକ୍ଷ ହନନ ତଥା ପ୍ରଳୟଙ୍କାରୀ ବାତ୍ୟାର ପ୍ରକୋପ ଆଦି କାରଣରୁ ଭୁବନେଶ୍ୱର ହରାଇ ସାରିଛି ତା'ର ସବୁଜ ସମ୍ଭାର। ତା'ର ଆଖପାଖରେ ଥିବା ଜଙ୍ଗଲ ଜମିରେ ଏବେ ଛାଇ ଯାଇଛି କଂକ୍ରିଟ ଜଙ୍ଗଲ। ଲଣ୍ଡା ପାହାଡ଼ର ଆଖ୍ୟା ପାଇସାରିଛି ସବୁଜିମା ଭରା ବରୁଣାଇ ଓ ଖଣ୍ଡଗିରି। ପ୍ରକୃତି ଓ ପରିବେଶ ଉପରେ ଯେମିତି ଅତ୍ୟାଚାର ବଢ଼ି ଚାଲିଛି ସେମିତି ଆମ ଠାରୁ ଘୁଞ୍ଚି ଘୁଞ୍ଚି ଯାଉଛି ଋତୁକାଳୀନ ଅନୁଭବ। ଏହା କେବଳ ଭୁବନେଶ୍ୱର ବା ଓଡ଼ିଶା ନୁହେଁ, ଏକ ବିଶ୍ୱବ୍ୟାପୀ ସମସ୍ୟା।

ସାଧାରଣତଃ ଯୌବନକୁ କୁହାଯାଏ ଜୀବନର ବସନ୍ତ, ଯାହାର ଉପଯୋଗରେ ଥାଏ ଉତ୍କର୍ଷର ଉତ୍ସ। ବସନ୍ତ ଆସିଲେ ମନରେ ଭରିଯାଏ ଏକ ମହାର୍ଘ୍ୟ ଅନୁଭବ। ପ୍ରାଣକୁ ବିଭୋର କରେ ବିନମ୍ରଭାବ ଓ କୋମଳ ସ୍ୱଭାବ। ସେଥିପାଇଁ ବସନ୍ତକୁ କିଏ ଫୁଲ ଓ ଫଗୁଣର ଋତୁ କହେ ତ, କିଏ କହେ ପ୍ରେମ ଓ ପ୍ରଣୟର ଋତୁ। କିଏ ଆନନ୍ଦ ଓ ଆକର୍ଷଣର ଋତୁ କହେ ତ, କିଏ କହେ କବି ଓ କବିତାର ଋତୁ। ଦିବ୍ୟ ଉଲ୍ଲାସରେ ଉଦ୍‌ବେଳିତ ହେବାର ବେଳା ହେଉଛି ବସନ୍ତଋତୁ। କଥାରେ ଅଛି - ଫଗୁଣ ମାସରେ ଦୋଳଗୋବିନ୍ଦ, ଫଗୁ ଖେଳୁଥା'ନ୍ତି ପରମାନନ୍ଦ। ଫଗୁଦଶମୀ ଆସି ପ୍ରକୃତିର ରଙ୍ଗ ଫରୁଆରୁ ଫଗୁ ବୁଣିଦେଲେ ଦୋଳମେଳଣ ପାଇଁ ସଜହୁଏ ବିମାନ। ଦୋଳ ବିମାନରେ ବସି ଗାଆଁ କୁ ଗାଆଁ ବୁଲନ୍ତି ରାଧାଗୋବିନ୍ଦ। ରାସ, ରଙ୍ଗ, ହାସ୍ୟ, ଉଲ୍ଲାସ, ଆନନ୍ଦ ଓ ପରମାନନ୍ଦ ଲୀଳା ବିଳାସ ବା କୃଷ୍ଣ ଚେତନାର ଉଲ୍ଲାସରେ ଫାଟିପଡ଼େ ଗାଆଁ ଦାଣ୍ଡ। କବିମାନେ ସାଧାରଣତଃ ସୌନ୍ଦର୍ଯ୍ୟପିପାସୁ ଓ କଳ୍ପନାବିଳାସୀ। ବସନ୍ତର ବାସନ୍ତିକ ସୁଷମାରେ ଉଦ୍‌ବେଳିତ ହୁଏ କବିର କଲମ। ସେଥିପାଇଁ ଆମ ସାହିତ୍ୟରେ ବସନ୍ତକୁ ନେଇ ଲେଖାଯାଇଛି ରାଶି ରାଶି କବିତା। ଯାହା ସାଧାରଣ ବ୍ୟକ୍ତି ଆଖିକୁ ଦିଶେନାହିଁ, ତାହା କବି ଦେଖିପାରେ ତା'ର ସୂକ୍ଷ୍ମ ଦୃଷ୍ଟି ବଳରେ। ଆମ ପାଇଁ ଯାହା ଚଇତର ଦକ୍ଷିଣାପବନ। କବି ପାଇଁ ତାହା ଚୋରା ଚଇତାଳି ବା ମଳୟ ପବନ। ମଳୟ ପର୍ବତରୁ ସେ ବୋହିଆଣେ ଚନ୍ଦନ ବାସ୍ନା। ଯଦି ବସନ୍ତ ଆସିବନି କି ପ୍ରାଣକୁ ଉଲ୍ଲସିତ କରିବନି ଚୋରା ଚଇତାଳି, ସହକାର ଶାଖାରୁ କୋଇଲି ଗାଇବନି କି କଳକଳ ନାଦ କରି ବହିବନି ଶୀତଳ ଝରଣା, ତେବେ ସେ ନିର୍ଜୀବ ପୋଡ଼ା ଭୂଇଁରେ ଥାଇ କବି ହୃଦୟରୁ କେମିତି ଝରିବ କବିତାର ଝର?

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 I 2955342

ଘୋଷଣା

ଦୈନିକ **'ସକାଳ'** ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

# ବଡ଼ମୂଳବସନ୍ତରେ ସଶସ୍ତ୍ର ଡକାୟତି

**ପଟ୍ଟାମୁଣ୍ଡାଇ, ୧୭ ।୩ (ସମିସ):** ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅନ୍ତର୍ଗତ ବଡ଼ମୂଳବସନ୍ତ ଗ୍ରାମରେ ଏକ ବଡ଼ଧରଣର ଡକାୟତି ହୋଇଛି। ଡକାୟତମାନେ ଜଣେ ଆଇନଜୀବୀଙ୍କୁ ଛୁରି ଭୁସି ତାଙ୍କ ଘରୁ ସୁନାଗହଣା ଓ ଟଙ୍କା ଲୁଟି ନେଇଛନ୍ତି। ଲୁଟ୍‌ର ଶିକାର ଆଇନଜୀବୀଜଣଙ୍କ ହେଲେ,



ଭୀମସେନ ପ୍ରଧାନ। ଏନେଇ ଆଜି ଅଭିଯୋଗ ହେବାପରେ ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀ କୁକୁର ସହାୟତାରେ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ପୁଲିସ ତଦନ୍ତ ଆରମ୍ଭ କରିଛି। ତେବେ ଶେଷ ଖବର ଲେଖା ହେବା ସୁଦ୍ଧା ପୁଲିସ୍ ଲୁଟେରାଙ୍କ ପତ୍ତା ପାଇପାରିନାହିଁ। ସୂଚନାଯୋଗ୍ୟ, ଭୀମସେନ ପ୍ରଧାନ ଓ ତାଙ୍କ ସ୍ତ୍ରୀ ଅବସର ପ୍ରଧାନଶିକ୍ଷୟିତ୍ରୀ ସରୋଜିନୀ ପାତ୍ର ଗତକାଲି ରାତିରେ ଖାଇ ସାରି ଶୋଇଥିଲେ। ବିଳମ୍ବିତ ରାତିରେ କିଛି ଦୁର୍ବୃତ୍ତ ଦୁଆର ଘର ଗ୍ରୀଲ୍ କାଟି ଘରେ ପଶିଥିଲେ। ଏହା ଦେଖି ଆଇନଜୀବୀ ଶ୍ରୀ ପ୍ରଧାନ ବିରୋଧ କରିବାରୁ ସେମାନେ ତାଙ୍କୁ ମିଳିତ ଭାବେ ଛୁରିରେ ଆକ୍ରମଣ କରିବା ସହ ତାଙ୍କୁ ମଶାରିରେ ବାନ୍ଧି ପକାଇଥିଲେ। ଏହା ଦେଖି ପତ୍ନୀ ସରୋଜିନୀ ପ୍ରତିବାଦ କରିବାରୁ ସେମାନେ ଶ୍ରୀ ପ୍ରଧାନଙ୍କୁ ଜୀବନରୁ ମାରିଦେବେ ବୋଲି ଧମକ ଦେଇଥିଲେ। ତେଣୁ ସରୋଜିନୀ ଚୁପ୍ ରହିଥିଲେ। ଏହାପରେ ଦୁର୍ବୃତ୍ତମାନେ ଆଲମିରାରେ ଥିବା ୧୨୦ ଗ୍ରାମ୍‌ର ସୁନାଗହଣା ଓ ୩୦ ହଜାର ଟଙ୍କା ନେଇ ଚମ୍ପଟ ମାରିଥିଲେ। ଧରାପଡ଼ିଯିବା ଭୟରେ ସେମାନେ ଗଲା ବେଳେ ଘରେ ଲାଗିଥିବା ସିସିଟିଭି ହାର୍ଡଡିସ୍କକୁ ମଧ୍ୟ ତାଡ଼ି ନେଇଥିଲେ। ଛୁରାମାଡ଼ରେ ଭୀମସେନଙ୍କ ପିଠି, ତଳିପେଟ ଓ ଜଙ୍ଘରେ ଗୁରୁତର ଆଘାତ ଲାଗିଛି। ଅପରପକ୍ଷେ ଦୁର୍ବୃତ୍ତମାନେ ତାଙ୍କ ଘରଠାରୁ ପାଖାପାଖି ୧୦୦ ମିଟର ଦୂରରେ ଥିବା ସହକାରୀ ଉଦ୍ୟାନ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟର ତାଲା କାଟି ଘରେ ଥିବା ଆସବାବପତ୍ର ମଧ୍ୟ ଭଙ୍ଗାରୁଜା କରିଛନ୍ତି। ଖବର ପାଇ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅଧିକାରୀ ରଞ୍ଜିତ ମହାନ୍ତି ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀ କୁକୁର ସହିତ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି।

**ଆଇନଜୀବୀଙ୍କୁ ଛୁରି ଭୁସି ଲୁଟିନେଲେ ଟଙ୍କା ଓ ସୁନା**

# ଓଡ଼ିଆରେ ସର୍ବାଧିକ ନମ୍ବର ରଖିଥିବା ମାଟ୍ରିକ୍ ପରୀକ୍ଷାର୍ଥୀଙ୍କୁ 'ମୁଖ୍ୟମନ୍ତ୍ରୀ ଓଡ଼ିଆ ଭାଷା ବୃତ୍ତି'

- ବ୍ଲକ ବା ପୌରାଞ୍ଚଳରୁ ୨୦, ମ୍ୟୁନିସିପାଲିଟିରୁ ୧୦ ଓ ଏନ୍‌ଏସିରୁ ଶ୍ରେଷ୍ଠ ୫ଙ୍କୁ ବୃତ୍ତି
- ୨୦୨୪-୨୫ ଆର୍ଥିକ ବର୍ଷରୁ ମିଳିବ ଏକକାଳୀନ ୭୫୦୦ ଟଙ୍କା ବୃତ୍ତି ରାଶି
- ସୀମାନ୍ତବର୍ତ୍ତୀ ପିଲାଙ୍କ ମଧ୍ୟରେ ଓଡ଼ିଆ ଭାଷା ପ୍ରୀତି ବୃଦ୍ଧି କରିବାରେ ସହାୟକ ହେବ

**ଭୁବନେଶ୍ୱର,୧୭ ।୩(ସମିସ):** ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ(ବିଏସ୍‌ଇ) ପରିଚାଳିତ ଦଶମ ପରୀକ୍ଷାରେ ମାତୃଭାଷା ଓଡ଼ିଆରେ ସର୍ବାଧିକ ନମ୍ବର ରଖିଥିବା ଛାତ୍ରଛାତ୍ରୀଙ୍କୁ ମିଳିବ 'ମୁଖ୍ୟମନ୍ତ୍ରୀ ଓଡ଼ିଆ ଭାଷା ବୃତ୍ତି'। ପ୍ରତି ବ୍ଲକ, ମହାନଗର ନିଗମ, ପୌରପାଳିକା, ବିଜ୍ଞାପିତ ଅଞ୍ଚଳ ପରିଷଦରୁ ଓଡ଼ିଆରେ ସର୍ବାଧିକ ନମ୍ବର ରଖିଥିବା ଛାତ୍ରଛାତ୍ରୀ ଏହି ବୃତ୍ତି ପାଇବେ। ଏକ ସ୍ୱତନ୍ତ୍ର ବୃତ୍ତି ଭାବେ ଏହି ଛାତ୍ରବୃତ୍ତି ପ୍ରଦାନ ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। ୨୦୨୪-୨୫ ଆର୍ଥିକ ବର୍ଷରୁ ବୃତ୍ତି ପ୍ରଦାନ କରିବା ନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଗତ ଶୁକ୍ରବାର ଏକ 'ସଂକଳ୍ପ' ପ୍ରକାଶ ପାଇଛି।

ଓଡ଼ିଆରେ ସର୍ବାଧିକ ନମ୍ବର ରଖିଥିବା ପ୍ରତି ବ୍ଲକ ବା ପୌରନିଗମରୁ ୨୦ଜଣ ଲେଖାଏଁ ଛାତ୍ରଛାତ୍ରୀ, ମ୍ୟୁନିସିପାଲିଟିରୁ ୧୦ଜଣ ଓ ବିଜ୍ଞାପିତ ଅଞ୍ଚଳ ପରିଷଦରୁ ୫ଜଣ ଶ୍ରେଷ୍ଠ ଛାତ୍ରଛାତ୍ରୀଙ୍କୁ ଏହି ବୃତ୍ତିରାଶି ପ୍ରଦାନ କରାଯିବ। ଏକାଧିକ ଛାତ୍ରଛାତ୍ରୀ ଓଡ଼ିଆ ବିଷୟରେ ସମାନ ନମ୍ବର ରଖିଥିଲେ ଦଶମ ପରୀକ୍ଷାରେ ଅଧିକ ନମ୍ବର ରଖିଥିବା ଛାତ୍ରଛାତ୍ରୀଙ୍କୁ ବୃତ୍ତିରାଶି ପ୍ରଦାନ କରାଯିବ। ବୃତ୍ତିରାଶି ଭାବେ ଏକକାଳୀନ ୭୫୦୦ ଟଙ୍କା ଦିଆଯିବ। ନିର୍ଦ୍ଧାରିତ ସଂଖ୍ୟାଠାରୁ ଅଧିକ ଶିକ୍ଷାର୍ଥୀଙ୍କୁ ଏହି ବୃତ୍ତି ପ୍ରଦାନ କରାଯିବ ନାହିଁ। ବିଶେଷକରି ଓଡ଼ିଶା ସୀମାନ୍ତବର୍ତ୍ତୀ ଅଞ୍ଚଳରେ ଥିବା ଓଡ଼ିଆ ପିଲାଙ୍କ ମଧ୍ୟରେ ଓଡ଼ିଆ ଭାଷା ପ୍ରତି ଆଗ୍ରହ ବୃଦ୍ଧି କରିବାରେ ଏହା ସହାୟକ ହେବ। ଏହାସହ ଓଡ଼ିଆ ଭାଷା ପ୍ରତି ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆଗ୍ରହ ବୃଦ୍ଧି, ଓଡ଼ିଆ ଭାଷାର ପ୍ରଚାର ପ୍ରସାର, ଅଭିବୃଦ୍ଧି ଓ ବିଦ୍ୟାଳୟରେ ଭାଷା ଅଧ୍ୟୟନକୁ ଗୁରୁତ୍ୱ ଦେବାପାଇଁ ସରକାର ଏହି ଛାତ୍ରବୃତ୍ତି ପ୍ରଦାନ କରିବାକୁ ନିଷ୍ପତ୍ତି ନେଇଛନ୍ତି।

ଯୋଗ୍ୟ ଛାତ୍ରଛାତ୍ରୀଙ୍କୁ ଚୟନ କରିବା ପାଇଁ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଯିବ। ସେଥିରେ ଜିଲ୍ଲା ଶିକ୍ଷା ଅଧିକାରୀ(ଡିଇଓ) ଓ ସମସ୍ତ ବ୍ଲକ ଶିକ୍ଷା ଅଧିକାରୀ(ବିଇଓ) ସଦସ୍ୟ ରହିବେ। ଶ୍ରେଷ୍ଠ ଛାତ୍ରଛାତ୍ରୀଙ୍କ ତାଲିକା ଯାଞ୍ଚ କରି ଚୂଡ଼ାନ୍ତ ତାଲିକା ପ୍ରସ୍ତୁତ କରିବେ। ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ପ୍ରତିବର୍ଷ ଏହି ବୃତ୍ତି ବାବଦକୁ ଦେୟ ଅର୍ଥରାଶି ପାଇଁ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ଏବଂ ଗୃହ ଓ ନଗର ଉନ୍ନୟନ ବିଭାଗ ଦ୍ୱାରା ଅଦ୍ୟତନ ବ୍ଲକ ଓ ସହରାଞ୍ଚଳ ଅନୁଯାୟୀ ପାଣ୍ଠି ଯୋଗାଇବା ପାଇଁ ଗଣଶିକ୍ଷା ବିଭାଗକୁ ପ୍ରସ୍ତାବ ଦେବେ। ଏହି ତଥ୍ୟ ଅନୁଯାୟୀ ବିଭାଗ ବର୍ଷର ବଜେଟ୍‌ରେ ବ୍ୟୟଅଟକଳର ବ୍ୟବସ୍ଥା କରିବେ। ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ଜୁଲାଇ ୧୫ ସୁଦ୍ଧା ଡିଇଓଙ୍କୁ ଆବଶ୍ୟକୀୟ ଅର୍ଥ ପ୍ରଦାନ କରିବେ। କମିଟି ଦ୍ୱାରା ଚୟନ ଛାତ୍ରଛାତ୍ରୀଙ୍କ ଆକାଉଣ୍ଟକୁ ଏହି ଟଙ୍କା ସିଧାସଳଖ ପଠାଯିବ। ସୂଚନାଯୋଗ୍ୟ, ପୂର୍ବରୁ ଓଡ଼ିଆ ଭାଷାରେ ସଫଳତାର ସହ ଉତ୍ତୀର୍ଣ୍ଣ ହେଉଥିବା ଛାତ୍ରଛାତ୍ରୀଙ୍କୁ ସ୍ୱତନ୍ତ୍ର ଭାଷା ବୃତ୍ତି ପ୍ରଦାନ କରାଯାଉଥିଲା। ପରବର୍ତ୍ତୀ ସମୟରେ ଏହାର ଗୁରୁତ୍ୱକୁ ଉପଲବ୍ଧ କରି 'ମୁଖ୍ୟମନ୍ତ୍ରୀ ଓଡ଼ିଆ ଭାଷା ବୃତ୍ତି' ଭାବେ ନାମକରଣ କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି।

# ଦେବଗଡ଼ ବିଜେଡି କମିଟିର ନୂତନ କର୍ମକର୍ତ୍ତା

**ଭୁବନେଶ୍ୱର, ୧୭ ।୩ (ସମିସ):** ଦେବଗଡ଼ ବିଜେଡି ସାଂଗଠନିକ ଜିଲ୍ଲା ପାଇଁ ନୂତନ କର୍ମକର୍ତ୍ତାଙ୍କୁ ନିଯୁକ୍ତି ଦିଆଯାଇଛି। ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ ଦେବଗଡ଼ ଜିଲ୍ଲା ବିଜେଡି କମିଟିରେ ୭ଜଣ ଉପଦେଷ୍ଟା, ୮ଜଣ ଉପସଭାପତି, ୧୬ଜଣ ସାଧାରଣ ସମ୍ପାଦକ ଏବଂ ୧୩ଜଣ ସମ୍ପାଦକଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ବିଜେଡି ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ଦସ୍ତଖତ ସମ୍ବଳିତ ପ୍ରେସ୍ ବିଜ୍ଞପ୍ତି ଅନୁସାରେ, ଜିଲ୍ଲା ବିଜେଡି ଉପଦେଷ୍ଟା ଭାବେ ବିଭୂତି ଗଙ୍ଗଦେବ, ସତ୍ୟନାରାୟଣ ପାଣି, ପ୍ରମୋଦ ଝଙ୍କାର, କାମାକ୍ଷା ଗଙ୍ଗଦେବ, ପଞ୍ଜିଆ ଭୋଇ, ଲଳିତ ମୋହନ ପ୍ରଧାନ ଏବଂ ଲିଙ୍ଗରାଜ ସାହୁ ନିଯୁକ୍ତି ପାଇଛନ୍ତି। ସେହିପରି ଉପସଭାପତିମାନେ ହେଲେ, ଦେବେନ୍ଦ୍ର ବେହେରା, ଶାନ୍ତିମଞ୍ଜରୀ ଦେଇ, କୌଶିକ ପ୍ରଧାନ, ଅମରେନ୍ଦ୍ର ଗଙ୍ଗଦେବ, ସମରେନ୍ଦ୍ର ଜିତ, ମଦନମୋହନ ପ୍ରଧାନ, ଭକ୍ତବନ୍ଧୁ ପ୍ରଧାନ ଏବଂ ଗୀତାଞ୍ଜଳି ପାଣି। ସାଧାରଣ ସମ୍ପାଦକ ଦାୟିତ୍ୱ ପାଇଥିବା ନେତାମାନେ ହେଲେ, ବିକାଶ ପ୍ରଧାନ, ପୁଷ୍ପାଞ୍ଜଳି ପାତ୍ର, ମଧୁସୂଦନ ପ୍ରଧାନ, ତାରିଣୀସେନ ପ୍ରଧାନ, ଶୋଭେନ୍ ସାମଲ, ଭୂପେନ୍ଦ୍ର ପ୍ରସାଦ ନାୟକ, ଚନ୍ଦ୍ରଶେଖର ଭୁକ୍ତା, ଲଳିତ ମୋହନ ନାୟକ, ଲୁଇସ ଟପ୍ପୋ, ମନୋଜ କୁମାର ପ୍ରଧାନ, ନେତ୍ରାନନ୍ଦ ସାହୁ, ଶଙ୍କର୍ଷଣ ମହାପାତ୍ର, କୁଳମଣି ରାଉତ, ଅନୀଲ ରଣା, ପ୍ରମୋଦ କୁମାର ନନ୍ଦ ଏବଂ ତପନ କୁମାର ସାହୁ। ଅପରପକ୍ଷେ ୧୩ଜଣ ସମ୍ପାଦକ ହେଲେ, ରାଜେଶ ମହାନାୟକ, ବର୍ଷାରାଣୀ ମୁଣ୍ଡା, ପାଣ୍ଡବ ସେଠୀ, ସମୀର କୁମାର ପ୍ରଧାନ, ସୁଶୀଲ ଜୟସ୍ୱାଲ, ଭୁବନେଶ୍ୱର ପ୍ରଧାନ, ବିଦ୍ୟାଧର ପ୍ରଧାନ, ପୁରୁଷୋତ୍ତମ ବେହେରା, ଦୀପନ କୁମାର ନାୟକ, ପ୍ରକାଶ ପ୍ରଧାନ, ରଞ୍ଜନ ନାୟକ, ପପୁ ବିଶ୍ୱାଳ ଏବଂ ଜୟଦେବ ସାହୁ।

# ଲକ୍ଷ୍ମୀଧର ବିଶ୍ୱାଳ ଖୋର୍ଦ୍ଧା ବିଜେଡି ସମ୍ପାଦକ

**ଭୁବନେଶ୍ୱର,୧୭ ।୩ (ସମିସ):** ଖୋର୍ଦ୍ଧା ଜିଲ୍ଲା ବିଜେଡି କମିଟିରେ ଲକ୍ଷ୍ମୀଧର ବିଶ୍ୱାଳଙ୍କୁ ସମ୍ପାଦକ ଭାବେ ନିଯୁକ୍ତି ମିଳିଛି। ସେହିପରି ପ୍ରତିମା କୁମାରୀ ମହାରଣାଙ୍କୁ ଜଗତସିଂହପୁର ମହିଳା ବିଜେଡିର ସାଧାରଣ ସମ୍ପାଦକ ଦାୟିତ୍ୱ ପ୍ରଦାନ କରାଯାଇଛି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଦୁଇ ନେତାଙ୍କୁ ନିଯୁକ୍ତ କରାଯାଇଥିବା ନେଇ ବିଜେଡି ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ସୂଚନା ଦେଇଛନ୍ତି।

# ସୀମାନ୍ତରେ ୮ ଲକ୍ଷ ଇନାମୀ ମାଓବାଦୀ ଗିରଫ

**ମାଲକାନଗିରି, ୧୭ ।୩ (ସମିସ):** ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ବିଜାପୁର ଜିଲ୍ଲାରେ ଚାଲିଥିବା ମାଓବାଦୀ ବିରୋଧୀ ଅପରେସନ୍ ବେଳେ ୮ ଲକ୍ଷର ଇନାମୀ କୁଖ୍ୟାତ ମାଓବାଦୀ ଡିଭିସିଏମ୍ ସୁଧାକର ଗୁଣ୍ଡାମ ପୁରଭିକୁ ଜଙ୍ଗଲରୁ ଗିରଫ କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ବିଜାପୁର ଜିଲ୍ଲା ପୁଲିସ, ଡିଆରଜି, କୋବ୍ରା ୨୧୦ର ଯବାନମାନେ ମିଳିତ ଭାବେ ମାଓଦମନ ନିମନ୍ତେ ବାସାଗୁଡ଼ାର ଥାନା ଅନ୍ତର୍ଗତ ଗୁଣ୍ଡାମ ପୁରଭି ଜଙ୍ଗଲ ମଧ୍ୟରେ ତଲାସି ଅଭିଯାନ କରିଥିଲେ। ଏହି ସମୟରେ କିଛି ବ୍ୟକ୍ତି ଜଙ୍ଗଲ ମଧ୍ୟରେ ଯବାନଙ୍କୁ ଦେଖି ଲୁଚି ପଳାଇବା



ପାଇଁ ଉଦ୍ୟମ କରୁଥିବା ବେଳେ ଯବାନମାନେ ସେମାନଙ୍କ ଉପରେ ସନ୍ଦେହ କରି କାବୁ କରିବାକୁ ପ୍ରୟାସ କରିଥିଲେ। ଅନ୍ୟମାନେ ଫେରାର୍ ହୋଇଥିବା ବେଳେ ସୁଧାକର ଧରାପଡ଼ି ଯାଇଥିଲା। ତାକୁ ପଚରାଉଚରା କରିବାରୁ ସେ ଡିଭିସିଏମ୍ କ୍ୟାଡର୍ ବୋଲି ଜଣାପଡ଼ିଥିଲା। ପରେ ଯବାନମାନେ ତାକୁ ଗିରଫ କରିଥିଲେ। ତା' ନାମରେ ବିଭିନ୍ନ ଥାନାରେ ଏକାଧିକ ମାମଲା ରହିଛି। ତାକୁ କୋର୍ଟଚାଲାଣ କରାଯାଇଥିବା ଜଣାଯାଇଛି।

# ଦୁର୍ଘଟଣା ନେଲା ଦୁଇ ଜୀବନ

**କଳମପୁର, ୧୭ ।୩ (ସମିସ):** କଳାହାଣ୍ଡି ଜିଲ୍ଲା କଳମପୁର ଥାନା ଅନ୍ତର୍ଗତ ଦେପୁର ଗ୍ରାମ ବୁଲାଣି ନିକଟରେ ଶନିବାର ବିଳମ୍ବିତ ରାତିରେ ଏକ ଦୁର୍ଘଟଣାରେ ଦୁଇଜଣ ପ୍ରାଣ ହରାଇଛନ୍ତି। ମୃତଦ୍ୱୟ ହେଲେ, ଜୁନାଗଡ଼ ଥାନା ଅନ୍ତର୍ଗତ ଦାସିଗାଁ ଭେଜିପଡ଼ାର କ୍ଷେତ୍ର ମାଝି ଓ ସୌମେନ୍ଦ୍ର ନାଗ। ଦୁହେଁ ବନ୍ଧକନା ପଟୁ କଳମପୁର-ଜୁନାଗଡ଼ ମୁଖ୍ୟ ରାସ୍ତାରେ ନିଜ ଗ୍ରାମ ଭେଜିପଡ଼ା ଅଭିମୁଖେ ଫେରୁଥିବା ବେଳେ ଏହି ଅଘଟଣ ଘଟିଥିଲା। ଗାଡ଼ି ଉପରୁ ଭାରସାମ୍ୟ ହରାଇବାରୁ ଦୁହେଁ ଗୁରୁତର ଆହତ ହୋଇଥିଲେ। ଗ୍ରାମବାସୀମାନେ ଦୁହିଁଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଜରିଆରେ କଳମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। କିନ୍ତୁ ଡାକ୍ତର ସେଠାରେ ସେମାନଙ୍କୁ ମୃତ ଘୋଷଣା କରିଥିଲେ। କଳମପୁର ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ଲାଗି ଜୟପାଟଣା ହସ୍ପିଟାଲକୁ ପଠାଇବା ସହ ଏନେଇ ନମ୍ବର ୩୭/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

### ଶିମିଳିପାଳ ପାଲଟିଛି ଅଫିମ୍ ଚାଷର ହବ୍

# ଦୁଇ ମାସରେ ୨୦କୋଟିର ଅଫିମ ନଷ୍ଟ

**ଭୁବନେଶ୍ୱର, ୧୭ ।୩ (ସମିସ):** ଶିମିଳିପାଳ ଅଭୟାରଣ୍ୟ ଏବେ ଅଫିମ ଚାଷର ହବ୍ ପାଲଟିଛି। ଏକର ଏକର ଜମିରେ କୋଟିକୋଟି ଟଙ୍କାର ଅଫିମ ଚାଷ ଚାଲିଛି। ଅଭୟାରଣ୍ୟର କୋର୍ ଅଞ୍ଚଳରେ ବର୍ଷବର୍ଷ ଧରି ଚାଲିଥିବା ଏହି ନିଶାଦ୍ରବ୍ୟ ଫସଲ ବିଷୟରେ ଜାଣିବା ପରେ ଗତକାଲି ପୁଲିସ ୩ କୋଟି ଟଙ୍କାର ଅଫିମ ନଷ୍ଟ କରିଛି। ପୁଲିସ, ଅବକାରୀ ଓ ବନ ବିଭାଗର ମିଳିତ ଟିମ୍ ଅଭୟାରଣ୍ୟର ଆଭ୍ୟନ୍ତରୀଣ ଅଞ୍ଚଳ, ଯଶିପୁର ଥାନା ଫୁଲବାଡ଼ି ଓ ଜୋଜଗୁଡ଼ା ଗାଁରେ ଚଢ଼ଉ କରି ଅଫିମ ଚାଷ ନଷ୍ଟ କରିଛି। ତେବେ ଖାଲି ଏତିକି ନୁହେଁ, ଅଭୟାରଣ୍ୟର ଆହୁରି ଅନେକ ସ୍ଥାନରେ ମଧ୍ୟ ଏକରଏକର ଜମିରେ ବେଆଇନ ଭାବେ ଅଫିମ ଚାଷ ହେଉଥିବା ପୁଲିସ୍ ସନ୍ଦେହ କରୁଛି। ତେଣୁ ଜଙ୍ଗଲ ଭିତରେ ଅଫିମ ଗଛର ସନ୍ଧାନ ଆରମ୍ଭ କରିଛି ପୁଲିସ୍। ଅନ୍ୟପଟରେ ଅଭୟାରଣ୍ୟ ଭିତରୁ କୋଟିକୋଟି ଟଙ୍କାର ଅଫିମ୍ ଗଛ ନଷ୍ଟ କରାଯିବା ପରେ ଏହା ଉପରେ ଏବେ ଏସ୍‌ଟିଏଫ ନଜର ପଡ଼ିଛି। ତେଣୁ ଏସ୍‌ଟିଏଫ ନିଜର ଖବରୀକୁ ଅଧିକ ସକ୍ରିୟ କରିଦେଇଛି। ଏଥିପାଇଁ ଏକ ସ୍ପେଶାଲ ଟିମ୍ ଗଠନ ହୋଇଛି। କିଏ ଏହି ଚାଷ ପଛରେ ରହିଛି, ତାକୁ ଖୋଜି ବାହାର କରାଯିବ। ଜଣାପଡ଼ିଛି, ଏହି ଅଫିମ ଚାଷ ପଛରେ ରାଜ୍ୟ ବାହାରର କିଛି ନିଶା ମାଫିଆ ରହିଛନ୍ତି। ସେ ତା'ର ଗ୍ୟାଙ୍ଗର ସଦସ୍ୟଙ୍କ ମାଧ୍ୟମରେ ଏହି ଚାଷ କରାଉଛି। ସେମାନେ ସ୍ଥାନୀୟ ଗରିବ ଲୋକଙ୍କୁ କିଛି ଅର୍ଥ ଦେଇ ଏହି ଚାଷ କରାଉଛନ୍ତି। ଆହୁରି ମଧ୍ୟ, ଏହି ଚାଷକୁ ଜଗିବା ପାଇଁ ଜଙ୍ଗଲର ବଡ଼ବଡ଼ ଗଛ ଉପରେ ଭାରା ବନ୍ଧାଯାଇଛି। ଫଳରେ ବନ ବିଭାଗ କିମ୍ବା ପୁଲିସ ଗଲେ, ସେମାନେ ଆଗୁଆ ସୂଚନା ପାଇ ସଜାଗ ହୋଇପାରିବେ।

ସୂଚନାଯୋଗ୍ୟ, ଏହା ପୂର୍ବରୁ ଗତ ୧୦ ତାରିଖରେ ବନବିଭାଗ, ପୁଲିସ ଏବଂ ଅବକାରୀ ବିଭାଗ ଶିମିଳିପାଳ ଅଭୟାରଣ୍ୟରେ ଚାଲିଥିବା ଅଫିମ ଚାଷ ଉପରେ ବଡ଼ ଧରଣର ଚଢ଼ଉ କରିଥିଲା। ଅଭୟାରଣ୍ୟର ବକୁଆ ଏବଂ କୁକୁରଭୁକା ଗାଁରେ ୫ଲକ୍ଷ ୨୫ ହଜାରରୁ ଅଧିକ ଅଫିମ ଗଛ ନଷ୍ଟ କରିଥିଲା ଏହି ଟିମ୍। ନଷ୍ଟ ଅଫିମ ଗଛର ମୂଲ୍ୟ ୧୦ କୋଟି ୬୬ ଲକ୍ଷ ହେବ ବୋଲି ଆକଳନ କରାଯାଇଥିଲା। ସେହିଦିନ ଯଶୀପୁର ରେଞ୍ଜ୍ ଜେନାବିଲ, ଖେଜୁରୀ ଏବଂ ଜଜଗଡ଼ାରେ ଅବକାରୀ ଟିମ୍ ଚଢ଼ଉ କରି ୩ଲକ୍ଷ ୮୫ ହଜାର ଅଫିମ ଗଛ ନଷ୍ଟ କରିଥିଲା। ଯାହାର ମୂଲ୍ୟ ୭କୋଟି ୭୦ ଲକ୍ଷ ହେବ ବୋଲି ଆକଳନ କରାଯାଇଥିଲା। ଏହା ପୂର୍ବରୁ, ଗତ ଫେବ୍ରୁଆରୀ ୨୪ତାରିଖରେ ଶିମିଳିପାଳ କୋର୍-ଏରିଆରେ ୨୬ଲକ୍ଷର ଅଫିମ ଗଛ ନଷ୍ଟ କରାଯାଇଥିଲା।



- ରାଜ୍ୟ ବାହାରର ମାଫିଆ ଧରିଛନ୍ତି ଚାଷର ମଙ୍ଗ
- ସ୍ଥାନୀୟ ଲୋକଙ୍କୁ ଟଙ୍କା ଦେଇ ଚାଷ କରାଉଛନ୍ତି
- ଏସ୍‌ଟିଏଫ ନଜରରେ ଅଫିମ ମାଫିଆ

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### 'ଲଟେରୀ ମାର୍ଟିନ୍'...

୪୫୦୦ କୋଟି ଟଙ୍କା ଠକେଇ ଅଭିଯୋଗ କରିଥିଲେ। ୨୦୧୩ରେ ବେଆଇନ ଲଟେରୀ କାରବାର ଅଭିଯୋଗରେ କର୍ଣ୍ଣାଟକ ଓ ତାମିଲନାଡୁ ପୁଲିସ ତାଙ୍କର ବ୍ୟବସାୟିକ ସଂସ୍ଥାରେ ଚଢ଼ଉ କରିଥିଲା। ୨୦୧୫ରେ ଟିକସ ଠକେଇ ଅଭିଯୋଗରେ ଆୟକର ବିଭାଗ ତାଙ୍କ ସଂସ୍ଥାରେ ଚଢ଼ଉ କରିଥିଲା। ୨୦୧୬ରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ମନି ଲଣ୍ଡରିଂ ଅଭିଯୋଗ, ୨୦୧୮ରେ ସିବିଆଇ ମାର୍ଟିନଙ୍କ ବିଭିନ୍ନ ରାଜ୍ୟର କାର୍ଯ୍ୟାଳୟରେ ଯାଞ୍ଚ କରିଥିଲା। ୨୦୨୨ରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳ (ଇଡ଼ି) ପୁନର୍ବାର ମାର୍ଟିନ୍‌ଙ୍କ କମ୍ପାନୀ ଉପରେ ଚଢ଼ଉ କରିଥିଲା ଓ ୪୦୯ କୋଟି ଟଙ୍କାର ସମ୍ପତ୍ତି ଜବତ କରିଥିଲା। ସେହିପରି ୨୦୨୩ରେ ସିକିମ୍ ସରକାରଙ୍କୁ ୯୦୦ କୋଟି ଟଙ୍କା କ୍ଷତି ପହଞ୍ଚାଇବା ଅଭିଯୋଗରେ ଇଡ଼ି ମାର୍ଟିନଙ୍କ ୪୫୭ କୋଟି ଟଙ୍କାର ସମ୍ପତ୍ତି ଜବତ କରିଥିଲା। ଦକ୍ଷିଣ ଭାରତ ରାଜନୀତିରେ ମାର୍ଟିନଙ୍କର ବେଶ୍ ପ୍ରଭାବ ରହିଛି । କେରଳର ପିନାରାୟୀ ବିଜୟନ ସରକାର ସହ ତାଙ୍କର ସମ୍ପର୍କ ନିବିଡ଼ ଥିବା କୁହାଯାଉଛି । ଦକ୍ଷିଣ ଭାରତର ଲୋକମାନେ ବହୁ ପରିମାଣରେ ଲଟେରୀ କିଣିଥାଆନ୍ତି । ଗତ ୧ ଦଶନ୍ଧି ମଧ୍ୟରେ ଲଟେରୀ ସୂତ୍ରରୁ ମିଳୁଥିବା ରାଜସ୍ୱ କେରଳରେ ୨୦ଗୁଣ ବୃଦ୍ଧି ପାଇଛି । ଏକ ତଥ୍ୟ ଅନୁସାରେ ୨୦୧୧ରେ ଲଟେରୀ ସୂତ୍ରରୁ କେରଳର ସିପିଏମ୍ ସରକାର ବାର୍ଷିକ ୫୫୭ କୋଟି ଟଙ୍କା ରାଜସ୍ୱ ପାଉଥିଲେ, ସମ୍ପ୍ରତି ଏହା ୯୯୭୪ କୋଟି ଟଙ୍କାରେ ପହଞ୍ଚିଛି । ଏକ ସମୟରେ ସିପିଏମ୍‌ର ଦୁଇ ବଡ଼ ନେତା ପିନାରାୟୀ ବିଜୟନ୍ ଓ ବି.ଏସ୍. ଅଚ୍ୟୁତାନନ୍ଦନଙ୍କ ମଧ୍ୟରେ କନ୍ଦଳ କାଳରେ ମାର୍ଟିନ୍ ବିଜୟନଙ୍କୁ ସହଯୋଗ କରିଥିଲେ। ତାଙ୍କ ପ୍ରକାଶିତ 'ଦିଶାଭିମାନୀ' ପତ୍ରିକାକୁ ମାର୍ଟିନ୍ ୨ କୋଟି ଟଙ୍କା ଚାନ୍ଦା ଦେଇଥିଲେ । ଅବଶ୍ୟ ବିରୋଧୀଙ୍କ ସମାଲୋଚନା ଯୋଗୁଁ ଏହି ଅର୍ଥ ବିଜୟନ୍‌ଙ୍କୁ ଫେରାଇବାକୁ ପଡ଼ିଥିଲା। ଅନ୍ୟପକ୍ଷରେ ତାମିଲନାଡୁର ଡ଼ିଏମ୍‌କେ ନେତୃତ୍ୱାଧୀନ ଷ୍ଟାଲିନ୍ ସରକାର ସହ ମାର୍ଟିନର ସମ୍ପର୍କ ଯଥେଷ୍ଟ ମଧୁର ବୋଲି କୁହାଯାଏ । ବାମପନ୍ଥୀ ଲେଖକ ଗର୍କିଙ୍କ ଦ୍ୱାରା ଲିଖିତ 'ଦି ମଦର'ର ପଟ୍ଟକଥା ଉପରେ ଆଧାରିତ ଓ ତତ୍କାଳୀନ ମୁଖ୍ୟମନ୍ତ୍ରୀ କରୁଣାନିଧିଙ୍କ ଦ୍ୱାରା ଲିଖିତ 'ଇଲାଇଗନନ' ନାମକ ଏକ ତାମିଲ୍ ଫିଲ୍ମକୁ ମାର୍ଟିନ୍ ପ୍ରଯୋଜନା କରିଥିଲେ । ମାତ୍ର ଜୟଲଳିତା ସରକାର ଆସିବା ପରେ ଜମି ହଡ଼ପ ଅଭିଯୋଗରେ ମାର୍ଟିନଙ୍କୁ ଗିରଫ କରାଯାଇଥିଲା ଓ ୮ ମାସ ଜେଲ୍‌ରେ ରହିବା ପରେ ଜାମିନରେ ଖଲାସ ହୋଇଥିଲେ। ମାର୍ଟିନର ଜ୍ୱାଇଁ ଅର୍ଜୁନ ସହ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଷ୍ଟାଲିନ୍‌ଙ୍କ ଜ୍ୱାଇଁ ସବରିସନଙ୍କ ସମ୍ପର୍କ ଅତି ଘନିଷ୍ଠ । ଅର୍ଜୁନ ସମ୍ପ୍ରତି ଡ଼ିଏମ୍‌କେର ସହଯୋଗୀ ଦଳ ବିସିକେର ମହାସଚିବ ରହିଛନ୍ତି । କୋଭିଡ଼ ସମୟରେ ତାଙ୍କ ସଂସ୍ଥା ପକ୍ଷରୁ ମାର୍ଟିନଙ୍କ ପତ୍ନୀ ଲୀନା ତାମିଲନାଡୁ ମୁଖ୍ୟମନ୍ତ୍ରୀ ଷ୍ଟାଲିନ୍‌ଙ୍କୁ ଭେଟି ପୀଡ଼ିତଙ୍କ ନିମନ୍ତେ ସହାୟତା ପ୍ରଦାନ କରିଥିବା ଫଟୋ ସେତେବେଳେ ଗଣମାଧ୍ୟମରେ ପ୍ରକାଶିତ ହୋଇଥିଲା ।

### ୟୁଟ୍ୟୁବର୍ ଏଲ୍‌ଭିସ୍...

ଅଭିଯୋଗ କରିଥିଲେ। ଏହା ପରେ ପୁଲିସ ନୋଏଡ଼ା ସେକ୍ଟର-୪୯ରେ ଚଢ଼ଉ କରିଥିଲା। ଏହି ସମୟରେ ୫ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା। ଏହା ସହିତ ଘଟଣାସ୍ଥଳରୁ ୨୦ଏମଏଲ ସାପ ବିଷ ଏବଂ ୯ ବିଷଧର ସାପ ଜବତ କରାଯାଇଥିଲା। ପଚରାଉଚୁରାରୁ ମଧ୍ୟ ଏଲ୍‌ଭିସଙ୍କ ନାମ ସାମ୍ନାକୁ ଆସିଥିଲା। ସେମାନେ ଏଲ୍‌ଭିସଙ୍କ ପାର୍ଟି ପାଇଁ ସାପ ବିଷ ଯୋଗାଉ ଥିଲେ ବୋଲି ଜଣାପଡ଼ି ଥିଲା। ଏହା ପରେ ତାଙ୍କ ବିରୋଧରେ ସେକ୍ଟର-୪୯ ଥାନାରେ ବନ୍ୟଜନ୍ତୁ ସୁରକ୍ଷା ଆଇନ ଅଧିନରେ ମାମଲା ରୁଜୁ କରାଯାଇଥିଲା। ଏ ନେଇ ନୋଏଡ଼ା ପୁଲିସ ଏଲ୍‌ଭିସଙ୍କୁ ଅନେକ ଥର ଜେରା କରିଛି। ତେବେ ପ୍ରତିଥର ସେ ଅଭିଯୋଗକୁ ଏଡ଼ାଇ ଦେଇଛନ୍ତି।

### ୧୯ ଓ ୨୦ରେ...

ପର୍ଯ୍ୟନ୍ତ ତାପମାତ୍ରା ହ୍ରାସ ହୋଇପାରେ। ତେବେ ଏହି ସମୟ ମଧ୍ୟରେ କାଳବୈଶାଖୀ ବର୍ଷା ସାଙ୍ଗକୁ କୁଆପଥର ଓ ବଜ୍ରପାତର ବିପଦ ରହିଥିବା ନେଇ ପାଣିପାଗ କେନ୍ଦ୍ର ସତର୍କ ରହିବାକୁ ପରାମର୍ଶ ଦେଇଛି। କେନ୍ଦ୍ର ପକ୍ଷରୁ କୁହାଯାଇଛି ଯେ ୨୧ତାରିଖ ପର୍ଯ୍ୟନ୍ତ କାଳବୈଶାଖୀର ପ୍ରକୋପ ରହିବାକୁ ଥିଲେ ହେଁ ୧୯ ଓ ୨୦ରେ ଏହାର ପ୍ରଭାବ ସବୁଠୁ ଅଧିକ ରହିବ। ଏହି ଦୁଇଦିନ ଅନେକ ସ୍ଥାନରେ ପ୍ରବଳ ବର୍ଷା ସାଙ୍ଗକୁ କୁଆପଥର ମାଡ଼ ଏବଂ ସ୍ଥାନେସ୍ଥାନେ ପବନର ବେଗ ବଢ଼ି ୪୦-୫୦ କିମି ପର୍ଯ୍ୟନ୍ତ ଯାଇପାରେ। ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ଏହି ଦୁଇ ଦିନ ପାଇଁ ବିଭିନ୍ନ ଜିଲ୍ଲାକୁ ଅରେଞ୍ଜ ଓ ୟେଲୋ ଆଲର୍ଟ ଜାରି କରାଯାଇଛି। ଏହାସହ କୁଆପଥର ଓ ବଜ୍ରପାତରୁ ରକ୍ଷା ପାଇବା ପାଇଁ ସୁରକ୍ଷିତ ସ୍ଥାନରେ ରହିବାକୁ ପରାରମର୍ଶ ଦିଆଯାଇଛି।

ଅନ୍ୟପଟେ ସୋମବାର ମଧ୍ୟ କିଛି ସ୍ଥାନରେ କାଳବୈଶାଖୀ ଜନିତ ବର୍ଷା ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି। ବିଶେଷକରି ଝାରସୁଗୁଡ଼ା, ସୁନ୍ଦରଗଡ଼, ସମ୍ବଲପୁର, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ଅନୁଗୁଳ, ଢେଙ୍କାନାଳ ଓ ଦେବଗଡ଼ ଜିଲ୍ଲାରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ଆଶଙ୍କା ଥିବାରୁ ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ଆଲର୍ଟ ଜାରି କରାଯାଇଛି। ତେବେ ମାର୍ଚ୍ଚ ୨୨ ପରେ ଓଡ଼ିଶାରେ ତାପମାତ୍ରା ବୃଦ୍ଧି ଘଟିବ। ୨୨ରୁ ୨୮ ମାର୍ଚ୍ଚ ମଧ୍ୟରେ ତାପମାତ୍ରା ବୃଦ୍ଧି ହୋଇ କିଛି କିଛି ଆଭ୍ୟନ୍ତରୀଣ ଜିଲ୍ଲାରେ ୪୦ ଡିଗ୍ରୀ କିମ୍ବା ଏହାଠାରୁ ଅଧିକ ଛୁଇଁବ ଏବଂ କିଛି ଜାଗାରେ ଗ୍ରୀଷ୍ମଲହରୀ ଭଳି ପରିସ୍ଥିତି ସୃଷ୍ଟି ହେବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି।

### କାଳବୈଶାଖୀ ଟାଳିଲା...

ହାତକୁ ନିଆଯାଇଥିବା ବେଳେ କ୍ରମାଗତ ୪ଦିନ ହେଉଥିବା ବର୍ଷା ବନ ବିଭାଗକୁ ଆହୁରି ଆଶ୍ୱସ୍ତ କରିଦେଇଛି। ବର୍ଷା ଯୋଗୁଁ ଶୁଖିଲା ପତ୍ର ସବୁ ଓଦା ହୋଇଛି।

ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ନିର୍ଦ୍ଦେଶକ ତଥା ଆଞ୍ଚଳିକ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ଡଃ ପ୍ରକାଶ ଚାନ୍ଦ ଗୋଗିନେନି କହିଛନ୍ତି ଯେ ରବିବାର ସକାଳ ୬ଟା ସୁଦ୍ଧା ଢୁକୁରାରେ ସର୍ବାଧିକ ୩୭.୫୯ ମିମି ବର୍ଷା ରେକର୍ଡ଼ କରାଯାଇଥିବା ବେଳେ ରାମତୀର୍ଥରେ ୩୬.୮୩ ମିମି, ବରେହିପାଣିରେ ୧୭.୭୮ ମିମି, ଉତ୍ତର ନୱଣାରେ ୧୫.୮୦ମିମି, ଚହଲାରେ ୧୧.୨୦ମିମି, କବାଟଘାଇରେ ୧୧.୧୩ମିମି, ବାରିପଦାରେ ୭.୬୨ମିମି, ଦକ୍ଷିଣ ନୱଣାରେ ୬.୨୦ମିମି, ଦକ୍ଷିଣ ପିଠାବଟାରେ ୪.୫୭ମିମି, ଉତ୍ତର ପିଠାବଟାରେ ୪.୩୨ମିମି, କେନ୍ଦୁମୁଣ୍ଡିରେ ୩.୮୧ମିମି, ଜେନାବିଲରେ ସର୍ବନିମ୍ନ ୧.୭୮ ମିମି ବର୍ଷା ରେକର୍ଡ ହୋଇଛି। ତେବେ ସାତକୋଶିଆ, କୁଳିପାଳ, ଭଞ୍ଜବସା, ଉପର ବରହାକାମୁଡ଼ା, ଠାକୁରମୁଣ୍ଡା, ପୋଡାଡ଼ିହାରେ ଗତ ୧୨ ଘଣ୍ଟାରେ ଶୂନ୍ୟବର୍ଷା ରେକର୍ଡ ହୋଇଥିବା ନେଇ ସୂଚନା ପ୍ରଦାନ କରାଯାଇଛି। ଶିମିଳିପାଳରେ ବୃଷ୍ଟିପାତ ଯୋଗୁଁ ଜଙ୍ଗଲ ମଧ୍ୟରେ ସଂଯୋଗ ଥିବା ଜଳାଶୟ ଓ ପ୍ରବାହିତ ହେଉଥିବା ନଦୀ ଯଥା ଖଇରୀ, ବୁଢ଼ାବଳଙ୍ଗ, ୱେଷ୍ଟ ଦେଓ, ସାଳନ୍ଦୀ, ସଞ୍ଜ, ଠକଠକି, ଖଡ଼ଖାଇ, ପଲପଳା, ଗଙ୍ଗାହାର ଆଦି ନଦୀରେ ଜଳସ୍ତର ସ୍ୱଳ୍ପ ପରିମାଣର ବୃଦ୍ଧି ପାଇଛି। ଏଥିସହ ଶିମିଳିପାଳ ଅଭୟାରଣ୍ୟରେ ବନାଗ୍ନି ଚିନ୍ତା ସାମୟିକ ସମୟ ପାଇଁ ଟଳି ଯାଇଛି। ଶିମିଳିପାଳ ଅଭୟାରଣ୍ୟରେ ଫାୟାର୍ ପଏଣ୍ଟ ନେଇ କୌଣସି ସୂଚନା ନାହିଁ। ବର୍ଷା ସତ୍ତ୍ୱେ ବନାଗ୍ନି ନିୟନ୍ତ୍ରଣ ପାଇଁ ଶିମିଳିପାଳ ଅଭୟାରଣ୍ୟ ସମେତ ଅନ୍ୟାନ୍ୟ ବନଖଣ୍ଡରେ ବନ କର୍ମଚାରୀମାନେ ବ୍ଲୋୟର୍ ମେସିନ୍ ସହ ନିୟୋଜିତ ରହିଛନ୍ତି।

### ଦହଗଞ୍ଜି କରିବ...

ଅଧିକ ରହିବ ବୋଲି ପାଣିପାଗ ବିଶେଷଜ୍ଞମାନେ ପୂର୍ବାନୁମାନ କରିସାରିଛନ୍ତି। ଆସନ୍ତା ମାର୍ଚ୍ଚ ୨୨ ପରେ ଅଧିକାଂଶ ଜିଲ୍ଲାରେ ତାପମାତ୍ରା ୪୦ ଡିଗ୍ରୀ ଡେଇଁବା ସହ ଗ୍ରୀଷ୍ମ ଲହରୀ (ହିଟ୍ ୱେଭ୍) ସ୍ଥିତି ସୃଷ୍ଟି ହେବା ନେଇ ମଧ୍ୟ ଆଶଙ୍କା ରହିଛି। ଏଭଳି ସ୍ଥିତି ଯୋଗୁଁ ପଶ୍ଚିମ ଓଡିଶା ସମେତ ଆଭ୍ୟନ୍ତରୀଣ ଓଡ଼ିଶାରେ ନେତା ଓ କର୍ମୀ ଅଗ୍ନିବର୍ଷୀ ଖରାର ସମ୍ମୁଖୀନ ହେବେ ଏବଂ ଉପକୂଳ ଓଡ଼ିଶାର ନେତା ଓ କର୍ମୀ ତାତିଙ୍କୁ ଗୁଳୁଗୁଳି ମଧ୍ୟରେ ନିର୍ବାଚନ ପ୍ରଚାର କରିବାକୁ ପଡ଼ିବ। ଅନ୍ୟପଟେ ରାତିରେ ସଭା ସମିତି, ମାଇକ ବଜାଇବା ଉପରେ ନିର୍ବାଚନ କମିଶନଙ୍କ କଟକଣା ରହୁଥିବାରୁ ନେତାମାନେ କର୍ମୀ ଓ ସମର୍ଥକଙ୍କୁ ଧରି ଦିନ ବେଳା ରାଲି ଶୋଭାଯାତ୍ରା କରିବାକୁ ପଡ଼ିବ । ତେଣୁ ପ୍ରଚାର ସମୟରେ ତାତି ସାଙ୍ଗକୁ କାଳବୈଶାଖୀ ଜନିତ ବିଜୁଳି ଘଡ଼ଘଡ଼ିର ମଧ୍ୟ ଆହ୍ୱାନ ରହିବ। ଯେଉଁ ଦିନ ଯେତେ ଗରମ ଗୁଳୁଗୁଳି ହୋଇଥାଏ, ସ୍ୱାଭାବିକ ଭାବରେ ସେହିଦିନ କାଳବୈଶାଖୀ ଜନିତ ପବନ ଓ ବିଜୁଳି ଘଡ଼ଘଡ଼ିର ପ୍ରଭାବ ସେତେ ଅଧିକ ରହିଥାଏ। ତେଣୁ ଏହା ମଧ୍ୟ ନେତାଙ୍କ ସଭାସ୍ଥଳୀ ଓ ଲୋକ ସମାଗମ ଉପରେ ପ୍ରଭାବ ପକାଇବ। ସାଧାରଣତଃ ଅଂଶୁଘାତ ବିପଦକୁ ଦୃଷ୍ଟିରେ ରଖି ଖରାରେ ଲୋକଙ୍କୁ ଅତି ଆବଶ୍ୟକ ନ ଥିଲେ ଘରୁ ନ ବାହାରିବାକୁ ସରକାର ପରାମର୍ଶ ଦେଇଥାନ୍ତି। ଏପରିକି ଅଂଶୁଘାତ ମାର୍ଗଦର୍ଶିକା ଜାରି ସହ ଦିନବେଳା ଯାନବାହନ ଚଳାଚଳ ଉପରେ କଟକଣା ଲଗାଯାଇଥାଏ। ଚଳିତ ଥର ନିର୍ବାଚନୀ ବର୍ଷ ହୋଇଥିବାରୁ ଏହି ମାର୍ଗଦର୍ଶିକା କିପରି ପାଳନ ହେବ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଗତ ବର୍ଷ ଏପ୍ରିଲ ୨୦ରେ ମହାରାଷ୍ଟ୍ରରେ ଏକ ପୁରସ୍କାର ବିତରଣ ପାଇଁ ଜନସଭା ଆୟୋଜନ ହୋଇଥିଲା, ମାତ୍ର ପ୍ରଚଣ୍ଡ ଗ୍ରୀଷ୍ମତାପ ଯୋଗୁଁ ଏଠାରେ ୧୪ ଜଣ ମୃତ୍ୟୁବରଣ କରିଥିଲେ। ଏହି ପରିପ୍ରେକ୍ଷୀରେ ପ୍ରଚଣ୍ଡ ଖରା ତାତି ଓ ଅପରାହ୍ନର କାଳବୈଶାଖୀ ଆଶଙ୍କା ଚଳିତ ବର୍ଷର ନିର୍ବାଚନରେ ବିଭିନ୍ନ ରାଜନୈତିକ ଦଳର ନେତାଙ୍କ ପାଇଁ ବଡ଼ ଆହ୍ୱାନ ହେବ ବୋଲି ଆଶଙ୍କା କରାଯାଉଛି।

### ୨ କନ୍ୟାଯାତ୍ରୀ...

କୁନ୍ଦୁରା, କାଳିଆକାଦ, ରାଇକୁନ୍ଦୁରା, ସାଗରଗୁଡ଼ା ଅଞ୍ଚଳର କିଛି ଯୁବକ ଏବଂ ସ୍ଥାନୀୟ ସାମାଜିକ ସଂଗଠନର ସ୍ୱେଚ୍ଛାସେବୀ ତୁରନ୍ତ ପହଞ୍ଚି ଲୋକଙ୍କୁ ଉଦ୍ଧାର କରି କୁନ୍ଦୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। କୁନ୍ଦୁରା ପୁଲିସ ଓ ବୈପାରୀଗୁଡ଼ା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଘଟଣାର ପ୍ରାଥମିକ ଯାଞ୍ଚ କରିଥିଲେ। ଏହି ଦୁର୍ଘଟଣାରେ ସୁଡି ଓ ଲଛମାଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଯାଇଥିଲା। ଗୁରୁତର ୬ଜଣ ଓ ଅନ୍ୟ ୩୨ଜଣ ଆହତଙ୍କୁ କୁନ୍ଦୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆଶୁ ଚିକିତ୍ସା ପରେ ଜୟପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ୨ ମୃତକଙ୍କ ଶବ ବ୍ୟବଚ୍ଛେଦ ବ୍ୟବସ୍ଥା କରାଯାଇଥିବା ପୁଲିସ ପକ୍ଷରୁ କୁହାଯାଇଛି। କୁନ୍ଦୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା।

TPCODL
ବିଶେଷ ସୂଚନା
ନିୟମିତ ମରାମତି କାର୍ଯ୍ୟ ପାଇଁ ଆଜି ଭୁବନେଶ୍ୱର ସ୍ଥିତ କଲ୍ୟାଣୀ ମାଛ ମାର୍କେଟ୍ ଓ ରଙ୍ଗମାଟିଆ ତଳ ସାହି ଅଞ୍ଚଳରେ ସକାଳ ୮.୩୦ ଘଟିକାରୁ ଅପରାହ୍ନ ୧.୩୦ ଘଟିକା ପର୍ଯ୍ୟନ୍ତ ଏବଂ ବରମୁଣ୍ଡା ହାଉସିଂବୋର୍ଡ, ଏଲଆଇଜି ଓ ଏମ୍‌ଆଇଜି ଅଞ୍ଚଳରେ ସକାଳ ୯ ଘଟିକାରୁ ଅପରାହ୍ନ ୧ ଘଟିକା ପର୍ଯ୍ୟନ୍ତ ବିଦ୍ୟୁତ୍ ଯୋଗଣ ବନ୍ଦ ରହିବ। ସେହିପରି ନିକିମା କମ୍ପ୍ଲେକ୍ସ ଫାୟାର ଷ୍ଟେସନ ଅଞ୍ଚଳରେ ସକାଳ ୮ ଘଟିକାରୁ ଦିନ ୧୧ ଘଟିକା ପର୍ଯ୍ୟନ୍ତ, ନାଲ୍‌କୋ ଛକ ଅଞ୍ଚଳ, ଇଏସ୍‌ଆଇ କଲୋନୀ ଓ ଆରବିଆଇ କଲୋନୀ ଅଞ୍ଚଳରେ ସକାଳ ୯ ଘଟିକାରୁ ମଧ୍ୟାହ୍ନ ୧୨ ଘଟିକା ପର୍ଯ୍ୟନ୍ତ, ଶ୍ରୀ ବିହାର ଅଞ୍ଚଳରେ ଅପରାହ୍ନ ୩ ଘଟିକାରୁ ସନ୍ଧ୍ୟା ୬ ଘଟିକା ପର୍ଯ୍ୟନ୍ତ ଏବଂ ଭିଟ୍ସ ଅଞ୍ଚଳ, କ୍ରିଷ୍ଣା ପ୍ଲାଜା, ମେଟ୍ରୋ ଅଞ୍ଚଳ, ଆନନ୍ଦ ପ୍ଲାଜା, ସରସ୍ୱତୀ ଟାୱାର, ରାଉତ କମ୍ପ୍ଲେକ୍ସ ଓ କଟକ ରୋଡ଼ ଅଞ୍ଚଳରେ ସକାଳ ୯ ଘଟିକାରୁ ଦିନ ୧୨.୦୬ ଘଟିକା ପର୍ଯ୍ୟନ୍ତ ବିଦ୍ୟୁତ୍ ଯୋଗାଣ ବନ୍ଦ ରହିବ।
ଅସୁବିଧା ପାଇଁ ଦୁଃଖିତ – ଟିପିସିଓଡିଏଲ୍



ସନ୍ଦେହ ଯେବେ ବାନ୍ଧେ ବସା ମନେ
ଘଟିଛି କିଛି କାଳେ ଅସୁରକ୍ଷିତ
ଯୌନ ସମ୍ପର୍କରେ,
ମନର ସନ୍ଦେହ କରରେ ଦୂର
୧୦୯୭ ଏଡ଼ସ ହେଲ୍ପ ଲାଇନରେ,
ନିଶୁଳ୍କ ସେବା ଯେ କରେ ପ୍ରଦାନ
ଚବିଶ ଘଣ୍ଟା (୨୪ X ୭) ମାଗଣାରେ ।
OSACS
ଓଡ଼ିଶା ରାଜ୍ୟ ଏଡ୍‌ସ ନିୟନ୍ତ୍ରଣ ସମିତି
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା

GOVERNMENT OF ODISHA
DEPARTMENT OF WATER RESOURCES,
OFFICE OF THE SUPERINTENDING ENGINEER
MINOR IRRIGATION DIVISION, KANDHAMAL
A-1714
e-Procurement Notice
BID IDENTIFICATION NO-12/2023-24
Letter No- 866 Dt- 12 / 03 / 2024

| | |
|---|---|
| Name of work | Improvement to Gamuli MIP in G.Udayagiri Block of Kandhamal district under MIPSP for the year 2024-25. |
| No Works | 01 (one) No. |
| Estimated Cost | Rs. 16.62 lakh Approximately |
| Tender paper cost | Rs.6000.00 (Non- refundable) |
| Period of completion | 90 (ninety days) only. |
| Availability of Bid documents | From 10.00 AM of 22.3.2024 to 16.00 hrs of 02.4.2024 in website (www.tendersodisha.gov.in) |
| Time of receipt of bid through on line | From 10.00 AM of 22.3.2024 to 16.00 hrs of 02.4.2024 through online |
| Date of opening of bid documents | At 11.00 hrs of 03.4.2024 in the O/O S.E., M.I. Division, Kandhamal, Phulbani |
| Digital signature certificate | The bidder must possess compatible digital signature certificate (DSC) of class II or class-III |

The detail tender call notice can also be seen in the DOWR website http/dowrorissa.gov.in.
Name and address of the OIT:- Superintending Engineer, M.I. Division, Kandhamal, Ph No.06842-253634, Fax:-06842-253816, E-mail: kmidplb@gmail.com
Further details can be seen from the e-procurement market place, http//www.tendersodisha.gov.in
(Er. Sunil Kumar Tripathy)
Superintending Engineer
M.I. Division, Kandhamal
OIPR-32487/11/0018/2324

# ସହର ପରିମଳ ଏପରି..

**ବରଗଡ଼, ୧୭।୩(ସମିସ)**

ବରଗଡ଼ ୱାର୍ଡ ନଂ ୧୬ ଗାନ୍ଧୀ ନଗରଠାରେ ନର୍ଦ୍ଦମା ପାଣିରେ ଲୋକେ ଅତିଷ୍ଠ ହୋଇ ପଡିଲେଣି। ପୌର ପରିଷଦ କର୍ମଚାରୀମାନେ ଡ୍ରେନରୁ ମଇଳା ଅଧା ବାହାର କରି ରାସ୍ତା ଉପରେ ପକାଇ ଦେଇଛନ୍ତି। ଡ୍ରେନ ଉପରେ ଥିବା ସ୍ଲାବ୍‌ଗୁଡ଼ିକ ବାହାର କରି ପୁଣି ଡ୍ରେନ ଉପରେ ନ ପକାଇ ଏପଟ ସେପଟ କରି ଛାଡ଼ି ଦେଇଛନ୍ତି। ପଡାରେ ରହୁଥିବା ଲୋକଙ୍କ ଘର ଭିତରକୁ ନର୍ଦ୍ଦମା ପାଣି ପଶି ଗଲାଣି ହେଲେ ଯେତେ ଅଭିଯୋଗ କଲେ ବି ପୌର ପରିଷଦ ଅଧିକାରୀ ଶୁଣୁ ନାହାନ୍ତି। ପୌର ପରିଷଦ ନିର୍ବାହୀ ଅଧିକାରୀ ହରପ୍ରସାଦ ଭୋଇଙ୍କୁ ଯୋଗାଯୋଗ କଲେ କୌଣସି ଉତ୍ତର ମିଳୁନି। ଘରୁ ବାହାରକୁ ବାହାରିଲେ ନର୍ଦ୍ଦମା ପାଣି, ଦୁର୍ଗନ୍ଧରେ ନାକ ଫାଟି ପଡୁଛି। ଦୀର୍ଘ ଦିନ ହେଲା ଏହି ଗଳିକୁ ସଫେଇ କର୍ମଚାରୀମାନେ ଆସୁ ନାହାନ୍ତି। ବରଗଡ଼ ପୌରାଧକ୍ଷା କଳ୍ପନା ମାଝୀ ତୁରନ୍ତ ଦୃଷ୍ଟିଦେଇ ସମସ୍ୟାର ସମାଧାନ କରିବାକୁ ପଡାବାସୀ ଅନୁରୋଧ କରିଛନ୍ତି।

**ପୌର କର୍ତ୍ତୃପକ୍ଷଙ୍କ ଦୃଷ୍ଟିପତୁ**





# ନିଷ୍ଠା ଭବନରେ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

**ବରଗଡ଼,୧୭।୩(ସମିସ):** ଜନସାଧାରଣଙ୍କ ଉତ୍ତମ ସ୍ୱାସ୍ଥ୍ୟ ହିଁ ନିଷ୍ଠା ପରିବାରର ପ୍ରାଥମିକତା। ଯାହାକୁ ନେଇ ରବିବାର ଖଣ୍ଡହଥାସ୍ଥିତ ନିଷ୍ଠା ଭବନଠାରେ ନିଷ୍ଠା ପରିବାର ଓ କେୟାର ହସ୍ପିଟାଲ, ଭୁବନେଶ୍ୱରର ମିଳିତ ଆନୁକୂଲ୍ୟରେ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବରେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ସମ୍ମାନିତ ଅତିଥି ବରଗଡ଼ ବ୍ଲକ ଉପାଧକ୍ଷ ଉମେଶଚନ୍ଦ୍ର ପଣ୍ଡା , କେୟାର ହସ୍ପିଟାଲର ଏଜିଏମ ଶଙ୍କର୍ଷଣ ରାଉତ, ମ୍ୟାନେଜର ଦେବବ୍ରତ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ। ଶିବିରରେ କେୟାର ହସ୍ପିଟାଲ, ଭୁବନେଶ୍ୱରର ବୃକକ ରୋଗ ବିଶେଷଜ୍ଞ ଡ. ଅଶୋକ ପଣ୍ଡା, ଡ.ଦୀପକ ବେହେରା, ଅସ୍ଥିଶଲ୍ୟ ବିଶେଷଜ୍ଞ ଡ.ରବି ସିଂ, ସ୍ନାୟୁରୋଗ ବିଶେଷଜ୍ଞ ଡ.ଅମିତ ପୋଥାନି ପ୍ରମୁଖ ଯୋଗ ଦେଇଥିଲେ। ଏହି ଶିବିରରେ ୨୧୬ଜଣ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିବା ବେଳେ ୩୨ଜଣ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ହିତାଧିକାରୀଙ୍କ ଅସ୍ତ୍ରୋପଚାର ପାଇଁ ଚିହ୍ନଟ ହୋଇଛି। ଆଗାମୀ ଦିନରେ ତାଙ୍କର କେୟାର ହସ୍ପିଟାଲ, ଭୁବନେଶ୍ୱରଠାରେ ମାଗଣାରେ ଅସ୍ତ୍ରୋପଚାର କରାଯିବ ବୋଲି ସୂଚନା ଦିଆଯାଇଛି। ନିଷ୍ଠା ପରିବାରର ଉପଦେଷ୍ଟା ସଚି ପଣ୍ଡା, ଜିତୁ ମହାପାତ୍ର, ଅଶ୍ୱିନୀ ତ୍ରିପାଠୀ, ସମ୍ପାଦକ ଲୋକନାଥ ସାହୁ, କୋଷାଧକ୍ଷ ଶ୍ୟାମସୁନ୍ଦର ସାହୁ, ଜୟନ୍ତ ପ୍ରଧାନ, ବିଦ୍ୟାଧର ଭୋଇ , ସଙ୍କେତ ଆଠଘରା ଓ ମହିଳା ଶାଖାର ମୁଖ୍ୟ ତ୍ରିପୁରା ଶୁକ୍ଳା ଓ ଅନ୍ୟ ସଦସ୍ୟ ସଦସ୍ୟା ପରିଚାଳନା କରିଥିଲେ।




# ବରିହାପାଲିରେ ସ୍ୱାସ୍ଥ୍ୟସେବା ଶିବିର

**ପଦ୍ମପୁର, ୧୭।୩(ସମିସ):** ରାଜବୋଡାସମ୍ବର ବ୍ଲକ ଅନ୍ତର୍ଗତ ବରିହାପାଲିଠାରେ ଶୁକ୍ରବାର ରାୟପୁରସ୍ଥିତ ରିମ୍‌ସି ହସ୍ପିଟାଲ ତଥା ବିଶେଷଜ୍ଞ ଡାକ୍ତରଙ୍କୁ ନେଇ ପଦ୍ମପୁର ନିର୍ବାଚନମଣ୍ଡଳୀର ଆମ ଆଦମୀ ପାର୍ଟିର ଆଶାୟୀ ବିଧାୟକ ପ୍ରାର୍ଥୀ ବାଲ୍ମୀକି ନାଏକଙ୍କ ସହଯୋଗରେ ଏକ ମାଗଣା ସ୍ୱାସ୍ଥ୍ୟ ସେବା ଶିବିର ଆୟୋଜନ କରାଯାଇଥିଲା। ଶିବିରରେ ଅନେକ ଅସହାୟ ବୃଦ୍ଧା, ଅସହାୟ ରୋଗୀ ତଥା ସର୍ବସାଧାରଣ ସୁଯୋଗ ପାଇ ଶ୍ରୀ ନାଏକଙ୍କୁ ଧନ୍ୟବାଦ ଜଣାଇଛନ୍ତି। ପ୍ରଥମେ ଗ୍ରାମବାସୀ ଶ୍ରୀ ନାଏକ ଓ ଆସିଥିବା ବିଭିନ୍ନ ବିଭାଗର ଡାକ୍ତରଙ୍କୁ ଗାଁର ହନୁମାନ ଗୁଡିରୁ ଫୁଲତୋଡ଼ା ଓ ବାଜାର ତାଳେ ତାଳେ ସ୍ୱାଗତ କରି ପାଛୋଟି ନେଇଥିଲେ। କାର୍ଯ୍ୟକ୍ରମରେ ପବିତ୍ର ସାହୁ, ମେଘନାଦ ପ୍ରଧାନ, ଶ୍ୟାମସୁନ୍ଦର ବରିହା, ନିଳାଦ୍ରୀ ମହାକୁର, ଛବିଲ ଭୁଏ, ଲାଲଚନ୍ଦ ପ୍ରଧାନ, ରତ୍ନମଣି ସାହୁ, ଗଜେନ୍ଦ୍ର ସାହୁ, ପ୍ରଦୀପ ସାହୁ ପ୍ରମୁଖ ସହଯୋଗ କରିଥିବାବେଳେ ଆମ ଆଦମୀ ପାର୍ଟିର ସମସ୍ତ କାର୍ଯ୍ୟକର୍ତ୍ତା ସହଯୋଗ କରିଥିଲେ।



# ବ୍ୟାଙ୍କ କିସ୍ତି ସଂଗ୍ରହକାରୀ ଏଜେଣ୍ଟଙ୍କୁ ମରଣାନ୍ତକ ଆକ୍ରମଣ

**ଝାରସୁଗୁଡ଼ା, ୧୭।୩(ସମିସ):** ଝାରସୁଗୁଡ଼ା ବଡ଼ମାଲ ଥାନା ଅନ୍ତର୍ଗତ ବଘିଆମାଲ ଠାରେ ଅର୍ଥ ଲଗାଣକାରୀ ସଂସ୍ଥାର ଜଣେ ଋଣ ଗ୍ରହୀତାଙ୍କ ଠାରୁ କିସ୍ତି ଟଙ୍କା ସଂଗ୍ରହ କରିବାକୁ ଯାଇଥିବା ଜଣେ ଏଜେଣ୍ଟଙ୍କ ସମେତ ତାଙ୍କ ସାଙ୍ଗକୁ ମରଣାନ୍ତକ ଆକ୍ରମଣ ଓ ଲୁଟପାଟ ହୋଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ଅନୁସାରେ ଯାଜପୁରର ସୁଭାସ ଚନ୍ଦ୍ର ସାହୁ(୨୯) ଝାରସୁଗୁଡ଼ା ଏଚଡିବିଆଇ ଫାଇନାନ୍ସିଆଲ ସଂସ୍ଥାର ଏଜେଣ୍ଟ ଭାବେ କାମ କରୁଛନ୍ତି। ବ୍ୟାଙ୍କରୁ ଋଣ ନେଇ ୪ଚକିଆ ଗାଡ଼ି କିଣିଥିବା ବଘିଆମାଲର ଜଣେ ଗ୍ରାହକ ପ୍ରକାଶ ଛଚାନ୍ ୩ମାସ ହେଲା କିସ୍ତି ଟଙ୍କା ଦେଉ ନ ଥିବାରୁ ବାକି ଥିବା ୩୭ ହଜାର ଟଙ୍କା ମାଗିବା ପାଇଁ ଉକ୍ତ ଗାଁକୁ ଯାଇଥିଲେ। ଘରେ ପହଞ୍ଚି ଋଣ ଗ୍ରହୀତାଙ୍କ ସହ ସାକ୍ଷାତ ନ ହେବାରୁ ଫୋନରେ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ। ହେଲେ ସେଥିରେ ବିଫଳ ହେବାରୁ ଫେରି ଯାଉଥିଲେ। କିନ୍ତୁ ରାସ୍ତାରେ ପ୍ରକାଶଙ୍କ ସହିତ ଦେଖା ହେବାରୁ ବକେୟା ଟଙ୍କା ପଇଠ କରିବାକୁ ସେ ଅନୁରୋଧ କରିଥିଲେ। କିନ୍ତୁ ପ୍ରକାଶ ଏଥିରେ ଉତ୍‌କ୍ଷିପ୍ତ ହେବା ସହ ସାଙ୍ଗରେ ଥିବା ଝାରସୁଗୁଡ଼ା ସହରର ନବଲ କିଶୋର ବେହେରା ସମେତ ଅନ୍ୟ ୫ଜଣ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏହାସହ ସୁଭାସଙ୍କ ସାଙ୍ଗରେ ଥିବା ବିକାଶ ପଣ୍ଡାଙ୍କୁ ମଧ୍ୟ ଆକ୍ରମଣ କରି ସୁନା ଚେନ୍ ଛଡ଼ାଇ ନେଇଥିବା ଓ ବାଇକ ଭାଙ୍ଗିରୁଜି ଦେଇଥିବା ଅଭିଯୋଗ ହୋଇଛି। ସେମାନଙ୍କ ମାଡ଼ରେ ସୁବାସ ଗୁରୁତର ହେବାରୁ ଏକ ଘରୋଇ ଡାକ୍ତରଖାନାକୁ ଚିକିତ୍ସା କରାଯାଉଛି।

# ଏସ୍‌ପି ଅଫିସ୍ ରାସ୍ତାରେ ଟ୍ରକ ଦୁର୍ଘଟଣା

**ଝାରସୁଗୁଡ଼ା, ୧୭।୩(ସମିସ):** ରବିବାର ଅପରାହ୍ନରେ ଝାରସୁଗୁଡ଼ା ଏସପିଙ୍କ କାର୍ଯ୍ୟାଳୟ ସମ୍ମୁଖ ବାଲିଜୁରୀ ରାସ୍ତାରେ ଏକ ଟ୍ରକ ଡ଼ିଭାଇଡ଼ରକୁ ଧକ୍କା ଦେଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଫଳରେ ଏହି ରାସ୍ତାରେ ଯାନବାହାନ ଚଳାଚଳ ବ୍ୟାହତ ହୋଇଛି। କୋଇଲା ବୋଝେଇକରି ଯାଉଥିବା ଉକ୍ତ ଟ୍ରକ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା।

# ପଦ୍ମଶ୍ରୀ ମିତ୍ରଭାନୁ ଗୌନ୍ତିଆଙ୍କ ଜନ୍ମଦିନ ପାଳିତ

**ପଦ୍ମପୁର, ୧୭।୩ (ସମିସ):** ପଶ୍ଚିମଓଡ଼ିଶାର ଅଗ୍ରଣୀ ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନ ପଦ୍ମପୁରସ୍ଥିତ ସିରଜିନା ଆରୁ ସାଂସ୍କୃତିକ ପକ୍ଷରୁ ପଦ୍ମଶ୍ରୀ ମିତ୍ରଭାନୁ ଗୌନ୍ତିଆଙ୍କ ଜନ୍ମଦିନ ମହାସମାରୋହରେ ପାଳିତ ହୋଇଛି। ସୁଶ୍ରୀ ଜିତେଶ୍ୱରୀ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାରୋହକୁ ସମ୍ପାଦକ ରାଜେନ୍ଦ୍ର ମହାନ୍ତି ସମ୍ପାଦନା କରିଥିଲେ। ଉତ୍କଳମଣି ଗୋପବନ୍ଧୁ ମହାବିଦ୍ୟାଳୟ ଖମାର ଅନୁଗୁଳର ପ୍ରାକ୍ତନ ଅଧକ୍ଷ ଡ଼ ଅକ୍ଷୟ ପଣ୍ଡା ମୁଖ୍ୟବକ୍ତା ରୂପେ ଯୋଗଦାନ କରିଥିଲେ। ଗୌନ୍ତିଆଙ୍କର ଅନେକ ଅଭୁଲା ଗୀତ ଗାଇ ଶ୍ରୋତାଙ୍କର ମନ ମୋହିଥିଲେ। ସନ୍ତୋଷ ସିଂହ ଠାକୁର, ଯଶୋବନ୍ତ ବିଶ୍ୱାଳ, ଡ. ଅବନିକାନ୍ତ ସାହୁ, ଶେଷଦେବ ମେହେର ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସ୍ୱର୍ଣ୍ଣକାନ୍ତି ପତିଙ୍କ ସଂଯୋଜନାରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଆଖଣ୍ଡଳ ଦାଶ, ନରୋତ୍ତମ ଦାଶ, ସୁରେଶ ଚୌହାନ, ପ୍ରତିମା ବାରିକ, ଡ. ଅବନୀକାନ୍ତ ସାହୁ, ଭୋଜରାଜ ବୁଡ଼େକ ପ୍ରମୁଖ କବିତା ପାଠ କରିଥିଲେ। ସୁରେଶ ଚୌହାନଙ୍କ ପୁରାଣ ମହାକୋଶଳ ପୁସ୍ତକ ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। କରୁଣାକର ମେହେର, ହରିବୋଲ ମେହେର, ରଘୁନାଥ ପୁରୀ ପ୍ରମୁଖ ଉପସ୍ଥିତ ଥିଲେ। ଆଦିତ୍ୟ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।



**ପୁରାଣ ମହାକୋଶଳ ଉନ୍ମୋଚିତ**

# ବଡ଼ମାଲ ଥାନାରୁ ଚମ୍ପଟ ମାରିଥିବା ଅପରାଧିକୁ ଗୋଡ଼ାଇ ଧରିଲା ପୋଲିସ

ଝାରସୁଗୁଡ଼ା, ୧୭।୩(ସମିସ): ବଡ଼ମାଲ ଥାନାରେ ଏକ ମାମଲାରେ ଗିରଫ ହୋଇଥିବା ଜଣେ ଅଭିଯୁକ୍ତ ଥାନାରୁ ଚମ୍ପଟ ମାରିବାକୁ ଉଦ୍ୟମ କରୁଥିବା ବେଳେ ପୁଲିସ ତାକୁ ଗୋଡ଼ାଇ ଗୋଡ଼ାଇ ଧରିଛି। ଅଭିଯୁକ୍ତ ଜଣକ ବଡ଼ମାଲ ହରିଜନପଡ଼ାର ବିଜୟ ସିଂ ବୋଲି ଜଣାପଡ଼ିଛି। ସୂଚନା ଅନୁସାରେ ଶନିବାର ଅପରାହ୍ନ ୨ଟା ୩୦ରେ ସେହି ଗ୍ରାମର ରଘୁବୀର ମହାନନ୍ଦଙ୍କୁ ମଦ ପିଇବା ପାଇଁ ଡାକି ନେଇଥିଲା। ସେଠାରେ ଉଭୟଙ୍କ ଝଗଡ଼ା ହୋଇଥିଲା। ବିଜୟ ଉତକ୍ଷିପ୍ତ ହୋଇ ରଘୁବୀରଙ୍କ ଗଳାରେ ମଦ ବୋତଲ ଜୋରରେ ମାଡ଼ କରିଥିଲା। ଏହା ଫଳରେ ମଦ ବୋତଲ ଭାଙ୍ଗି ଯିବା ସହ ରଘୁବୀର ରକ୍ତ ଜୁଡୁବୁଡୁ ହୋଇ ପଡ଼ିଥିଲେ। ରଘୁବୀରର ପରିବାର ଲୋକେ ଏନେଇ ବଡ଼ମାଲ ଥାନାରେ ଲିଖିତ ଅଭିଯୋଗ କରିବାରେ ପୁଲିସ ବିଜୟ ସିଂକୁ ରବିବାର ସକାଳେ ଗିରଫ କରିଥିଲା। ଅପରାହ୍ନରେ ବିଜୟକୁ କୋର୍ଟ ଚାଲାଣ କରିବା ପୂର୍ବରୁ ମଧ୍ୟାହ୍ନରେ ଭାତ ଖାଇବାକୁ ଦିଆଯାଇଥିଲା। ବିଜୟ ଭାତ ଖାଇବା ବାହାନାରେ ପାଖରେ ଛିଡ଼ାହୋଇ ଥିବା ଜଣେ ପୁଲିସ କର୍ମଚାରୀଙ୍କୁ ଗୋଇଠା ମାରି ଥାନାରୁ ଫେରାର ମାରିଥିଲା। ଏହା ଦେଖି ବଡ଼ମାଲ ପୁଲିସ କର୍ମଚାରୀ ମାନେ ତାକୁ ଗୋଡ଼ାଇ ଗୋଡ଼ାଇ ବଡ଼ମାଲ ଛକରୁ ଧରିବାକୁ ସଫଳ ହୋଇଛନ୍ତି। ଥାନାରୁ ଫେରାର ହେବାକୁ ଉଦ୍ୟମ କରୁଥିବା ଅଭିଯୋଗରେ ଆଉ ଏକ ମାମଲା ରୁଜୁ କରାଯାଇ ବିଜୟ ସିଂକୁ କୋର୍ଟ ଚାଲାଣ କରାଯାଇଛି।

# ମହିଳାଙ୍କୁ ଗାଳିଗୁଲଜ ଓ ଚାପୁଡ଼ା ମାରିଥିବା ଅଭିଯୋଗ

ଝାରସୁଗୁଡ଼ା, ୧୭।୩(ସମିସ): ଜନୈକ ମହିଳାଙ୍କୁ ସେହି ଗ୍ରାମର ଜଣେ ଯୁବକ ଗାଳିଗୁଲଜ କରିବା ସହିତ ଚାପୁଡା ମାରିଥିବା ପୀଡିତାଙ୍କ ପୁଅ ଲଖନପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସୂଚନା ମୁତାବକ ଲଖନପୁର ଥାନା ଅନ୍ତର୍ଗତ ବାଘମୁଣ୍ଡା ନୂଆଁବନ୍ଧ ଗ୍ରାମର କିର୍ତ୍ତନ କିଶାନ (୨୪)ଙ୍କ ଅଭିଯୋଗ ମୁତାବକ ତାଙ୍କ ଘର ସମ୍ମୁଖରେ ସେ ବାଲି ରଖୁଥିଲେ। ତାଙ୍କ ଗ୍ରାମର ସରୋଜ ମିର୍ଦ୍ଧା (୨୮) ନାମକ ଜଣେ ଯୁବକ ଆସି ତାଙ୍କ ମାଆଙ୍କୁ ବାଲି କାହିଁକି ଗଦାଇଛ ବୋଲି ଗାଳିଗୁଲଜ କରିଥିଲା। କୀର୍ତ୍ତନଙ୍କ ମାଆ ଏହାର ପ୍ରତିବାଦ କରିବାରୁ ତାଙ୍କୁ ସରୋଜ ଗାଳିଗୁଲଜ କରିବା ସହିତ ଚାପୁଡ଼ା ମାରିଥିବା ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିବା ଥାନା ଅଧିକାରୀ ବିନୟ କୁମାର ରାଓ ସୂଚନା ଦେଇଛନ୍ତି।

# ବରିଷ୍ଠ ନାଗରିକଙ୍କ ସାଧାରଣ ବୈଠକ



**ପାଇକମାଳ, ୧୭।୩ (ସମିସ):** ପାଇକମାଳସ୍ଥିତ ନୃସିଂହନାଥ ଧର୍ମଶାଳାଠାରେ ନନ୍ଦଲାଲ ପ୍ରସାଦ ତ୍ରିବେଦୀଙ୍କ ଅଧକ୍ଷତାରେ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ନାଗରିକଙ୍କୁ ମାସିକ ୫ ଶହରୁ ୧ ହଜାର ଟଙ୍କା ଭତ୍ତା ଓ ବସ ଟ୍ରେନ ଯାତ୍ରା ଉପରେ ୫୦ ପ୍ରତିଶତ ରିଆତି ଓ ଭୂମିହୀନ ବରିଷ୍ଠ ନାଗରିକଙ୍କୁ ଲିଜ ଜମି ଓ ଘର ଯୋଗାଣ ଉପରେ ଆଲୋଚନା ହୋଇଥିଲା। ଚାଷୀମାନଙ୍କୁ ପ୍ରତି ସହାୟତା ମୂଲ୍ୟ ୩୫୦୦ ଟଙ୍କା ରଖାଯାଉ ତା ସାଙ୍ଗକୁ ପ୍ରମାଣିତ ଧାନ ଓ ରସାୟନିକ ଠିକ ସମୟରେ ଯୋଗାଇ ଦିଆଯାଉ, କାଳିଆ ଓ ବଳିଆ ଟଙ୍କା ବିଷୟରେ ଆଲୋଚନା ହୋଇଥିଲା। ପାଇକମାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମସ୍ୟା ସହ ପାଇକମାଳ ଅଞ୍ଚଳରେ ବିଦ୍ୟୁତ୍ ବିଭ୍ରାଟ ଏବଂ ଶ୍ରୀଶ୍ରୀ ନୃସିଂହନାଥ ମନ୍ଦିରକୁ ଟ୍ରଷ୍ଟ ପରିଚାଳନା ବ୍ୟବସ୍ଥା ପୂର୍ବ ଭଳି ଜନପ୍ରତିନିଧିଙ୍କୁ ନେଇ ପରିଚାଳନା ବ୍ୟବସ୍ଥା କରାଯିବା ପ୍ରସଙ୍ଗରେ ମଧ୍ୟ ଆଲୋଚନା ହୋଇଥିଲା। ଦରଦାମ ନିୟନ୍ତ୍ରଣ, ନୃସିଂହନାଥ ଆୟୁର୍ବେଦ କଲେଜ୍ ଓ ଗବେଷଣା ପ୍ରତିଷ୍ଠାନକୁ ସରକାରୀ କଲେଜ ଭାବରେ ଗ୍ରହଣ କରାଯାଉ ବୋଲି ଦାବି କରାଯାଇଥିବା ବେଳେ କସ୍ତୁରବା ଗାନ୍ଧୀ ମାତୃନିକେତନରେ ବାଳିକା ଅସହାୟ ପିଲାମାନଙ୍କ ପଡା ଓ ସେବା ବ୍ୟବସ୍ଥା ପାଇଁ ପରିଚାଳନା ବ୍ୟବସ୍ଥା ସମ୍ପର୍କରେ ଆଲୋଚନା ହୋଇଥିଲା।

# ଧରାପଡ଼ିଲା ଗୋ-ଚାଲାଣ; ୩ ଗଲେ ଜେଲ୍

**ତୁରେକେଲା, ୧୭।୩(ସମିସ):** ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ସହରରେ ଗୋ ଚାଲାଣକୁ ରୋକିଲା ରାମସେନା। ଶନିବାର ସନ୍ଧ୍ୟା ସମୟରେ ତୁରେକେଲା ଥାନା ରାମୋଡ ଅଞ୍ଚଳରୁ ଏକ ପିକଅପ ଭ୍ୟାନରେ ୪ଟି ଗୋରୁ ମୁହଁରେ ଦୌଡି ବାନ୍ଧି ଚାଲାଣ କରାଯାଉଥିଲା। ଏନେଇ କଣ୍ଟାବାଞ୍ଜି ସହରର ରାମସେନାର ସଦସ୍ୟମାନେ ଖବର ପାଇବା ପରେ ସ୍ଥାନୀୟ ଅଗ୍ନିଶମ ବିଭାଗ ଅଫିସ ସମ୍ମୁଖୀନରେ ଗାଡିକୁ ରୋକିଥିଲେ। ଘଟଣାସ୍ଥଳରେ କିଛି ସମୟ ଧରି ଉତ୍ତେଜନା ପ୍ରକାଶ ପାଇଥିବା ବେଳେ କଣ୍ଟାବାଞ୍ଜି ପୁଲିସ ପହଞ୍ଚି ଗାଡି ଜବତ କରିବା ସହ ୩ ଜଣଙ୍କୁ ଥାନାକୁ ନେଇଥିଲା। ପରେ କଣ୍ଟାବାଞ୍ଜି ରାମସେନା ପକ୍ଷରୁ ବେଆଇନ ଭାବେ ଗୋ ଚାଲାଣ କରାଯାଉଥିବା ନେଇ ଅଭିଯୋଗ ହେବା ପରେ ପୁଲିସ ମାମଲା ରୁଜୁକରି ୩ ଜଣ ଅଭିଯୁକ୍ତ ବିସିକେଶନ ନାଗ(୩୦),ଦିଲୀପ କେତକୀ(୨୮) ସହ ଅନ୍ୟ ଜଣେ ସହଯୋଗୀଙ୍କୁ କୋର୍ଟ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।



# ନିଯୁକ୍ତିପତ୍ର ପ୍ରଦାନ ପରେ ଅନଶନ ପ୍ରତ୍ୟାହାର

**ଝାରସୁଗୁଡ଼ା, ୧୭।୩(ସମିସ):** ଏମସିଏଲ ଠିକା ସଂସ୍ଥାରେ ନିଯୁକ୍ତି ଦାବିରେ କ୍ଷତିଗ୍ରସ୍ତ ଯୁବକ ଲଖନପୁର ବ୍ଲକ ରେଙ୍ଗାଲି ଗ୍ରାମର ଚନ୍ଦ୍ରମଣି ସାହୁ ଅନଶନରେ ବସିବାର ରବିବାର ଚତୁର୍ଥ ଦିନରେ ସେ ନିଯୁକ୍ତିପତ୍ର ପାଇବା ପରେ ଅନଶନ ପ୍ରତ୍ୟାହାର କରିଛନ୍ତି। ଗତ ଗତ ୧୪ ତାରିଖ ଦିନ ଚନ୍ଦ୍ରମଣି ଏମସିଏଲ ଦ୍ୱାରା ନିୟୋଜିତ ମହାଲକ୍ଷ୍ମୀ ଠିକା କମ୍ପାନୀରେ ନିଯୁକ୍ତି ଦାବି ନେଇ ଲଖନପୁର ଖଣି କ୍ଷେତ୍ରର ଜିଏମଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନଶନରେ ବସିଥିଲେ। ହେଲେ ତାପର ଦିନ ସ୍ୱାସ୍ଥ୍ୟବସ୍ଥା ଅସୁସ୍ଥ ହେବାରୁ ଡାକ୍ତରଙ୍କ ପରାମର୍ଶ କ୍ରମେ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଡାକ୍ତରଖାନାରେ ମଧ୍ୟ ସେ ନିଜ ଜିଦରେ ଅଟଳ ରହି ଅନଶନ ଜାରି ରଖିଥିଲେ। ଆଜି ଡାକ୍ତରଖାନାକୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଲଖନପୁର ବିଡିଓ ବିନୟ କୁମାର ପଟେଲ, ଅତିରିକ୍ତ ତହସିଲଦାର କୁଳମଣି ଦଳାଇଙ୍କ ସମେତ ବନ୍ଧବାହାଲ ଫାଣ୍ଡି ଅଧିକାରୀ ଶରତ ଦ୍ୱିବେଦୀ ପ୍ରମୁଖ ପହଞ୍ଚି ବୁଝାସୁଝା କରିବା ସହିତ ମହାଲକ୍ଷ୍ମୀ କମ୍ପାନୀର ପଡୋଶୀ ଛତିଶଗଡ଼ ରାଜ୍ୟ ରାୟଗଡ଼ ଅଞ୍ଚଳରେ ଥିବା ବରୋଦଠାରେ ସୁପରଭାଇଜର ପଦବୀରେ ନିଯୁକ୍ତିପତ୍ର ପ୍ରଦାନ କରାଯିବା ପରେ ସେ ଅନଶନ ପ୍ରତ୍ୟାହାର କରିଥିଲେ।



# ହଲନଭଟା ଓ ଢୋଲମାନ୍ଦଲରେ ଶଙ୍ଖ ଜନସମ୍ପର୍କ

**ତୁରେକେଲା,୧୭।୩(ସମିସ):** ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ନିର୍ବାଚନମଣ୍ଡଳୀ ତୁରେକେଲା ବ୍ଲକ ଅନ୍ତର୍ଗତ ହଲନଭଟା, ଗୁର୍ଜିଭଟା, କୁଶପାଲି, ଭାଲୁକୁନା, ଡେବରିଆମୁଣ୍ଡା, ବିଜମାଲପଡା, ବରିଆଲି, ଗଭରା, ରମାଇଗଡ, ଢୋଲମାନ୍ଦଲ, ବାହାବଳ, ଭଗୁଆପଡା ଗାଁରେ ଯୁବ ବିଜେଡି ନେତା ତଥା ଡାକ୍ତର ଅମଜଦ ଖାନଙ୍କ ନେତୃତ୍ୱରେ ବିଜୁ ଜନତା ଦଳ ପକ୍ଷରୁ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ କଣ୍ଟାବାଞ୍ଜି ପୂର୍ବତନ ବିଧାୟକ ଆୟୁବ ଖାନ ଯୋଗ ଦେଇଥିଲେ। ଗାଁ ଲୋକଙ୍କ ସହ ଆଲୋଚନା କରି ଅଞ୍ଚଳର ସମସ୍ୟାକୁ କିପରି ସମାଧାନ କରାଯାଇ ପାରିବ ସେ ଦିଗରେ ସ୍ଥାନୀୟ ଯୁବ ପିଢ଼ି ଏବଂ ଗାଁଲୋକଙ୍କୁ ପରାମର୍ଶ ଦେଇଥିଲେ। ସେହିପରି ଢୋଲମାନ୍ଦଲ ପଞ୍ଚାୟତ ବରିଆଲି ଗାଁରେ ବିଜୁ ଜନତା ଦଳ ପକ୍ଷରୁ ବରିଷ୍ଠ ବିଜେଡି ନେତା ଅଜୟ ଦାସଙ୍କ ନେତୃତ୍ୱରେ ଜନସମ୍ପର୍କ ଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ସରପଞ୍ଚ ବିଶ୍ୱାମିତ୍ର ଛତ୍ରିଆ, ପ୍ରମେ ମେହେର, ନବରଙ୍ଗ ଦାସ, ସୁବାସ ସାହୁ, ମୁରଲୀ ମଲ୍ଲିକ, ନିରନ ଖୁରା, ପବିତ୍ର ବେମାଲ, ଚରଣ ନାୟକ, ଚନ୍ଦ୍ରମଣି ତାଣ୍ଡି, କାଳୀଚରଣ ମାଝୀ, ସାନତୁଲା ମାଝୀ, ଦେବାର୍ଚ୍ଚନ ମାଝୀ, ଅଶୋକ ପରାଭୂଏ, ଗୋବିନ୍ଦ ବଗର୍ତି, ଦେବେନ୍ଦ୍ର ବରିହା ଓ ବହୁ ବିଜେଡି କର୍ମୀ ଉପସ୍ଥିତ ଥିଲେ।



# ଜିଲ୍ଲାସ୍ତରୀୟ ପୋଷଣ ପକ୍ଷ ଦିବସ ପାଳିତ

**ବରଗଡ଼, ୧୭।୩ (ସମିସ):** ବରଗଡ଼ ଜିଲ୍ଲା ସମାଜ ମଙ୍ଗଳ ବିଭାଗ ଆନୁକୂଲ୍ୟରେ ପୋଷଣ ପକ୍ଷ ଦିବସ ପାଳନ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଗୋବିନ୍ଦଚନ୍ଦ୍ର ପଣ୍ଡା, ଉଦ୍ୟାନ କୃଷି ବିଭାଗ ଉପନିର୍ଦ୍ଦେଶକ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ନାରାୟଣ ପାଣାଗ୍ରହୀ ଯୋଗ ଦେଇଥିଲେ। ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସାବାତ୍ରୀ କୁମୁରା ପୋଷଣ ପକ୍ଷ ଦିବସର ଉଦ୍ଦେଶ୍ୟ ବୁଝାଇବା ସହ ସମସ୍ତ ଅଙ୍ଗନବାଡି କେନ୍ଦ୍ରରେ ଶିଶୁଙ୍କୁ ଦିଆଯାଉଥିବା ପୋଷଣଯୁକ୍ତ ଖାଦ୍ୟ ବିଷୟରେ କହିଥିଲେ। ମାଣ୍ଡିଆ ବାଜରା ଭଳି ପୁଷ୍ଟିକର ଖାଦ୍ୟକୁ ପ୍ରାଧାନ୍ୟ ଦେଇ ନିଜ ଦୈନନ୍ଦିନ ଖାଦ୍ୟରେ ସାମିଲ କରିବାକୁ କହିଥିଲେ। ପରେ ସମସ୍ତେ ମିଲେଟ୍ ଖାଦ୍ୟ ମେଳା ପରିଦର୍ଶନ କରିଥିଲେ।



# ଶିକ୍ଷାଧିକାର ଓ ନୂତନ ଶିକ୍ଷାନୀତି ସମ୍ପର୍କିତ ସଚେତନତା

**ବରଗଡ଼, ୧୭।୩(ସମିସ)**

ଓଡ଼ିଶା ଅଭିଭାବକ ମହାସଂଘ ବରଗଡ଼ ଜିଲ୍ଲା ପକ୍ଷରୁ ସ୍ଥାନୀୟ ଜିରା ନଦୀ କୂଳସ୍ଥିତ କୁଷ୍ଠାଶ୍ରମ ପଡ଼ାଠାରେ ଶିକ୍ଷା ଅଧିକାର ଆଇନ ଓ ନୂତନ ଶିକ୍ଷା ନୀତି ଉପରେ ଏକ ସଚେତନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାସଂଘର ସଭାପତି ବିମଳ କୁମାର ଦାଶ ରାଜ୍ୟ ସରକାରଙ୍କ ଶିକ୍ଷା ଅଧିକାର ଆଇନ ଅନୁଯାୟୀ ମାଗଣ ଶିକ୍ଷା ବ୍ୟବସ୍ଥା, ୨୫ ପ୍ରତିଶତ ସଂରକ୍ଷଣ ପାଇଁ ପରିଦର୍ଶୀ ଯୋଜନା ଓ ଆର୍ଥିକ ଦୁର୍ବଳ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ ସରକାରଙ୍କ ବିଭିନ୍ନ ପଦକ୍ଷେପ ଉପରେ ତାଙ୍କର ବକ୍ତବ୍ୟ ରଖିଥିଲେ। ମହାସଂଘ ପକ୍ଷରୁ ମାଗଣା ବହି ବଣ୍ଟନ କରାଯାଇଥିଲା। ଏହା କାର୍ଯକ୍ରମରେ ଆଶୁତୋଷ ରଥ, ବାଲ୍ମିକୀ ଷଡ଼ଙ୍ଗୀ, ଶୁଭେନ୍ଦୁ ବଗାରଙ୍କ ସମେତ ବହୁ ସଦସ୍ୟ ସାମିଲ ହୋଇଥିଲେ।



## ନୂଆଡ଼ିହି ଗ୍ରାମରେ ଚବିଶ ପ୍ରହର ନାମଯଜ୍ଞ ଉଦ୍‌ଯାପିତ

**ବ୍ରଜରାଜନଗର, ୧୭।୩(ସମିସ):** ଝାରସୁଗୁଡ଼ା ଜିଲ୍ଲାର ବ୍ରଜରାଜନଗର ପୌର ପରିଷଦ ଅନ୍ତର୍ଗତ ୱାର୍ଡ ନଂ ୨୨ ନୂଆଡିହି ଗ୍ରାମରେ ଅନୁଷ୍ଠିତ ଚବିଶ ପ୍ରହର ନାମଯଜ୍ଞ ରବିବାର ଉଦଯାପିତ ହୋଇଯାଇଛି। ବୁଧବାର ଅଧିବାସ ଆରମ୍ଭ ହୋଇ ଗୁରୁବାର ଅଖଣ୍ଡ ମାଧବ ଗୌରମନ୍ତ୍ର ନାମ ଆରମ୍ଭ ହୋଇଥିଲା। ରବିବାର ନାମ ସମାପନ ପରେ ପୂର୍ଣ୍ଣାହୂତି, ନଗର କୀର୍ତ୍ତନ, ଦଧିଭାଣ୍ଡ ଭଙ୍ଗା ସହ ବିସର୍ଜନ କରାଯାଇଥିଲା। ନାମ ସଂକୀର୍ତ୍ତନରେ ରା.କଟାପାଲି, ବୁଢିପଦର, ଖଲିଆମାଲ, ବଢେଇକଟା, ଖଲିଆକାନି ସମେତ ଝାରସୁଗୁଡ଼ାର ପ୍ରାୟ ୧୫ଟି ସଂକୀର୍ତ୍ତନ ଦଳ ଯୋଗ ଦେଇଥିଲେ। ରେଙ୍ଗାଲି, ହରେକୃଷ୍ଣପୁର, କଦେଲପିଟା, ବିଶାଳଖିଣ୍ଡା, ଦେଓଗାଁ, ପଧାନପାଲି, ଖଏରକୁନି, ବରତାପ, ବାଦିମାଲ, ଠାକୁରମାଲ, ଗଡ଼ଗଡ଼ବାହାଲ ସଂକୀର୍ତ୍ତନମଣ୍ଡଳୀ ନଗର ପରିକ୍ରମା କରିଥିଲେ। ଏହି ନାମଯଜ୍ଞରେ ପୂଜକ ମିତ୍ରଭାନୁ ମିଶ୍ର ଦାୟିତ୍ୱ ତୁଲାଇଥିବା ବେଳେ ସୁଭାଷ ପ୍ରଧାନ ଓ ତାଙ୍କ ଧର୍ମପତ୍ନୀ ତନୁ ପ୍ରଧାନ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ସେହିପରି ଷଡ଼ବୈଷ୍ଣବ ଭୀଷ୍ମ ବାରିକ, ସନତ ପ୍ରଧାନ, ଲଳୀନ ବାରିକ, ମନୋଜ ବଡ୍ଢାଇ, କିରଣ ବଡ୍ଢାଇ, ବାଦଲ ପ୍ରଧାନ ରହିଥିଲେ। ଏହି କାର୍ଯ୍ୟକ୍ରମରେ ବିଧାୟିକା ଅଳକା ମହାନ୍ତି ଯୋଗଦେଇ ଆଶୀର୍ବାଦ ଲାଭ କରିଥିଲେ। ଯଜ୍ଞ ପରିଚାଳନାରେ ନୂଆଡିହି ଗ୍ରାମବାସୀ ପୂର୍ଣ୍ଣ ସହଯୋଗ କରିଥିଲେ। ପୂର୍ଣ୍ଣାହୂତି ପରେ ଆଖପାଖ ଅଞ୍ଚଳର ୧୦ ହଜାରରୁ ଅଧିକ ଭକ୍ତଙ୍କୁ ଗ୍ରାମବାସୀଙ୍କ ତରଫରୁ ଅନ୍ନ ପ୍ରସାଦ ବଣ୍ଟନ କରାଯାଇଥିଲା।



### ସାଧାରଣ ନିର୍ବାଚନ ପାଇଁ ଜିଲ୍ଲା ପ୍ରଶାସନର ପ୍ରସ୍ତୁତି

# ପୁରୁଷଙ୍କ ଅପେକ୍ଷା ମହିଳା ଭୋଟର ଅଧିକ

**ଦେବଗଡ଼, ୧୭।୩(ସମିସ)**

ଆସନ୍ତା ସାଧାରଣ ନିର୍ବାଚନ ପାଇଁ ଦେବଗଡ଼ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଆରମ୍ଭ କରାଯାଇଛି। ମଇ ୨୫ତାରିଖ ଦିନ ହେବାକୁ ଥିବା ବିଧାନସଭା ଓ ଲୋକସଭା ନିର୍ବାଚନ ପାଇଁ ମତଦାନ ପ୍ରକ୍ରିୟା ସରଳ ଓ ତ୍ରୁଟିଶୂନ୍ୟ କରିବା ପାଇଁ ନିଯୁକ୍ତ ପୋଲିଙ୍ଗ ଅଧିକାରୀଙ୍କ ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି। ତାଲିମ୍ ପ୍ରଦାନ କାର୍ଯ୍ୟକ୍ରମ ମାର୍ଚ୍ଚ ୧୯ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ତାଲିମ୍ କାର୍ଯ୍ୟକ୍ରମକୁ ସୂଚାରୁରୂପେ ପରିଚାଳନା କରିବା ପାଇଁ ଦେବଗଡ଼ ମହାବିଦ୍ୟାଳୟଠାରେ ୮ଟି ହଲରେ ତାଲିମ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଅଛି। ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ସୋମେଶ କୁମାର ଉପାଧ୍ୟାୟଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ତାଲିମ୍ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ଜିଲ୍ଲା ପରିଷଦ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଧର୍ମାନନ୍ଦ ବେହେରା, ଉପଜିଲ୍ଲାପାଳ ପରୀକ୍ଷିତ ସାହୁ, ଡେପୁଟି କଲେକ୍ଟର ଇଲେକ୍ସନ ଏଜେଲିନ୍ ବାରା, ଡେପୁଟି କଲେକ୍ଟର ଅଞ୍ଜୁନୀ କୁଜୁର, ସହକାରୀ ଜିଲ୍ଲାପାଳ ହେମନ୍ତ ସିଂ, ଈଶ୍ୱର ଗୁରୁ, ତାପସ କୁମାର ମହାନ୍ତ, ରାଜୀବ ଲୋଚନ ନାଏକ ପ୍ରମୁଖଙ୍କୁ ପର୍ଯ୍ୟାୟ କ୍ରମେ ତାଲିମ୍ ପ୍ରଦାନ ପାଇଁ ଦାୟିତ୍ୱ ନ୍ୟସ୍ତ କରାଯାଇଛି। ଏହି ଶିବିରରେ ୪୦୬ ଜଣ ପୋଲିଙ୍ଗ ଅଧିକାରୀ ଓ ପ୍ରିଜାଡିଙ୍ଗ ଅଧିକାରୀଙ୍କୁ ସାଧାରଣ ନିର୍ବାଚନ ପରିଚାଳନା ନିଜ ନିଜ ଦାୟିତ୍ୱ କିପରି ନିର୍ଭୁଲ ଭାବରେ ତୁଲାଇବେ ସେ ସମ୍ପର୍କରେ ତାଲିମ୍ ପ୍ରଦାନ କରାଯାଉଛି। ଇଭିଏମ, ଭିଭିପାଟ, କଣ୍ଟ୍ରୋଲ ୟୁନିଟର ପରିଚାଳନା ନେଇ ତାଲିମ ନେଉଥିବା ଅଧିକାରୀଙ୍କୁ ପ୍ରାକ୍ଟିକାଲ ତାଲିମ ଉପରେ ଅଧିକ ଗୁରତ୍ୱ ଦିଆଯାଇଛି। ସମ୍ବଲପୁର ଲୋକସଭା ଆସନ ଓ ଦେବଗଡ଼ ବିଧାନସଭା ଆସନ ନିମନ୍ତେ ୨ ଲକ୍ଷ ୫୦ ହଜାରରୁ ଊର୍ଦ୍ଧ୍ୱ ମତଦାତା ସେମାନଙ୍କ ମତାଧିକାର ସାବ୍ୟସ୍ତ କରିବାକୁ ଥିବା ବେଳେ ୭ ହଜାର ୩୧୮ ନୂତନ ଭୋଟର, ୧୪୮୭ ବରିଷ୍ଠ ନାଗରିକ, ୩୦୮୫ ଭିନ୍ନକ୍ଷମ, ୧୭ ଜଣ ତୃତୀୟ ଲିଙ୍ଗ, ୧ ଲକ୍ଷ ୨୫ ହଜାର ୩୨ ପୁରୁଷ ଓ ୧ଲକ୍ଷ ୨୫ ହଜାର ୧୭୩ ମହିଳା ଭୋଟର ଦେବଗଡ଼ ବିଧାନସଭା କ୍ଷେତ୍ରର ୩୮୮ ମତଦାନ କେନ୍ଦ୍ରରେ ଗଣତନ୍ତ୍ରର ପବିତ୍ର କାର୍ଯ୍ୟରେ ସେମାନଙ୍କ ଯୋଗଦାନ ଦେବାକୁ ଜିଲ୍ଲାପାଳ ଶ୍ରୀ ଉପାଧ୍ୟାୟ ସାମ୍ବାଦିକ ସମ୍ମିଳନୀରେ ଆହ୍ୱାନ ଦେଇଛନ୍ତି।



## ୨୦ରୁ ହକି ପ୍ରଶିକ୍ଷଣ ଶିବିର

**ଝାରସୁଗୁଡ଼ା, ୧୭।୩(ସମିସ):** ହକି ଆସୋସିଏସନ ପକ୍ଷରୁ ଜିଲ୍ଲାରେ ବାଳକ, ବାଳିକାମାନଙ୍କୁ ହକି ଖେଳ ପ୍ରତି ଆକର୍ଷିତ କରିବା ପାଇଁ ଆସନ୍ତା ୨୦ ତାରିଖରୁ ହକି ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହେବ। ଜିଲ୍ଲାରେ ସ୍କୁଲ ମାନଙ୍କରେ ପରୀକ୍ଷା ସରି ଯାଇଥିବାରୁ ବାଳକ, ବାଳିକା ମାନେ ଗ୍ରୀଷ୍ମକାଳୀନ ହକି ପ୍ରଶିକ୍ଷଣ ଶିବିରରେ ଅଂଶଗ୍ରହଣ କରି ପାରିବେ। ରବିବାର ଜିଲ୍ଲା ହକି ଆସୋସିଏସନର ବୈଠକ ବରିଷ୍ଠ ସଦସ୍ୟ ଗଣେଶ ଚନ୍ଦ୍ର ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ଆଲୋଚନା କରାଯାଇଛି। ୨୦ ତାରିଖ ସକାଳ ୭ଟାରୁ ୯ଟା ଓ ଅପରାହ୍ନ ୪ଟାରୁ ୫.୩୦ ପର୍ଯ୍ୟନ୍ତ ୯ ବର୍ଷରୁ ୧୫ ବର୍ଷ ବୟସ ବର୍ଗର ୧୦୦ଜଣ ବାଳକ, ବାଳିକା ମାନଙ୍କ ପାଇଁ ପ୍ରଶିକ୍ଷଣ ଶିବିର ଜିଲ୍ଲା ହକି ଷ୍ଟାଡିୟମରେ ଅନୁଷ୍ଠିତ ହୋଇ ୭ ଦିନ ଧରି ଚାଲିବ। ନିକଟରେ ଥିବା ଆଦର୍ଶ ସ୍କୁଲରେ ଝିଅ ମାନଙ୍କର ରହିବାର ବ୍ୟବସ୍ଥା ହୋଇଥିବା ବେଳେ ବାଳକ ମାନଙ୍କ ପାଇଁ ହକି ଷ୍ଟାଡିୟମରେ ରହିବାର ଆୟୋଜନ କରାଯାଇଛି। ଯୋଗ ଦେଉଥିବା ଖେଳାଳି ମାନଙ୍କ ପାଇଁ ସମସ୍ତ ଖାଦ୍ୟପେୟର ବ୍ୟବସ୍ଥା କରାଯାଇଛି।

ଏହାର ପରିଚାଳନା ପାଇଁ ଦକ୍ଷ ଅଭିଜ୍ଞତା ସମ୍ପନ୍ନ ମୁଖ୍ୟ ପ୍ରଶିକ୍ଷକ ରାଉରକେଲାର ରିଶିକେଶ ଲାକ୍ରା ଯୋଗ ଦେଉଥିବା ବେଳେ ତାଙ୍କୁ ସାହାଯ୍ୟ କରିବା ପାଇଁ ଜିଲ୍ଲାର କ୍ରୀଡା ଶିକ୍ଷକ ରୀନା ତୀର୍କି, ପୁଲିସର ଗାୟତ୍ରୀ କିଶାନ, ସଙ୍ଗୀତା ରୋଜ କୁଲୁ, ଭୁବନେଶ୍ୱରଠାରେ ଥିବା ସରକାରୀ ଶାରୀରିକ ଶିକ୍ଷା ସ୍ନାତକୋତ୍ତର ପ୍ରଶିକ୍ଷଣ କଲେଜର ଏମା ଲାକ୍ରା ରହିଛନ୍ତି। ଏହି ସମସ୍ତେ ସ୍ପୋର୍ଟସ ହଷ୍ଟେଲରୁ ଶିକ୍ଷା ସମାପ୍ତ କରିବା ସହିତ ଓଡ଼ିଶା ମହିଳା ସିନିୟର ହକି ଦଳରୁ ପ୍ରତିନିଧିତ୍ୱ କରିଛନ୍ତି। ଏଠାରେ ପ୍ରଶିକ୍ଷଣ ନେବା ପାଇଁ ଲଇକେରା, କିରିମିରା, ଲଖନପୁର, ବ୍ରଜରାଜନଗର, ଝାରସୁଗୁଡା ଅଞ୍ଚଳର ସ୍କୁଲ ପିଲାମାନେ ଭାଗ ନେବେ। ସ୍କୁଲ ଗୁଡିକୁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ମାଧ୍ୟମରେ ଚିଠି କରାଯାଉଛି। ଆଗ୍ରହୀ ବାଳକ, ବାଳିକା ମାନେ ହଂସାମରା କଟାପାଲି ସ୍କୁଲର ଖେଳ ଶିକ୍ଷକ ସୁଶାନ୍ତ କୁମାର ବେହେରାଙ୍କ ସହିତ ୯୦୪୦୦୦୦୯୨୯ ଯୋଗାଯୋଗ କରି ପାରିବେ। ଏହି ବୈଠକରେ ପ୍ରଜ୍ଜ୍ୱଳ ପଟେଲ, ଅଶ୍ୱିନୀ ପାଣ୍ଡେ, ବିଜୟ କୁମାର ବେହେରା ଓ ଓଡ଼ିଶା ହକି ଆସୋସିଏସନର ଉପ-ସଭାପତି ଜୀବନ ମହାନ୍ତି ଉପସ୍ଥିତ ଥିଲେ।

## ଶାନ୍ତିଶୃଙ୍ଖଳା ପୂର୍ଣ୍ଣ ନିର୍ବାଚନ ପାଇଁ ପୁଲିସ-ମାଜିଷ୍ଟ୍ରେଟ୍‌ଙ୍କ ସମନ୍ୱୟ ବୈଠକ

**ଦେବଗଡ଼, ୧୭।୩(ସମିସ):** ୨୦୨୪ ସାଧାରଣ ନିର୍ବାଚନକୁ ଶାନ୍ତିପୂର୍ଣ୍ଣ ଭାବେ ସମ୍ପାଦନ କରିବା ପାଇଁ ଆଜି ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ପୋଲିସ-ମାଜିଷ୍ଟ୍ରେଟଙ୍କ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଆସନ୍ତା ମଇ ୨୫ ତାରିଖରେ ହେବାକୁ ଥିବା ମତଦାନକୁ ସ୍ୱଚ୍ଛ, ଅବାଧ ଓ ପ୍ରଲୋଭନ ମୁକ୍ତ କରିବା ସମସ୍ତଙ୍କ କର୍ତ୍ତବ୍ୟ ବୋଲି ଜିଲ୍ଲାପାଳ ଶ୍ରୀ ଉପାଧ୍ୟାୟ ଉପସ୍ଥିତ ପୁଲିସ ଓ ମାଜିଷ୍ଟ୍ରେଟ ଦାୟିତ୍ୱରେ ରହୁଥିବା ଅଧିକାରୀଙ୍କୁ କହିଥିଲେ। ଆଗାମୀ ନିର୍ବାଚନକୁ ଶାନ୍ତି ଶୃଙ୍ଖଳା ସହ ସମାପନ କରିବା କ୍ଷେତ୍ରରେ ପୁଲିସ ଓ ମାଜିଷ୍ଟ୍ରେଟଙ୍କ ସମନ୍ୱୟ ଏକାନ୍ତ ଆବଶ୍ୟକ ବୋଲି ପ୍ରକାଶ କରିଥିଲେ। ନିର୍ବାଚନ ଗଣତନ୍ତ୍ରର ମହାପର୍ବ, ଏଣୁ ଏହାର ସୁପରିଚାଳନା ନିମନ୍ତେ ପ୍ରତ୍ୟେକ ଆଇନ ରକ୍ଷାକାରୀମାନଙ୍କ ମଧ୍ୟରେ ଆପୋଷ ବୁଝାମଣା ଆବଶ୍ୟକ ବୋଲି କହିଥିଲେ ଆରକ୍ଷୀ ଅଧୀକ୍ଷକ ରାମ ପ୍ରସାଦ ସାହୁ। ନିର୍ବାଚନ ସମୟରେ ରାଜନୈତିକ ଦଳ ଏବଂ ପ୍ରାର୍ଥୀମାନଙ୍କ ଅର୍ଥ କାରବାର ଉପରେ ବିଭାଗ ପକ୍ଷରୁ କଡା ନଜର ରଖାଯିବା ସହ ନିର୍ବାଚନ ସମୟରେ ଟଙ୍କା, ଉପହାର, ମାଦକ ଦ୍ରବ୍ୟ ବଣ୍ଟନ ରୋକିବା ଦିଗରେ ଜିଲ୍ଲା ପୁଲିସ ସ୍ୱତନ୍ତ୍ର ଦୃଷ୍ଟି ରଖିବାକୁ ଉପସ୍ଥିତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଯାନବାହାନ ଯାଞ୍ଚକୁ କଡାକଡ଼ି କରାଯିବା ସହ କୌଣସି ପ୍ରାର୍ଥୀ କିମ୍ବା ପ୍ରତିଦ୍ୱନ୍ଦି ରାଜନୈତିକ ଦଳ ପ୍ରଶାସନର ବିନା ଅନୁମତିରେ ସଭା ଶୋଭାଯାତ୍ରା କରିପାରିବେ ନାହିଁ ବୋଲି ଉପସ୍ଥିତ ପୁଲିସ ଅଧିକାରୀଙ୍କୁ ସୂଚାଇ ଥିଲେ। ଏହି ଅବସରରେ ସରକାରୀ ଅଧିକାରୀମାନେ ସମ୍ପୂର୍ଣ୍ଣ ନିରପେକ୍ଷ ଭାବେ କାର୍ଯ୍ୟ କରିବାକୁ ଜିଲ୍ଲାପାଳ ଶ୍ରୀ ଉପାଧ୍ୟାୟ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ନିର୍ବାଚନ ସମୟରେ ବେଆଇନ ଅର୍ଥ କାରବାରକୁ ରୋକିବା ପାଇଁ ବ୍ୟାଙ୍କ ଗୁଡ଼ିକର ସହାୟତା ନିଆଯିବ। ସେହିପରି ନିର୍ବାଚନ ପ୍ରସ୍ତୁତି ସମ୍ପର୍କରେ ମଧ୍ୟ ବୈଠକରେ ସମୀକ୍ଷା କରାଯାଇଥିଲା। ଅପରାଧୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ପୁଲିସକୁ ଅବଗତ କରାଯାଇଥିଲା। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ରିଟର୍ଣ୍ଣିଂ ଅଫିସର ତଥା ଉପ ଜିଲ୍ଲାପାଳ ପରୀକ୍ଷିତ ସାହୁ, ଡେପୁଟି କଲେକ୍ଟର ଇଲେକ୍ସନ ଏଜେଲିନ୍ ବାରା, ଜିଲ୍ଲା ମଙ୍ଗଳ ଅଧିକାରୀ ବିଭୁ ରଞ୍ଜନ ମହାନ୍ତି, ଆଞ୍ଚଳିକ ପରିବହନ ଅଧିକାରୀ କେଶବ ଚନ୍ଦ୍ର ନାଏକ, ଏସଡିପିଓ ସୌମ୍ୟରଞ୍ଜନ ମଲ୍ଲିକ, ଯୋଗାଣ ଅଧିକାରୀ ରଞ୍ଜନ ପଣ୍ଡା, ବାରକୋଟ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସ୍ମୃତିରଞ୍ଜନ ସାହୁ, ରିଆମାଳ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଉଗ୍ରସେନ ଓରାମ, ତିଳେଇବଣି ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରଘୁନାଥ ପାଣିଗ୍ରାହୀ, ରିଆମାଳ ତହସିଲଦାର ଜ୍ୟୋସ୍ନାରାଣୀ ନାୟକ, ବାରକୋଟ ତହସିଲଦାର ତାପସ ଭୋଇ, ଦେବଗଡ଼ ତହସିଲଦାର କର୍ଣ୍ଣ ମଲ୍ଲିକ, ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ରଞ୍ଜନ କୁମାର ସାହୁଙ୍କ ସମେତ ଜିଲ୍ଲାସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ।



## ୨୦୨୪ ସାଧାରଣ ନିର୍ବାଚନ ନେଇ ଆଦର୍ଶ ଆଚରଣବିଧି ଲାଗୁ

**ଝାରସୁଗୁଡ଼ା, ୧୭।୩(ସମିସ):** ଜିଲ୍ଲାରେ ସାଧାରଣ ନିର୍ବାଚନ ନେଇ ତାରିଖ ଘୋଷଣା ହୋଇଛି। ଗତ ଶନିବାର ନିର୍ବାଚନ ନେଇ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ତାରିଖ ଘୋଷଣା ପରଠାରୁ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଛି। ଝାରସୁଗୁଡ଼ା ଓ ବ୍ରଜରାଜନଗର ବିଧାନସଭା ନିର୍ବାଚନମଣ୍ଡଳୀ ଓ ବରଗଡ଼ ସଂସଦୀୟ ନିର୍ବାଚନମଣ୍ଡଳୀ ପାଇଁ ଏକକାଳୀନ ମଇ ୨୦ତାରିଖରେ ନିର୍ବାଚନ ଅନୁଷ୍ଠିତ ହେବ। ଜୁନ ୪ତାରିଖରେ ଭୋଟ ଗଣତି ହେବ। ନିର୍ବାଚନର ସମସ୍ତ ପ୍ରକ୍ରିୟା ଜୁନ ୬ ତାରିଖ ସୁଦ୍ଧା ସରିବ। ନିର୍ବାଚନରେ ପ୍ରାୟ ୪୪୩୦୩୫ଜଣ ଭୋଟର ନିଜର ମତାଧିକାର ସାବ୍ୟସ୍ତ କରିବାକୁ ଥିବାବେଳେ ତନ୍ମଧ୍ୟରୁ ପୁରୁଷ ଭୋଟର ସଂଖ୍ୟା ୨୨୨୧୬୦ ଓ ମହିଳା ଭୋଟରଙ୍କ ସଂଖ୍ୟା ୨୨୦୮୦୦ ଅନ୍ୟାନ୍ୟ ୭୫। ଝାରସୁଗୁଡ଼ା ବିଧାନସଭା ନିର୍ବାଚନମଣ୍ଡଳୀରେ ପୁରୁଷ ଭୋଟର ସଂଖ୍ୟା ୧୧୨୪୯୪ ମହିଳା ଭୋଟର ସଂଖ୍ୟା ୧୧୪୬୨୪ ଓ ଅନ୍ୟାନ୍ୟ ୫୯। ସେହିପରି ବ୍ରଜରାଜନଗର ବିଧାନସଭା ନିର୍ବାଚନମଣ୍ଡଳୀରେ ପୁରୁଷ ଭୋଟର ସଂଖ୍ୟା ୧୦୯୬୬୬, ମହିଳା ଭୋଟର ସଂଖ୍ୟା ୧୦୬୧୭୬ ଓ ଅନ୍ୟାନ୍ୟ ୧୬। ମତଦାନ ସକାଶେ ୩୯୭ଟି ସ୍ଥାନରେ ୫୧୫ଟି ବୁଥ୍ ଧାର୍ଯ୍ୟ କରାଯାଇଛି। ୮୦ଗୋଟି ସଖୀ ବୁଥରେ କେବଳ ମହିଳା ପୋଲିଂ ଅଧିକାରୀମାନଙ୍କୁ ମୁତୟନ କରାଯାଇଛି। ମତଦାନ କେନ୍ଦ୍ରରେ ଶୌଚାଳୟ, ପାନୀୟ ଜଳ, ଲାଇଟ ଓ ପଙ୍ଖାର ବ୍ୟବସ୍ଥା କରାଯାଇଛି। ଷାଠିଏ ପ୍ରତିଶତ ମତଦାନ କେନ୍ଦ୍ରରେ ସିସିଟିଭି ସଂଯୋଗ କରାଯିବ। କ୍ଲଷ୍ଟର ବୁଥରେ ଜିପିଏସ୍ ପ୍ରଣାଳୀ ସହିତ ଡ୍ରୋନ୍ କ୍ୟାମେରା ମୁତୟନ ହେବ। ଉଲ୍ଲେଖଯୋଗ୍ୟ ଯେ ଚଳିତ ସାଧାରଣ ନିର୍ବାଚନରେ ଶତପ୍ରତିଶତ ଭୋଟର ଫଟୋ ପରିଚୟପତ୍ରଯୁକ୍ତ ନାମାଙ୍କନ ପତ୍ର ଦାଖଲ ଶେଷ ତାରିଖ ମେ'୩ ସୁଦ୍ଧା ଭୋଟର ତାଲିକାରେ ନାମ ପଞ୍ଜିକରଣ ପ୍ରକ୍ରିୟା ଚାଲୁ ରହିବ ବୋଲି ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ସୂଚନା ଦେଇଛନ୍ତି। ନିର୍ବାଚନ ନେଇ ମୁତୟନ ହେବାକୁ ଥିବା ପୁଲିସ ବଳ ସମ୍ପର୍କରେ ଆରକ୍ଷୀ ଅଧିକ୍ଷକ ସୂଚନା ଦେବା ସହ ଅର୍ଥ ବଳ, ବାହୁ ବଳ କିମ୍ବା ଭୁଲ ତଥ୍ୟ ମାଧ୍ୟମରେ ଭୋଟରଙ୍କୁ ପ୍ରଲୋଭିତ କିମ୍ବା ଭୟଭୀତ ନ କରାଇବା ଦିଗରେ ସମସ୍ତଙ୍କର ସହଯୋଗ କାମନା କରିଥିଲେ। ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶିକା ଅନୁପାଳନ ସହ ସଫଳ ନିର୍ବାଚନ ପରିଚାଳନା ଦିଗରେ ସଚେତନତା ସୃଷ୍ଟି ତଥା ଗଣମାଧ୍ୟମ ଅଧିକରୁ ଅଧିକ ଯତ୍ନବାନ ହେବାକୁ ଉଭୟ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକ ଆହ୍ୱାନ ଜଣାଇଛନ୍ତି। ଜିଲ୍ଲାପାଳ ଅବୋଲୀ ସୁନିଲ ନରୱଣେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଆରକ୍ଷୀ ଅଧିକ୍ଷକ ସ୍ମିତ ପି. ପରମାର, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ବ୍ରଜବନ୍ଧୁ ଭୋଇ, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) କିଶୋର ଚନ୍ଦ୍ର ସ୍ୱାଇଁ, ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା, ଡେପୁଟି କଲେକ୍ଟର ପ୍ରସନ୍ନ ପଟେଲ ଓ ସହକାରୀ ଜିଲ୍ଲାପାଳ ଦୁଷ୍ମନ୍ତ ମହାନ୍ତିଙ୍କ ସମେତ ସମ୍ପୃକ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି ବିଜେଡିରୁ ରବି ସିଂ ଓ ରଘୁନନ୍ଦନ ପାଢ଼ୀ, ଭାରତୀୟ ଜାତୀୟ କଂଗ୍ରେସରୁ ମନୀଷ ବାଜପାୟୀ, ବିଜେପିରୁ କ୍ଲେମେଣ୍ଟ ରୋନାଲଡ ଓ ମନୋଜ କଲେତ, ସିପିଆଇ(ଏମ୍)ରୁ ଗୌରୀଶଙ୍କର ପାତ୍ର ଓ ବିଏସ୍‌ପିରୁ ଲକ୍ଷ୍ମଣ ଉର୍ମାଙ୍କ ସମେତ ଗଣମାଧ୍ୟମର ପ୍ରତିନିଧିମାନେ ଯୋଗଦାନ କରିଥିଲେ।



### ନିର୍ଦ୍ଦେଶିକା ଅନୁପାଳନ ଉପରେ ଗୁରୁତ୍ୱାରୋପ

### ବିରକ୍ତ କରୁଛି ଝାରସୁଗୁଡ଼ା-ବେଲପାହାଡ଼ ରାସ୍ତା

# ୨୦ କିମି ରାସ୍ତା ଅତିକ୍ରମ କରିବାକୁ ୨ ଘଣ୍ଟା

**ଝାରସୁଗୁଡ଼ା, ୧୭।୩(ସମିସ)**

ଝାରସୁଗୁଡ଼ାରୁ ବେଲପାହାଡ଼ର ଦୂରତ୍ୱ ମାତ୍ର କୋଡିଏ କିଲୋମିଟର। କିନ୍ତୁ ଏହି ରାସ୍ତା ଅତିକ୍ରମ କରିବା ପାଇଁ ଲାଗୁଛି ଦୁଇ ଘଣ୍ଟାରୁ ଅଧିକ ସମୟ। ସାରା ଦେଶରେ ଗମନାଗମନ ପାଇଁ କେନ୍ଦ୍ର ସରକାର ଜାତୀୟ ରାଜମାର୍ଗର ପ୍ରଶସ୍ତୀକରଣ କରୁଥିବା ବେଳେ ଝାରସୁଗୁଡ଼ା-କନକତୋରା ୪୯ ନମ୍ବର ଜାତୀୟ ସଡେ ଯେପରି ସାବତ ପୁଅ ପାଲଟିଛି। ଲଖନପୁର, ବେଲପାହାଡ଼ ଓ ବ୍ରଜରାଜନଗର ଅଞ୍ଚଳ ତଥା ଛତିଶଗଡ଼ରୁ ଦୈନିକ ହଜାର ହଜାର ସଂଖ୍ୟାରେ ଭାରିଯାନ ଚଳାଚଳ କରୁଛି। ଏହି ଅଣଓସାରିଆ ରାସ୍ତାରେ ମାତ୍ରାଧିକ ଯାନବାହାନ ଚଳାଚଳ କରିବା ଦ୍ୱାରା ଦୈନିକ ଛୋଟବଡ଼ ଦୁର୍ଘଟଣାମାନ ଘଟୁଛି। ଫଳରେ ପ୍ରାୟତଃ ସବୁଦିନ ଏହି ରାସ୍ତାରେ ଘଣ୍ଟା ଘଣ୍ଟା ଧରି ଟ୍ରାଫିକ ସମସ୍ୟା ଉପୁଜୁଛି। ବିଶେଷ ଭାବରେ ଇବ୍ ବ୍ରିଜଠାରେ କୌଣସି ଦୁର୍ଘଟଣା ହେଲେ ଉଭୟ ପାର୍ଶ୍ୱରେ ଶତାଧିକ ଯାନବାହାନ ଫସି ରହୁଛି। ଲଖନପୁର, ବେଲପାହାଡ଼ ଓ ବ୍ରଜରାଜନଗର ଅଞ୍ଚଳରୁ ଝାରସୁଗୁଡା ଟ୍ରେନ ଧରିବା କିମ୍ବା ଡିୟୁଟୀ ଯାଉଥିବା ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କେବଳ ସେତିକି ନୁହଁ ଏହି ସମସ୍ୟା ପାଇଁ ରୋଗୀଙ୍କୁ ନେଉଥିବା ଆମ୍ବୁଲାନ୍ସ ମଧ୍ୟ ଦୀର୍ଘ ସମୟ ଧରି ଅଟକି ରହୁଛି। ଏହି ରାସ୍ତାର ପ୍ରଶସ୍ତୀକରଣ ପାଇଁ ଦୀର୍ଘ ବର୍ଷ ଧରି ଦାବି ହୋଇ ଆସୁଥିଲେ ମଧ୍ୟ ତାହା କାର୍ଯ୍ୟକ୍ଷମ ହୋଉନାହିଁ। କୁଆଡ଼େ ରାସ୍ତା ପ୍ରଶସ୍ତୀକରଣ ନିମନ୍ତେ ଟେଣ୍ଡର ପ୍ରକ୍ରିୟା ଏ ପର୍ଯ୍ୟନ୍ତ ହୋଇପାରିନାହିଁ। ୪୯ ନମ୍ବର ରାଜପଥରେ କ୍ଷମତାଠାରୁ ଅଧିକ ଭାରିଯାନ ଚଳାଚଳ କରୁଛି। ଏହି ରାସ୍ତାରୁ ସରକାର ମଧ୍ୟ ଅଧିକ ରାଜସ୍ୱ ଆଦାୟ କରୁଛନ୍ତି। କିନ୍ତୁ ଏହି ରାସ୍ତା ଅବହେଳିତ ହୋଇ ପଡ଼ିଛି। ଏହି ରାସ୍ତାରେ ଥିବା ଇବ୍ ବ୍ରିଜର ବିକଳ୍ପ ବ୍ୟବସ୍ଥା ନ ଥିବାରୁ ବାଧ୍ୟ ହୋଇ ଲୋକେ ଭିଡ଼ରେ ଫସି ବହୁ ମୂଲ୍ୟ ସମୟ ହରାଇବା ସହିତ ଧନ ଜୀବନ ମଧ୍ୟ ହରାଇବାକୁ ବାଧ ହେଉଛନ୍ତି।



### ସେମାନେ ଯାହା କୁହନ୍ତି



ବିଗତ ୫୦ ବର୍ଷ ହେବ ମୁଁ ଏହି ରାସ୍ତାକୁ ଦେଖି ଆସୁଛି। ସମଗ୍ର ଦେଶରେ ଜାତୀୟ ରାଜପଥର ବିକାଶ ହୋଇଛି। କିନ୍ତୁ ପରିତାପର ବିଷୟ କେନ୍ଦ୍ର ସରକାର ଏହି ରାଜପଥକୁ ପାଶୋରି ଦେଇଛନ୍ତି। କୌଣସି ଜରୁରୀକାଳିନ ପରିସ୍ଥିତିରେ ଏହି ରାସ୍ତାରେ ବେଲପାହାଡ଼ରୁ ଝାରୁସୁଗୁଡ଼ା ଯିବାକୁ ହେଲେ ଜୀବନକୁ ବାଜି ଲଗାଇବାକୁ ପଡ଼େ। ଏହି ରାସ୍ତାରେ ଯିଏ ଯାଇଛି ନିର୍ଦ୍ଧାରିତ ସମୟରେ ସେ ନିଜର ଗନ୍ତବ୍ୟସ୍ଥଳରେ ପହଞ୍ଚିବ କି ନାହିଁ ସେ ନେଇ ଦ୍ୱନ୍ଦ୍ୱ ରହିଛି।

**ରମାକାନ୍ତ ମଲ୍ଲିକ, ଗୁମାଡେରା**



୪୯ ନମ୍ବର ଜାତୀୟ ରାଜପଥରେ କୌଣସି ଜରୁରୀ କାମରେ ଯିବାକୁ ଚାହିଁଲେ ଡର ମାଡ଼େ। ସବୁଦିନ ଦୁର୍ଘଟଣା ଆଉ ରାସ୍ତା ଜାମ୍ ରହୁଛି। ପୁଲିସ ପ୍ରଶାସନ ମଧ୍ୟ ଏହି ଭିଡ଼ ନିୟନ୍ତ୍ରଣ କରିବାକୁ ନାକେଦମ ହୋଇପଡ଼ନ୍ତି। ଅନେକ ଲୋକ ସଠିକ ସମୟରେ ଟ୍ରେନ କିମ୍ବା ବିମାନ ବନ୍ଦର ପହଞ୍ଚି ପାରୁନାହାନ୍ତି। ଏହି ରାସ୍ତାର ପ୍ରଶସ୍ତୀକରଣ ପାଇଁ ଅନେକ ଦିନରୁ ଦାବି ହେଲେ ମଧ୍ୟ ଏହା କେବେ କାର୍ଯ୍ୟକାରୀ ହେବ ସେ ନେଇ ସନ୍ଦୀହାନ।

**ଆନନ୍ଦ ମହାକୁଡ଼, ଜାହାଜପଡ଼ିଆ**



ଦେଶରେ ବୋଧେ ୪୯ ନମ୍ବର ଜାତୀୟ ରାଜପଥ ଭଳିଆ ଆଉ କେଉଁଠି ରାସ୍ତା ନଥିବ ଯେଉଁଠି ଏତେ ସଂଖ୍ୟାରେ ଭାରିଯାନ ଚଳାଚଳ କରୁଥିବ। ଅଣଓସାରିଆ ଏହି ରାସ୍ତାକୁ ୪ ଥାକିଆ କରିବାରେ ବିଭାଗୀୟ କର୍ତ୍ତୃପକ୍ଷ କୁଣ୍ଠାବୋଧ କରିବାର କାରଣ କଣ ତାହା ବୁଝା ପଡୁନାହିଁ। ଲୋକେ ହିଂସ୍ର ବନ୍ୟଜନ୍ତୁଙ୍କୁ ଆଉ ଭୟ କରୁନାହାନ୍ତି କିନ୍ତୁ ଏହି ରାସ୍ତାରେ ଗଲେ ଦୁର୍ଘଟଣାର ଶିକାର ଭୟରେ ଆତଙ୍କିତ ରହୁଛନ୍ତି। ଯେତେବେଳେ ଏହି ରାସ୍ତା ୪ ଥାକିଆ କରିବାର ଆବଶ୍ୟକତା ରହିଥିଲା ସେତେବେଳେ ଜାତୀୟ ରାଜପଥ ପ୍ରାଧିକରଣ ବିଭାଗ ରାସ୍ତାକୁ କେବଳ ମରାମତି କରି ଟୋଲ୍ ଗେଟ ବସେଇ ଦେଇଛନ୍ତି। ଏହାଠୁ ବଡ଼ ବିଡ଼ମ୍ବନା ଆଉ କଣ ହୋଇପାରେ।

**ଶରତ ଚନ୍ଦ୍ର ସାହୁ, ଗହନ୍ତିଆ ପଡ଼ା**

### ବିଜୁ ଜନତା ଦଳ ଜିଲ୍ଲା କମିଟି ଗଠିତ

## ୪୪ ନେତାଙ୍କୁ ବିଭିନ୍ନ ପଦପଦବୀରେ ନିଯୁକ୍ତି ଦେଲେ ସୁପ୍ରିମୋ

**ଦେବଗଡ଼, ୧୭।୩(ସମିସ):** ଆଗାମୀ ସାଧାରଣ ନିର୍ବାଚନରେ ଦଳୀୟ କର୍ମୀଙ୍କୁ ସୁ ସଂଗଠିତ କରି ନିର୍ବାଚନ ପୂର୍ବରୁ ଦଳର ତୃଣମୂଳ ସ୍ତରରେ ସଂଗଠନକୁ ସୁଦୃଢ କରିବା ଉଦ୍ଦେଶ୍ୟରେ ରବିବାର ବିଜେଡି ଜିଲ୍ଲା କମିଟି କର୍ମକର୍ତ୍ତାଙ୍କ ନାମ ଘୋଷଣା କରିଛି ଦଳ। ଏହି କମିଟିରେ ୭ ଜଣ ବରିଷ୍ଠ ଦଳୀୟ କର୍ମୀଙ୍କୁ ଉପଦେଷ୍ଟା ଭାବେ ନିଯୁକ୍ତି କରାଯାଇଥିବା ବେଳେ ଉପ ସଭାପତି ପଦରେ ୮, ସାଧାରଣ ସମ୍ପାଦକ ପଦବୀରେ ୧୬ ଏବଂ ସମ୍ପାଦକ ପଦବୀରେ ଜିଲ୍ଲାର ୧୩ ଜଣଙ୍କୁ ସୁପ୍ରିମୋ ନବୀନ ପଟ୍ଟନାୟକ ନିଯୁକ୍ତି ଦେଇଛନ୍ତି। ତିଳେଇବଣି ବ୍ଲକ ପୂର୍ବତନ ଅଧ୍ୟକ୍ଷ ବିଭୁତି ଗଙ୍ଗଦେବ, ଜିଲ୍ଲା ସରପଞ୍ଚ ସଙ୍ଘ ସଭାପତି ସତ୍ୟନାରାୟଣ ପାଣି, ଜିଲ୍ଲା କୃଷକ ସଙ୍ଘ ସଭାପତି ପ୍ରମୋଦ କୁମାର ଝାଙ୍କର, ଆଇନଜୀବୀ କାମାକ୍ଷା ଗଙ୍ଗଦେବ, ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ପାଞ୍ଜିଆ ଭୋଇ, ପୂର୍ବତନ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଲଳିତ ମୋହନ ସାହୁ ଓ ବରିଷ୍ଠ ବିଜେଡି ନେତା ଲିଙ୍ଗରାଜ ସାହୁଙ୍କୁ ଜିଲ୍ଲା ବିଜେଡି କମିଟିରେ ଉପଦେଷ୍ଟା ଭାବେ ନିଯୁକ୍ତି କରାଯାଇଛି। ପୂର୍ବତନ ବାରକୋଟ ବ୍ଲକ ଅଧ୍ୟକ୍ଷ ଦେବେନ୍ଦ୍ର ବେହେରା, ପୌର ପରିଷଦ ଅଧ୍ୟକ୍ଷା ଶାନ୍ତି ମଞ୍ଜରୀ ଦେଇ, ଜିଲ୍ଲା ପରିଷଦ ଅଧ୍ୟକ୍ଷ କୌଶିକ କୁମାର ପ୍ରଧାନ, ସମ୍ବଲପୁର ସେବା ସମବାୟ ବ୍ୟାଙ୍କ ପୂର୍ବତନ ଅଧ୍ୟକ୍ଷ ଅମରେନ୍ଦ୍ର ଗଙ୍ଗଦେବ, ବାରକୋଟ ଜୋନ-୨ ଜିଲ୍ଲା ପରିଷଦ ସଦସ୍ୟ ସମରେନ୍ଦ୍ର ଜିତ, ବାରକୋଟ ଜିଲ୍ଲା ପରିଷଦ ଜୋନ-୩ ସଦସ୍ୟା ଗୀତାଞ୍ଜଳି ପାଣି, ବରିଷ୍ଠ ବିଜେଡି ନେତା ମଦନ ମୋହନ ପ୍ରଧାନ ଓ ଭକ୍ତବନ୍ଧୁ ପ୍ରଧାନଙ୍କୁ ଉପ ସଭାପତି ଭାବେ ନିଯୁକ୍ତି କରାଯାଇଛି। ସାଧାରଣ ସମ୍ପାଦକ ଭାବେ ଆଇନଜୀବୀ ବିକାଶ କୁମାର ପ୍ରଧାନ, ବାରକୋଟ ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ପାତ୍ର, ରିଆମାଳ ବ୍ଲକ ଅଧ୍ୟକ୍ଷ ମଧୁସୂଦନ ପ୍ରଧାନ, ରିଆମାଳ ପଞ୍ଚାୟତ ପୂର୍ବତନ ସରପଞ୍ଚ ତରଣୀସେନ ପ୍ରଧାନ, ତିଳେଇବଣି ବ୍ଲକ ଦଳୀୟ ଯୁବ ସଂଗଠକ ସୋଭେନ କୁମାର ସାମଲ, ତିଳେଇବଣି ବ୍ଲକ ପୂର୍ବତନ ଉପାଧ୍ୟକ୍ଷ ଭୂପେନ୍ଦ୍ର ପ୍ରସାଦ ନାୟକ, ଦେବଗଡ଼ ପୌର ପରିଷଦ ପୂର୍ବତନ ଉପାଧ୍ୟକ୍ଷ ଚନ୍ଦ୍ର ଶେଖର ଭୁକ୍ତା, ବରିଷ୍ଠ ନେତା ଲଳିତ ମୋହନ ନାୟକ, ଲୁଇସ ଟପ୍ପୋ, ମନୋଜ କୁମାର ପ୍ରଧାନ, ନେତ୍ରାନନ୍ଦ ସାହୁ, ଶଙ୍କର୍ଷଣ ମହାପାତ୍ର, କୁଳମଣି ରାଉତ, ଅନିଲ ରଣା, ପ୍ରମୋଦ କୁମାର ନନ୍ଦ ଓ ତପନ କୁମାର ସାମଲଙ୍କୁ ସାଧାରଣ ସମ୍ପାଦକ ଏବଂ ତିଳେଇବଣି ଜୋନ-୨ ଜିଲ୍ଲା ପରିଷଦ ସଦସ୍ୟ ରାଜେଶ ମହାନାୟକ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ବର୍ଷାରାଣୀ ମୁଣ୍ଡା ବରିଷ୍ଠ ଦଳୀୟ କର୍ମୀ ପାଣ୍ଡବ ସେଠୀ, ସମୀର କୁମାର ପ୍ରଧାନ, ସୁଶୀଲ କୁମାର ଜୟଶ୍ୱାଲ, ଭୁବନେଶ୍ୱର ପ୍ରଧାନ, ବିଦ୍ୟାଧର ପ୍ରଧାନ, ପୁରୁଷୋତ୍ତମ ବେହେରା, ଦୀପନ କୁମାର ନାୟକ, ପ୍ରକାଶ ପ୍ରଧାନ, ରଞ୍ଜନ ନାୟକ, ପପୁ ବିଶ୍ୱାଳ ଓ ଜୟଦେବ ସାହୁ ଦଳୀୟ ସମ୍ପାଦକ ରହିଥିବା ଜଣାପଡ଼ିଛି।

# ଦାଦନ ଯାଇ ବନ୍ଧା ପଡ଼ିଲେ ଶ୍ରମିକ

## ଉଦ୍ଧାର ପାଇଁ ଆକୁଳ ନିବେଦନ

**ଶଗଡ଼ା, ୧୭ ।୩(ସମିସ):** ସରକାର ନିଜ ଅଞ୍ଚଳରେ ଶ୍ରମିକମାନଙ୍କୁ କାମ ଯୋଗାଇ ଦେବାକୁ ଅନେକ ଯୋଜନା କରି କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ବାସ୍ତବରେ ଶ୍ରମିକମାନଙ୍କୁ ନିଜ ଅଞ୍ଚଳରେ କାମ ଯୋଗାଇ ଦେବାରେ ପ୍ରଶାସନ ବିଫଳ ହେଉଥିବାବେଳେ ଶ୍ରମିକ ବାହାର ରାଜ୍ୟକୁ ଯାଇ ଦାଦନ ଖଟିବାକୁ ବାଧ୍ୟ ହେଉଛନ୍ତି। ଅନେକ ସମୟରେ ସେଠାରେ ଅନେକ ସମସ୍ୟାର ସମ୍ମୁଖୀନ ହେଉଥିବା ବେଳେ ଅନେକ ଭୋକ ଉପାସରେ ରହି ଜୀବନ ହାରୁଥିବା ଭଳି ଅଭାବନୀୟ ଘଟଣା ଘଟୁଥିବା ପୂର୍ବରୁ ନଜିର ରହିଛି। ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଅନ୍ତର୍ଗତ ଲମ୍ବସେରୀ ପଞ୍ଚାୟତ ଦେମୁହାଣି ଓ ଗୁହୀରା ପାଲି ଗ୍ରାମରୁ ପ୍ରାୟ ୨୧ଜଣ ଶ୍ରମିକ ୨ଜଣ ଦଲାଲ ଶରତ ଓ କାଶୀ ମାଧ୍ୟମରେ ମହାରାଷ୍ଟ୍ର ରାଜ୍ୟର ସୁଖେଡ ଜିଲ୍ଲା ଦପକ୍କାକୁ ଦାଦନ ଖଟିବାକୁ ଯାଇଥିଲେ। ସେଠାରେ ପହଞ୍ଚିବା ପରେ ସେମାନଙ୍କୁ ମହାରାଷ୍ଟ୍ରରୁ କର୍ଣ୍ଣାଟକ ରାଜ୍ୟକୁ ମାଲିକ ନରସିଂହ ରେପନ୍ ୱାର୍ଡ ନେଇ ଯାଇଥିଲା। ସେଠାରେ ସେମାନେ ଆଖୁ କାଟିବା କାମରେ ନିୟୋଜିତ ହୋଇଥିଲେ। ପରବର୍ତ୍ତୀ ସମୟରେ ମାଲିକ ସେମାନଙ୍କୁ ପାରିଶ୍ରମିକ ନ ଦେଇ କେବଳ ଖାଇବାକୁ ଦେଇଥିବା ବେଳେ ଅନେକ ସମୟରେ କାମ ନ ହେଲେ ଖାଇବାକୁ ମଧ୍ୟ ଦେବାକୁ ମନା କରୁଥିଲା। ଏପରିକି ମାଲିକ ଶ୍ରମିକମାନଙ୍କୁ ଅନେକ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିବା ଜଣେ ଶ୍ରମିକ ଅଭିଯୋଗ କରିଛନ୍ତି। ଭୋକ ଉପାସରେ ରହି ୬ମାସ କାମ କଲା ପରେ ମଧ୍ୟ ମାଲିକ ତାଙ୍କୁ ପାରିଶ୍ରମିକ ଦେବା ପରିବର୍ତ୍ତେ ଓଲଟା ଖାଇବାକୁ ନ ଦେଇ ଅଟକ ରଖିଥିବା ଅଭିଯୋଗ ହୋଇଛି। ଘରକୁ ଆସିବାକୁ ଦେଉ ନାହିଁ। ସେମାନଙ୍କ ମଧ୍ୟରୁ ୫ଜଣ କୌଶଳ କ୍ରମେ ଖସି ଆସିବାକୁ ସକ୍ଷମ ହୋଇଥିଲେ। ଏହି ଶ୍ରମିକମାନଙ୍କ ସହିତ ଶିଶୁ ମଧ୍ୟ ଅଛନ୍ତି। ୫ମାସ କାମର ପାରିଶ୍ରମିକ ମାଗିବାରୁ ଦଲାଲକୁ ଡାକ, ପରେ ଯାଇ ଟଙ୍କା ଦେବି ବୋଲି କହିବା ସହ ଗାଡ଼ି ଲଗାଇ ଜୀବନରେ ମାରି ଦେବାକୁ ଧମକ ଦେଇଥିବା ଶ୍ରମିକ ଅଭିଯୋଗ କରିଛନ୍ତି। ବର୍ତ୍ତମାନ ଶ୍ରମିକ ମାନେ ମାଲିକ ପାଖରେ ବନ୍ଧା ପଡ଼ିଥିବାବେଳେ ଭୋକ ଉପାସରେ ଅତି ଦୟନୀୟ ଜୀବନ କାଟୁଥିବା କହିଛନ୍ତି। ବନ୍ଧାପଡ଼ିଥିବା ଶ୍ରମିକମାନଙ୍କୁ ସୁରକ୍ଷିତ ଉଦ୍ଧାର କରିବା ପାଇଁ ଜିଲ୍ଲା ପ୍ରଶାସନ ନିକଟରେ ଆକୁଳ ନିବେଦନ କରିଛନ୍ତି। ଘଟଣା ସମ୍ପର୍କରେ ବୌଦ୍ଧ ଜିଲ୍ଲା ଶ୍ରମ ଅଧିକାରୀ ସୁଶାନ୍ତ କୁମାର ପାଇକରାୟଙ୍କୁ ବାରମ୍ବାର ଯୋଗାଯୋଗ କରିଥିଲେ ମଧ୍ୟ ଫୋନ୍ ଉଠାଇ ନ ଥିଲେ। ପରେ ଜିଲ୍ଲାପାଳ ଜେ ସୋନାଲଙ୍କୁ ପଚାରିବାରୁ ଜିଲ୍ଲା ପ୍ରଶାସନ ପକ୍ଷରୁ ବନ୍ଧା ଶ୍ରମିକ ମାନଙ୍କୁ ଉଦ୍ଧାର କରାଯିବାକୁ ଚେଷ୍ଟା କରାଯିବ ବୋଲି କହିଛନ୍ତି।

## ନିର୍ବାଚନ ସୁପରିଚାଳନା ପାଇଁ ଜିଲ୍ଲା ପ୍ରଶାସନ ତତ୍ପର

# ଆଚରଣ ବିଧି କଡ଼ାକଡ଼ି ପାଳନ ହେବ: ଜିଲ୍ଲାପାଳ

## ୪୫ ମିନିଟ୍ ମଧ୍ୟରେ ଅଭିଯୋଗର ରେସ୍‌ପନ୍ସ ହେବ: ଏସ୍‌ପି

## ଚଳିତ ବର୍ଷ ଭୋଟ ଦେବେ ୪, ୭୦, ୦୪୯ ମତଦାତା

**ସୋନପୁର, ୧୭ ।୩ (ସମିସ)**

ଆଗାମୀ ସାଧାରଣ ନିର୍ବାଚନ ତାରିଖ ଘୋଷଣା ସହ ଆଚରଣ ବିଧି ଲାଗୁ ହେବାପରେ ଜିଲ୍ଲାରେ ସୁଚାରୁରୂପେ ପରିଚାଳନା ପାଇଁ ଜିଲ୍ଲା ପ୍ରଶାସନ ତତ୍ପରତା ପ୍ରକାଶ କରିଛି। ସାମ୍ବାଦିକ ସମ୍ମିଳନୀରେ ପ୍ରସ୍ତୁତି ସମ୍ପର୍କରେ ଜିଲ୍ଲାପାଳ ଏବଂ ଏସ୍‌ପି ସବିଶେଷ ତଥ୍ୟ ଦେଇଛନ୍ତି। ସୁବର୍ଣ୍ଣପୁର ଜିଲ୍ଲାରେ ବଲାଙ୍ଗିର ସଂସଦୀୟ କ୍ଷେତ୍ର (୧୦) ସହ ବୀରମହାରାଜପୁର ବିଧାନସଭା ନିର୍ବାଚନ ମଣ୍ଡଳୀ -୬୪ ଓ ସୋନପୁର ବିଧାନସଭା ନିର୍ବାଚନ ମଣ୍ଡଳୀ -୬୫ ନିମନ୍ତେ ଏକକାଳୀନ ଭୋଟଗ୍ରହଣ ଆସନ୍ତା ମେ’ ୨୦ ତାରିଖରେ ସକାଳ ୭ ଘଣ୍ଟାରୁ ସନ୍ଧ୍ୟା ୬ଟା ଯାଏ ଅନୁଷ୍ଠିତ ହେବ। ଏହି ସାମ୍ବାଦିକ ସମ୍ମିଳନୀରେ ସୁବର୍ଣ୍ଣପୁର ଜିଲ୍ଲାପାଳ ଅନ୍ୟାଦାସ ନିର୍ବାଚନକୁ ଅବାଧ ଓ ନିରପେକ୍ଷ ତଥା ଶାନ୍ତି ଶୃଙ୍ଖଳାର ସହ ସମ୍ପାଦନ ନିମନ୍ତେ ଗୁରୁତ୍ୱ ଦେବା ସହ ଆଦର୍ଶ ନିର୍ବାଚନ ଆଚରଣବିଧିକୁ କଡାକଡି ପାଳନ କରାଯିବ ବୋଲି ସୂଚନା ଦେଇଛନ୍ତି। ମେ’ ମାସରେ ନିର୍ବାଚନ ହେବାକୁ ଥିବାରୁ ଗ୍ରୀଷ୍ମ ପ୍ରବାହ ଏବଂ କାଳବୈଶାଖୀର ଆଶଙ୍କା ଥିବାରୁ ପ୍ରତ୍ୟେକ ମତଦାନ କେନ୍ଦ୍ରରେ ସୁବିଧା ନିମନ୍ତେ ଆନୁସଙ୍ଗିକ ବ୍ୟବସ୍ଥା ଗ୍ରହଣ କରାଯିବ। ଆଚରଣ ବିଧି ଲାଗୁ ହେବାପରେ ଜିଲ୍ଲାରେ ଏହାର ପାଳନକୁ ନିଶ୍ଚିତ ଓ କଡାକଡି କରିବା ନିମନ୍ତେ ଏଥିପାଇଁ ପୂର୍ବରୁ ସମସ୍ତ ଟିମ୍‌ରେ ନୋଡାଲ ଅଧିକାରୀ ନିଯୁକ୍ତ ହୋଇସାରିଥିବା ସୂଚନା ଦେଇଛନ୍ତି। ନିର୍ବାଚନ ଆଚରଣ ବିଧି ଉଲଂଘନ ନେଇ ସିଭିଜିଲ ଆପ ଅଥବା ଟୋଲ୍ ଫ୍ରି ନମ୍ବର ୧୯୫୦ରେ ଜନସାଧାରଣ ଅଭିଯୋଗ କରିପାରିବେ। ସୁବର୍ଣ୍ଣପୁର ଜିଲ୍ଲାରେ ମୋଟ୍ ୪, ୭୦, ୦୪୯ ଜଣ ଭୋଟର ରହିଛନ୍ତି। ବରିଷ୍ଠ ନାଗରିକ ଭୋଟର ସଂଖ୍ୟା ୧୮୦୦, ଯୁବ ଭୋଟର ସଂଖ୍ୟା ୫୧୮୬ ଏବଂ ଶାରୀରିକ ଅକ୍ଷମ ଭୋଟର ସଂଖ୍ୟା ୧୩୦୯ ଜଣ ଅଛନ୍ତି। ବଲାଙ୍ଗିର ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ବୀରମହାରାଜପୁର ଓ ସୋନପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ମେ’ ୨୦ରେ ଭୋଟଗ୍ରହଣ ହେବାକୁ ଥିବାବେଳେ ଏଥିପାଇଁ ଏପ୍ରିଲ ୨୬ରେ ଗେଜେଟ ନୋଟିଫିକେସନ, ମେ’ ୩ରେ ନାମାଙ୍କନର ଶେଷ ତାରିଖ, ମେ’ ୪ରେ ପ୍ରାର୍ଥିପତ୍ର ଯାଞ୍ଚ, ମେ’ ୬ରେ ପ୍ରାର୍ଥିପତ୍ର ପ୍ରତ୍ୟାହାରର ଶେଷ ତାରିଖ ରହିଛି। ତେବେ ଜୁନ୍ ୪ ତାରିଖରେ ଭୋଟ ଗଣତି ଅନୁଷ୍ଠିତ ହେବ। ସୁବର୍ଣ୍ଣପୁର ଜିଲ୍ଲାରେ ଶାନ୍ତି ଶୃଙ୍ଖଳାର ସହିତ କିପରି ଭୋଟଗ୍ରହଣ ହେବ ସେ ନେଇ ଆରକ୍ଷୀ ଅଧିକ୍ଷକ ଯଶପ୍ରତାପ ଶ୍ରୀମାଲ ସୂଚନା ଦେଇଥିଲେ। ସମ୍ବେଦନଶୀଳ ଓ ଅତି ସମ୍ବେଦନଶୀଳ ଭୋଟକେନ୍ଦ୍ର ଗୁଡିକରେ ଅଧିକ ସୁରକ୍ଷା ବାହିନୀକୁ ମୁତୟନ କରାଯିବା ଉପରେ ଗୁରୁତ୍ୱାରୋପ କରିଥିଲେ। ତେବେ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଯେକୌଣସି ଅଭିଯୋଗ ଆସିଲେ ୪୫ ମିନିଟ୍ ମଧ୍ୟରେ ଜିଲ୍ଲା ପୁଲିସ୍ ରେସପନ୍ସ କରିବ ବୋଲି ସୂଚନା ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଅଶ୍ୱିନୀ କୁମାର ମେହେର, ଅତିରିକ୍ତ ଜିଲ୍ଲାପାଳ ( ରାଜସ୍ୱ) ରବୀନ୍ଦ୍ରନାଥ କହଁର, ଅତିରିକ୍ତ ଜିଲ୍ଲାପାଳ (ଜେନେରାଲ) ଅଞ୍ଜଳିନା ପ୍ରଧାନ, ଡେପୁଟି କଲେକ୍ଟର (ନିର୍ବାଚନ) ଯଶସ୍ୱିନୀ ପୋଥାଳ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ, ଡେପୁଟି କଲେକ୍ଟର କେ ରିଚି କୁମାର ପ୍ରମୁଖ ଯୋଗ ଦେଇଥିଲେ। ପରେ ଜିଲ୍ଲାର ସମସ୍ତ ରାଜନୈତିକ ଦଳ ପ୍ରତିନିଧିଙ୍କୁ ନେଇ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଜିଲ୍ଲାପାଳ ନିର୍ବାଚନ ଆଚରଣ ବିଧି ଓ ରାଜନୈତିକ ଦଳ ବା ପ୍ରାର୍ଥୀଙ୍କ ନିମନ୍ତେ ଆବଶ୍ୟକ ନିର୍ବାଚନ ସମ୍ବନ୍ଧୀୟ ସୂଚନା ପ୍ରଦାନ ସହ ଶାନ୍ତିପୂର୍ଣ୍ଣ ନିର୍ବାଚନ ନିମନ୍ତେ ସହଯୋଗ କରିବାକୁ ଅନୁରୋଧ କରାଯାଇଥିଲା।



# ଢ଼ାବାରେ ପୁଲିସ ଚଢ଼ଉ , ୨ କୋର୍ଟ ଚାଲାଣ

**ଲୋଇସିଂହା,୧୭।୩(ସମିସ):** ବଲାଙ୍ଗିର ଜିଲ୍ଲା ଲୋଇସିଂହା ଥାନାଞ୍ଚଳରେ ଥିବା ଢ଼ାବାଗୁଡ଼ିକରେ ବେଆଇନ ମଦ ବିକ୍ରି ଅଭିଯୋଗରେ ପୁଲିସ ଚଢ଼ଉ କରିଛି। ବହୁ ପରିମାଣର ବିଦେଶୀ ମଦ ଜବତ କରିବା ସହ ଦୁଇ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଲୋଇସିଂହା ଥାନାଧିକାରୀ ଯାଜ୍ଞସେନୀ ନାୟକଙ୍କ ନେତୃତ୍ୱରେ ରୁଗୁଡ଼ିଖାଲ ନିକଟରେ ଥିବା ଆର୍ମି ଢ଼ାବା ଓ ଗୁଗୁଲ ଢ଼ାବାରେ ପୁଲିସ ଟିମ ଚଢ଼ଉ କରିଥିଲା। ଆର୍ମି ଢ଼ାବାରୁ ୧୫୮ ବୋତଲରେ ୬୩ ଲିଟର ବିଦେଶୀ ମଦ ଜବତ କରିଥିଲା। ଏନେଇ ଲୋଇସିଂହା ଥାନାରେ ମାମଲା ରୁଜୁ କରି ପୁଲିସ ଢ଼ାବା ମାଲିକ ଦୋଲଗଞ୍ଜନ ସାହୁଙ୍କୁ ଗିରଫ କରିଛି। ସେହିପରି ଗୁଗୁଲ ଢ଼ାବାରୁ ୨୭ ବୋତଲ ବିଦେଶୀ ମଦ ଜବତ କରିଥିବା ବେଳେ ଥାନାରେ ମାମଲା ରୁଜୁକରି କାହ୍ନା ସାହୁକୁ ଗିରଫ କରିଥିବା ଥାନାଧିକାରୀ ଯାଜ୍ଞସେନୀ ନାୟକ ସୂଚନା ଦେଇଛନ୍ତି।



# କେନ୍ଦୁପାଲିରେ ଛପନ ପ୍ରହରୀ ନାମଯଜ୍ଞ

**ବୀରମହାରାଜପୁର, ୧୭।୩ (ସମିସ):** ବୀରମହାରାଜପୁର ବ୍ଲକ କେନ୍ଦୁପାଲି ଛପନ ପ୍ରହରୀ ବିଶ୍ୱଶାନ୍ତି ନାମଯଜ୍ଞ ପ୍ରତିଦିନ ହରେ କୃଷ୍ଣ ନାମ ସହ ପ୍ରବଚନ କାର୍ଯ୍ୟକ୍ରମରେ ଖୁବ ଜମୁଛି। ପଞ୍ଚମ ସନ୍ଧ୍ୟାରେ ଦୁଃଖୀଶ୍ୟାମ ତ୍ରିପାଠୀ ଭଜନ ପରିବେଷଣ କରିଥିଲେ। କମିଟି ସଭାପତି ତଥା କାର୍ଯ୍ୟକାରୀ ସଭାପତି ସୁରେନ୍ଦ୍ର ପତି, ପରିଚାଳନା ସମ୍ପାଦକ ତ୍ରିଲୋଚନ ମେହେର, ବରିଷ୍ଠ ଉପସଭାପତି ବିଷ୍ଣୁଚରଣ ପଣ୍ଡା, ଶ୍ୟାମସୁନ୍ଦର ସେଠୀ, ସଂଯୋଜକ ଯୁଗଳ କିଶୋର ମିଶ୍ର, ପଣ୍ଡିତ ରାମକୃଷ୍ଣ ପଣ୍ଡା, ଭିକାରୀ ପଣ୍ଡା, ବାମନ ପଣ୍ଡା, ମଧୁସୂଦନ ରଥ, ସଦାନନ୍ଦ ପଣ୍ଡା ପ୍ରମୁଖ ପୂଜାର୍ଚ୍ଚନା କରିଥିଲେ। ମିନାବଜାର ସାଙ୍ଗକୁ ଲକ୍ଷାଧିକ ଭକ୍ତ ଦର୍ଶନ କରିବା ସହ ପ୍ରସାଦ ସେବନ କରିଥିଲେ।



## ସାଧାରଣ ନିର୍ବାଚନ-୨୦୨୪

# ଅସ୍ତ୍ରଶସ୍ତ୍ର ଜମା ଦେବାକୁ ନିର୍ଦ୍ଦେଶ

**ବଲାଙ୍ଗିର, ୧୭।୩ (ସମିସ):** ଭାରତର ମୁଖ୍ୟ ନିର୍ବାଚନ ଆୟୁକ୍ତଙ୍କ ଦ୍ୱାରା ସାଧାରଣ ନିର୍ବାଚନ ୨୦୨୪ ପାଇଁ ତାରିଖ ଘୋଷଣା ହେବା ସହ ସମଗ୍ର ଦେଶରେ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଛି। ଏହି ପରିପ୍ରେକ୍ଷୀରେ ଜିଲ୍ଲାର ସମସ୍ତ ଅସ୍ତ୍ରଶସ୍ତ୍ର ଲାଇସେନ୍ସ ରଖିଥିବା ବ୍ୟକ୍ତିବିଶେଷଙ୍କୁ ନିଜ ନିକଟସ୍ଥ ଥାନାରେ ଉପଯୁକ୍ତ ସ୍ୱୀକୃତି ସହ ଅସ୍ତ୍ରଶସ୍ତ୍ର ଜମା ଦେବାକୁ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ସମସ୍ତ ଥାନାଧିକାରୀଙ୍କୁ ମଧ୍ୟ ସାଧାରଣ ନିର୍ବାଚନ ସମୟରେ କୌଣସି ଅପ୍ରୀତିକର ପରିସ୍ଥିତି ଏଡାଇବା ସକାଶେ ଅସ୍ତ୍ରଶସ୍ତ୍ର ଜମାକୁ ସୁନିଶ୍ଚିତ କରାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ତେବେ ସୁରକ୍ଷା ବାବଦରେ ବ୍ୟାଙ୍କ, ସରକାରୀ ସମ୍ପତ୍ତିର ରକ୍ଷଣାବେକ୍ଷଣା ଆଦିରେ ନିୟୋଜିତ ସମସ୍ତ ସୁରକ୍ଷାକର୍ମୀଙ୍କୁ ଏଥିରୁ ବାଦ୍ ଦିଆଯାଇଛି। ଜିଲ୍ଲାର ସମସ୍ତ ଥାନାଧିକାରୀ ସମସ୍ତ ନିଜ ସ୍ତରରେ ଯାଞ୍ଚ କରିବା ସହ ସୁରକ୍ଷାରେ ନିୟୋଜିତ କର୍ମୀଙ୍କୁ ବାଦ୍ ଦେବେ। ନିର୍ବାଚନ ଶେଷ ହେବା ପରେ ସେସବୁ ଅସ୍ତ୍ର ସେମାନଙ୍କୁ ଫେରସ୍ତ କରାଯିବ।

# ମାଙ୍କଡଚୁଆଁରେ ନିର୍ବାଚନୀ ସଭା

**ବଲାଙ୍ଗିର, ୧୭।୩(ସମିସ):** ବଲାଙ୍ଗିର ବ୍ଲକ ଅନ୍ତର୍ଗତ ବରକାନି ପଞ୍ଚାୟତର ମାଙ୍କଡଚୁଆଁଠାରେ ଏକ ଗ୍ରାମସଭାରେ ଏଆଇସିସି ସଦସ୍ୟ ତଥା ପ୍ରଦେଶ କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ସମରେନ୍ଦ୍ର ମିଶ୍ର ଲୋକମାନଙ୍କୁ ଉଦ୍‌ବୋଧନ ଦେଇଛନ୍ତି। ବରକାନୀ, ମାଙ୍କଡଚୁଆଁ, ପଣ୍ଡରାପିଟା, ଅଏଁଲାଚୁଆ ଏବଂ ପାଲିଗ୍ରାମ ନାରାୟଣପୁରରୁ ଆସିଥିବା ଲୋକମାନଙ୍କ ସହ ସମରେନ୍ଦ୍ର ମିଶ୍ର ଏବଂ ବଲାଙ୍ଗିର ବିଧାୟକ ନରସିଂହ ମିଶ୍ର ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ସେ କହିଥିଲେ ଯେଉଁ ରାଜନେତାମାନେ ଭୋଟ ପରେ ନିଜ ନିର୍ବାଚନମଣ୍ଡଳୀରେ ରହନ୍ତି ନାହିଁ ସେମାନଙ୍କ ପ୍ରତି ଗାଁ ଲୋକେ ସଚେତନ ରୁହନ୍ତୁ।

# ରାମ ନବମୀର ପ୍ରସ୍ତୁତି ବୈଠକ

**ବଙ୍ଗୋମୁଣ୍ଡା, ୧୭।୩(ସମିସ):** ବଙ୍ଗୋମୁଣ୍ଡା ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ ପ୍ରହରୀ ମଣ୍ଡପରେ ଏପ୍ରିଲ ୧୭ ତାରିଖରେ ରାମନବମୀ ଉତ୍ସବ ପାଳନ ନେଇ ଏକ ପ୍ରସ୍ତୁତି ବୈଠକ ସନ୍ତୋଷ ଜୈନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ନାମଯଜ୍ଞରେ ପ୍ରମୋଦ ସଗରିଆ ସପତ୍ନୀକ କର୍ତ୍ତା ଚୟନ ହୋଇଛନ୍ତି। ଆଗାମୀ ବୈଠକରେ କମିଟି ଗଠନ କରାଯିବ। ବୈଠକରେ ଜଗନ୍ନାଥ ମନ୍ଦିର ପୂଜକ ତଥା ପୂର୍ବତନ ସରପଞ୍ଚ ସୁଶାନ୍ତ ଯୋଶୀ, ସାମ୍ବାଦିକ ଅନୀଲ ଖମାରି, ନୀଳାଞ୍ଚଳ ଥନାପତି, ସିଦ୍ଧାର୍ଥ ମିଶ୍ର, ପଦ୍ମନାଭ ବାରିକ, ନୀଳାଞ୍ଚଳ ସା. ଶୁଭମ ଜୈନ. ବିନୀତ ଜୈନ, ଅଜିତ ଜୈନ ଓ ଅନେକ ରାମଭକ୍ତ ଉପସ୍ଥିତ ଥିଲେ।

# ରାଜ୍ୟସ୍ତରୀୟ ବଉଳ ନାଟକ ଓ ଲୋକ ମହୋତ୍ସବ

**ମନମୁଣ୍ଡା, ୧୭।୩(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଖଟଖଟିଆ ପଞ୍ଚାୟତର ବ୍ରାହ୍ମଣୀ ବିଜୟ କଳା ମଣ୍ଡପଠାରେ ଷଷ୍ଠ ରାଜ୍ୟସ୍ତରୀୟ ନାଟକ ଓ ଲୋକ ମହୋତ୍ସବ ଉଦ୍‌ଘାଟିତ ହୋଇଛି। ଅପରାହ୍ନରେ ଏକ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ମଶାଲ ଶୋଭାଯାତ୍ରାରେ ମହିଳା ସଂକୀର୍ତନ ସହ ପରଭା ନୃତ୍ୟ, ଝାଳିଆ ଶବର ନୃତ୍ୟ ସହ ମଶାଲ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରାଯାଇଥିଲା। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଜେଡି ରାଜ୍ୟ ସମ୍ପାଦକ ସୁଧୀର ମହାକୁଡ଼, ସମ୍ମାନିତ ଅତିଥି ଭାବେ କଂଗ୍ରେସ ନେତା ପ୍ରଶାନ୍ତ ସାହୁ, ନାଟ୍ୟକାର ହରିହର ପ୍ରଧାନ, ଶିକ୍ଷାବିତ ସତ୍ୟବାନ ବସ୍ତିଆ, ସରକାରୀ ଓକିଲ ରାଧାବଲ୍ଲଭ ପ୍ରଧାନ ଯୋଗ ଦେଇଥିଲେ। ରଞ୍ଜନ ପାତ୍ର ସଭା ପରିଚାଳନା କରିଥିବା ବେଳେ ବାମନ ଚରଣ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ସୁରେନ୍ଦ୍ର କର୍ଣ୍ଣଙ୍କ ସଂଯୋଜନାରେ ଉଦଘାଟନୀ ଉତ୍ସବରେ ଜିଲ୍ଲା ତଥା ଜିଲ୍ଲା ବାହାର କଳାକାରଙ୍କ ନାଚ ଗୀତରେ ଦୁଲୁକି ଉଠିଥିଲା ମଞ୍ଚ। ଲୋକକଳା ଲୋକ ସଂସ୍କୃତି ପୁନରୁଦ୍ଧାର ଉଦେଶ୍ୟରେ ଦୀର୍ଘ ପାଞ୍ଚ ବର୍ଷ ହେଲା ଏହି ମହୋତ୍ସବ ଆୟୋଜିତ ହେଉଛି। ଅନୁଷ୍ଠାନର ସଭାପତି ଅର୍ଜୁନ ପ୍ରଧାନ, ସମ୍ପାଦକ ନେପାଳ ପାଳିଆ ସମେତ ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।





# ଲାଞ୍ଜିଗଡ ବ୍ଲକ ସିଟି ପ୍ରାଥମିକ ଶିକ୍ଷକ ସଂଘର କାର୍ଯ୍ୟକାରିଣୀ

**ଭବାନୀପାଟଣା, ୧୭ ।୩ (ସମିସ):** ଲାଞ୍ଜିଗଡ ରୋଡ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଜିଲ୍ଲା ସଭାପତି ଲବ ଦୁର୍ଗାଙ୍କ ଅଧ୍ୟକ୍ଷତାରେ ଲାଞ୍ଜିଗଡ ବ୍ଲକ ସିଟି ପ୍ରାଥମିକ ଶିକ୍ଷକ ସଂଘର ପ୍ରଥମ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ବ୍ଲକର ସମସ୍ତ ବ୍ଲକର ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଶିକ୍ଷକ ସେବା ପୁସ୍ତିକାକୁ ତ୍ୱରାନ୍ୱିତ କରିବା, ଶ୍ରେଣୀଗୃହ, ପାନୀୟଜଳ, ଶୌଚାଳୟ ଏବଂ ବିଦ୍ୟୁତ୍ ଯୋଗାଣ ସୁବିଧା, ନିମନ୍ତେ ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ଜଣାଇବା ନିମନ୍ତେ ଆଲୋଚନା କରାଯାଇଥିଲା। ବ୍ଲକରେ ଥିବା ଏକ ଶିକ୍ଷକ ବିଶିଷ୍ଟ ବିଦ୍ୟାଳୟଗୁଡିକରେ ଶୀଘ୍ର ଶିକ୍ଷକ ପ୍ରଦାନ, ବ୍ଲକ ରେ କାର୍ଯ୍ୟରତ ସମସ୍ତ ଜେଟିସିଓ ଜି ଏସ୍ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ନିୟମିତ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ନିମନ୍ତେ ବ୍ଲକ ଶିକ୍ଷା ଅଧିକାରୀଙ୍କ ଜଣାଇବା ପାଇଁ ସଭାରେ ମତପ୍ରକାଶ ପାଇଥିଲା। ଏହି ଅନୁଷ୍ଠିତ କାର୍ଯ୍ୟକାରୀ ବୈଠକରେ ବ୍ଲକ ସଭାପତି ଅନିଲ କୁମାର ତ୍ରିପାଠୀ, ବ୍ଲକ ସମ୍ପାଦକ ମନୋଜ କୁମାର ମହାକୁଡ, କାର୍ଯ୍ୟକାରୀ ସଭାପତି ପ୍ରଭାତ ପାଠୀ, କୋଷାଧ୍ୟକ୍ଷ ରାଘବ ଗହୀର, ଲକ୍ଷ୍ମୀପ୍ରିୟା ନାୟକ, ଲୋକନାଥ ହରିଜନ ଦିବାକର ବିଭାର, ଦନାର୍ଦ୍ଦନ ମିଶ୍ର, ମୀନକେତନ ତାଣ୍ଡି, ରାଧାମାଧବ ରଥ, ଦାମୋଦର ସା, ରଞ୍ଜିତ ରାୟ ଅଂଶଗ୍ରହଣ କରିଥିଲେ। ଦନାର୍ଦ୍ଦନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଲୋକ ମହୋତ୍ସବ ଉଦନ୍ତୀ ଉଦ୍‌ଯାପିତ

# ସାଂସ୍କୃତିକ ସନ୍ଧ୍ୟାରେ ମତୁଆଲା ଦର୍ଶକ




**ସିନାପାଲି, ୧୭।୩(ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲିଠାରେ ଉଦନ୍ତୀ ମହୋତ୍ସବ ଚଳିତ ବର୍ଷ ଉଦ୍‌ଯାପିତ ହୋଇଯାଇଛି। ତୃତୀୟ ସାଂସ୍କୃତିକ ସଂଧ୍ୟାରେ ମହୋତ୍ସବ କମିଟିର ଉପସଭାପତି ଲିଙ୍ଗରାଜ ଘିଭେଲା ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟଅତିଥି ଭାବରେ କଳାହାଣ୍ଡି ସାଂସଦ ବସନ୍ତ ପଣ୍ଡା ଯୋଗଦାନ କରିଥିଲେ। ବିଶିଷ୍ଟ ଅତିଥି ଭାବରେ ଓଡିଶା ସରକାରଙ୍କ ଯୋଜନା ଓ ସମନ୍ୱୟ ମନ୍ତ୍ରୀ ତଥା ନୂଆପଡ଼ା ବିଧାୟକ ରାଜେନ୍ଦ୍ର ପ୍ରସାଦ ଢୋଲକିଆ, ଖଡ଼ିଆଳ ବିଧାୟକ ଅଧୀରାଜ ମୋହନ ପାଣଗ୍ରାହୀ, ସମ୍ମାନିତ ଅତିଥି ଭାବରେ ଖଡ଼ିଆଳ ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ନନ୍ଦ, ସିନାପାଲି ବ୍ଲକ୍ ଉପାଧ୍ୟକ୍ଷା ମିନା ଘିଭେଲା, ଖଡ଼ିଆଳ ଏନଏସି ଅଧ୍ୟକ୍ଷା ଉଜ୍ଜ୍ୱଳ ଗୁପ୍ତା, ପୂର୍ବ ବ୍ଲକ ଉପାଧ୍ୟକ୍ଷ ସୁବାସ ଅଗ୍ରୱାଲ, ସିନାପାଲି ସାମ୍ବାଦିକ ସଙ୍ଘ ସଭାପତି ଅଜିତ ଯୋଷୀ, ସିନାପାଲି ସରପଞ୍ଚ ସୁନୀତା ମେହେର ପ୍ରମୁଖ ଯୋଗ ଦେଇଥିଲେ । କମିଟିର ସମ୍ପାଦକ ବୈଷ୍ଣବ ମେହେର ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ଗୌତମ ମେହେର ଅତିଥି ପରିଚୟ ଓ ସ୍ୱାଗତ ଅଭିଭାଷଣ ଦେଇଥିଲେ। ସମାରୋହରେ ସ୍ଥାନୀୟ କଳାକାର ଲିଙ୍ଗରାଜ ମେହେର ଓ ତବଲା ବାଦକ ମଧୁବାରି ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଦିବ୍ୟରଞ୍ଜନ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ସନୂର୍ଯ୍ୟ ମେହେର ପୁରସ୍କାର ବିତରଣ ଓ ଲୋଚନ ମେହେର ସମ୍ବର୍ଦ୍ଧନା ପ୍ରଦାନ କାର୍ଯକ୍ରମ ପରିଚାଳନା କରିଥିଲେ। ପ୍ରଭାତ ମେହେର ଓ ଧବଳେଶ୍ୱର ମେହେର ମାନପତ୍ର ପଠନ କରିଥଲେ। ସଭା ପ୍ରାରମ୍ଭରେ ବେଣୁଧର ମେହେରଙ୍କ ଲିଖିତ ଗୀତକୁ ସଙ୍ଗୀତଜ୍ଞ ତ୍ରୀନାଥ ମେହେରଙ୍କ ସ୍ୱର ସଂଯୋଜନାରେ ସ୍ୱର ସଂଗମ କଳା ପରିଷଦର କଳାକାରଙ୍କ ଦ୍ୱାରା ପ୍ରାରମ୍ଭିକ ସଂଗୀତ ଗାନ କରାଯାଇଥିଲା। ଶ୍ରୀ ଜଗନ୍ନାଥ ମନ୍ଦିର ସମିତି ପକ୍ଷରୁ ବେଦପାଠ ଅନୁଷ୍ଠିତ ହୋଇଥିଲା। ଉଦଯାପନୀ ଦିବସର ସାଂସ୍କୃତିକ ସନ୍ଧ୍ୟାରେ ଅସୀମା ପଣ୍ଡା ଓ ସାଥୀଙ୍କ ଅର୍କେଷ୍ଟ୍ରା ଦେଖିବାକୁ ପ୍ରବଳ ଜନସମାଗମ ହୋଇଥିଲା।

## ରାଜସ୍ୱ ବିଭାଗ ତ୍ରୁଟିଯୋଗୁଁ ଜମି ହରାଇଲେ ଗ୍ରାମବାସୀ

# ଜମି ନ ପାଇଲେ ଭୋଟବର୍ଜନ ଚେତାବନୀ

**ଶଗଡ଼ା, ୧୭ ।୩(ସମିସ)**

ବୌଦ୍ଧ ଜିଲ୍ଲା କଣ୍ଟାମାଳ ତହସିଲ ଅଧୀନ ବରଗୋଛା ପଞ୍ଚାୟତ ବଳଦାପଡ଼ାଠାରେ ଶୁଣି ପଦର, ବରଗୋଛା ଓ ଶଗଡ଼ା ପଞ୍ଚାୟତର ୧୨୧ଜଣ ଭୂମିହୀନ ଲୋକଙ୍କୁ ସରକାର ୧୯୯୨ ମସିହାରେ ୨ଏକର ଲେଖାଏଁ ଜମି ଯୋଗାଇ ଦେଇଥିଲେ। ପରବର୍ତ୍ତୀ ସମୟରେ ଜମି ଚିହ୍ନଟ ସହ ତାଙ୍କୁ ପଟ୍ଟା ମଧ୍ୟ ପ୍ରଦାନ କରାଯାଇଥିଲା। ସମସ୍ତ ହିତାଧିକାରୀମାନେ ଉକ୍ତ ଜମି ଦଖଲ କରି ଆବଶ୍ୟକୀୟ ଖଜଣା ମଧ୍ୟ ଦେଉଥିଲେ। ହେଲେ ବନ୍ଦୋବସ୍ତ ସମୟରେ ରାଜସ୍ୱ ବିଭାଗ ପକ୍ଷରୁ ସମସ୍ତ ହିତାଧିକାରୀଙ୍କ ଆବଶ୍ୟକୀୟ କାଗଜପତ୍ର ଦାଖଲ କରି ନ ଥିବାରୁ ବର୍ତ୍ତମାନ ଉକ୍ତ ଲିଜ୍ ଜମି ମାଲିକ ହାତକୁ ଚାଲିଯାଇଛି। ଜମିକୁ ସମ୍ପୃକ୍ତ ମାଲିକ ବିକ୍ରି କରିବାକୁ ମସୁଧା ଚଳେଇଥିବା ଅଭିଯୋଗ ହୋଇଛି। ଉକ୍ତ ଜମି ଉପରେ ଗରିବ ଲୋକମାନେ ଚାଷ କରି ପରିବାର ପ୍ରତିପୋଷଣ କରୁଥିବାବେଳେ ଜମି ଚାଲିଗଲେ ତାଙ୍କ ପରିବାର କିଭଳି ଚଳିବେ ସେ ନେଇ ଚିନ୍ତାରେ ପଡ଼ିଛନ୍ତି। ଗରିବ ଲୋକଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ଓ ରାଜସ୍ୱ ବିଭାଗ ଉକ୍ତ ଜମିକୁ ଫେରାଇ ଦେବାକୁ ପ୍ରଶାସନ ନିକଟରେ ଦାବି କରିଛନ୍ତି। ଉକ୍ତ ଜମି ନ ମିଳିଲେ ସମସ୍ତ ୧୨୧ ପରିବାର ଆଗାମୀ ସାଧାରଣ ନିର୍ବାଚନରେ ଭୋଟ ବର୍ଜନ କରିବାକୁ କଡ଼ା ଚେତାବନୀ ଦେଇଛନ୍ତି। ଘଟଣା ସମ୍ପର୍କରେ କଣ୍ଟାମାଳ ତହସିଲଦାର ଶ୍ୱେତପଦ୍ମା ଯୋଶୀଙ୍କୁ ପଚାରିବାରୁ ସମସ୍ତ ହିତାଧିକାରୀ ମାନେ ବନ୍ଦୋବସ୍ତ କୋର୍ଟରେ ଆବେଦନ କରିବା ପରେ କୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ କାର୍ଯ୍ୟ କରାଯିବ ବୋଲି କହିଛନ୍ତି।



**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୨.୨୫ ● ପାଉଣ୍ଡ ୧୦୫.୧୭
- ୟୁରୋ ୯୦.୩୨ ● ୟେନ୍ ୦.୫୫

**ସୁନା, ରୁପା ଦର**



୧୦ ଗ୍ରାମ ପିଛା (ଟଙ୍କାରେ)
- ସୁନା : ୬୦,୬୦୦ (ନୂଆଦିଲ୍ଲୀ)
- ରୁପା : ୭୯,୯୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୨,୬୪୩.୦୦
- ନିଫ୍ଟି ୨୨,୦୨୩.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୬



## ସହରାଞ୍ଚଳ ଜଳବାୟୁ ପରିବର୍ତ୍ତନ ନିୟନ୍ତ୍ରଣ ନିମନ୍ତେ କର୍ମଶାଳା




**ଭୁବନେଶ୍ୱର,୧୭।୩(ସମିସ):** ପରିବେଶଗତ ଦୁର୍ଦ୍ଦଶା ଏବଂ ଜଳବାୟୁ ପରିବର୍ତ୍ତନ ବାବଦ ମୂଲ୍ୟଗତ ପ୍ରଭାବ, ଜାତି ଓ ଲିଙ୍ଗଗତ ସ୍ତରରେ ସର୍ବନିମ୍ନ ସ୍ଥାନରେ ଥିବା ଜନସାଧାରଣ ଅସମତୁଲଭାବରେ ବହନ କରିବାରେ ଅଗ୍ରଭାଗରେ ରହିଛନ୍ତି। ସେଥିପାଇଁ ଜଳବାୟୁ ନ୍ୟାୟ (କ୍ଲାଇମେଟ୍ ଜଷ୍ଟିସ) ନିମନ୍ତେ ଆମକୁ ଜଳବାୟୁ କାର୍ଯ୍ୟକ୍ରମରେ ଅସମାନତା, ଦୁର୍ବଳ ଅବସ୍ଥା ଏବଂ ସ୍ଥାନୀୟ ସ୍ତରରେ ଅଂଶଗ୍ରହଣ ଓ ପ୍ରଭାବିତ ଅଥବା ଦୁର୍ବଳ ବର୍ଗଙ୍କ ନିୟୋଜନତା ଉପରେ ଦୃଷ୍ଟିନିବଦ୍ଧ କରିବାକୁ ହେବ। ଏସିଆ-ପାସିଫିକ୍ ନେଟୱର୍କ ଫର୍ ଗ୍ଲୋବାଲ ଚେଞ୍ଜ ରିସର୍ଚ୍ଚ, ୟଙ୍ଗ୍ ଇଣ୍ଡିଆ ଏବଂ ଆକ୍ସନ ଏଡ୍ ଆସୋସିଏସନ୍ ପକ୍ଷରୁ ଭୁବନେଶ୍ୱରରେ ଆୟୋଜିତ 'ଫୋଷ୍ଟରିଂ ପିପୁଲ୍ସ୍ ଏମ୍ପାୱାରମେଣ୍ଟ ଫର୍ ଅର୍ବାନ କ୍ଲାଇମେଟ ଜଷ୍ଟିସ' ଉପରେ ତିନି ଦିବସୀୟ ସାମର୍ଥ୍ୟ ନିର୍ମାଣ କର୍ମଶାଳା ଶେଷରେ ସମସ୍ତେ ଏହି ସିଦ୍ଧାନ୍ତରେ ଉପନୀତ ହୋଇଛନ୍ତି। ପୂର୍ବ ଭାରତର ବିହାର, ଝାଡଖଣ୍ଡ, ପଶ୍ଚିମବଙ୍ଗ, ଛତିଶଗଡ ଏବଂ ଓଡ଼ିଶା ଆଦି ୫ଟି ରାଜ୍ୟରୁ ପଚାଶ ଜଣ ଅଂଶଗ୍ରହଣକାରୀ ଏଥିରେ ଯୋଗଦେଇଥିଲେ। ଆକ୍ସନଏଡ୍ ଆସୋସିଏସନ୍ ପକ୍ଷରୁ ଶିମଳା, ଲକ୍ଷ୍ନୌ,ଗୁଆହାଟୀ ଏବଂ ଚେନ୍ନଇରେ ଦେଶର ପାଞ୍ଚଟି ବିଭିନ୍ନ ଅଞ୍ଚଳକୁ ପରିସରଭୁକ୍ତ କରି ଯୋଜନା କରାଯାଇଥିବା ପାଞ୍ଚଟି ସାମର୍ଥ ନିର୍ମାଣକାରୀ କର୍ମଶାଳା ଆୟୋଜନ ସିରିଜ୍‌ର ଏହା ପ୍ରଥମ ଥିଲା ଏବଂ ଏହା ଏସିଆ- ପାସିଫିକ୍ ନେଟୱର୍କ ଫର୍ ଗ୍ଲୋବାଲ ଚେଞ୍ଜ ରିସର୍ଚ୍ଚ ସହିତ ସହଭାଗୀତାର ଏକ ଅଂଶବିଶେଷ। ଏହି ଅବସରରେ ଦେବବ୍ରତ ପାତ୍ର, ଆସୋସିଏଟ୍ ଡାଇରେକ୍ଟର ଆକ୍ସ ଏଡ୍ ଆସୋସିଏସନ୍ କହିଥିଲେ ଯେ, ଏହା ଏକ ଅତ୍ୟାବଶ୍ୟକ ପ୍ରୟାସ ଯେଉଁଥିରେ ସହରାଞ୍ଚଳରେ ଜଳବାୟୁ ପରିବର୍ତ୍ତନର ପ୍ରଭାବ ସମ୍ପର୍କିତ ବିଭିନ୍ନ ଦିଗ ସମ୍ପର୍କରେ ଆମେ ବୁଝିପାରିବା।

### ଦେଶରେ ଡିଜେଲ ବ୍ୟବହାର ୧୨.୦୫% ବଢ଼ିଛି

# ପ୍ରତି ସେକେଣ୍ଡରେ ୨୭୦୦ ଲିଟର ଡିଜେଲ ବ୍ୟବହାର

**ନୂଆଦିଲ୍ଲୀ,୧୭।୩(ଏଜେନ୍ସି)**

କେନ୍ଦ୍ର ସରକାର ଦେଶକୁ ଅଙ୍ଗାକାମ୍ଳ ମୁକ୍ତ କରିବାକୁ ଚେଷ୍ଟା କରୁଛନ୍ତି। ଶୂନ କାର୍ବନ ପ୍ରୟାସର ଏକ ଅଂଶ ଭାବରେ ଦେଶର ଅନେକ ବଡ କମ୍ପାନୀ ହାଇଡ୍ରୋଜେନ ଇନ୍ଧନ ଉପରେ କାମ କରୁଛନ୍ତି। କିନ୍ତୁ ଆପଣ ଜାଣନ୍ତି କି ଦେଶରେ ପ୍ରତି ସେକେଣ୍ଡରେ କେତେ ଡିଜେଲ ବ୍ୟବହାର କରାଯାଇଥାଏ। ଦେଶରେ ପ୍ରତି ସେକେଣ୍ଡରେ ୨୭୦୦ ଲିଟରରୁ ଅଧିକ ଡିଜେଲ ଧୂଆଁରେ ପରିଣତ ହୋଇଥାଏ। କେନ୍ଦ୍ର ସରକାରଙ୍କ ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ(ଏନ୍‌ଏସ୍‌ଓ) ଦ୍ୱାରା ଡିଜେଲ ଏବଂ ପେଟ୍ରୋଲ ବ୍ୟବହାର ସମ୍ପର୍କିତ ତଥ୍ୟ ପ୍ରକାଶ ପାଇଛି। ଯେଉଁଥିରେ କିରୋସିନିର ବ୍ୟବହାର ବିଷୟରେ ଏକ ରିପୋର୍ଟ ମଧ୍ୟ ଉପସ୍ଥାପିତ ହୋଇଛି।

୨୦୧୨୩-୧୪ରୁ ୨୦୨୨-୨୩ ମଧ୍ୟରେ ବର୍ଷକୁ ବର୍ଷ ଦେଶରେ କିରୋସିନ ତେଲ ବ୍ୟବହାରରେ ୨୬ ପ୍ରତିଶତ ହ୍ରାସ ଘଟିଛି। ଏହାର ମୁଖ୍ୟ କାରଣ ହେଉଛି ସ୍ୱଚ୍ଛ ଶକ୍ତିକୁ ପ୍ରୋତ୍ସାହିତ କରିବା ପାଇଁ ସରକାରଙ୍କ ନୀତି। ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ (ଏନ୍‌ଏସ୍‌ଓ) ଦ୍ୱାରା ପ୍ରକାଶିତ ଡାଟା ଏନର୍ଜି ପରିସଂଖ୍ୟାନ ଇଣ୍ଡିଆ ୨୦୨୪ରେ କୁହାଯାଇଛି ଯେ, ଦେଶରେ ଇନ୍ଧନ ଭାବରେ କିରୋସିନ ବ୍ୟବହାର ଉପରେ ସମ୍ପ୍ରତି ଶକ୍ତି ନୀତିର ପ୍ରଭାବ ସ୍ପଷ୍ଟ ଦେଖାଯାଉଛି। ତଥ୍ୟ ଦର୍ଶାଉଛି ଯେ ୨୦୧୩-୧୪ରୁ ୨୦୨୨-୨୩ ପର୍ଯ୍ୟନ୍ତ ବାର୍ଷିକ ଭିତ୍ତିରେ (ସିଜିଏଆର୍) କିରୋସିନ ବ୍ୟବହାର ୨୫.୭୮ ପ୍ରତିଶତ ହ୍ରାସ ପାଇଛି। ଏଥିରେ କ୍ରମାଗତ ହ୍ରାସ ଘଟିଛି। ରିପୋର୍ଟରେ କୁହାଯାଇଛି ଯେ ସମସ୍ତ ପେଟ୍ରୋଲିୟମ ଉତ୍ପାଦ ମଧ୍ୟରେ ଏଚ୍‌ଏସ୍‌ଡିଓ (ଡିଜେଲ)ର ବ୍ୟବହାର ପୂର୍ବ ବର୍ଷ ତୁଳନାରେ ୨୦୨୨-୨୩ରେ ୧୨.୦୫ ପ୍ରତିଶତ ବୃଦ୍ଧି ପାଇଛି। ମୋଟ ଇନ୍ଧନ ବ୍ୟବହାରରେ ଡିଜେଲର ସର୍ବାଧିକ ଅଂଶ ୩୮.୫୨ ପ୍ରତିଶତ ରହିଛି। ଗତ ବର୍ଷ ତୁଳନାରେ ପେଟ୍ରୋଲ ଏବଂ ପେଟ୍ କୋକ୍ ବ୍ୟବହାର ଯଥାକ୍ରମେ ୧୩.୩୮ ପ୍ରତିଶତ ଏବଂ ୨୮.୬୮ ପ୍ରତିଶତ ବୃଦ୍ଧି ପାଇଛି। ୨୦୨୧-୨୨ ରେ ଡିଜେଲ ବ୍ୟବହାର ୭.୬୬ କୋଟି ଟନ୍ ରହିଥିଲା, ଯାହା ୨୦୨୨-୨୩ରେ ୧୨.୦୫ ପ୍ରତିଶତ ବୃଦ୍ଧି ହୋଇ ୮.୫୯ କୋଟି ଟନ୍‌ରେ ପହଞ୍ଚିଛି। ଏହାର ଅର୍ଥ ହେଉଛି ଦେଶରେ ପ୍ରତି ସେକେଣ୍ଡରେ ୨୭୦୦ ଲିଟରରୁ ଅଧିକ ଡିଜେଲ ବ୍ୟବହାର କରାଯାଏ।

**ମୋଟ ତୈଳ ଉପଯୋଗିତାରେ ଡିଜେଲର ଅଂଶ ୩୮.୫୨%**

**କିରୋସିନ ବ୍ୟବହାର ୨୬ ପ୍ରତିଶତ କମିଛି**




ରିପୋର୍ଟରେ କୁହାଯାଇଛି ଯେ ସମୟ ସହିତ ପ୍ରାକୃତିକ ଗ୍ୟାସ ବ୍ୟବହାରରେ ପରିବର୍ତ୍ତନ ଆସିଛି। ତଥ୍ୟ ଅନୁଯାୟୀ, ୨୦୨୨-୨୩ ମଧ୍ୟରେ ଶକ୍ତି ଉଦ୍ଦେଶ୍ୟରେ ପ୍ରାକୃତିକ ଗ୍ୟାସର ବ୍ୟବହାର ୭.୭ ପ୍ରତିଶତ ହ୍ରାସ ହୋଇ ୩୬,୩୮୩ ବିଲିୟନ ଘନ ମିଟର (ବିସିଏମ୍) ରେ ପହଞ୍ଚିଛି। ୨୦୨୧-୨୨ ରେ ଏହା ୩୯,୪୧୪ ବିଲିୟନ ଘନ ମିଟର ରହିଥିଲା। ସେହିପରି, ଅଣ-ଶକ୍ତି ଉଦ୍ଦେଶ୍ୟରେ ପ୍ରାକୃତିକ ଗ୍ୟାସର ବ୍ୟବହାର ୨୦୨୧-୨୨ରେ ୨୨,୦୭୭ ବିସିଏମ୍‌ରୁ ୨୦୨୨-୨୩ ରେ ୨୨,୩୧୯ ବିସିଏମ୍‌କୁ ୧.୧ ପ୍ରତିଶତ ବୃଦ୍ଧି ପାଇଛି।

ରିପୋର୍ଟରେ ଦର୍ଶାଯାଇଛି ଯେ ପ୍ରାକୃତିକ ଗ୍ୟାସର ସର୍ବାଧିକ ବ୍ୟବହାର ସାର ଶିଳ୍ପରେ ୩୨.୩୫ ପ୍ରତିଶତ ଥିଲା। ଏହାପରେ ସଡକ ପରିବହନ ସହିତ ସହର ଗ୍ୟାସ ବିତରଣ ନେଟୱାର୍କ (୨୦.୦୬ ପ୍ରତିଶତ) ଅନୁସରଣ କରାଯାଇଥିଲା। ରିପୋର୍ଟରେ କୁହାଯାଇଛି ଯେ ବିଦ୍ୟୁତର ଆନୁମାନିକ ବ୍ୟବହାର ୨୦୧୨-୧୩ ମସିହାରେ ୮,୨୪,୩୦୧ ଗିଗାୱାଟ ଘଣ୍ଟାରୁ 2021-22 ମଧ୍ୟରେ ୧୨,୯୬,୩୦୦ ଗିଗାୱାଟ୍‌କୁ ବୃଦ୍ଧି ପାଇଛି। ବାର୍ଷିକ ଭିତ୍ତିରେ ଏହା ୫.୧୬ ପ୍ରତିଶତ ବୃଦ୍ଧି ହୋଇଛି।

**ମୋର୍ଗାନ୍ ଷ୍ଟାନ୍‌ଲେ ରିପୋର୍ଟ**

# ନିବେଶ ଦମ୍‌ରେ ଆଗକୁ ବଢ଼ୁଛି ଭାରତ

- ଅଭିବୃଦ୍ଧି ହାର ୨୦୦୩-୦୭ ଭଳି ରହିଛି
- ଜିଡିପି ତୁଳନାରେ ନିବେଶ ୩୪%
- ୨୦୨୬-୨୭ ସୁଦ୍ଧା ୩୬% ଛୁଇଁପାରେ

**ନୂଆଦିଲ୍ଲୀ,୧୭।୩(ଏଜେନ୍ସି)**

ଧୀରେ ଧୀରେ ଭାରତ ବିଶ୍ୱର ଏକ ସୁପର ପାୱାରରେ ପରିଣତ ହେବାକୁ ଯାଉଛି। ଆମେରିକାର ଏକ ଏଜେନ୍ସି ଦ୍ୱାରା ପ୍ରକାଶିତ ଏକ ରିପୋର୍ଟରେ କୁହାଯାଇଛି ଯେ, ଭାରତ ପ୍ରତିଦିନ ପ୍ରଗତିର ଏକ ନୂଆ ଅଧ୍ୟାୟ ଲେଖୁଛି। ଏଥପାଇଁ ବର୍ତ୍ତମାନ ଦେଶ ତଥା ବିଶ୍ୱରେ ଭାରତକୁ ପ୍ରଶଂସା କରାଯାଉଛି। ମୋର୍ଗାନ ଷ୍ଟାନ୍‌ଲେର ଅର୍ଥନୀତିଜ୍ଞମାନେ କହିଛନ୍ତି ଯେ ପୁଞ୍ଜି ବିନିଯୋଗ ଦ୍ୱାରା ଭାରତ ବର୍ତ୍ତମାନର ଭଲ ଅର୍ଥନୈତିକ ଅଭିବୃଦ୍ଧି ହାସଲ କରୁଛି। ନିବେଶର ଦମ୍‌ରେ ଆଗକୁ ବଢ଼ୁଛି ଭାରତ।

ବର୍ତ୍ତମାନ ଦେଶର ଅଭିବୃଦ୍ଧି ହାର ୨୦୦୩-୦୭ ଭଳି ରହିଛି, ଯେଉଁ ସମୟରେ କି ଭାରତର ଅର୍ଥନୈତିକ ଅଭିବୃଦ୍ଧି ହାର ହାରାହାରି ୮ ପ୍ରତିଶତରୁ ଅଧିକ ରହିଥିଲା। ମୋର୍ଗାନ ଷ୍ଟାନ୍‌ଲେ ଏହାର ସଦ୍ୟତମ ରିପୋର୍ଟରେ 'ଦି ଭ୍ୟୁପଏଣ୍ଟ ଇଣ୍ଡିଆରେ' ଦେଶର ଅଭିବୃଦ୍ଧି କାହିଁକି ୨୦୦୩-୦୭ ଭଳି ଲାଗୁଛି ବୋଲି ଦର୍ଶାଇ କହିଛି ଯେ, ଜିଡିପି ତୁଳନାରେ ନିବେଶରେ କ୍ରମାଗତ ଭାବେ ହ୍ରାସ ପରେ ଦୀର୍ଘ ଏକ ଦଶନ୍ଧି ପରେ ପୁଞ୍ଜି ବ୍ୟୟ ବର୍ତ୍ତମାନ ଭାରତର ଅଭିବୃଦ୍ଧିର ପ୍ରମୁଖ ଡ୍ରାଇଭର ଭାବରେ ଉଭା ହୋଇଛି। ରିପୋର୍ଟ ଅନୁଯାୟୀ, ଏକ ପୁଞ୍ଜି ବ୍ୟୟ ଚକ୍ର ପାଇଁ ପର୍ଯ୍ୟାପ୍ତ ପରିସର ରହିଛି ଏବଂ ତେଣୁ ବର୍ତ୍ତମାନର ଉନ୍ନତି ୨୦୦୩-୦୪ ସହିତ ସମାନ। ମୋର୍ଗାନ୍ ଷ୍ଟାନ୍‌ଲେର ଅର୍ଥନୀତିଜ୍ଞମାନେ କହିଛନ୍ତି ଯେ ବ୍ୟବହାର ତୁଳନାରେ ପୁଞ୍ଜି ବିନିଯୋଗରେ ବୃଦ୍ଧି ଘଟିଛି। ଜିଡିପି ତୁଳନାରେ ଦେଶର ପୁଞ୍ଜି ବିନିଯୋଗ ୨୦୧୧ ପର୍ଯ୍ୟନ୍ତ ସର୍ବୋଚ୍ଚ ସ୍ତରରେ ରହିଥିଲା, ଯାହା ପରେ ଏହା ହ୍ରାସ ପାଇଛି। ଏହି ହ୍ରାସ ୨୦୧୧ରୁ ୨୦୨୧ ପର୍ଯ୍ୟନ୍ତ ଦେଖାଯାଇଛି, ତଥାପି ଏହା ପରେ ପରିସ୍ଥିତି ବଦଳିବା ଆରମ୍ଭ କରିଛି ଏବଂ ବର୍ତ୍ତମାନ ଜିଡିପି ତୁଳନାରେ ପୁଞ୍ଜି ବିନିଯୋଗ ୩୪ ପ୍ରତିଶତରେ ପହଞ୍ଚିଛି। ୨୦୨୬-୨୭ ଆର୍ଥିକ ବର୍ଷ ସୁଦ୍ଧା ଏହା ୩୬ ପ୍ରତିଶତ ହେବ ବୋଲି ରିପୋର୍ଟରେ ଦର୍ଶାଯାଇଛି।




## ମହିଳା ଫୁଟ୍‌ୱେର ସେଗ୍‌ମେଣ୍ଟରେ 'ଲି କୁପର'

**ଭୁବନେଶ୍ୱର,୧୭।୩(ସମିସ):**

ରିଲାଏନ୍ସ ରିଟେଲର ବ୍ରାଣ୍ଡ ଲି କୁପର ଏବେ ମହିଳା ଫୁଟ୍‌ୱେର ସେଗମେଣ୍ଟରେ ପ୍ରବେଶ କରିଛି। ମୁମ୍ବଇଠାରେ ଏକ ସ୍ୱତନ୍ତ୍ର 'ନୋ ସୁ ପାର୍ଟି'ରେ କମ୍ପାନୀ ଏହି ଫ୍ଲାଗ୍‌ଶିପ୍ ୱିମେନ୍ କଲେକ୍‌ସନ୍‌ର ବଜାର ପ୍ରବେଶ କରାଇଥିଲା।ଏହି ପାର୍ଟି ପରେ ଯୋଗଦେଇଥିବା ସଦସ୍ୟମାନଙ୍କୁ ଚମକାଇବାକୁ ଯାଇ ସେମାନଙ୍କର ପସନ୍ଦର ଫୁଟ୍‌ୱେର ଉପହାର ଦିଆଯାଇଥିଲା। ଲି କୁପରର ଏସ୍‌ଏସ୍ ୨୪ ୱିମେନ୍ ଫୁଟ୍‌ୱେର କଲେକ୍‌ସନ୍ 'ସୁଜ୍ ଡୋଣ୍ଟ୍ ଜଜ୍'ର ବୈଶିଷ୍ଟ୍ୟ ହେଉଛି ଏହାର ବ୍ୟାପକ ରେଞ୍ଜର ଯାହା ସବୁ ଷ୍ଟାଇଲ ଏବଂ ଅବସରରକୁ ସୁଟ୍ କରିବ। ଏହି କଲେକ୍‌ସନ୍‌ରେ ସ୍ୱତନ୍ତ୍ର ଷ୍ଟାଇଲ୍ ଏବଂ ବିସ୍ତୃତ ରେଞ୍ଜର ରଙ୍ଗ ଏବଂ ଉତ୍ପାଦ ରହିଛି। ଏ ସମ୍ପର୍କରେ ଅଭିନେତ୍ରୀ ସାନ୍ୟ ମାଲହୋତ୍ରା କହିଛନ୍ତି ଯେ, ଏଭଳି ଏକ ବଜାର ପ୍ରବେଶ ପାର୍ଟିରେ ଯୋଗଦେଇ ଆମେ ବେଶ ଉତ୍ସାହିତ। ଏହି ସ୍ପିଙ୍ଗ୍ ସମର କଲେକ୍‌ସନ୍‌ର ବଜାର ପ୍ରବେଶ କରାଇ ସେ କହିଲେ, ଏହି ନୂଆ କଲେକ୍‌ସନ୍ ବେଶ ରେମାଞ୍ଚକର।

### ବୈଶାଖୀ ବାଣିଜ୍ୟ ମେଳାର ଚତୁର୍ଥ ସନ୍ଧ୍ୟା

## ଫ୍ରିଡମ୍ ଷ୍ଟଲ୍‌ରେ ଗୃହିଣୀଙ୍କ ଭିଡ଼

**ଭୁବନେଶ୍ୱର,୧୭।୩(ସମିସ)**

ବ୍ୟବସାୟିକ ପେଣ୍ଠସ୍ଥଳ ଭାବେ କଟକ ସହରର ସ୍ୱତନ୍ତ୍ର ପରିଚୟ ରହିଛି। ବାଲିଯାତ୍ରାଠାରୁ ଆରମ୍ଭ କରି ବୈଶାଖୀ ବାଣିଜ୍ୟ ମେଳାରେ ବ୍ୟବସାୟର ପସରା ମେଲାଇବା ପାଇଁ ଦେଶର କୋଣ ଅନୁକୋଣରୁ ବ୍ୟବସାୟୀମାନେ ଧାଇଁ ଆସିଥାନ୍ତି। ଏହି ବୈଶାଖୀ ମେଳାର ଚତୁର୍ଥ ସନ୍ଧ୍ୟାରେ ଦେଖିବାକୁ ମିଳିଥିଲା ପ୍ରବଳ ଜନଗହଳି। ଏହି ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ରହିଥିଲା ଏକ ନମ୍ବର ବ୍ରାଣ୍ଡ ଭାବେ ପରିଚିତ ଫ୍ରିଡମ୍ ତେଲ। ଏହି ଷ୍ଟଲ୍‌କୁ ପ୍ରଖ୍ୟାତ ସର୍ଜରୀ ବିଶେଷଜ୍ଞ ଡାକ୍ତର ଉମେଶ ରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ମେଳା ଭିତରେ ଗୃହିଣୀମାନେ ଫ୍ରିଡମ୍ ଷ୍ଟଲ୍‌ରେ ସତେ ଯେପରି ଭିଡ଼ ଜମାଇଥିଲେ। ମେଳାରେ ଫ୍ରିଡମ୍ ପକ୍ଷରୁ ପ୍ରତ୍ୟେକ ତେଲ କିଣିଲେ ନିଶ୍ଚିତ ଉପହାର ରହିଥିବା ସାଙ୍ଗକୁ କମ୍ବୋ ଅଫର ଏବଂ କଚିଘନି ୫ ଲିଟର ସୋରିଷ ତେଲର ପୁନଃ ବ୍ୟବହୃତ ହେଉଥିବା ଜାର ଗୃହିଣୀମାନଙ୍କର ବେଶ୍ ପ୍ରିୟଭାଜନ ହୋଇପାରିଥିବା ଫ୍ରିଡମ୍ ତେଲର ଓଡ଼ିଶା ହେଡ୍ ଅମୀୟ କୁମାର ଧଳ ସୂଚନା ଦେବା ସହ ମେଳାକୁ ଆସୁଥିବା ସମସ୍ତ ଦର୍ଶକଙ୍କୁ ଫ୍ରିଡମ୍ ପରିବାର ପକ୍ଷରୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇଛନ୍ତି। ଏହି କାର୍ଯ୍ୟକ୍ରମରେ ପ୍ରମୋଦ ଖଲାର, ଅମିତ୍ ମହାନ୍ତି, ପ୍ରକାଶ କୁମାର ପାତ୍ର ଏବଂ ପ୍ରଦୀପ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ସମସ୍ତ କାର୍ଯ୍ୟକୁ ସୁଚାରୁ ରୂପେ ପରିଚାଳନା କରିଥିଲେ।



## ଓୟୋ ପକ୍ଷରୁ ଓଡ଼ିଶାରେ ପ୍ରଥମ ହୋମ୍‌ଷ୍ଟେ

**ଭୁବନେଶ୍ୱର,୧୭।୩(ସମିସ):** ଗ୍ଲୋବାଲ ହସ୍ପିଟାଲିଟି ଟେକ୍ନୋଲୋଜି କମ୍ପାନୀ ଓୟୋ ଓଡିଶାର ତୀର୍ଥଯାତ୍ରା ସହର ପୁରୀରେ ନିଜର ପ୍ରଥମ ହୋମ୍ଷ୍ଟେ'ର ଶୁଭାରମ୍ଭ କରିବା ପାଇଁ ଓଡିଶା ଦକ୍ଷତା ବିକାଶ ନିଗମ (ଓଏସ୍‌ଡିସି) ସହ ହାତ ମିଳାଇଛି। ଏହି ଅବସରରେ କ୍ରୀଡା ମନ୍ତ୍ରୀଙ୍କ ସହ ଓଏସ୍‌ଡିସି ଅଧ୍ୟକ୍ଷ ଅଲକା ମିଶ୍ର ଉପସ୍ଥିତ ଥିଲେ। ଏହି ସହଭାଗିତା ହୋମ୍‌ଷ୍ଟେକୁ ସଫଳ ଭାବେ ପରିଚାଳନା କରିବା, ଉଦ୍ୟୋଗିକତା ବିକଶିତ କରିବା ଏବଂ ଏକ ଅତିରିକ୍ତ ଆୟ ଉତ୍ସ ସୃଷ୍ଟି କରିବା ପାଇଁ ସ୍ଥାନୀୟ ଲୋକମାନଙ୍କୁ ଆବଶ୍ୟକୀୟ ଦକ୍ଷତା ଓ ତାଲିମ ସହ ସୁସଜ୍ଜିତ କରିବା ଉପରେ ଗୁରୁତ୍ୱ ଦେବ। ଗତ ଫେବୃଆରୀ ୧୯ରେ ଭୁବନେଶ୍ୱରରେ 'ଦ ଗ୍ଲୋବାଲ ସମିଟ୍ ଅନ୍ ଗ୍ରୋଥ୍ ଆଣ୍ଡ ଏମ୍ପଲୟମେଣ୍ଟ ୨୦୨୪'ରେ ଓୟୋ ଏବଂ ଓଏସ୍ଡିଏ ମଧ୍ୟରେ ହୋମ୍‌ଷ୍ଟେଗୁଡିକୁ ସ୍ଥାପନ କରିବା ପାଇଁ ଏକ ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଛି। ପୂର୍ବରୁ ଓୟୋ ପ୍ରତିଷ୍ଠାତା ଓ ଗ୍ରୁପ୍ ସିଇଓ ରିତେଶ ଅଗ୍ରୱାଲ ଏବଂ ଓଏସ୍‌ଡିଏର ସିଇଓ, ଆଇଏଏସ୍ ରଘୁ ଜିଙ୍କ ମଧ୍ୟରେ ଏହି ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଥିଲା। ଭବିଷ୍ୟତକୁ ଦୃଷ୍ଟିରେ ରଖି ଓୟୋ ଓଡିଶାର କୋଣାର୍କ, ପୁରୀ, ରଘୁରାଜପୁର ଓ ଅନ୍ୟାନ୍ୟ ଲୋକପ୍ରିୟ ଗନ୍ତବ୍ୟସ୍ଥଳୀଗୁଡିକରେ ଆସନ୍ତା କିଛି ବର୍ଷ ମଧ୍ୟରେ ଅତିରିକ୍ତ ୫୦ଟି ହୋମ୍‌ଷ୍ଟେର ଶୁଭାରମ୍ଭ କରି ରାଜ୍ୟରେ ନିଜର ଉପସ୍ଥିତି ବିସ୍ତାର କରିବାକୁ ଯୋଜନା ରଖିଛି, ଯାହା ପର୍ଯ୍ୟଟକଙ୍କୁ ଏକ ବିସ୍ତୃତ ଶୃଙ୍ଖଳାର ରହଣୀ ବିକଳ୍ପ ପ୍ରଦାନ କରିବ। କମ୍ପାନୀ ପକ୍ଷରୁ ଅଯୋଦ୍ଧା, ଜମ୍ମୁକଶ୍ମୀର ଓ ଏକ୍ରା ନଗରଠାରେ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ସହ ସହଭାଗିତାରେ ସମାନ ହୋମ୍ଷ୍ଟେ କାର୍ଯ୍ୟକ୍ରମଗୁଡିକୁ ସଫଳତାର ସହ ଶୁଭାରମ୍ଭ କରାଯାଇଛି।

# ଅନ୍‌ଲାଇନ୍‌ରେ ଔଷଧ ବିକ୍ରି ନୀତି ନିର୍ଦ୍ଧାରଣ

**ନୂଆଦିଲ୍ଲୀ,୧୭ ।୩(ଏଜେନ୍ସି)**




**ଅଦାଲତଙ୍କୁ ସମୟ ମାଗିଲେ କେନ୍ଦ୍ର ସରକାର**

ଇ-ଫାର୍ମାସୀ ପୋର୍ଟାଲରେ ଅନ୍ ଲାଇନ୍ ଔଷଧ ବିକ୍ରି ନୀତି ନିର୍ଦ୍ଧାରଣ କରିବାକୁ ଦିଲ୍ଲୀ ହାଇକୋର୍ଟ ଆଜି କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟକୁ ଅନ୍ତିମ ସୁଯୋଗ ଭାବେ ୪ମାସ ସମୟ ଦେଇଛନ୍ତି। ବିନା ଲାଇସେନ୍ସରେ ଅନ୍ ଲାଇନରେ ଯେପରି ଔଷଧ ବିକ୍ରି ଚାଲିଛି ତାହା ବେଆଇନ। ଅନ୍‌ଲାଇନ୍‌ରେ ଔଷଧ ବିକ୍ରି ହେଲେ ତାହା ବିଷମ ସମସ୍ୟା ଉତ୍ପନ୍ନ କରିବ, ଲୋକେ ବିନା ପ୍ରେସକ୍ରିପସନରେ ନିଶା ଔଷଧ କିଣିବେ, ନିୟନ୍ତ୍ରଣ ନଥାଇ ଔଷଧ ସେବନ କ୍ରମେ ଅଭ୍ୟାସରେ ପରିଣତ ହୋଇ ଜଟିଳ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେବ। ଆଶଙ୍କା ରହିଛି। ତେଣୁ ଅନ୍‌ଲାଇନ୍ ଔଷଧ ବିକ୍ରିକୁ ଅନୁମତି ଦେଉଥିବା ୨୦୧୮ ଅଗଷ୍ଟ ୨୮ର ଡ୍ରାଫ୍ଟ ନୋଟିଫିକେସନ ଉପରେ ରୋକ୍ ଲଗାଇବା ପ୍ରାର୍ଥନା କରି ଦିଲ୍ଲୀ ହାଇକୋର୍ଟରେ ଅନେକ ଜନ ସ୍ୱାର୍ଥ ଯାଚିକା ବହୁ ପୂର୍ବରୁ ଦାଖଲ କରାଯାଇଛି। ସେଗୁଡ଼ିକର ଏକତ୍ର ବିଚାର କରୁଥିବା କାର୍ଯ୍ୟକାରୀମୁଖ୍ୟ ବିଚାରପତି ମନମୋହନ ଓ ବିଚାରପତି ପିଏସ୍ ଆରୋରାଙ୍କ ଖଣ୍ଡପୀଠ ଆଜି କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟର ଓକିଲଙ୍କୁ କହିଛନ୍ତି, '୨୦୧୮ରେ ଅନ୍ ଲାଇନ୍ ଔଷଧ ବିକ୍ରି ନୀତିର ଚିଠା ପ୍ରସ୍ତୁତ କରାଯାଇଥିଲା। ଏ ଭିତରେ ୫ବର୍ଷ ବିତିଲାଣି, ଅଥଚ କେନ୍ଦ୍ର ସରକାର ଅନ୍ ଲାଇନ୍ ଔଷଧ ବିକ୍ରି ସମ୍ପର୍କରେ ଚୂଡ଼ାନ୍ତ ନୀତି ନିର୍ଦ୍ଧାରଣ କଲେନାହିଁ। କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଏଥିପାଇଁ ଅଧିକ ସମୟ ମାଗୁଛି।

ଅନ୍ତିମ ସୁଯୋଗ ଭାବେ ଆମେ ୪ମାସ ସମୟ ଦେଉଛୁ। ଏହି ସମୟ ସୀମା ମଧ୍ୟରେ ଅନ୍ ଲାଇନ୍ ଔଷଧ ବିକ୍ରି ସମ୍ପର୍କରେ ଚୂଡ଼ାନ୍ତ ନୀତି ନିର୍ଦ୍ଧାରଣ କରାନଗଲେ ଆମେ ଅନ୍ୟ ବିକଳ୍ପ ନପାଇ ମାମଲାର ବିଚାର କରି ନ୍ୟାୟୋଚିତ ନିଷ୍ପତ୍ତି ନେବୁ।' ମାମଲାର ପରବର୍ତ୍ତୀ ଶୁଣାଣି ଜୁଲାଇ ୮ ତାରିଖରେ ହେବା ପାଇଁ ଦିନ ଧାର୍ଯ୍ୟ ହୋଇଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଦର୍ଶାଉଛି, ଅନ୍ ଲାଇନ୍ ଔଷଧ(ଡ୍ରଗସ୍) ବିକ୍ରିର ଚୂଡ଼ାନ୍ତ ନୀତି ନିର୍ଦ୍ଧାରଣ କରିବାକୁ ହେଲେ ଡ୍ରଗସ୍ ଆଣ୍ଡ କସମେଟିକ୍ସ ଆଇନ, ଫାର୍ମାସୀ ଆଇନ, ଫାର୍ମାସୀ ପ୍ରାକ୍ଟିସ୍ ରେଗୁଲେସନ୍ସ, ଭାରତୀୟ ଡାକ୍ତରୀ ଆଇନ, ନୈତିକତା ନିୟନ୍ତ୍ରଣ ସଂହିତା ଓ ଡ୍ରଗଦ୍ ଆଣ୍ଡ ମେଜିକ୍ ରେମେଡିଜ୍ ଆଇନରେ ସଂଶୋଧନ କରକାର ହେଉଛି। ଏହା ଅତ୍ୟନ୍ତ ସମୟସାପେକ୍ଷ ବ୍ୟାପାର ଓ ଟିକିଏ ବି ଭୁଲ ହେଲେ ପରିଣାମ ସାଂଘାତିକ ହେବା ସମ୍ଭାବନା ରହୁଥିବାରୁ ନୀତି ନିର୍ଦ୍ଧାରଣ ବିଳମ୍ବିତ ହୋଇଛି। ଅନ୍ୟପକ୍ଷରେ ଇ-ଫାର୍ମାସୀମାନେ ଦିଲ୍ଲୀ ହାଇକୋର୍ଟଙ୍କୁ କହିଛନ୍ତି, ସେମାନେ ଔଷଧ ବିକ୍ରି କରୁନାହାନ୍ତି। ସ୍ୱିମି, ଜମାଟୋ ଯେପରି ଖାଦ୍ୟ ଡେଲିଭେରୀ ଦେଇଥାନ୍ତି ସେପରି ଇ-ଫାର୍ମାସୀମାନେ କେବଳ ଔଷଧ ଡେଲିଭେରୀ ଦେଉଛନ୍ତି ତେଣୁ ଲାଇସେନ୍ସ ଦରକାର ହେଉନାହିଁ କି ଏଥିରେ ବେଆଇନ କିଛି ନାହିଁ।

## ଡିଏସ୍‌ପିର ଏସ୍‌ଆଣ୍ଡପି ବିଏସ୍‌ଇ ଲିକ୍ୱିଡ୍ ରେଟ୍ ଇଟିଏଫ୍

**ଭୁବନେଶ୍ୱର,୧୭।୩(ସମିସ):** ଡିଏସ୍‌ପି ମ୍ୟୁଚୁଆଲ ଫଣ୍ଡ ଏସ୍‌ଆଣ୍ଡପି ବିଏସ୍‌ଇ ଲିକ୍ୱିଡ ରେଟ୍ ଇଣ୍ଡେକ୍ସକୁ ନକଲ / ପିଛା କରୁଥିବା ଏକ ଓପନ୍ ଏଣ୍ଡେଡ୍ ଫଣ୍ଡ ଡିଏସ୍‌ପି ଏସ୍‌ଆଣ୍ଡପି ବିଏସ୍‌ଇ ଲିକ୍ୱିଡ ରେଟ୍ ଇଟିଏଫ (ଡିଏସ୍‌ପି ବିଏଲ୍‌ଆରଇଟିଏଫ୍) ପ୍ରଚଳନ ସମ୍ପର୍କରେ ଘୋଷଣା କରିଛି। ଏହି ଫଣ୍ଡ କମ୍ ଆପଦରେ ପର୍ଯ୍ୟାପ୍ତ ଲିକ୍ୱିଡିଟି ସୁବିଧା ଥିବା ନିବେଶକଙ୍କ ପାଇଁ ସହଜ ଅର୍ଥ ପରିଚାଳନା ସୁଯୋଗ ଯୋଗାଇଦେଉଛି। ଯେଉଁ ନିବେଶକଙ୍କ ନିକଟରେ ମାର୍ଜିନ ଆକାଉଣ୍ଟରେ ଅର୍ଥ ସେହିଭଳି ଅଚଳ ଅବସ୍ଥାରେ ପଡିରହିଛି ଏବଂ କୌଣସି ଆୟ ଦେଉନାହିଁ,ସେମାନଙ୍କ ପାଇଁ ଏହି ସ୍କିମ୍ ଉପଯୁକ୍ତ ହେଉଛି ଏବଂ ବରଂ ଡିଏସ୍‌ପି ବିଏଲ୍‌ଆରଇଟିଏଫ୍‌ରେ ଟଙ୍କା ରଖିବା ଦ୍ୱାରା ତାହା ସେମାନଙ୍କୁ ଅତିରିକ୍ତ ରିଟର୍ଣ୍ଣ ଦେଉଛି। ଏହି ସ୍କିମ୍ ଏକ ଦିବସୀୟ ପରିପକ୍ୱ ଅବଧିରେ ରାତିକ ପାଇଁ ଉଦ୍ଦିଷ୍ଟ ଇନ୍‌ଷ୍ଟ୍ରୁମେଣ୍ଟରେ ନିବେଶ କରୁଛି। ଡିଏସ୍‌ପି ଏସ୍‌ଆଣ୍ଡପି ବିଏସ୍‌ଇ ଲିକ୍ୱିଡ ରେଟ୍ ଇଣ୍ଡେକ୍ସର ସାଧାରଣତଃ କମ୍ ଆପଦ ଥିବା ରାତିକ ପାଇଁ ମାର୍କେଟରେ ନିବେଶ କରିବା କାରଣରୁ କମ୍ ଅସ୍ଥିରତା ସମ୍ପନ୍ନ ବିଶେଷତ୍ୱ ରହିଛି। ସେହିଭଳି ପଡିରହିଥିବା ଅଚଳ ଟଙ୍କାକୁ ଭଲଭାବେ ଉପଯୋଗ କରିବା ସହିତ ବ୍ରୋକରଙ୍କ ଆକାଉଣ୍ଟରେ କୌଣସି ରିଟର୍ଣ୍ଣ ଆଣି ଦେଉନଥିବା ଡିଏସ୍‌ପି ବିଏଲ୍‌ଆର ଇଟିଏଫ୍‌କୁ ମଧ୍ୟ ଟ୍ରେଡିଂ (ଏନ୍‌ଏସଇ ଏବଂ ବିଏସ୍‌ଇ ଅନୁମୋଦନ ପରେ) ଅର୍ଥ ତତ୍ତୁଲ୍ୟ ମାର୍ଜିନରେ ବ୍ୟବହାର କରାଯାଇପାରିବ। ସ୍କିମ୍‌ର ଅନ୍ୟୂନ ୯୫% ଏବଂ ସର୍ବାଧିକ ୧୦୦%କୁ ଟ୍ରାଇ-ପାର୍ଟି ଆର୍‌ବିଆଇ ଦ୍ୱାରା ଯୋଗାଇ ଦିଆଯାଉଥିବା ଏବଂ ସେବି ଦ୍ୱାରା ଅନୁମୋଦିତ ଆର୍‌ଇପିଓ, ସରକାରୀ ପ୍ରତିଭୂତିଗୁଡିକରେ ରେପୋ, ରିଭର୍ସ ରେପୋ ଏବଂ ଅନ୍ୟ ସେହିଭଳି ରାତିକ ପାଇଁ ଉଦ୍ଦିଷ୍ଟ କମ୍ ଆପଦ ସମ୍ପନ୍ନ ଇନ୍‌ଷ୍ଟ୍ରୁମେଣ୍ଟରେ ନିବେଶ କରାଯାଇପାରିବ।

DSP ASSET MANAGERS

କଳାହାଣ୍ଡି କପ୍ ଆରମ୍ଭ: ସମ୍ବିତ, ରାଜେଶଙ୍କ ଶତକ

# ବାଲେଶ୍ୱର, ସୁନ୍ଦରଗଡ଼, ଯାଜପୁରର ବଡ଼ ବିଜୟ

**କଟକ,୧୭।୩(ସମିସ)**


ଗୋବିନ୍ଦ ପୋଦ୍ଦାର


ରାଜେଶ ଧୂପର


ସମ୍ବିତ କୁମାର ସାହୁ


ସର୍ବେଶ୍ୱର ମହାନ୍ତି

ବରିଷ୍ଠ ପୁରୁଷ ଆନ୍ତଃ ଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଣ୍ଟ 'କଳାହାଣ୍ଡି କପ'ର ପ୍ରଥମ ପର୍ଯ୍ୟାୟ ରବିବାରଠାରୁ ଆରମ୍ଭ ହୋଇଛି। କଟକର ବିଭିନ୍ନ ଗ୍ରାଉଣ୍ଡରେ ମ୍ୟାଚ୍ ଖେଳାଯାଉଛି। ତେବେ କଟକ-ଏ ଦଳର ରାଜେଶ ଧୂପର ଏବଂ କଟକ-ବି ଦଳର ସମ୍ବିତ କୁମାର ସାହୁ ଶତକୀୟ ପାଳି ସହିତ ଚଳିତ ସଂସ୍କରଣର କଳାହାଣ୍ଡି କପ୍ ଅଭିଯାନ ଆରମ୍ଭ କରିଛନ୍ତି। ପ୍ରଥମ ଦିବସରେ ଅନୁଷ୍ଠିତ ମ୍ୟାଚ୍ ଗୁଡିକରେ ଭୁବନେଶ୍ୱର-ଏ, କଟକ-ବି, ସୁନ୍ଦରଗଡ଼, କଟକ-ଏ, ଯାଜପୁର ଏବଂ ବାଲେଶ୍ୱର ବିଜୟ ହାସଲ କରିଛନ୍ତି।

ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚ୍‌ରେ ଭୁବନେଶ୍ୱର-ଏ ୧୦ ୱିକେଟରେ ପୂର୍ବତଟ ରେଳବାଇକୁ ପରାସ୍ତ କରିଛି। ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ରେଳବାଇ ସମସ୍ତ ୱିକେଟ ହରାଇ ୧୬୧ ରନ କରିଥିଲା। ଅଙ୍କିତ ଯାଦବ ୫୦ ଏବଂ ସମୀର ମହାନ୍ତି ୪୪ ରନ ସଂଗ୍ରହ କରିଥିଲେ। ଭୁବନେଶ୍ୱର-ଏ'ର ଶୋଭନ ସ୍ୱାଇଁଙ୍କୁ ୫ଟି ୱିକେଟ ମିଳିଥିଲା। ଜବାବରେ ଦୁଇ ଓପନର ରଘୁନାଥ ମଲ୍ଲ(୯୨ରନ) ଏବଂ ଶାନ୍ତନୁ ମିଶ୍ର(୫୮ରନ) ଅପରାଜିତ ରହି ଦଳକୁ ଜିତାଇଥିଲେ। ରେଭେନ୍ସା ଗ୍ରାଉଣ୍ଡ-୧ରେ ଅନୁଷ୍ଠିତ ମ୍ୟାଚ୍‌ରେ କଟକ-ବି ୭ ୱିକେଟରେ ଖୋର୍ଦ୍ଧାକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ଖୋର୍ଦ୍ଧା ଜ୍ୟୋତି ରଞ୍ଜନ ବେହେରାଙ୍କ ୬୦ ରନ ସହଯୋଗରେ ୮ ୱିକେଟ ହରାଇ ୨୪୭ ରନ କରିଥିଲା। କଟକ-ବି'ର ସମ୍ବିତ କୁମାର ସାହୁ ଅପରାଜିତ ୧୧୩ ରନର ଶତକୀୟ ପାଳି ଖେଳି ଦଳକୁ ୭ ୱିକେଟ୍‌ରେ ଜିତାଇଥିଲେ।

ସନସାଇନ ଗ୍ରାଉଣ୍ଡରେ ଖେଳାଯାଇଥିବା ଝାରସୁଗୁଡା ବିପକ୍ଷ ମ୍ୟାଚକୁ କଟକ-ଏ ୮ ୱିକେଟରେ ଜିତିଥିଲା। ଝାରସୁଗୁଡା ୧୮୭ ରନରେ ଅଲଆଉଟ ହୋଇଥିଲା। ରାଜେଶ ଧୂପର ୧୧୪ ରନର ଶତକୀୟ ଇନିଂସ ଖେଳି କଟକ-ଏ'କୁ ବିଜୟ ପ୍ରଦାନ କରିଛନ୍ତି। ସେହିପରି ପ୍ରଥମ ଦିବସରେ ଖେଳାଯାଇଥିବା ଅନ୍ୟମ୍ୟାଚ ଗୁଡିକରେ ସୁନ୍ଦରଗଡ ୮୬ରନରେ ସମ୍ବଲପୁର-ଏକୁ, ଯାଜପୁର ୧୦ ୱିକେଟରେ ଢେଙ୍କାନାଳକୁ ଏବଂ ବାଲେଶ୍ୱର ୪୨ରନରେ ରାଉରକେଲାକୁ ପରାସ୍ତ କରିଛି। ସୁନ୍ଦରଗଡ଼ର ଗୋବିନ୍ଦ ପୋଦ୍ଦାର (୭୫ ରନ ଓ ଗୋଟିଏ ୱିକେଟ୍), ବାଲେଶ୍ୱରର ସର୍ବେଶ୍ୱର ମହାନ୍ତି (୫ ୱିକେଟ୍ ଓ ୧୭ ରନ) ଓ ଯାଜପୁରର ପପୁ ରାୟ (୪ ୱିକେଟ୍) ଉଲ୍ଲେଖନୀୟ ପ୍ରଦର୍ଶନ କରିଥିଲେ।

ରାଜ୍ୟ ବିଦ୍ୟାଳୟ ଓପନ୍ ଚେସ୍

# ଅଞ୍ଜଳି ବିଜେତା, ଆଦିତ୍ୟ ଉପ-ବିଜେତା

**ଭୁବନେଶ୍ୱର,୧୭ ।୩(ସମିସ)**



କେସୁରାସ୍ଥିତ ରୟାଲ ପବ୍ଲିକ୍ ସ୍କୁଲ୍‌ରେ ଓଡ଼ିଶା ଚେସ୍ ଆସୋସିଏସନ ଆନୁକୂଲ୍ୟରେ ଅନୁଷ୍ଠିତ ପ୍ରଥମ ଲକ୍ଷ୍ମୀପ୍ରିୟା ମହାନ୍ତି ସ୍ମାରକୀ ରାଜ୍ୟ ବିଦ୍ୟାଳୟ ଓପନ୍ ଚେସ୍ ପ୍ରତିଯୋଗିତାରେ ସ୍ଥାନୀୟ ବ୍ରହ୍ମେଶ୍ୱର ଉଚ୍ଚବିଦ୍ୟାଳୟର ଅଞ୍ଜଳି ମିଶ୍ର ଟାଇଟଲ ଜିତିଛନ୍ତି। ସର୍ବାଧିକ ୫ ପଏଣ୍ଟ ହାସଲ କରି ସେ ଟାଇଟଲ ଜିତିଛନ୍ତି। ସ୍ଥାନୀୟ କଳିଙ୍ଗ ନଗର ସ୍ଥିତ ଡିଏଭି ପବ୍ଲିକ ସ୍କୁଲର ଆଦିତ୍ୟ ଜେନା ୪ ପଏଣ୍ଟ ହାସଲ କରି ଉପ- ବିଜେତା ହୋଇଛନ୍ତି। ସେହିପରି ସମାନ ୪ ଲେଖାଏ ପଏଣ୍ଟ ଜିତିଥିଲେ ମଧ କେଦାରଗୌର ସେଣ୍ଟ ଜାଭିୟର ସ୍କୁଲର ନମସ୍ୟା ନଳିନୀ ତୃତୀୟ, ଡିଏଭିର ସିଦ୍ଧାର୍ଥ ମଲିକ ଚତୁର୍ଥ, ମଦର୍ସ ପବ୍ଲିକ ସ୍କୁଲର ଅଂଶୁମାନ ପତି ୫ମ, ଷ୍ଟୁଆର୍ଟ ସ୍କୁଲର ରୁଦ୍ର ପ୍ରତାପ ମିଶ୍ର ୬ଷ୍ଠ ସ୍ଥାନରେ ରହିଥିଲେ। ସେହିପରି ବିଭିନ୍ନ ବୟସ ବର୍ଗ ଯଥା ୮, ୧୦, ୧୨, ୧୪ ବର୍ଷରୁ କମ୍ ଓ ବାଳିକା ପ୍ରତିଯୋଗିତାର ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ମଧ ପୁରସ୍କୃତ କରାଯାଇଥିଲା। ସେହିପରି ୭ଜଣ ଖେଳାଳିଙ୍କୁ ସ୍ୱତନ୍ତ୍ର ଭାବେ ପୁରସ୍କୃତ କରାଯାଇଥିଲା।

ରୟାଲ ପବ୍ଲିକ ସ୍କୁଲର ଅଧ୍ୟକ୍ଷ ସର୍ବେଶ୍ୱର ସାମଲ ଏହି ଚେସ୍ ଚାମ୍ପିଅନସିପ୍‌ର ଉଦ୍‌ଘାଟନ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ରାଜ୍ୟ ଗୋଇନ୍ଦା ବିଭାଗ ଅଧିକାରୀ ପ୍ରିୟଦର୍ଶିନୀ ନାୟକ, ଓଡ଼ିଶା ଚେସ୍ ଆସୋସିଏସନ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ, ସ୍ୱର୍ଗତା ଲକ୍ଷ୍ମୀପ୍ରିୟା ମହାନ୍ତିଙ୍କ ଜ୍ୟେଷ୍ଠ ପୁତ୍ର ଆଦିତ୍ୟ କୁମାର ମହାନ୍ତି ଓ ନାତୁଣୀ ସୌମ୍ୟା ମହାନ୍ତି ଉପସ୍ଥିତ ରହି କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।

# ଆର୍‌ବିଆଇ ତରଫରୁ ୱାକାଥନ୍

**ଭୁବନେଶ୍ୱର,୧୭ ।୩(ସମିସ):** ଜନ ସାଧାରଣଙ୍କ ମଧ୍ୟରେ ଆର୍ଥିକ ସାକ୍ଷରତା ଓ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ ଭୁବନେଶ୍ୱର ରିଜର୍ଭ ବ୍ୟାଙ୍କ (ଆରବିଆଇ) ତରଫରୁ ରବିବାର ଏକ 'ୱାକାଥନ୍'ର ଆୟୋଜନ ହୋଇଥିଲା। ଓଡ଼ିଶାର ସବୁ ୩୦ଟି ଜିଲ୍ଲାରେ ଗତ ଡିସେମ୍ବର ମାସରୁ ଆରମ୍ଭ ହୋଇଥିବା ୱାକାଥନ ଶୃଙ୍ଖଳାର ଏହା ଶେଷ ସଂସ୍କରଣ ଥିଲା। ଆରବିଆଇ କ୍ଷେତ୍ରୀୟ ନିର୍ଦ୍ଦେଶକ ସାରାଦା ପ୍ରସନ୍ନ ମହାନ୍ତି ପତାକା ଦେଖାଇ ଏହାର ଉଦ୍‌ଘାଟନ କରିଥିଲେ। ଏଥିରେ ଆରବିଆଇ ଓ ଅନ୍ୟ ସମସ୍ତ ବ୍ୟାଙ୍କର ବରିଷ୍ଠ ଅଧିକାରୀ ସମେତ ଛାତ୍ର, ଛାତ୍ରୀ, ସ୍ୱୟଂ ସହାୟକ ଗୋଷ୍ଠୀ, ଉଦ୍ୟୋଗୀ, କୃଷକ, ବରିଷ୍ଠ ନାଗରିକ ଅଂଶଗ୍ରହଣ କରିଥିଲେ। ମୋଟ୍ ଉପରେ ୩୦୦ରୁ ଊର୍ଦ୍ଧ୍ୱ ଏହି ୱାକାଥନରେ ଭାଗ ନେଇଥିଲେ। ଉଲ୍ଲେଖଥାଉ କି, ସମାଜମଙ୍ଗଳ ତଥା ସଚେତନା ପାଇଁ ଆୟୋଜନ ହେଉଥିବା ଲମ୍ବା ଡିଷ୍ଟାନ ଚାଲିକୁ ୱାକାଥନ କୁହାଯାଇଥାଏ।

# ଆକ୍ବିବ ଜାଭେଦ ଶ୍ରୀଲଙ୍କା ଦ୍ରୁତ ବୋଲିଂ ପ୍ରଶିକ୍ଷକ



**କଲମ୍ବୋ,୧୭ ।୩(ଏଜେନ୍ସି):** ପାକିସ୍ତାନ ପୂର୍ବତନ ଦ୍ରୁତ ବୋଲର ଆକ୍ବିବ ଜାଭେଦ ଶ୍ରୀଲଙ୍କା କ୍ରିକେଟ ଦଳର ଦ୍ରୁତ ବୋଲିଂ ପ୍ରଶିକ୍ଷକ ନିଯୁକ୍ତ ହୋଇଛନ୍ତି। ଜୁନ୍‌ରେ ଆମେରିକା ଓ ୱେଷ୍ଟଇଣ୍ଡିଜ୍‌ରେ ଟି-୨୦ ବିଶ୍ୱକପ୍ ଆୟୋଜନ ହେବା ପୂର୍ବରୁ ଶନିବାର ଶ୍ରୀଲଙ୍କା କ୍ରିକେଟ ବୋର୍ଡ (ଏସ୍‌ଏଲ୍‌ସି) ଏହି ନିଷ୍ପତ୍ତି ନେଇଛି। ଜାଭେଦ ପାକିସ୍ତାନ ପାଇଁ ୨୨ ଟେଷ୍ଟ ଓ ୧୬୩ଟି ଦିନିକିଆ ମ୍ୟାଚ୍ ଖେଳିଥିଲେ। ୧୯୯୨ରେ ପାକିସ୍ତାନ ଦିନିକିଆ ବିଶ୍ୱକପ୍ ଜିତିଥିଲା ଓ ଜାଭେଦ ଏହି ବିଶ୍ୱ ବିଜୟୀ ଦଳର ସଦସ୍ୟ ଥିଲେ। ଜାଭେଦଙ୍କ ତତ୍ତ୍ୱାବଧାନରେ ଶ୍ରୀଲଙ୍କା ଦ୍ରୁତ ବୋଲିଂ ଆହୁରି ଶକ୍ତିଶାଳୀ ହେବ ବୋଲି ଏସ୍‌ଏଲ୍‌ସି ତରଫରୁ କୁହାଯାଇଛି। ଜାଭେଦ ପୂର୍ବରୁ ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ) ଓ ପାକିସ୍ତାନ ପାଇଁ କାର୍ଯ୍ୟ କରିଛନ୍ତି। ୨୦୦୯ରେ ଇଂଲଣ୍ଡରେ ଅନୁଷ୍ଠିତ ଟି-୨୦ ବିଶ୍ୱକପ୍‌ରେ ପାକିସ୍ତାନ ଚାମ୍ପିଅନ ହୋଇଥିଲା ।

ଖେଲୋ ଇଣ୍ଡିଆ ମହିଳା ଭାରୋତ୍ତୋଳନ ଲିଗ୍

# ଝିଲ୍ଲୀ, ମୀନାଙ୍କୁ ସ୍ୱର୍ଣ୍ଣିମ ସଫଳତା


ଝିଲ୍ଲୀ ଦଳବେହେରା


ମୀନା ସାନ୍ତା


ସ୍ନେହା ସୋରେନ


ସନ୍ଧ୍ୟାରାଣୀ ନାୟକ

**ଭୁବନେଶ୍ୱର, ୧୭ ।୩ (ସମିସ)**

ହିମାଚଳ ପ୍ରଦେଶର କାଙ୍ଗ୍ରା ଜିଲ୍ଲାରେ ଚାଲିଥିବା ଖେଲୋ ଇଣ୍ଡିଆ ମହିଳା ଭାରୋତ୍ତୋଳନ ଲିଗ୍‌ରେ ଓଡ଼ିଆ ପ୍ରତିଯୋଗୀଙ୍କୁ ରବିବାର ୪ଟି ପଦକ ସଫଳତା ମିଳିଛି। ଯେଉଁଥିରେ ୨ଟି ସ୍ୱର୍ଣ୍ଣ ଏବଂ ଗୋଟିଏ ଲେଖାଏ ରୌପ୍ୟ ଓ କାଂସ୍ୟ ପଦକ ରହିଛି। ପ୍ରତିଯୋଗିତାର ୨ୟ ଦିବସରେ ରବିବାର ଓଡ଼ିଶାର ବରିଷ୍ଠ ଭାରୋତ୍ତୋଳନକାରୀ ଝିଲ୍ଲୀ ଦଳବେହେରା ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ। ସେ ୪୯ କିଗ୍ରା ବିଭାଗରେ ଏହି ସଫଳତା ପାଇଛନ୍ତି। ଏହି ଓଜନବର୍ଗରେ ସନ୍ଧ୍ୟାରାଣୀ ନାୟକ କାଂସ୍ୟ ପଦକ ହାସଲ କରିଛନ୍ତି। ସେହିଭଳି ୫୫ କିଗ୍ରା ବିଭାଗରେ ମୀନା ସାନ୍ତା ପୋଡିୟମର ପ୍ରଥମ ସ୍ଥାନରେ ରହି ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ରାଜ୍ୟର ଅନ୍ୟତମ ଅଭିଜ୍ଞ ଭାରୋତ୍ତୋଳନକାରୀ ସ୍ନେହା ସୋରେନଙ୍କୁ ରୌପ୍ୟ ପଦକରେ ସନ୍ତୁଷ୍ଟ ରହିବାକୁ ପଡ଼ିଛି।

ଇଣ୍ଡିଆନ୍ ୱେଲ୍ସ ଟେନିସ୍

# ଆଲକାରାଜ-ମେଦଭେଦେଭ ଫାଇନାଲ



**ଇଣ୍ଡିଆନ ୱେଲ୍ସ, ୧୭ ।୩ (ଏଜେନ୍ସି):** ଏଠାରେ ଚାଲିଥିବା ଇଣ୍ଡିଆନ୍ ୱେଲ୍ସ ଟେନିସ ଟୁର୍ଣ୍ଣାମେଣ୍ଟର ପୁରୁଷ ଏକକ ଫାଇନାଲ ମୁକାବିଲା ସ୍ପଷ୍ଟ ହୋଇଛି। ଟାଇଟଲ ପାଇଁ ଫାଇନାଲରେ ଦ୍ୱିତୀୟ ସିଡ୍ ଖେଳାଳି ସ୍ପେନ୍‌ର କାର୍ଲୋସ ଆଲକାରାଜ ଓ ଚତୁର୍ଥ ସିଡ୍ ରୁଷିଆର ଡାନିଲ ମେଦଭେଦେଭ ପରସ୍ପରକୁ ଭେଟିବେ। ବର୍ଷା ବଧାପ୍ରାପ୍ତ ସେମିଫାଇନାଲରେ ଆଲକାରାଜ ୧-୬, ୬-୩, ୬-୨ ସେଟ୍‌ରେ ତୃତୀୟ ସିଡ୍ ଇଟାଲୀର ଜାନିକ ସିନରଙ୍କୁ ହରାଇ ଫାଇନାଲ ଟିକଟ ହାସଲ କରିଛନ୍ତି। ବିଜୟୀ ହେବାକୁ ତାଙ୍କୁ ପାଖାପାଖି ୩ ଘଣ୍ଟା ସମୟ ଲାଗିଥିଲା। ଏଥିସହ କ୍ରମାଗତ ୧୯ଟି ମ୍ୟାଚ୍ ଜିତିବା ପରେ ସିନର ପରାଜୟ ବରଣ କରିଛନ୍ତି। ସେହିପରି ଅନ୍ୟଏକ ସେମିରେ ମେଦଭେଦେଭ ୧-୬, ୭-୬, ୬-୨ ସେଟ୍‌ରେ ୧୭ତମ ସିଡ୍ ଖେଳାଳି ଆମେରିକାର ଟିମୋ ପଲଙ୍କୁ ହରାଇ ଫାଇନାଲକୁ ଉଠିଛନ୍ତି। ମହିଳା ଏକକ ଫାଇନାଲରେ ଶ୍ରେଷ୍ଠ ସିଡ୍ ପୋଲାଣ୍ଡର ଇଗା ସ୍ୱିଆଟେକ ଓ ଗ୍ରୀସ୍‌ର ମାରିଆ ସାକାରି ପରସ୍ପରକୁ ଭେଟିବେ।

## ସିଏ- ମେର୍ଟେନ୍ସ ମହିଳା ଯୁଗଳ ଚାମ୍ପିଅନ

ଇଣ୍ଡିଆନ୍ ୱେଲ୍ସ ମହିଳା ଯୁଗଳ ପ୍ରତିଯୋଗତିତାରେ ତାଇୱାନର ସିଏ ସୁ- ୱେଇ ଓ ବେଲଜିୟମର ଏଲିସ ମେର୍ଟେନ୍ସ ଟାଇଟଲ ଜିତିଛନ୍ତି। ଫାଇନାଲ ମ୍ୟାଚରେ ଶ୍ରେଷ୍ଠ ସିଡ୍ ମାନ୍ୟତା ପାଇଥିବା ଏହି ଯୋଡି ୬-୩, ୬-୪ ସିଧାସଳଖ ସେଟ୍‌ରେ ତୃତୀୟ ସିଡ୍ ଯୋଡି ଅଷ୍ଟ୍ରେଲିଆର ଷ୍ଟର୍ମ ହଣ୍ଟର ଓ ଚେକ୍ ଗଣରାଜ୍ୟର କାଟେରିନା ସିନିଆକୋଭାଙ୍କୁ ପରାସ୍ତ କରି ଚାମ୍ପିଅନ ହୋଇଛନ୍ତି। ପୂର୍ବରୁ ସେମିଫାଇନାଲରେ ସିଏ ଓ ମେର୍ଟେନ୍ସ ୬-୨, ୭-୬ ସେଟ୍‌ରେ ଚତୁର୍ଥ ସିଡ୍ ଯୋଡି ଅଷ୍ଟ୍ରେଲିଆର ଏଲେନ ପେରେଜ ଓ ଆମେରିକାର ନିକୋଲ ମେଲିଚାର-ମାର୍ଟିନେଜଙ୍କୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲେ।

# ୧୬ ବର୍ଷର ରେକର୍ଡ ଭାଙ୍ଗିଲେ ଗୁଲ୍‌ବୀର



**କାଲିଫୋର୍ଣ୍ଣିଆ, ୧୭ ।୩ (ଏଜେନ୍ସି):** ଭାରତୀୟ ଧାବକ ଗୁଲ୍‌ବୀର ସିଂହ ୧୦ ହଜାର ମିଟର ରେସରେ ନୂତନ ଜାତୀୟ ରେକର୍ଡ ପ୍ରତିଷ୍ଠା କରିଛନ୍ତି। ଆମେରିକାର କାଲିଫୋର୍ଣ୍ଣିଆରେ ରବିବାର ଅନୁଷ୍ଠିତ ଆଥ୍‌ଲେଟିକ ମିଟ୍‌ରେ ପୁରୁଷ ୧୦ ହଜାର ମିଟର ରେସକୁ ଗୁଲବୀର ୨୭ ମିନିଟ୍ ୪୧.୮୧ ସେକେଣ୍ଡରେ ଶେଷ କରି ୨ୟ ସ୍ଥାନରେ ରହିବା ସହ ରୌପ୍ୟ ପଦକ ଜିତିଛନ୍ତି। ଘରୋଇ ଧାବକ ଡ୍ରିଉ ହଣ୍ଟର (୨୭ ମିନିଟ୍ ୩୮.୮୭ ସେକେଣ୍ଡ) ଏହି ରେସରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଏଥିସହ ଗୁଲ୍‌ବୀର ୧୦ ହଜାର ମିଟର ରେସରେ ୧୬ ବର୍ଷ ତଳର ରେକର୍ଡକୁ ଭାଙ୍ଗିଛନ୍ତି। ୨୦୦୮ରେ ସୁରେନ୍ଦ୍ର ସିଂହ ୨୮ ମିନିଟ୍ ୦୨.୮୯ ସେକେଣ୍ଡରେ ଏହି ଦୂରତାକୁ ଫିନିଶ କରି ଜାତୀୟ ରେକର୍ଡର ଅଧିକାରୀ ରହିଥିଲେ। ନୂତନ ରେକର୍ଡ ପ୍ରତିଷ୍ଠା କରିଥିଲେ ମଧ ଗୁଲ୍‌ବୀର ଆଗାମୀ ପ୍ୟାରିସ୍ ଅଲମ୍ପିକ୍‌କୁ ଯୋଗ୍ୟତା ଲାଗି ରହିଥିବା ମାର୍କ(୨୭ ମିନିଟ୍) ହାସଲ କରିବାରେ ବିଫଳ ହୋଇଛନ୍ତି।

# ଅବସର ନେବେ ମାଥ୍ୟୁ ୱେଡ୍



**ସିଡନୀ, ୧୭।୩(ଏଜେନ୍ସି):** ଅଷ୍ଟ୍ରେଲିଆ ଟି-୨୦ କ୍ରିକେଟ ଦଳର ପୂର୍ବତନ ଅଧିନାୟକ ମାଥ୍ୟୁ ୱେଡ୍ ଚଳିତ ଶେଫିଲ୍ଡ ସିଲ୍ଡ ଫାଇନାଲ ପରେ ପ୍ରଥମଶ୍ରେଣୀ କ୍ରିକେଟରୁ ଅବସର ଗ୍ରହଣ କରିବେ। କିନ୍ତୁ ସେ ସୀମିତ ଓଭର କ୍ରିକେଟ ପ୍ରତିଯୋଗିତାରେ ଖେଳିବା ବଜାୟ ରଖିବେ ବୋଲି ଶୁକ୍ରବାର ଘୋଷଣା କରିଛନ୍ତି ଏହି ୩୬ ବର୍ଷୀୟ ୱିକେଟକିପର। ୱେଷ୍ଟର୍ଣ୍ଣ ଅଷ୍ଟ୍ରେଲିଆ ସହ ମାର୍ଚ୍ଚ ୨୧ରୁ ଖେଳାଯିବାକୁ ଥିବା ଶେଫିଲ୍ଡ ସିଲ୍ଡ ଫାଇନାଲ ତାଙ୍କର ଶେଷ ପ୍ରଥମଶ୍ରେଣୀ କ୍ରିକେଟ ମ୍ୟାଚ୍ ହେବ। ଏହି ମ୍ୟାଚ୍‌ରେ ସେ ଟାସ୍‌ମାନିଆ ଦଳର ନେତୃତ୍ୱ ନେବେ। ଏବେ ଫ୍ରାଞ୍ଚାଇଜ୍‌ଭିତ୍ତିକ ଟି-୨୦ କ୍ରିକେଟ ଲୋକପ୍ରିୟ ହୋଇଥିଲାବେଳେ ଏହି ଫର୍ମାଟରେ ଖେଳ ଜାରି ରଖିବେ ବୋଲି କହିଛନ୍ତି। ଅଷ୍ଟ୍ରେଲିଆ ପକ୍ଷରୁ ୱେଡ ୩୬ଟି ଟେଷ୍ଟ ଖେଳି ୨୯.୯୭ ହାରରେ ୧୬୧୩ ରନ୍ ସଂଗ୍ରହ କରିଛନ୍ତି। ଶେଷଥର ଲାଗି ୨୦୨୧ ବ୍ରିସ୍‌ବେନ୍‌ରେ ଅନୁଷ୍ଠିତ ଭାରତ ବିପକ୍ଷ ଟେଷ୍ଟରେ ସେ ଶେଷଥର ଅଷ୍ଟ୍ରେଲିଆ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ। ଏହା ପରେ ତାଙ୍କ ସ୍ଥାନ ଆଲେକ୍ସ କ୍ୟାରୀଙ୍କୁ ମିଳିଥିଲା। କିନ୍ତୁ ନିକଟରେ ଟି-୨୦ କ୍ରିକେଟରେ ଜଣେ ଫିନିସର ଭାବେ ସେ ନିଜକୁ ପ୍ରତିଷ୍ଠିତ କରାଇପାରିଛନ୍ତି। ୨୦୨୧ ଟି-୨୦ ବିଶ୍ୱକପ୍‌ରେ ତାଙ୍କ ଭୂମିକା ବେଶ ଗୁରୁତ୍ୱପୂର୍ଣ୍ଣ ରହିଥିଲା। ପାକିସ୍ତାନ ବିପକ୍ଷ ସେମିଫାଇନାଲରେ ସେ ୧୭ଟି ବଲ୍‌ରୁ ୪୧ ରନ୍ କରି ଶ୍ରେଷ୍ଠ ସଫଳତା ପାଇଥିଲେ।

# ଶୀର୍ଷକୁ ଫେରିଲା ଓଡ଼ିଶା ଏଫ୍‌ସି




**ଭୁବନେଶ୍ୱର, ୧୭ ।୩ (ସମିସ):** ଚଳିତ ଇଣ୍ଡିଆନ ଓମେନ୍ସ ଲିଗ୍ (ଆଇଡବ୍ଲ୍ୟୁଏଲ୍) ଫୁଟ୍‌ବଲ ପ୍ରତିଯୋଗିତାରେ ଓଡ଼ିଶା ଫୁଟ୍‌ବଲ କ୍ଲବ (ଓଏଫ୍‌ସି) ପଏଣ୍ଟ ସାରଣୀ ଶୀର୍ଷକୁ ପ୍ରତ୍ୟାବର୍ତ୍ତନ କରିଛି। ରବିବାର ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଖେଳାଯାଇଥିବା ଏକ ମ୍ୟାଚରେ ଓଡ଼ିଶା ଏଫ୍‌ସି ୨-୦ ଗୋଲରେ ଇଷ୍ଟବେଙ୍ଗଲ ଏଫ୍‌ସିକୁ ପରାସ୍ତ କରିଥିଲା। ଏଥିସହ ୧୧ତମ ମ୍ୟାଚରୁ ୯ମ ବିଜୟ ସହ ଓଡ଼ିଶା ଏଫ୍‌ସି ୨୮ ପଏଣ୍ଟ ପାଇ ଟେବଲ୍ ଶୀର୍ଷକୁ ଫେରିଛି। ଅପରପକ୍ଷରେ ଇଷ୍ଟବେଙ୍ଗଲ ୧୧ତମ ମ୍ୟାଚରୁ ୯ମ ପରାଜୟ ସହ ମାତ୍ର ୪ ପଏଣ୍ଟ ପାଇ ୬ଷ୍ଠ ସ୍ଥାନରେ ରହିଛି। ଓଡ଼ିଶା ଏଫସି ଏହାର ଶେଷ ମ୍ୟାଚରେ ମାର୍ଚ୍ଚ ୨୪ରେ କିକ୍ ଷ୍ଟାର୍ଟ ଏଫ୍‌ସିକୁ ଭେଟିବ। ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ରବିବାର ଅପରାହ୍ଣରେ ଘରୋଇ ଓଡ଼ିଶା ଏଫ୍‌ସି ଓ ଇଷ୍ଟବେଙ୍ଗଲ ଏଫ୍‌ସି ମଧ୍ୟରେ ଖେଳାଯାଇଥିବା ଏହି ମ୍ୟାଚ୍ ଆରମ୍ଭରୁ ବେଶ୍ ସଂଘର୍ଷପୂର୍ଣ୍ଣ ରହିଥିଲା। ଉଭୟ ଦଳ କେତୋଟି ଗୋଲ ସୁଯୋଗ ସୃଷ୍ଟି କରିଥିଲେ ମଧ ଏଥିରେ ସଫଳ ହୋଇ ନ ଥିଲେ। ଫଳରେ ପ୍ରଥମାର୍ଦ୍ଧ ଗୋଲଶୂନ୍ୟ ରହିଥିଲା। ଏହାପରେ ଦ୍ୱିତୀୟାର୍ଦ୍ଧରେ ଘରୋଇ ଓଡ଼ିଶା ଏଫ୍‌ସି କିନ୍ତୁ ୨ଟି ଗୋଲ୍ ଦେବାରେ ସକ୍ଷମ ହୋଇଥିଲା। ବଦଳ ଖେଳାଳି ଭାବେ ପ୍ରବେଶ କରିଥିବା ଇନ୍ଦୁମତୀ କାଥିରେସାନ ୭୦ତମ ମିନିଟ୍‌ରେ ଘରୋଇ ଦଳ ପାଇଁ ପ୍ରଥମ ଗୋଲ୍ ଦେଇଥିଲେ। ଏହାପରେ ଦ୍ୱିତୀୟାର୍ଦ୍ଧର ଇଞ୍ଜୁରୀ ଟାଇମ୍ (୯୦+୧)ରେ ୱିଙ୍ଗ୍ ଥେଇଙ୍ଗ ତୁନ ଓଡ଼ିଶା ପାଇଁ ଦ୍ୱିତୀୟ ଗୋଲ୍ ଦେଇ ଦଳକୁ ୨-୦ରେ ସହଜରେ ଜିତାଇଥିଲେ।

ଜାତୀୟ ବରିଷ୍ଠ ମହିଳା ହକି

# ଓଡ଼ିଶା-ହରିୟାଣା କ୍ୱାର୍ଟର ଲଢ଼େଇ

**ଭୁବନେଶ୍ୱର, ୧୭ ।୩ (ସମିସ)**



ପୁଣେରେ ଚାଲିଥିବା ଜାତୀୟ ବରିଷ୍ଠ ମହିଳା ହକିର ୧୪ତମ ସଂସ୍କରଣରେ ଓଡ଼ିଶା କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ରବିବାର ଓଡ଼ିଶା ଏହାର ଅନ୍ତିମ ତଥା ୨ୟ ପୁଲ୍ ମ୍ୟାଚରେ ୬-୧ ଗୋଲରେ ଚଣ୍ଡିଗଡ଼କୁ ପରାସ୍ତ କରିଛି। ପୂର୍ବରୁ ପ୍ରଥମ ମ୍ୟାଚରେ ଓଡ଼ିଶା ମହିଳା ଦଳ ୯-୧ ଗୋଲରେ ଗୋଆକୁ ପରାସ୍ତ କରିଥିଲା। ଏଥିସହ ୨ ମ୍ୟାଚ୍ ଖେଳି ଓଡ଼ିଶା ୬ ପଏଣ୍ଟ ପାଇ ପୁଲ୍-ଇ ଶୀର୍ଷରେ ରହି କ୍ୱାର୍ଟର ଫାଇନାଲ ଟିକଟ୍ ହାସଲ କରିଛି। ବୁଧବାର ୪ର୍ଥ କ୍ୱାର୍ଟର ଫାଇନାଲରେ ଓଡ଼ିଶା ସହ ହରିୟାଣାର ଲଢ଼େଇ ହେବ। ପୁଲ୍-ଡି'ରେ ସ୍ଥାନ ପାଇଥିବା ହରିୟାଣା ମଧ ୨ ମ୍ୟାଚରୁ ୨ ବିଜୟ ସହ ୬ ପଏଣ୍ଟ ପାଇଛି।

ପୁଣେର ମେଜର ଧ୍ୟାନଚାନ୍ଦ ହକି ଷ୍ଟାଡିୟମରେ ଚଣ୍ଡିଗଡ଼ ବିପକ୍ଷରେ ଖେଳାଯାଇଥିବା ଏହି ମ୍ୟାଚରେ ଓଡ଼ିଶା ପ୍ରାରମ୍ଭରୁ ଅଗ୍ରଣୀ ନେବାରେ ସଫଳ ହୋଇଥିଲା। ମ୍ୟାଚର କେବଳ ୩ୟ କ୍ୱାର୍ଟରକୁ ଛାଡ଼ିଦେଲେ ଅନ୍ୟ ୩ଟି କ୍ୱାର୍ଟରରେ ଓଡ଼ିଶା ୨ଟି ଲେଖାଏ ଗୋଲ୍ ଦେଇଥିଲା। ଖେଳର ୧୦ମ ମିନିଟ୍‌ରେ ଦୀପ୍ତି ଲାକ୍ରା ଓଡ଼ିଶା ପାଇଁ ପ୍ରଥମ ଗୋଲ୍ ଦେଇଥିଲେ। ଏହାପରେ ପ୍ରଥମ କ୍ୱାର୍ଟରର ଶେଷ ମିନିଟ୍‌ରେ ଆଜମିନା କୁଜୁର ଆଉ ଏକ ଗୋଲ୍ ଦେଇଥିଲେ। ଫଳରେ ଓଡ଼ିଶା ପ୍ରଥମ ୧୫ ମିନିଟ୍‌ରେ ୨-୦ରେ ଅଗ୍ରଣୀ ହାସଲ କରିଥିଲା। ଦ୍ୱିତୀୟ କ୍ୱାର୍ଟରରେ ପୁଣିଥରେ ଦୀପ୍ତିଙ୍କ ଚମକ ଦେଖିବାକୁ ମିଳିଥିଲା। ସେ ୨୩ତମ ମିନିଟ୍‌ରେ ଦଳ ପାଇଁ ୩ୟ ଗୋଲ୍‌ଟି ଦେଇଥିଲେ। ଏହାର ୩ ମିନିଟ୍ ପରେ କିନ୍ତୁ ଚଣ୍ଡିଗଡ଼ର ପ୍ରିୟଙ୍କା ପେନାଲ୍ଟି କର୍ଣ୍ଣର ଜରିଆରେ ଗୋଟିଏ ଗୋଲ୍ ଶୁଝିଦେଇଥିଲେ। ଫଳରେ ମ୍ୟାଚ୍ ୩-୧ ସ୍ଥିତିରେ ପହଞ୍ଚିଥିଲା। ପ୍ରଥମାର୍ଦ୍ଧର ଶେଷ ମୁହୂର୍ତ୍ତରେ ଜୀୱନ କିଶୋରୀ ଟପ୍ପୋଙ୍କ ଗୋଲ୍ ଓଡ଼ିଶାର ଅଗ୍ରଣୀକୁ ୪-୧ରେ ପହଞ୍ଚାଇଥିଲା। ଏହାପରେ ୩ୟ କ୍ୱାର୍ଟରରେ ଚଣ୍ଡିଗଡ଼ ଲଢୁଆ ପ୍ରଦର୍ଶନ କରିବାରୁ ଓଡ଼ିଶା ଗୋଲ୍ ଦେବାରେ ସଫଳ ହୋଇ ନ ଥିଲା। କିନ୍ତୁ ଅନ୍ତିମ ତଥା ୪ର୍ଥ କ୍ୱାର୍ଟରରେ ଦୁଇ ମିନିଟ୍‌ରେ ୨ଟି ପେନାଲ୍ଟି କର୍ଣ୍ଣର ଗୋଲ୍ ଦେଇ ଓଡ଼ିଶା ୬-୧ରେ ସହଜସାଧ୍ୟ ବିଜୟ ଲାଭ କରିଥିଲା। ୫୦ତମ ମିନିଟ୍‌ରେ ମାରିଆନା କୁଜୁର ଓ ୫୧ତମ ମିନିଟରେ ଲିଲିମା ମିଞ୍ଜ ଏହି ଦୁଇଟି ଗୋଲ୍ ଦେଇଥିଲେ।

## ଗୀତାବାଣୀ

ଯଥୈଧାଂସି ସମିଦ୍ଧୋଽଗ୍ନିର୍ଭସ୍ମସାତ୍ କୁରୁତେଽର୍ଜୁନ
ଜ୍ଞାନାଗ୍ନିଃ ସର୍ବକର୍ମାଣି ଭସ୍ମସାତ୍ କୁରୁତେ ତଥା ॥୩୭॥



ହେ ଅର୍ଜୁନ! ପ୍ରଜ୍ୱଳିତ ଅଗ୍ନି ଯେପରି ଇନ୍ଧନଗୁଡ଼ିକୁ ଭସ୍ମୀଭୂତ କରିଦିଏ, ସେହିପରି ଜ୍ଞାନ ରୂପକ ଅଗ୍ନି ସମସ୍ତ କର୍ମକୁ ସର୍ବଥା ଭସ୍ମୀଭୂତ କରିଦିଏ।

(ଚତୁର୍ଥୋଽଧ୍ୟାୟ – ଶ୍ଳୋକ - ୩୭)

## ପ୍ରଶ୍ନୋତ୍ତର

୧. ଦ୍ରୌପଦୀଙ୍କ ପାଞ୍ଚ ପୁଅଙ୍କୁ କିଏ ମାରିଥିଲେ ?
୨. ଦଶ ଅବତାର ମଧ୍ୟରେ ପର୍ଶୁରାମଙ୍କ ସଂଖ୍ୟା କେତେ ?
୩. ବାରଟି ରାଶି ମଧ୍ୟରେ ଶ୍ରେଷ୍ଠ ରାଶିର ଅଧିପତି କିଏ ?
୪. ପାପୀ ଅଜାମିଳ କେଉଁ ବଂଶୀୟ ଥିଲେ ?
୫. ପରାଶରଙ୍କର ମାତାଙ୍କ ନାମ କ'ଣ ?



ଉତ୍ତର: (୧)ଅଶ୍ୱଥାମା (୨)ଷଷ୍ଠ (୩)ବୃହସ୍ପତି (୪)ବ୍ରାହ୍ମଣ (୫)ଅଦୃଶ୍ୟନ୍ତୀ

# ଯେବେ ଶୁଭ କାର୍ଯ୍ୟ ମନା



ଜ୍ୟୋତିଷ ଶାସ୍ତ୍ରରେ କେତେକ ନିର୍ଦ୍ଦିଷ୍ଟ ସମୟରେ ଶୁଭକାର୍ଯ୍ୟକୁ ସାମୂହିକ ବାରଣ କରାଯାଇଛି । ଯେମିତି ଚତୁର୍ମାସ୍ୟ, ମଳମାସ, ଖରମାସ, ହୋଲାଷ୍ଟକ, ଗ୍ରହଣ ସପ୍ତାହ ଆଦି । ଚଳିତ ମାର୍ଚ୍ଚ ମାସରେ ଖରମାସ ଓ ହୋଲାଷ୍ଟକ ପାଳିତ ହେଉଛି । ଏଣୁ ଏହି ସମୟ ମଧ୍ୟରେ କେଉଁ ସବୁ ଶୁଭ କାର୍ଯ୍ୟ ଅକରଣୀୟ, ସେ ସମ୍ପର୍କରେ ଜାଣି ରଖିବା ।

### ଖରମାସ

ମାର୍ଚ୍ଚ ୧୪ରୁ ଖରମାସ ଆରମ୍ଭ ହୋଇଛି। ଧାର୍ମିକ ମାନ୍ୟତାନୁସାରେ, ଖର ମାସରେ କୌଣସି ଶୁଭ ମାଙ୍ଗଳିକ କାର୍ଯ୍ୟ କରାଯିବାକୁ ଅଶୁଭ ବୋଲି ବିବେଚନା କରାଯାଏ। ଏହା ମାସେ ପର୍ଯ୍ୟନ୍ତ ଚାଲିବ।

ଯାହାକି ଏପ୍ରିଲ ୧୩ରେ ସମାପ୍ତ ହେବ। ସୂର୍ଯ୍ୟଦେବ ଧନୁ ବା ମୀନ ରାଶିରେ ପ୍ରବେଶ କଲେ ଖରମାସ ଆରମ୍ଭ ହୁଏ। ଏହି ସମୟରେ ସୂର୍ଯ୍ୟଦେବ ଓ ଭଗବାନ ବିଷ୍ଣୁଙ୍କ ଉପାସନା କଲେ ସୁଖସମୃଦ୍ଧି ପ୍ରାପ୍ତ ହୁଏ।

### ହୋଲାଷ୍ଟକ

ହୋଲିର ଠିକ୍ ୮ ଦିନ ପୂର୍ବରୁ ଲାଗିଥାଏ ହୋଲାଷ୍ଟକ। ଫାଲଗୁନ ଅଷ୍ଟମୀରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ୮ଟି ଗ୍ରହ ଯଥା- ସୂର୍ଯ୍ୟ, ଚନ୍ଦ୍ର, ଶନି, ଶୁକ୍ର, ବୃହସ୍ପତି, ବୁଧ, ମଙ୍ଗଳ ଓ ରାହୁ ଉଗ୍ର ଅବସ୍ଥାରେ ଥାଆନ୍ତି। ଫଳରେ ବାୟୁ ମଣ୍ଡଳରେ ନକାରାତ୍ମକ ଶକ୍ତି ବୃଦ୍ଧି ପାଇଥାଏ। ଇଂରାଜୀ କ୍ୟାଲେଣ୍ଡର ଅନୁସାରେ, ଏହା ମାର୍ଚ୍ଚ ୧୭ରୁ ଆରମ୍ଭ ହୋଇ ମାର୍ଚ୍ଚ ୨୪ ପର୍ଯ୍ୟନ୍ତ ରହିବ। ଶାସ୍ତ୍ରରେ ମଧ୍ୟ ହୋଲାଷ୍ଟକ ଦିନ ବିବାହ, ମୁଣ୍ଡନ, ନାମକରଣ ସଂସ୍କାର ଆଦି ମାଙ୍ଗଳିକ କାର୍ଯ୍ୟ କରିବା ଶୁଭ ନୁହେଁ।

### ଚନ୍ଦ୍ରଗ୍ରହଣ

୧୧୦ ବର୍ଷ ପରେ ଏଥର ମାର୍ଚ୍ଚ ୨୫ ହୋଲି ଦିନରେ ଚନ୍ଦ୍ରଗ୍ରହଣ ଲାଗିବ। ଏହା ହେଉଛି ଏହିବର୍ଷର ପ୍ରଥମ ଚନ୍ଦ୍ରଗ୍ରହଣ। ଯଦିଓ ଏହା ଭାରତରେ ଦେଖିବାକୁ ମିଳିବ ନାହିଁ, ଏହାର ପ୍ରଭାବ କିନ୍ତୁ ରାଶିଚକ୍ର ଉପରେ ପଡ଼ିବ। ଶୁଭ କାର୍ଯ୍ୟ କରିବାକୁ ବାରଣ କରାଯାଇଛି।

### କେଉଁ କାର୍ଯ୍ୟ ଅକରଣୀୟ

ବିବାହ, ନାମକରଣ, ମୁଣ୍ଡନ, ଗୃହପ୍ରବେଶ, ନୂଆ ଘର କିଣିବା, ଯଜ୍ଞ ଆଦି ମାଙ୍ଗଳିକ କାର୍ଯ୍ୟ କରିବା ଶାସ୍ତ୍ର ଅନୁସାରେ ବର୍ଜନୀୟ। ■

## ରାଶି ଉଦୟ

# କେଉଁ ରାଶି ରହିବେ ସାବଧାନ



ମାର୍ଚ୍ଚ ୧୮ ଅର୍ଥାତ୍ ଆଜିଠାରୁ ଶନି କୁମ୍ଭ ରାଶିକୁ ଉଦିତ ହେବେ । ତେବେ ଜ୍ୟୋତିଷ ମାନ୍ୟତାନୁସାରେ, ଶନିଙ୍କ ଉଦିତ ହେବା ଘଟଣାକୁ ଖୁବ୍ ମହତ୍ତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଏ । ଏହାଦ୍ୱାରା କେତକ ରାଶି ଉପରେ ସକାରାତ୍ମକ ପ୍ରଭାବ ପଡୁଥିବା ବେଳେ ଆଉ କିଛି ରାଶିଙ୍କୁ ସମସ୍ୟାର ସାମ୍ନା କରିବାକୁ ପଡ଼ିବ । ଆସନ୍ତୁ ଜାଣିବା ସେ ସମ୍ପର୍କରେ ।

**କନ୍ୟା:** ଶନି ଉଦୟ ହେଉଥିବାରୁ କନ୍ୟା ରାଶି ବ୍ୟକ୍ତିଙ୍କୁ ସମସ୍ୟା ସାମ୍ନା କରିବାକୁ ପଡ଼ିପାରେ । କ୍ୟାରିୟରରେ ପରିବର୍ତ୍ତନ ଦେଖା ଦେଇପାରେ । ଦାମ୍ପତ୍ୟ ଜୀବନରେ ମନୋମାଳିନ୍ୟ ଦେଖାଦେବ । ଏଣୁ ଶନିବାର ଦିନ ଲୋକଙ୍କୁ ଦାନ ଦେବା ଭଲ ।

**କର୍କଟ:** ଶନି ଉଦୟ କର୍କଟ ରାଶି ଲୋକଙ୍କୁ ବହୁ ଅସୁବିଧାରେ ପକାଇବା ଆଶଙ୍କା ଅଛି । ବ୍ୟବସାୟ ପାଇଁ ଭାବିଚିନ୍ତି ନିଷ୍ପତ୍ତି ନିଅନ୍ତୁ । ଅନ୍ୟଥା ଖର୍ଚ୍ଚ ବୃଦ୍ଧି ପାଇବ । କଥାବାର୍ତ୍ତାରେ ସଂଯମତା ରକ୍ଷା କରିବାକୁ ପଡ଼ିବ ।



**ମିଥୁନ:** ଏହି ରାଶି ପାଇଁ ବି ଶନି ଉଦୟ ଭଲ ଫଳ ପ୍ରଦାନ କରିବ ନାହିଁ । ଚାକିରିରେ ପରିବର୍ତ୍ତନ କଥା ଚିନ୍ତା କରୁଥିଲେ, ଏହା ଅନୁକୂଳ ସମୟ ହେବ ନାହିଁ । ତା'ସହ ଅର୍ଥ ନିବେଶରୁ ନିବୃତ୍ତ ରହିବା ଭଲ । ତେବେ ଶନି ଦେବଙ୍କୁ ପ୍ରସନ୍ନ କରିବା ପାଇଁ ଶନିଙ୍କୁ ସୋରିଷ ତେଲ ଲାଗି କରନ୍ତୁ । ■

# ଶୁଆ ପାଳିବା ଶୁଭ

ଅନେକ ଲୋକ ଶୁଆ ରଖିବାକୁ ଭଲ ପାଆନ୍ତି । ତେବେ ଘରେ ଶୁଆ ରଖିବା ଶୁଭ କି ଅଶୁଭ ଏବଂ ଏହାର ପଞ୍ଜୁରି କେଉଁଠି ରଖିବା ଉଚିତ ସେ ସମ୍ପର୍କରେ ଅନେକ ଜାଣନ୍ତି ନାହିଁ ।

- ଘରେ ଶୁଆ ରଖିବା ଶୁଭ ।
- ବାସ୍ତୁବିଦ୍‌ଙ୍କ ଅନୁସାରେ ଘରେ ଶୁଆ ରଖିବା ଦ୍ୱାରା ପରିବାର ସଦସ୍ୟ ରୋଗାକ୍ରାନ୍ତ ହୋଇ ନ ଥାନ୍ତି ।
- ଘରର ଉତ୍ତର ଦିଗରେ ଶୁଆର ପଞ୍ଜୁରୀକୁ ରଖିବା ଶୁଭ ।
- ଶୁଆ ରଖିବା ଦ୍ୱାରା ପିଲାଙ୍କର ପଢ଼ାରେ ମନ ଲାଗେ ।
- ଶୁଆ ପାଳିବା ଦ୍ୱାରା ସ୍ୱାମୀ-ସ୍ତ୍ରୀଙ୍କ ସମ୍ପର୍କରେ ମଧୁରତା ରହେ ।
- ଘରେ ସକାରାତ୍ମକ ପରିବେଶ ବଜାୟ ରହେ ।
- ସେହିପରି ଶୁଆ ଖୁସିରେ ନ ରହିଲେ, ଘରେ ସମସ୍ୟା ଦେଖାଦିଏ । ■



## ବାସ୍ତୁ ଶାସ୍ତ୍ର

ବାସ୍ତୁଶାସ୍ତ୍ରରେ ମଧ୍ୟ ରଙ୍ଗର ପ୍ରଭାବ ଉପରେ ବର୍ଣ୍ଣନା ରହିଛି । ଏହି ପରିପ୍ରେକ୍ଷୀରେ ଘର ରଙ୍ଗ କରିବା ବେଳେ ନିର୍ଦ୍ଦିଷ୍ଟ କୋଠରୀ ଓ ଦିଗ ପ୍ରତି ଧ୍ୟାନ ରଖି କେଉଁ ରଙ୍ଗ ଦେବା ଦରକାର, ସେ ବିଷୟରେ ଜାଣିବା



# ବାସ୍ତୁରେ ରଙ୍ଗର ମହତ୍ତ୍ୱ

**ନାଲି ରଙ୍ଗ**
ନାଲି ରଙ୍ଗ ଉତ୍ସାହ ଓ ଉର୍ଜାର ପ୍ରତୀକ । ଏହା ଅଗ୍ନି ସହ ସମ୍ବନ୍ଧିତ । ଲିଭିଂ ରୁମ୍‌ର ଦକ୍ଷିଣ ଦିଗକୁ ନାଲି ରଙ୍ଗ କରିବା ଦ୍ୱାରା ସକାରାତ୍ମକ ଶକ୍ତି ଆସେ । ଶୋଇବା ଘରକୁ ମଧ୍ୟ ନାଲି ରଙ୍ଗ କରିପାରିବେ । ଗର୍ଭବତୀ ମହିଳାଙ୍କ ଘର ନାଲି କିମ୍ବା ଗୋଲାପି ହେଲେ ଶୁଭଫଳ ମିଳେ ।



**କମଳା ରଙ୍ଗ**
ବାସ୍ତୁ ଅନୁସାରେ ଦକ୍ଷିଣ ଓ ଦକ୍ଷିଣ-ପୂର୍ବ ଦିଗ ସ୍ଥିତ ରୋଷେଇ ଘରେ କମଳା ରଙ୍ଗ ବ୍ୟବହାର କରିବା ଉଚିତ । ଏହାବାଦ୍ ପୂଜା ଘରେ ଏହି ରଙ୍ଗ ବ୍ୟବହାର କରନ୍ତୁ ।



**ହଳଦିଆ ରଙ୍ଗ**
ସୁଖ, ସମୃଦ୍ଧି ଓ ସକାରାତ୍ମକ ଶକ୍ତି ବୃଦ୍ଧିରେ ହଳଦିଆ ରଙ୍ଗ ସାହାଯ୍ୟ କରେ । ପଢ଼ାଘରକୁ ହଳଦିଆ ରଙ୍ଗ କରିବା ଶୁଭ ।

**ସବୁଜ ରଙ୍ଗ**
ଦକ୍ଷିଣ ପୂର୍ବକୁ ଥିବା ଶୟନ ଘରକୁ ଏହି ରଙ୍ଗ କରିପାରିବେ । ଏହା ଦ୍ୱାରା ବୈବାହିକ ଜୀବନରେ ଉପୁଜିଥିବା ସମସ୍ୟା କମ୍ ହୁଏ ।

# ଖରାପ କଥାରେ ସମୟ ନଷ୍ଟ

ଗୌତମ ବୁଦ୍ଧଙ୍କ ମୂଲ୍ୟବାନ ବିଚାର, ଜ୍ଞାନ, ଉପଦେଶ ଓ ନୀତିବାଣୀ ଦ୍ୱାରା ଲୋକଙ୍କ ଜୀବନ ବଦଳିଯାଏ । ସେଥିପାଇଁ ଜ୍ଞାନାଲୋକକୁ ଅଧିକ ଉଦ୍‌ଭାସିତ କରିବା ପାଇଁ ବୁଦ୍ଧଙ୍କ ବିଚାରଧାର ଅବଶ୍ୟ ଆପଣାଇବା ଉଚିତ । ଏହି ପରିପ୍ରେକ୍ଷୀରେ କ୍ରୋଧ ତଥା ଖରାପ କଥାକୁ ନେଇ ବୁଦ୍ଧଙ୍କର ଏକ ସୁନ୍ଦର ଓ ଶିକ୍ଷଣୀୟ କଥା ନିମ୍ନରେ ପ୍ରଦତ୍ତ କରାଗଲା ।



ଏକଦା ଗୌତମ ବୁଦ୍ଧ ଗୋଟିଏ ଗାଁରେ ନିଜ ଶିଷ୍ୟମାନଙ୍କୁ ଉପଦେଶ ଦେଉଥିଲେ। ବୁଦ୍ଧଙ୍କ ପ୍ରବଚନ ଶୁଣିବା ପାଇଁ ସେଠାରେ ବହୁ ସଂଖ୍ୟକ ଲୋକ ଏକତ୍ର ହେଲେ। ଏହି ସମସ୍ତ ଲୋକଙ୍କ ମଧ୍ୟରେ ଜଣେ ଖୁବ୍ କ୍ରୋଧୀ ବ୍ୟକ୍ତି ଥିଲା, ଯିଏ କି ବୁଦ୍ଧଙ୍କ କହୁଥିବା କଥାକୁ ଶୁଣୁଥିଲା। ବୁଦ୍ଧ କହୁଥିଲେ, କ୍ରୋଧ ହେଉଛି ଏମିତି ଏକ ଅଗ୍ନି, ଯେଉଁଥିରେ କ୍ରୋଧ କରୁଥିବା ଲୋକ ନିଜେ ସେହି ନିଆଁରେ ଜଳିଥାଏ ଏବଂ ଅନ୍ୟମାନଙ୍କୁ ମଧ୍ୟ ଜାଳିଥାଏ। ତେବେ ବୁଦ୍ଧଙ୍କ ଏଭଳି କଥା ତା'କୁ ପସନ୍ଦ ଆସିଲା ନାହିଁ। ସେଇଠୁ ସେ ଅଚାନକ ସଭାରୁ ଉଠି ପଡ଼ି କହିଲା, ବୁଦ୍ଧ ଏଭଳି କଥା କହି ଲୋକଙ୍କୁ ଭ୍ରମିତ କରୁଛନ୍ତି। ସେଠାରେ ଉପସ୍ଥିତ ଥିବା ଲୋକମାନେ ଏହାକୁ ଦେଖି ଆଶ୍ଚର୍ଯ୍ୟ ହେଲେ। ତା'ସହ ସମସ୍ତେ ଶାନ୍ତିରେ ବସି ବୁଦ୍ଧଙ୍କ କଥା ଶୁଣୁଥିବା ବେଳେ ସେହି କ୍ରୋଧୀ ବ୍ୟକ୍ତି ଜଣକ ବୁଦ୍ଧଙ୍କ ମୁହଁକୁ ଛେପ ପକାଇ ଅପମାନ ଦେଇ ସେଠାରୁ ଚାଲିଗଲା।

ତେବେ ଘରେ ପହଞ୍ଚି ସେହି କ୍ରୋଧୀ ବ୍ୟକ୍ତି ମନ ଶାନ୍ତ ହେବାରୁ ସେ କରିଥିବା କାର୍ଯ୍ୟକୁ ନେଇ ଅନୁତାପ କଲା। ଏପରିକି ସେ ବୁଦ୍ଧଙ୍କ ପାଖକୁ କ୍ଷମା ମାଗିବାକୁ ଯାଇ ପହଞ୍ଚିଲା। ଅବଶ୍ୟ ସେତେବେଳକୁ ବୁଦ୍ଧ ସେହି ଗାଁ ଛାଡ଼ି ଅନ୍ୟ ଏକ ଗାଁକୁ ଚାଲି ଯାଇଥିଲେ। ଏହାପରେ ସେ ବୁଦ୍ଧଙ୍କୁ ଖୋଜି ଖୋଜି ଅନ୍ୟ ଏକ ଗାଁରେ ପହଞ୍ଚିଲା। ବୁଦ୍ଧକୁ ପାଇ ସେ ତାଙ୍କ ଗୋଡ଼ ତଳେ ପଡ଼ି କ୍ଷମା ମାଗିଲା।

କ୍ରୋଧୀ ବ୍ୟକ୍ତିଙ୍କ ଏଭଳି କାର୍ଯ୍ୟ ଦେଖି ବୁଦ୍ଧ ତାଙ୍କୁ ପଚାରିଲେ, 'ତୁମେ କିଏ ଏବଂ କ୍ଷମା କାହିଁକି ମାଗୁଛ।' ଏହାଶୁଣି କ୍ରୋଧୀ ବ୍ୟକ୍ତି ଜଣକ କହିଲା, "ଆପଣଙ୍କର କ'ଣ ସତରେ କିଛି ମନେ ନାହିଁ। କାଲି ମୁଁ ଆପଣଙ୍କ ସହ ଖରାପ ବ୍ୟବହାର କରିଥିଲି। ଆପଣଙ୍କର ଅପମାନ କରିଥିଲି।' ଏତକ ଶୁଣି ବୁଦ୍ଧ କହିଲେ, "ବିତିଯାଇଥିବା କାଲିକୁ ମୁଁ ସେଇଠି ଛାଡ଼ି ଦେଇ ଆସିଛି, କିନ୍ତୁ ତୁମେ ଆଜି ବି ସେଇଠି ଅଛ। ତୁମ ଭୁଲ ପାଇଁ ତୁମେ ଅନୁତପ୍ତ। ଏବେ ତୁମେ ନିଷ୍ପାପ ହୋଇଗଲ। ଖରାପ କଥା ମନେ ରଖିଲେ ଆମର ଆଜିର ସମୟ ନଷ୍ଟ ହୋଇଥାଏ। ଏପରିକି ଏହି ଅଭ୍ୟାସ ଯୋଗୁଁ ଭବିଷ୍ୟତ ମଧ୍ୟ ବିଗିଡ଼ିଥାଏ। ସେଥିପାଇଁ ବିତିଯାଇଥିବା କାଲିକୁ ଭୁଲି ଆଗକୁ ବଢ଼ିବା ଦରକାର।"

# ବାଙ୍ଗାଲୋର ଟ୍ରଫି ସ୍ୱପ୍ନ ସାକାର

## ଡବ୍ଲ୍ୟୁପିଏଲ୍ ଫାଇନାଲରେ ହାରିଲା ଦିଲ୍ଲୀ



ନୂଆଦିଲ୍ଲୀ, ୧୭ ।୩ (ଏଜେନ୍ସି)

ଶେଷରେ ରୟାଲ୍ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆର୍‌ସିବି) ସ୍ୱପ୍ନ ସାକାର ହୋଇଛି । ପୁରୁଷ ଦଳ ଦୀର୍ଘ ୧୬ ବର୍ଷ ହେବ ଯେଉଁ ସଫଳତା ହାସଲ କରିପାରି ନ ଥିଲେ ତାହା ମହିଳା ଦଳ ୨ ବର୍ଷରେ କରିଦେଖାଛନ୍ତି । ଏଠାରେ ଶେଷ ହୋଇଥିବା ମହିଳା ପ୍ରିମିଅର୍ ଲିଗ୍ (ଡବ୍ଲ୍ୟୁପିଏଲ୍)ର ଦ୍ୱିତୀୟ ସଂସ୍କରଣରେ ବାଙ୍ଗାଲୋର ମହିଳା ଦଳ ଚାମ୍ପିଅନ ହୋଇଛି । ସ୍ଥାନୀୟ ଅରୁଣ ଜେଟଲୀ ଷ୍ଟାଡିୟମରେ ରବିବାର ଖେଳାଯାଇଥିବା ଏହି ଲିଗ୍‌ର ଗ୍ରାଣ୍ଡ ଫାଇନାଲରେ ସ୍ମୃତି ମନ୍ଧାନାଙ୍କ ରୟାଲ ଚ୍ୟାଲେଞ୍ଜର୍ସ ୮ ୱିକେଟ୍‌ରେ ଘରୋଇ ଦିଲ୍ଲୀ କ୍ୟାପିଟାଲ୍ସକୁ ହରାଇ ଡବ୍ଲ୍ୟୁପିଏଲ୍ ଟ୍ରଫି ହାସଲ କରିଛି ।

ରବିବାର ଖେଳାଯାଇଥିବା ଏହି ଫାଇନାଲ ମୁକାବିଲାରେ ଦିଲ୍ଲୀ କ୍ୟାପିଟାଲ୍ସ ଅଧିନାୟିକା ମେଗ୍ ଲାନ୍ନିଙ୍ଗ ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ । ଓପନିଂ ୱିକେଟ୍ ଭାଗୀଦାରିରେ ଲାନ୍ନିଙ୍ଗଙ୍କ ସହ ଶେଫାଳି ବର୍ମା ୬୪ ରନ ଉଠାଇ ନିଷ୍ପତ୍ତିକୁ ଯଥାର୍ଥ ପ୍ରତିପାଦିତ କରିଥିଲେ । କିନ୍ତୁ ୮ ମ ଓଭର ବୋଲିଂ କରିବାକୁ ଆସିଥିବା ବାଙ୍ଗାଲୋରର ଅଷ୍ଟ୍ରେଲୀୟ ବାମହାତୀ ସ୍ପିନର ସୋଫି ମୋଲିନେକ୍ସ ପ୍ରଥମ ୪ଟି ବଲରେ ୩ଟି ୱିକେଟ୍ ନେଇ ଦିଲ୍ଲୀକୁ ବ୍ୟାକ୍‌ଫୁଟ୍‌କୁ ଠେଲିଦେଇଥିଲେ । ସୋଫି ପ୍ରଥମ ବଲରେ ବିସ୍ଫୋରକ ବ୍ୟାଟିଂ କରୁଥିବା ଶେଫାଳି (୨୭ ବଲରୁ ୪୪ ରନ)ଙ୍କୁ ଆଉଟ୍ କରି ଏହି ଯୋଡ଼ି ଭାଙ୍ଗିଥିଲେ । ଏହାପରେ ୩ୟ ଓ ୪ର୍ଥ ବଲ୍‌ରେ ଯଥାକ୍ରମେ ଜେମିମା ରୋଡ୍ରିଗ୍ସେଜ ଓ ଆଲିସେ କାପସେ ଖାତା ଖୋଲିବା ପୂର୍ବରୁ ସୋଫିଙ୍କ ଶିକାର ବନିଥିଲେ । ଏଥିସହ ଦିଲ୍ଲୀ ନିୟମିତ ଅନ୍ତରରେ ୱିକେଟ୍ ହରାଇ ୧୮.୩ ଓଭରରେ ୧୧୩ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା । ଏକଦା ୬୪ ରନରେ କୌଣସି ୱିକେଟ୍ ହରାଇ ନ ଥିବା ଘରୋଇ ଦଳ ୪୯ ରନ ମଧ୍ୟରେ ୧୦ ୱିକେଟ୍ ହରାଇ ସାଂଘାତିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା । ଶେଫାଳିଙ୍କ ବ୍ୟତୀତ ଅଧିନାୟିକା ଲାନ୍ନିଙ୍ଗ (୨୩ ରନ), ରାଧା ଯାଦବ (୧୨ ରନ) ଓ ଅରୁନ୍ଧତୀ ରେଡ୍ଡୀ (୧୦ ରନ) ଦୁଇଅଙ୍କ ବିଶିଷ୍ଟ ସ୍କୋର ଛୁଇଁପାରିଥିଲେ । ମାରିଜନେ କାପ୍ପ ୮ ଓ ଜେସ୍ ଜନସେନ ୩ ରନ କରି ମଧ୍ୟକ୍ରମରେ ନିରାଶ କରିଥିଲେ । ବୋଲିଂରେ ବାଙ୍ଗାଲୋର ପାଇଁ ଅଫ୍-ସ୍ପିନର ଶ୍ରେୟଙ୍କା ପାଟିଲ (୩.୩-୦-୧୨-୪), ସୋଫି (୪-୦-୨୦-୩) ଓ ଆଶା ଶୋଭନା (୩-୦-୧୪-୨) ମିଳିତ ଭାବେ ୯ ୱିକେଟ୍ ବାଣ୍ଟିନେଇଥିଲେ । ରାଧା ରନ ଆଉଟ୍ ହୋଇଥିଲେ ।

ଜବାବରେ ୧୧୪ ରନର ଲକ୍ଷ୍ୟକୁ ପିଛା କରି ରୟାଲ୍ ଚ୍ୟାଲେଞ୍ଜର୍ସ ୧୯.୩ ଓଭରରେ ୨ ୱିକେଟ୍ ହରାଇ ସହଜରେ ବିଜୟ ଲାଭ କରିଥିଲା । ଓପନିଂ ଆସିଥିବା ଅଧିନାୟିକା ସ୍ମୃତି ମନ୍ଧାନା ଓ ସୋଫି ଡିଭାଇନ ୪୯ ବଲରୁ ୪୯ ରନ ସଂଗ୍ରହ କରି ବିଜୟ ପଥ ପରିଷ୍କାର କରିଥିଲେ । ମନ୍ଧାନା ୩୯ ବଲରେ ୩୧ ଓ ଡିଭାଇନ ୨୭ ବଲରେ ୩୨ ରନର ପାଳି ଖେଳିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏଲିସେ ପେରୀ ୩୫, ୱିକେଟ୍‌କିପର ରିଚା ଘୋଷ ୧୭ ରନ କରି ଅପରାଜିତ ରହିଥିଲେ ।

### ୧୬ବର୍ଷ ପ୍ରତୀକ୍ଷାର ଅନ୍ତ

୨୦୦୮ ରେ ଆରମ୍ଭ ହୋଇଥିବା ବିଶ୍ୱର ସବୁଠାରୁ ବ୍ୟୟବହୁଳ ଟି-୨୦ ଲିଗ୍ ଆଇପିଏଲ୍ ଇତ୍ୟବସରରେ ୧୬ଟି ସଂସ୍କରଣ ଶେଷ ହୋଇଯାଇଛି । ରୟାଲ୍ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ପୁରୁଷ ଦଳ ପ୍ରତ୍ୟେକ ସଂସ୍କରଣରେ ଅଂଶଗ୍ରହଣ କରିଥିଲେ ମଧ୍ୟ ଥରେ ହେଲେ ଟ୍ରଫି ଜିତିବାରେ ସଫଳ ହୋଇନାହିଁ । ଅପରପକ୍ଷରେ କିନ୍ତୁ ଡବ୍ଲ୍ୟୁପିଏଲ୍-୨ରେ ଚାମ୍ପିଅନ ହୋଇ ବାଙ୍ଗାଲୋର ମହିଳା ଦଳ ଟ୍ରଫି ଜିତିବା ସ୍ୱପ୍ନ ପୂରଣ କରିଛନ୍ତି ।

### ଆର୍‌ସିବିକୁ ୬, ଦିଲ୍ଲୀକୁ ୩ କୋଟି ଟଙ୍କା ପୁରସ୍କାର

ମହିଳା ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍) ଦ୍ୱିତୀୟ ସଂସ୍କରଣର ଚାମ୍ପିଅନ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି)କୁ ୬ କୋଟି ଟଙ୍କା ଆର୍ଥିକ ପୁରସ୍କାର ମିଳିଛି । ସେହିପରି ରନର୍ସଅପ୍ ଦିଲ୍ଲୀ କ୍ୟାପିଟାଲ୍ସକୁ ୩ କୋଟି ଟଙ୍କା ପ୍ରଦାନ କରାଯାଇଛି । ଗତ ପ୍ରଥମ ସଂସ୍କରଣରେ ମଧ୍ୟ ସମାନ ପରିମାଣ ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଥିଲା । ପୁରସ୍କାର ରାଶିରେ ଏଥର ବୃଦ୍ଧି କରାଯାଇନାହିଁ । ସେହିଭଳି ଅରେଞ୍ଜ କ୍ୟାପ୍ ଓ ପର୍ପଲ କ୍ୟାପ୍ ବିଜେତାଙ୍କୁ ୫ଲକ୍ଷ ଲେଖାଏଁ ଟଙ୍କା ଦିଆଯାଇଛି ।

### ସଂକ୍ଷିପ୍ତ ସ୍କୋର

**ଦିଲ୍ଲୀ କ୍ୟାପିଟାଲ୍ସ:** ୧୧୩/୧୦, ୧୮.୩ ଓଭର (ଶେଫାଳି- ୪୪, ଲାନ୍ନିଙ୍ଗ- ୨୩, ଶ୍ରେୟଙ୍କା- ୪/୧୨, ସୋଫି- ୩/୨୦) ।
**ରୟାଲ୍ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର:** ୧୧୫/୨,୧୯.୩ ଓଭର (ମନ୍ଧାନା- ୩୧, ଡିଭାଇନ- ୩୨, ପେରୀ- ୩୫*, ରିଚା ଘୋଷ- ୧୭*, ମିନୁ ମାନି- ୧/୧୨) ।

### ଦିନିକିଆ ବିଶ୍ୱକପ୍ ଫାଇନାଲ ମ୍ୟାଚ୍

## ପିଚ୍ ବଦଳାଇବା ଆତ୍ମଘାତୀ ସାବ୍ୟସ୍ତ ହେଲା: କୈଫ୍



ନୂଆଦିଲ୍ଲୀ,୧୭ ।୩(ଏଜେନ୍ସି): ଗତ ଦିନିକିଆ ବିଶ୍ୱକପ୍ ଫାଇନାଲ ମ୍ୟାଚ୍‌ର ପିଚ୍ ବଦଳାଇବା ଭାରତ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଥିଲା ବୋଲି ପୂର୍ବତନ କ୍ରିକେଟର ମହମ୍ମଦ କୈଫ୍ କହିଛନ୍ତି । ଭାରତ ପିଚ୍ ବଦଳାଇବା ନିଷ୍ପତ୍ତି ଆତ୍ମଘାତୀ ହେଲା । ଅର୍ଥାତ ଭାରତ ନିଜ ଜାଲରେ ନିଜେ ଫସିଯାଇଥିଲା । ପ୍ରଥମେ ବ୍ୟାଟିଂ କରି ଭାରତ ବଡ଼ ସ୍କୋର ହାସଲ କରିପାରି ନଥିଲା । ଅଷ୍ଟ୍ରେଲିଆ ଅଧିନାୟକ ପ୍ୟାଟ କୁମିନ୍ସ ପ୍ରଥମ ମ୍ୟାଚ୍‌ର ତ୍ରୁଟିକୁ ସୁଧାରି ଥିଲେ ଓ ଟସ୍ ଜିତି ପ୍ରଥମେ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲେ ଓ ଏହା ଦଳ ପାଇଁ ଲାଭଦାୟକ ହୋଇଥିଲା ବୋଲି କୈଫ୍ ଏକ ସାକ୍ଷାତକାରରେ କହିଛନ୍ତି । ଗତବର୍ଷ ନଭେମ୍ବର ୧୯ ରେ ଅନୁଷ୍ଠିତ ବିଶ୍ୱକପ୍ ଫାଇନାଲରେ ଅଷ୍ଟ୍ରେଲିଆ ୬ ୱିକେଟରେ ଭାରତକୁ ପରାସ୍ତ କରି ଚାମ୍ପିଅନ ହୋଇଥିଲା । ଭାରତ ପ୍ରଥମେ ବ୍ୟାଟିଂ କରି ମାତ୍ର ୨୪୦ ରନ ସଂଗ୍ରହ କରିଥିଲା । ଫାଇନାଲ ମ୍ୟାଚ୍ ଖେଳାଯିବା ପୂର୍ବରୁ ଅଧିନାୟକ ରୋହିତ ଶର୍ମା ଓ ମୁଖ୍ୟ ପ୍ରଶିକ୍ଷକ ରାହୁଲ ଦ୍ରାବିଡ ପ୍ରତିଦିନ ପିଚ୍ ନୀରକ୍ଷଣ କରୁଥିଲେ । ଦୁଇଜଣ ପିଚ୍ ନିକଟରେ ଗୋଟିଏ ଘଣ୍ଟା ଛିଡା ହୋଇ ରହୁଥିଲେ । ପିଚ୍‌ର ରଙ୍ଗ ବଦଳିବାର ଦେଖିଥିଲି । ପିଚ୍‌ରେ ପାଣି ଦିଆଯାଉ ନଥିଲା । ଟ୍ରାକରେ ଘାସ ମଧ୍ୟ ନ ଥିଲା । ଭାରତ ଫାଇନାଲରେ ଅଷ୍ଟ୍ରେଲିଆକୁ ମନ୍ଥର ପିଚ୍ ଦେବାକୁ ଚାହୁଁଥିଲା । ଲୋକେ ବିଶ୍ୱାସ ନ କଲେ ମଧ୍ୟ ଏହା ସତ୍ୟ । ଘରୋଇ ପରିବେଶରୁ ଭାରତ ଫାଇଦା ଉଠାଇ ପିଚ୍‌କୁ ବଦଳାଇଥିଲା । କିନ୍ତୁ ଭାରତ ସବୁ ଯୋଜନା ପଣ୍ଡ ହୋଇଥିଲା ହେବାଲି ସେ କହିଛନ୍ତି । ଅନ୍ତର୍ଜାତୀୟ କ୍ରିକେଟ ପରିଷଦ ପିଚ୍ ପରାମର୍ଶଦାତା ଫାଇନାଲ ମ୍ୟାଚ୍ ପୂର୍ବରୁ ଇସ୍ତଫା ଦେଇଥିଲେ । ତାଙ୍କ ଚୁକ୍ତି ଅବଧି ଶେଷ ହୋଇଥିଲା ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡର ଅଧିକାରୀମାନେ ସେତେବେଳେ ଏ ନେଇ ସଫେଇ ଦେଇଥିଲେ ।



## ଗୁଜରାଟ ଟାଇଟନ୍ସର ଜର୍ସି ଉନ୍ମୋଚିତ

ଅହମ୍ମଦାବାଦ,୧୭ ।୩(ଏଜେନ୍ସି)

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ର ଆଗାମୀ ୧୭ତମ ସଂସ୍କରଣ ଆରମ୍ଭ ହେବାକୁ ଆଉ ୫ ଦିନ ବାକିଥିବା ବେଳେ ଗୁଜରାଟ ଟାଇଟନ୍ସ ରବିବାର ତା'ର ନୂଆ ଜର୍ସି ଉନ୍ମୋଚିନ କରିଛି । ସାମାଜିକ ଗଣମାଧ୍ୟମ ଏକ୍ସ ମାଧ୍ୟମରେ ଏହି ଜର୍ସି ଉନ୍ମୋଚନ କରାଯାଇଛି ସମସ୍ତଙ୍କୁ ଅବଗତ କରାଯାଇଛି । ୨୩ ତାରିଖରେ ଆଇପିଏଲ ଉଦ୍‌ଘାଟନୀ ମ୍ୟାଚ୍‌ରେ ଡିଫେଣ୍ଡିଂ ଚାମ୍ପିଅନ ଚେନ୍ନାଇ ସୁପରକିଙ୍ଗ୍‌ସ ଓ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ପରସ୍ପରକୁ ଭେଟିବେ । ସେହିପରି ଗତ ସଂସ୍କରଣର ଉପ-ବିଜେତା ଗୁଜରାଟ ୨୪ ତାରିଖରେ ତା'ର ପ୍ରଥମ ମୁକାବିଲାରେ ଅହମ୍ମଦାବାଦରେ ୫ଥର ଚାମ୍ପିଅନ ମୁମ୍ବାଇ ଇଣ୍ଡିଆନ୍ସକୁ ଭେଟିବ । ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟ ମୁମ୍ବାଇ ଇଣ୍ଡିଆନ୍ସରେ ଯୋଗଦେବା ପରେ ଯୁବ ତାରକା ବ୍ୟାଟର ଶୁବମାନ ଗିଲ୍‌ଙ୍କୁ ଗୁଜରାଟର ନେତୃତ୍ୱ ପ୍ରଦାନ କରାଯାଇଛି ।

### ପ୍ୟାରିସ ଅଲିମ୍ପିକ୍ସ

## ଗୋଲ୍‌କିପିଂ ବିଶେଷଜ୍ଞ ଡେନିସ ଭାରତ ଲାଗି କାର୍ଯ୍ୟ କରିବେ

ନୂଆଦିଲ୍ଲୀ,୧୭ ।୩(ଏଜେନ୍ସି): ନେଦରଲାଣ୍ଡସର ଗୋଲକିପିଂ ବିଶେଷଜ୍ଞ ଡେନିସ ଭାନ ଡେ ପୋଲ ଭାରତୀୟ ପୁରୁଷ ହକି ଦଳ ସହ ଯୋଡି ହୋଇଛନ୍ତି । ସେ ଆଗାମୀ ପ୍ୟାରିସ ଅଲିମ୍ପିକ୍ସ ପାଇଁ ଦଳର ପ୍ରସ୍ତୁତିରେ ସହାୟ ହେବେ । ଏ ନେଇ ହକି ଇଣ୍ଡିଆ ରବିବାର ଘୋଷଣା କରିଛି । ଡେନିସ ଜଣେ ଉଚ୍ଚକୋଟୀର ଗୋଲକିପିଂ ପ୍ରଶିକ୍ଷକ ଭାବେ ବେଶ୍ ଜଣାଶୁଣା । ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଜାତୀୟ ହକି ପ୍ରଶିକ୍ଷଣ ଶିବିରରେ ସେ ଖୁବ୍‌ଶୀଘ୍ର ଯୋଗ ଦେବେ । ଭାରତର ୩ ଜଣ ଗୋଲକିପର ଅଭିଜ୍ଞ ପିଆର ଶ୍ରୀଜେସ, କ୍ରିଷ୍ଣନ ବାହଦୂର ପାଠକ ଓ ସୁରଜ କେରକେରାଙ୍କ ସହ ସେ କାର୍ଯ୍ୟ କରିବେ । ମୁଖ୍ୟ କୋଚ୍ କ୍ରେଗ ଫୁଲଟନଙ୍କ ତତ୍ତ୍ୱାବଧାନରେ ଆୟୋଜନ ହେବାକୁ ଥିବା ସ୍ୱତନ୍ତ୍ର ୧୦ ଦିନିଆ ଗୋଲକିପଂ ପ୍ରଶିକ୍ଷଣ ଶିବିରରେ ମାର୍ଚ୍ଚ ୨୬ରେ ଶେଷ ହେବ । ଏହାର ଗୋଟିଏ ସପ୍ତାହ ପରେ ଭାରତୀୟ ଦଳ ଅଷ୍ଟ୍ରେଲିଆ ଗସ୍ତ କରିବ । ଡେନିସ ପୂର୍ବରୁ ମଧ୍ୟ ଭାରତୀୟ ଗୋଲରକ୍ଷକମାନଙ୍କ ସହ କାର୍ଯ୍ୟ କରିଛନ୍ତି । ଡେନିସ ଭାରତୀୟ ଦଳରେ ଯୋଗ ଦେବେ ଆମ ପାଇଁ ସୌଭାଗ୍ୟର କଥା । ଏହା ଦ୍ୱାରା ଆମ ଗୋଲକିପର ମାନେ ଆହୁରି ଦକ୍ଷ ହେବେ ଓ ଅଗାମୀ ପ୍ୟାରିସ ଅଲିମ୍ପିକ୍ସ ପ୍ରସ୍ତୁତି ଆହୁରି ଜୋରଦାର ହେବ ବୋଲି ହକି ଇଣ୍ଡିଆ ସଭାପତି ତଥା ପୂର୍ବତନ ଭାରତୀୟ ଅଧିନାୟକ ଦିଲୀପ ତିର୍କି କହିଛନ୍ତି ।

## 'ଯେମିତି ହେଲେ ବି କୋହଲି ଦରକାର'

ନୂଆଦିଲ୍ଲୀ, ୧୭।୩(ଏଜେନ୍ସି)

'ୱେଷ୍ଟଇଣ୍ଡିଜ୍ ଓ ଆମେରିକାରେ ହେବାକୁ ଯାଉଥିବା ଟି-୨୦ ବିଶ୍ୱକପ୍‌ରେ ବିରାଟ କୋହଲି ଭାରତୀୟ ଦଳରୁ ବାଦ୍ ପଡ଼ିବେ' ବୋଲି ଏକ ରିପୋର୍ଟ ଜାତୀୟ ଖବରକାଗଜରେ ପ୍ରକାଶ ପାଇବା ପରେ ଭାରତୀୟ କ୍ରିକେଟ ମହଲରେ ହଇଚଇ ସୃଷ୍ଟି ହୋଇଥିଲା । କେବଳ ସମର୍ଥକ ନୁହଁନ୍ତି, ପ୍ରଶାସକ, ବିଜ୍ଞାପନଦାତା ଓ ଭାରତୀୟ କ୍ରିକେଟ ସହ ଜଡିତ ଏକାଧିକ ବ୍ୟକ୍ତି ଆଶଙ୍କା ପ୍ରକାଶ କରିଥିଲେ । କୋହଲିଙ୍କ ବିନା ଭାରତୀୟ କ୍ରିକେଟର ସ୍ଥିତି ଯେ ଭଲ ନୁହେଁ ତାହା କାହାକୁ ଅଜଣା ନାହିଁ । କିନ୍ତୁ ରିପୋର୍ଟ ଅନୁଯାୟୀ ଟି-୨୦ ଫର୍ମାଟରେ କୋହଲିଙ୍କ ପୂର୍ବ ପ୍ରଦର୍ଶନ ଆଉ ନାହିଁ । ଏଣୁ ତାଙ୍କ ସ୍ଥାନରେ ନୂଆ ଖେଳାଳିଙ୍କୁ ସୁଯୋଗ ଦେବାକୁ ଚୟନକର୍ତ୍ତାମାନେ ଚାହୁଁଛନ୍ତି । ନିକଟରେ ଇଂଲଣ୍ଡ ସହ ଶେଷ ହୋଇଥିବା ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ରେ କୋହଲି ଖେଳି ନ ଥିଲେ । ତାଙ୍କ ବିନା ଭାରତ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌କୁ ୪-୧ରେ ଜିତିନେଇଥିଲା । ଏଣୁ ତାଙ୍କୁ ଟି-୨୦ ଦଳରୁ ବାଦ୍ ଦେବାକୁ ଦାବି ହେଉଛି ବୋଲି ଏହି ରିପୋର୍ଟରେ କୁହାଯାଇଥିଲା । ଉଭୟ ବିସିସିଆଇ ଚୟନକର୍ତ୍ତା ଏବଂ ବିସିସିଆଇ କର୍ମକର୍ତ୍ତା ଏ ସମ୍ପର୍କରେ କିଛି କହିନାହାନ୍ତି । ଏପରି ଏକ ରିପୋର୍ଟକୁ ଖଣ୍ଡନ କରିଛନ୍ତି ୧୯୮୩ ଭାରତୀୟ ବିଶ୍ୱକପ୍ ଚାମ୍ପିଅନ ଦଳର ଅନ୍ୟତମ ସଦସ୍ୟ କୀର୍ତ୍ତି ଆଜାଦ୍ । ଭାରତୀୟ ଟି-୨୦ ଦଳର ଅଧିନାୟକ ରୋହିତ ଶର୍ମା ଯେମିତି ହେଲେ ବି କୋହଲି ଆମର ଆବଶ୍ୟକ ବୋଲି ବିସିସିଆଇ ସମ୍ପାଦକ ଜୟ ଶାହଙ୍କୁ କହିଛନ୍ତି । କୀର୍ତ୍ତି ଏଭଳି କଥା କିପରି ଜାଣିଲେ କିମ୍ବା ସେ ତାଙ୍କ ମନରୁ କହିଛନ୍ତି ସେ ସମ୍ପର୍କରେ କିଛି ଜଣାପଡ଼ି ନାହିଁ । ସାମାଜିକ ଗଣମାଧ୍ୟମରେ



'ଏକ୍ସ'ରେ କୀର୍ତ୍ତି ଏହା ପ୍ରକାଶ କରିଛନ୍ତି । କିନ୍ତୁ ଜୟ ଶାହାଙ୍କୁ ରୋହିତ କହିବା କଥା ସେ କିପରି ଜାଣିଲେ ତାହା ସୂଚାଇ ନାହାନ୍ତି । ଆମେରିକାରେ ଅନେକ ଭାରତୀୟ ବସବାସ କରୁଛନ୍ତି । ଏପରିକି କ୍ରିକେଟର ପ୍ରଚାର ଓ ପ୍ରସାର ଲାଗି ରୋହିତ ଓ କୋହଲି ଦୁଇ ଜଣ ଆମ୍ବାସାଡର ବୋଲି ସମସ୍ତେ ଜାଣନ୍ତି । ଆମେରିକାରେ କ୍ରିକେଟର ପ୍ରସାର ଲାଗି ଏହି ଦୁଇ ଖେଳାଳିଙ୍କୁ ଦଳରେ ସାମିଲ କରାଯିବାର ଯଥେଷ୍ଟ ଗୁରୁତ୍ୱ ରହିଛି । ଏଭଳି ସ୍ଥିତିରେ ତାଙ୍କୁ ଦଳରୁ ବାଦ୍ ଦେଲେ କେବଳ ଭାରତୀୟ କ୍ରିକେଟ ନୁହେଁ, ବିଶ୍ୱ କ୍ରିକେଟ କ୍ଷତିଗ୍ରସ୍ତ ହେବ । ରୋହିତ ଶର୍ମା ଭାରତୀୟ ଦଳର ନେତୃତ୍ୱ ନେବେ ବୋଲି ନିକଟରେ ବିସିସିଆଇ ସମ୍ପାଦକ ଘୋଷଣା କରିଥିଲେ । ଏଣୁ କୋହଲି ଯେ ଦଳରେ ସ୍ଥାନ ପାଇବେ ଏଥିରେ କୌଣସି ସନ୍ଦେହ ନାହିଁ ।

### ୧୪ ବର୍ଷରୁ କମ୍ ରାଜ୍ୟସ୍ତରୀୟ କ୍ରିକେଟ୍

## ବଡ଼ ବିଜୟ ସହ କ୍ୱାର୍ଟରରେ ଏଲ୍‌ଏଲ୍‌ସିସି

ଭୁବନେଶ୍ୱର, ୧୭ ।୩ (ସମିସ): ନୟାପଲ୍ଲୀସ୍ଥିତ ଲାଇଭ ଲିଜେଣ୍ଡ କ୍ରିକେଟ୍ କ୍ଲବ (ଏଲ୍‌ଏଲ୍‌ସିସି) ଆନୁକୂଲ୍ୟରେ ଚାଲିଥିବା ୧୪ ବର୍ଷରୁ କମ୍ ରାଜ୍ୟସ୍ତରୀୟ ପ୍ରତିଯୋଗିତାର କ୍ୱାର୍ଟର ଫାଇନାଲ ଲାଇନଅପ୍ ଚୂଡ଼ାନ୍ତ ହୋଇଯାଇଛି । ରବିବାର ଅନ୍ତିମ ଲିଗ୍ ମ୍ୟାଚରେ ଆୟୋଜକ ଏଲ୍‌ଏଲ୍‌ସିସି ୧୦ ୱିକେଟ୍‌ରେ ଜାଗୃତି କ୍ଲବକୁ ପରାସ୍ତ କରି ଅନ୍ତିମ-୮ରେ ପ୍ରବେଶ କରିଥିଲା । ସୋମବାର ପ୍ରଥମ କ୍ୱାର୍ଟରରେ ପାରାମାଉଣ୍ଟ ସ୍ପୋର୍ଟିଂ ସହ ରାମେଶ୍ୱର ସ୍ପୋର୍ଟିଂର ମୁକାବିଲା ହେବ । ଏହାପରେ ୧୯ରେ ସହୀଦ ସ୍ପୋର୍ଟିଂ ସହ ଜୁଭେନାଇଲ କ୍ଲବ (କଟକ), ୨୦ରେ ଏଲ୍‌ଏଲ୍‌ସିସି ସହ ୟୁନିୟନ ସ୍ପୋର୍ଟିଂ (କଟକ) ଏବଂ ୨୧ରେ ବିଶ୍ୱଭାରତୀ (କଟକ) ସହ ଟାଉନ କ୍ଲବ ସାମ୍ନାସାମ୍ନି ହେବେ । ଏହାବାଦ୍ ସୋମବାରଠାରୁ ଏଠାରେ ମହିଳା ଲିଗ୍ କ୍ରିକେଟ୍ ପ୍ରତିଯୋଗିତା ଆରମ୍ଭ ହେବ । ଏଥିରେ ୩ଟି ଦଳ ଅଂଶଗ୍ରହଣ କରିବେ । ପରସ୍ପର ସହ ଥରେ ଲେଖାଏ ଖେଳିବା ପରେ ଦୁଇ ଶ୍ରେଷ୍ଠ ଦଳ ମଧ୍ୟରେ ଫାଇନାଲ ଅନୁଷ୍ଠିତ ହେବ ।



### ଥାଇଲାଣ୍ଡ ଓପନ୍ କିକ୍‌ବକ୍ସିଂ

## ଓଡ଼ିଶାର ତାନ୍ୟାଙ୍କୁ ରୌପ୍ୟ, ସ୍ୱୟମଜିତ୍‌ଙ୍କୁ କାଂସ୍ୟ

ଭୁବନେଶ୍ୱର, ୧୭ ।୩ (ସମିସ)

ଥାଇଲାଣ୍ଡରେ ଉଦ୍‌ଯାପିତ ହୋଇଯାଇଥିବା କିକ୍‌ବକ୍ସିଂ ପ୍ରତିଯୋଗିତାରେ ଓଡ଼ିଶାର ପ୍ରତିଯୋଗୀ ଛାପ ଛାଡ଼ିବାରେ ସଫଳ ହୋଇଛନ୍ତି । ଓଡ଼ିଶାର ତାନ୍ୟା ଶ୍ରୀବାସ୍ତାବ ରୌପ୍ୟ ଓ ସ୍ୱୟମଜିତ୍ କର କାଂସ୍ୟ ପଦକ ବିଜୟୀ ହୋଇଛନ୍ତି । ୫୦ କିଗ୍ରାରୁ କମ୍ ବରିଷ୍ଠ ମହିଳା କେ-୧ ଫାଇଟ୍‌ର ଫାଇନାଲରେ ତାନ୍ୟା ଆମେରିକୀୟ ପ୍ରତିଯୋଗୀଙ୍କ ନିକଟରୁ ହାରି ଉପବିଜେତା ରହିଥିଲେ । ସେହିଭଳି ବାଳକ ୮୫ କିଗ୍ରାରୁ ଊର୍ଦ୍ଧ୍ୱ ବର୍ଗର କେ-୧ ଫାଇଟ୍‌ରେ ସ୍ୱୟମଜିତ୍ ସେମିଫାଇନାଲରେ ଚାଇନାର ନିଭ ୱିଚେଙ୍ଗଙ୍କ ନିକଟରୁ ପରାସ୍ତ ହୋଇ କାଂସ୍ୟରେ ସନ୍ତୁଷ୍ଟ ରହିଥିଲେ । ଏହି ପ୍ରତିଯୋଗିତାରେ ୫୨ ଦେଶର ୮୬୨ ଖେଳାଳି ଅଂଶଗ୍ରହଣ କରିଥିଲେ । ଯେଉଁଥିରେ ଭାରତରୁ ୩୧ ଜଣ ଭାଗନେଇଥିଲେ ।



### ଅଲ୍ ଇଂଲଣ୍ଡ ବ୍ୟାଡ୍‌ମିଣ୍ଟନ ଚାମ୍ପିଅନସିପ୍

## ମାରିନ୍, ଖ୍ରୀଷ୍ଟିଙ୍କୁ ଟାଇଟଲ

ଇଂଲଣ୍ଡ,୧୭ ।୩(ଏଜେନ୍ସି)

ବିଶ୍ୱର ଅନ୍ୟତମ ସମ୍ମାନଜନକ ବ୍ୟାଡମିଣ୍ଟନ ପ୍ରତିଯୋଗିତା ଅଲ୍ ଇଂଲଣ୍ଡ ବ୍ୟାଡ୍‌ମିଣ୍ଟନ ଚାମ୍ପିଅନସିପ୍‌ରେ ସ୍ପେନ୍ କାରୋଲିନା ମାରିନ ମହିଳା ଏକକରେ ଟାଇଟଲ ହାସଲ କରିଥିବା ବେଳେ ଇଣ୍ଡୋନେସିଆର ଜୋନାଥନ୍ ଖ୍ରୀଷ୍ଟି ପୁରଷ ଏକକରେ ଚାମ୍ପିଅନ ହୋଇଛନ୍ତି । ରବିବାର ଅନୁଷ୍ଠିତ ମହିଳା ଏକକ ଫାଇନାଲ ମୁକାବିଲାରୁ ଜାପାନର ଅକେନ ୟାମାଗୁଚି ଓହରିଯିବା ଫଳରେ ମାରିନ୍ ବିଜୟୀ ଘୋଷିତ ହେବା ସହ ବାଜି ମାରିଥିଲେ । ସେତେବେଳକୁ ମାରିନ ୨୬-୨୪, ୧୧-୧ରେ ଅଗ୍ରଣୀ ରହିଥିଲେ ।



ଅପରପକ୍ଷରେ ପୁରୁଷ ଏକକ ଫାଇନାଲ ମୁକାବିଲାରେ ଖ୍ରୀଷ୍ଟି ୨୧-୧୫, ୨୧-୧୪ରେ ନିଜ ଦେଶର ଓ ତାଙ୍କର ଉତ୍ତମ ବନ୍ଧୁ ଆନ୍ଥୋନୀ ଗିନ୍‌ଟିଙ୍ଗ୍‌ଙ୍କୁ ପରାସ୍ତ କରି ଟାଇଟଲ ହାସଲ କରିଛନ୍ତି । ଅନ୍ୟପଟେ ମହିଳା ଯୁଗଳ ପ୍ରତିଯୋଗିତାରେ ଦକ୍ଷିଣ କୋରିଆ ଯୋଡି ବାଏକ ହା-ନା ଓ ଲି ସୋ -ହି ୨୧-୧୯, ୧୧-୨୧, ୨୧-୧୭ରେ ଜାପାନ ଯୋଡି ନମି ମାତସୁଆମା ଓ ଚିହାରୁ ଶିଦାଙ୍କୁ ପରାସ୍ତ କରି ଟାଇଟଲ ଜିତିଛନ୍ତି । ମିଶ୍ରିତ ଯୁଗଳ ପ୍ରତିଯୋଗିତାରେ ଚୀନ୍‌ର ଝେଙ୍ଗ ସିୱେଇ ଓ ହୁଆଙ୍ଗ୍ ୟାକିୟଙ୍ଗ୍ ୨୧-୧୬, ୨୧-୧୧ରେ ଜାପାନର ୟୁତା ୟତାନାବେ ଓ ଅରିସା ହିଗାସିନୋଙ୍କୁ ପରାସ୍ତ କରି ଚାମ୍ପିଅନ ହୋଇଛନ୍ତି ।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
ସମ୍ପାଦକ: ଉମାକାନ୍ତ ମିଶ୍ର
EDITOR: UMAKANT MISHRA

## ଛୁରିରେ ଆକ୍ରମଣ, ଥାନାକୁ ଗଲେ ହତ୍ୟାର ଧମକ

**ହୀରାକୁଦ, ୧୭।୩(ସମିସ):** ହୀରାକୁଦ ଥାନା ଭଙ୍ଗାମୁଣ୍ଡା କାର୍ଟୁନ ଗୋଦାମ ପାଖରେ ଆଜି ଭୁବନେ ରୋହିଦାସକୁ ଛୁରିରେ ଆକ୍ରମଣ ହୋଇଛି । ଏହା ସହ ଘଟଣାକୁ ନେଇ ପୁଲିସ ପାଖକୁ ଗଲେ ଜୀବନରୁ ମାରି ଦେବା ଧମକ ଦେଇଥିବା ଅଭିଯୋଗ ହୋଇଛି । ପୁଲିସ ୯୨/୨୪ରେ ମାମଲା ରୁଜୁ କରି ତଦନ୍ତ କରୁଛି । ଅଭିଯୋଗକ୍ରମେ ଅପରାହ୍ନ ୨ଟା ବେଳେ କାର୍ଟୁନ ଗୋଦାମ ପାଖରେ ଛିଡା ହୋଇଥିଲେ । ଗୁରୁ ସାହାଣୀ ନାମକ ଯୁବକ ଆସି ଗାଳି ଗୁଲଜ କରିଥିଲେ । ବିରୋଧ କରିବାରୁ ଛାତିରେ ଛୁରିରେ ଆକ୍ରମଣ କରିଥିଲେ । ଚିତ୍କାର କରିବାରୁ ପାଖ ଲୋକ ଆସିବାରୁ ଗୁରୁ ଘଟଣା ସ୍ଥଳରୁ ଫେରାର ହୋଇ ଯାଇଥିଲେ ।

## ଭୁଜାଲିରେ ଯୁବକଙ୍କୁ ଗୋଡାଇ ହାଣିଲେ

**ହୀରାକୁଦ, ୧୭।୩(ସମିସ):** ସମ୍ବଲପୁର ହୀରାକୁଦ ଥାନା ହନୁମାନ ମନ୍ଦିର ନିକଟରେ ବିକାଶ ହରିପାଲଙ୍କୁ ଆଜି ଅପରାହ୍ନରେ ଭୁଜାଲିରେ ଆକ୍ରମଣ ହୋଇଛି । ଅଭିଯୋଗକୁ ଭିତ୍ତି କରି ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି । ଭଉଣୀ ଅଞ୍ଜଳିଙ୍କ ଅଭିଯୋଗ କ୍ରମେ ପ୍ରତିଦିନ ଭଳି ବିକାଶ କାମରେ ବାହାରିଥିଲେ । ପଡ଼ାର ଇସମାଇଲ ତାଣ୍ଡି ଭାଇ କୁ ଅଟକାଇ ଗାଳିଗୁଲଜ କରିଥିଲା । ଏହା ସହ ହାତରେ ଥିବା ଭୁଜାଲିରେ ଜୀବନରୁ ମାରିଦେବାକୁ ଆକ୍ରମଣ କରିଥିଲା । ରକ୍ତାକ୍ତ ଅବସ୍ଥାରେ ବିକାଶକୁ ଉଦ୍ଧାର କରି ହୀରାକୁଦ ମେଡିକାଲରେ ଚିକିତ୍ସା କରାଯାଇଛି । ଆମ ପରିବାର ପ୍ରତି ବିପଦ ରହୁଛି ତେଣୁ ଅଭିଯୁକ୍ତକୁ ଗିରଫ କରାଯାଉ ଓ ଆମକୁ ସୁରକ୍ଷା ଦିଆଯାଉ ବୋଲି ଅନୁରୋଧ କରିଥିଲେ ।

## ଜୁଆ ଆଡ୍ଡାରେ ଚଢଉ, ୬ ଗିରଫ, ୯ ହଜାର ଜବତ

**ସମ୍ବଲପୁର, ୧୭।୩(ସମିସ):** ସମ୍ବଲପୁର ବରେଇପାଲି ଥାନା ଅନ୍ତର୍ଗତ ଟ୍ରକ ମାଲିକ ସଂଘ ଅଫିସ ସମ୍ମୁଖରେ ଜୁଆ ଆଡ୍ଡା ଚାଲିଥିଲା । ବରେଇପାଲି ଥାନା ଏସଆଇ ମଦନ ମୋହନ ଜେନା ଓ ଟିମ ଚଢାଉ କରିଥିଲେ । ଜୁଆ ଆଡ୍ଡାରୁ ସନ୍ତୋଷ କୁମାର ଅଗ୍ରୱାଲ, ଦାମଦୋର ପ୍ରଧାନ, ରିତେଶ ଶର୍ମା, ସୁରେନ୍ଦ୍ର କୁମାର, ମାୟା ସିଂ, ସୂରଜ ପ୍ରଧାନକୁ ଗିରଫ କରିଥିଲେ । ଅଭିଯୁକ୍ତ ନିକଟରୁ ୯୧୦୦ ଟଙ୍କା ଓ ୨ପ୍ୟାକେଟ ତାସ, ତାରପଲିନ ଜବତ କରିଛି । ୩ ଗୋଟି ମୋବାଇଲ ଜବତ ହୋଇଛି ।

## ନିଶାଦେଇ ମହିଳାଙ୍କୁ ଲୁଟ; ଅଭିଯୁକ୍ତ ଅଟକ

**ସମ୍ବଲପୁର, ୧୭।୩(ସମିସ):** ସମ୍ବଲପୁର ଧନୁପାଲି ଥାନା ଅନ୍ତର୍ଗତ ଗୋବିନ୍ଦତୋଲାର ମୋନରମା ଆଚାର୍ଯ୍ୟଙ୍କୁ ନିଶା ଦ୍ରବ୍ୟ ଦେଇ ଗତକାଲି ଲୁଟ ହୋଇଥିଲା । ଏହି ଘଟଣାରେ ଧନୁପାଲି ପୁଲିସ ଦୁଇ ଜଣ ଅଭିଯୁକ୍ତଙ୍କୁ ଅଟକ ରଖି ପଚରାଉଚରା କରୁଥିବା ଜଣାପଡ଼ିଛି । ଆସନ୍ତାକାଲି ଏହି ଠକେଇ ଘଟଣାର ପର୍ଦ୍ଦାଫାସ ହୋଇଯିବ ବୋଲି ପୁଲିସ କହିଛି । ସୂଚନାଯୋଗ୍ୟ, ମନୋରମା ସକାଳୁ ବଜାରକୁ ଯାଇଥିଲେ । ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକ ଖୋଜିଥିଲେ । ମନୋରମାଙ୍କୁ ଅଚେତ ଅବସ୍ଥାରେ ରାଣୀସତୀ ମନ୍ଦିରରୁ ପାଇଥିଲେ ।

## ଦାଦାବଟି ମାଗି ଅଙ୍କିତ ସିଂ ଗିରଫ

**ସମ୍ବଲପୁର, ୧୭।୩ (ସମିସ) :** ଧନୁପାଲି ଥାନା ବୃନ୍ଦହିଲର ଅଙ୍କିତ ସିଂ ଦାଦାବଟି ମାଗି ପୁଣି ଗିରଫ ହୋଇଛନ୍ତି । ସାକ୍ଷୀପଡ଼ାର କୃଷ୍ଣଗୋପାଳ ମହାକୁଡଙ୍କୁ ୨ଲକ୍ଷ ଟଙ୍କା ଦାଦାବଟି ମାଗିଥିଲେ । ଏହାକୁ ନେଇ ମହାକୁଡ ଥାନାରେ ଅଭିଯୋଗ କରିଥିଲେ । ସୂଚନା ଯୋଗ୍ୟ ଯେ ମହାକୁଡ ନିଜ ଗାଡ଼ିରେ ଘରକୁ ଫେରିଥିଲେ । ଏହି ସମୟରେ ଅଙ୍କିତ ଅଟକାଇ ଟଙ୍କା ଦାବି କରିଥିଲେ । ଅଙ୍କିତଙ୍କ ନାମରେ ଦାଦାବଟି ମାଗିବା ମାଡ଼ପିଟ୍, ପୁଡ଼ାଜଳା ବିଭିନ୍ନ ଅପରାଧ କାର୍ଯ୍ୟରେ ସମ୍ପୃକ୍ତି ଥିବା ନେଇ ୧୮ ଟି ମାମଲା ନେଇ ପୁଲିସ କହିଛି ।

---

**ଆଗକୁ ନିର୍ବାଚନ**

# ସହର ଭିତରେ ଫ୍ଲାଗ୍‌ମାର୍ଚ୍ଚ, ପ୍ରବେଶ ପଥରେ ନାକା

**ସମ୍ବଲପୁର, ୧୭।୩ (ସମିସ)**

ଆଗକୁ ସାଧାରଣ ନିର୍ବାଚନ ଓ ସହରରେ ଅପରାଧୀକ କାର୍ଯ୍ୟକଳାପ ବୃଦ୍ଧି ପାଇବାରେ ଲାଗିଛି । ଏହାକୁ ରୋକିବା ପାଇଁ ଜିଲ୍ଲା ପୁଲିସ କଡ଼ା ପଦକ୍ଷେପ ଗ୍ରହଣ କରିଛି । ସହର ଭିତରେ ଥିବା ବିଭିନ୍ନ ଥାନା ଅଞ୍ଚଳରେ ଫ୍ଲାଗ୍‌ମାର୍ଚ୍ଚ କରୁଛି । ସେହିପରି ପ୍ରବେଶ ପଥରେ ନାକା କରି କଡା ଯାଞ୍ଚ କରୁଛି ଆଜି କ୍ଷେତରାଜପୁର ଥାନା ଅଞ୍ଚଳ ଅପରାଧିକ କାର୍ଯ୍ୟ ରେକିବା ନେଇ ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ପୁଲିସ ଫ୍ଲାଗମାର୍ଚ୍ଚ କରି ସମ୍ବେଦନଶୀଳ ଓ ସନ୍ଦେହ ହେଉଥିବା ସ୍ଥାନରେ ଚଢ଼ଉ କରିଛି । ଏହା ସହ ନିଶାଖୋରକୁ ସାବାଡ଼ କରିବା ପାଇଁ ପଦକ୍ଷେପ ନେଇଛି । ଅସମାଜିକ ଆଡ୍ଡା କରୁଥିବା ଯୁବକମାନେ ପୁଲିସକୁ ଦେଖି ଛତ୍ର ଭଙ୍ଗ ଦେଇଥିଲେ । ନିଶାଖାଇ ଗାଡି ଚଳାଉଥିବା ଲୋକଙ୍କୁ ଯାଞ୍ଚ କରାଯାଇଥିଲା । ଚଢ଼ଉରେ ସଦର ଏସଡିପିଓ ତୋଫାନ ବାଗ, କ୍ଷେତରାଜପୁର ଥାନା ଅଧିକାରୀ ପ୍ରିୟଙ୍କା ରାଉତ ରାୟପ୍ରମୁଖ ଉପସ୍ଥିତ ଥିଲେ । କ୍ଷେତରାଜପୁର ଥାନାରୁ ଆରମ୍ଭ କରି ବଡବଜାର, ଦଲଦଲି ପଡ଼ା, ଦୁର୍ଗାପାଲି କୁସୁମପଡ଼ାର ବିଭିନ୍ନ ସ୍ଥାନରେ ଯାଞ୍ଚ କରିଛି । ସେହିପରି ସହର ପ୍ରବେଶ ପଥରେ ନାକାବନ୍ଦୀ କରାଯାଇଛି । ୨ପ୍ଲାଟୁନ୍ ସିଆର୍‌ପିଏଫ୍ ନିୟୋଜିତ ରହିଛନ୍ତି । ତାଙ୍କ ସହ ଜଣେ ପୁଲିସ୍ ଅଧିକାରୀ







(ଏସ୍‌ଆଇ କିମ୍ବା ଏଏସ୍‌ଆଇ) ବି ରହୁଛନ୍ତି । ଚାଉରପୁର, ଲକ୍ଷ୍ମୀଡୁଙ୍ଗୁରୀ(ଦୁର୍ଗାପାଲି), ଅଇଁଠାପାଲି ତଳି ଛକ, ମାନେଶ୍ୱର, ଧନୁପାଲି, ଧନକଉଡା ଭଳି ପ୍ରବେଶ ପଥ ସମ୍ପୂର୍ଣ୍ଣ ସିଲ୍ କରାଯାଇଛି । ଚୋର, ତସ୍କର, ଛିନତାଇ ଓ ଲୁଟେରାଙ୍କୁ ରୋକିବାକୁ ଏହି କ୍ୟାମ୍ପ କରାଯାଇଛି । ସହରରେ କୌଣସି ସ୍ଥାନରେ ଆପତ୍ତିଜନକ ସ୍ଥିତି ଦେଖିଲେ ତୁରନ୍ତ ଚଢ଼ଉ ହେଉଛି । କାର୍, ବାଇକ୍ ଲଗାତାର ଯାଞ୍ଚ କରାଯାଉଛି । ପ୍ରବେଶ ପଥରେ ଏଭଳି ସୁରକ୍ଷା ବ୍ୟବସ୍ଥାକୁ ଜନସାଧାରଣ ପ୍ରଶଂସା କରିଛନ୍ତି । ଏହି ସୁରକ୍ଷା ବ୍ୟବସ୍ଥା ପାଇଁ ସହରରେ ବଢ଼ିଚାଲିଥିବା ଲୁଟ୍ ଓ ଛିନତାଇ ଘଟଣା ହ୍ରାସ ପାଇବ ବୋଲି ଆଶା କରାଯାଉଛି । ତେଣୁ ଏହା ନିର୍ବାଚନ ସରିବା ପରେ ମଧ୍ୟ ଏଭଳି କାର୍ଯ୍ୟ ଜାରି ରଖିବାକୁ ଦାବି ହେଉଛି । ସମ୍ବଲପୁର ସହରରେ ଦିନକୁ ଦିନ ଅପରାଧ ସଂଖ୍ୟା ବଢ଼ିଚାଲିଛି । ତେଣୁ ଏହି ସଶସ୍ତ୍ର ପୁଲିସ୍ ରହିବା ଦ୍ୱାରା ଅପରାଧୀଙ୍କ ଭୟ ହେବ । ପୁଲିସ ଅଧିକାରି କହିଛନ୍ତିଯେ, ପୁଲିସ ସମ୍ବଲପୁର ସହରର ସବୁ ପ୍ରବେଶ ପଥକୁ ସିଲ୍ କରାଯାଇଛି । ନିୟମିତ ଯାନବାହାନ ଯାଞ୍ଚ୍ ହେଉଛି । କୌଣସି ସନ୍ଦେହ ସୃଷ୍ଟି ହେଲେ ତୁରନ୍ତ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଚଢ଼ଉ କରୁଛନ୍ତି । ଏଥିପାଇଁ ସିଆର୍‌ପିଏଫ୍ ସହ ଅନ୍ୟ ସ୍ଥାନୀୟ ପୁଲିସ୍ ଫୋର୍ସକୁ ନିୟୋଜିତ କରାଯାଉଛି । ସେମାନଙ୍କ ସହ ଜଣେ ସ୍ଥାନୀୟ ଥାନାର ଅଧିକାରୀଙ୍କୁ ଯାଞ୍ଚର ଦାୟିତ୍ୱ ଦିଆଯାଉଛି । ଫଳରେ ଅପରାଧ ନିୟନ୍ତ୍ରଣ ହୋଇପାରୁଛି । ପ୍ରାୟ ଏକ ସପ୍ତାହ ହେଲା ସହରର ବିଭିନ୍ନ ସ୍ଥାନରେ ଫ୍ଲାଗ୍‌ମାର୍ଚ୍ଚ ହେଉଛି । ଆଗକୁ ମଧ୍ୟ ଏହା ଜାରି ରହିବ । ଅନ୍ୟପଟେ, ନିର୍ବାଚନ କମିଶନଙ୍କ ପକ୍ଷରୁ ମଧ୍ୟ ଫୋର୍ସ ନିୟୋଜିତ ହୋଇସାରିଛନ୍ତି । ନିର୍ବାଚନକୁ ଦୃଷ୍ଟିରେ ରଖି ଆଇନଶୃଙ୍ଖଳା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି ।

---

## ଭୁଟାନ ପ୍ରଧାନମନ୍ତ୍ରୀଙ୍କୁ ବାନ୍ଧକଳାରେ ନିର୍ମିତ ଶ୍ରୀଜଗନ୍ନାଥଙ୍କ ପ୍ରତିକୃତି ପ୍ରଦାନ

**ସମ୍ବଲପୁର, ୧୭।୩(ସମିସ):** ମୁମ୍ବାଇସ୍ଥିତ ନୀତା ମୁକେଶ ଅମ୍ବାନୀ ସାଂସ୍କୃତିକ କେନ୍ଦ୍ରରେ ଚାଲିଥିବା ସ୍ୱଦେଶ କର୍ମଶାଳାରେ ଆଜି ଭୁଟାନ ପ୍ରଧାନମନ୍ତ୍ରୀ ତେହେରିଂ ତୋବଗେ ପରିଦର୍ଶନ କରିଥିଲେ । ପିରଦର୍ଶନରେ ଜାତୀୟ ପୁରସ୍କାରପ୍ରାପ୍ତ ବରପାଲିର ବାନ୍ଧକଳା ଶିଳ୍ପୀ ଦମ୍ପତି ମକର ଧ୍ୱଜ ମେହେର ଓ ସୁକାନ୍ତି ମେହେର ସହ ସାକ୍ଷାତକାର କରି ସମ୍ବଲପୁରୀ ବୟନକଳା, ଇକତ ଶୈଳୀ ବାବଦରେ ଆଲୋଚନା କରିଥିଲେ । ମେହେର ଦମ୍ପତି ସମ୍ବଲପୁରୀ ବାନ୍ଧକଳା କାଗଜରେ ଡିଜାଇନ କରିବାଠାରୁ ସୂତା ବାନ୍ଧିବା କପଡ଼ା ପ୍ରସ୍ତୁତି ପର୍ଯ୍ୟନ୍ତ ସମସ୍ତ ପର୍ଯ୍ୟାୟ କହିଥିଲେ । ଶେଷରେ ଦମ୍ପତି ଭୁଟାନ ପ୍ରଧାନମନ୍ତ୍ରୀଙ୍କୁ ବାନ୍ଧ କଳାରେ ନିର୍ମିତ ଜଗନ୍ନାଥ ଫୋଟଚିତ୍ର ପ୍ରଦାନ କରିଥିଲେ ।



## ଶ୍ରୀରାମକୃଷ୍ଣ ପରମହଂସଙ୍କ ଜୟନ୍ତୀ ପାଳିତ

**ବୁର୍ଲା, ୧୭।୩(ସମିସ):** ଧନକଉଡ଼ା ବ୍ଲକ କଳମାଟି ପଞ୍ଚାୟତ ଗୋଶାଳାସ୍ଥିତ ବିବେକାନନ୍ଦ ଠାକୁର ଶ୍ରୀରାମକୃଷ୍ଣ ପରମହଂସଙ୍କର ଜନ୍ମଜୟନ୍ତୀ ପାଳିତ ହୋଇଯାଇଛି । ଏହି ଅବସରରେ ଆଜି ପ୍ରାତଃକାଳରୁ ଠାକୁରଙ୍କ ମଙ୍ଗଳ ଆଳତୀ, ପୂଜାର୍ଚ୍ଚନା କରାଯାଇଥିଲା । ଏହାପରେ କଥାମୃତ ପଠନ ସହ, ଭଜନ ସଙ୍ଗୀତ ସହ ପାଠଚକ୍ରର ଆୟୋଜନ ହୋଇଥିଲା । ଏହି ଅବସରରେ କେନ୍ଦ୍ରଠାରେ ମାଗଣା ଟିଉସନ ନେଉଥିବା ଛାତ୍ରଛାତ୍ରୀଙ୍କୁ ମାଗଣା ପୁସ୍ତକ ବଣ୍ଟନ କରାଯାଇଥିଲା । ଏହି ଅବସରରେ ବାଳକ ଭୋଜନ ଓ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିବାବେଳେ ଶ୍ରଦ୍ଧାଳୁମାନେ ଯୋଗଦେଇ ପ୍ରସାଦ ଗ୍ରହଣ କରିଥିଲେ । କାର୍ଯ୍ୟକ୍ରମରେ କେନ୍ଦ୍ରର ସଭାପତି ଡାକ୍ତର ପ୍ରଦୀପ ମିଶ୍ର, ପୂର୍ବତନ ସଭାପତି ଡାକ୍ତର ସୁରେନ୍ଦ୍ର କୁମାର ମେହେର, ଡାକ୍ତର ମମତା ସର, ସହସଭାପତି ହଜାରୀ ସାହୁ, ସମ୍ପାଦକ ଲଳିତ ମୋହନ ପ୍ରଧାନ, କଳାମାଟି ସରପଞ୍ଚ ସୁଷମା ସାହୁ ଓ କେନ୍ଦ୍ରର ଅନ୍ୟାନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

## ଭାରତ ବିକାଶ ପରିଷଦର ଆଲୋଚନାଚକ୍ର

**ସମ୍ବଲପୁର, ୧୭।୩(ସମିସ):** ଭାରତ ବିକାଶ ପରିଷଦ, ସମ୍ବଲପୁର ଶାଖା ଆନୁକୂଲ୍ୟରେ 'ନାଗରିକତା ସଂଶୋଧନ ଆଇନ' (ସିଏଏ) ବିଷୟ ଉପରେ ଏକ ଆଲୋଚନା ଚକ୍ର ସ୍ଥାନୀୟ ସମ୍ବଲପୁର ପବ୍ଲିକ ଲାଇବ୍ରେରୀ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ଭାରତ ମାତା ଓ ସ୍ୱାମୀ ବିବେକାନନ୍ଦଙ୍କ ଫଟୋଚିତ୍ର ସମ୍ମୁଖରେ ଦ୍ୱୀପ ପ୍ରଜ୍ୱଳନ ସହ ସଭାକାର୍ଯ୍ୟ ଆରମ୍ଭ




ହୋଇଥିଲା । ଶାଖା ସଭାପତି ମକରଧ୍ୱଜ ଯୋଶୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ସମ୍ମାନିତ ମୁଖ୍ୟବକ୍ତା ପ୍ରଫେସର ଡ. ଡମ୍ବରୁଧର ପଟ୍ଟନାୟକଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ପ୍ରାନ୍ତୀୟ ସଭାପତି ଡ. ବିନୋଦ ବିହାରୀ ନାଏକ ସମ୍ବର୍ଦ୍ଧନା ଜଣାଇଥିଲେ । ପ୍ରାନ୍ତୀୟ ସାଧାରଣ ସମ୍ପାଦକ ପ୍ରକାଶ କୁମାର ପଟ୍ଟନାୟକ ଭାରତ ବିକାଶ ପରିଷଦର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ମୁଖ୍ୟବକ୍ତା ଡ. ପଟ୍ଟନାୟକ କହିଥିଲେ ଯେ ନାଗରିକତା ସଂଶୋଧନ ଆଇନକୁ ବୁଝିବା ପାଇଁ ୧୯୪୭ ମସିହାକୁ ଯିବାକୁ ପଡ଼ିବ । ଧର୍ମ ଭିତ୍ତିରେ ଦେଶର ବିଭାଜନ ହେଲା ଏବଂ ଭାରତରୁ ଅଲଗା ହୋଇ ପାକିସ୍ତାନ ଇସଲାମିକ ଦେଶ ହେଲା । ସେତେବେଳେ ପାକିସ୍ତାନରେ ୨୪ପ୍ରତିଶତ ହିନ୍ଦୁ ଜନସଂଖ୍ୟା ଥିଲାବେଳେ ତାହା ଆଜି ୧.୬ପ୍ରତିଶତରେ ପହଞ୍ଚିଛି । ସେଠାରେ ଥିବା ହିନ୍ଦୁ ମାନଙ୍କ ସହ ସମସ୍ତ ସଂଖ୍ୟାଲଘୁଙ୍କ ଉପରେ ନିର୍ଯ୍ୟାତନା ଅଦ୍ୟାବଧି ଜାରି ରହିଛି । ତେଣୁ ସେଠାକାର ନିର୍ଯ୍ୟାତିତ ସଂଖ୍ୟାଲଘୁଙ୍କୁ ଭାରତରେ ନାଗରିକତା ପ୍ରଦାନ କରିବା ନୈତିକ କର୍ତ୍ତବ୍ୟ ଅଟେ । ସମାନତା ଓ ସ୍ୱତନ୍ତ୍ରତା ସମ୍ବଳିତ ମୌଳିକ ଅଧିକାର ଭାରତୀୟଙ୍କ ପାଇଁ ଉଦ୍ଦିଷ୍ଟ । ଏହା ଅନ୍ୟ ଦେଶର ନାଗରିକଙ୍କ ପାଇଁ ନୁହେଁ । ତେଣୁ ସଂଶୋଧନ ଆଇନ ମୌଳିକ ଅଧିକାର ଉଲଂଘନ କରୁନାହିଁ । ନାଗରିକତ୍ୱ ପ୍ରଣୀତ ଆଇନକୁ ସମସ୍ତ ରାଜ୍ୟ ଗ୍ରହଣ କରିବାକୁ ବାଧ୍ୟ । ଏହି ଐତିହାସିକ ମାନବୀୟ ସମ୍ବେଦନଶୀଳ ଆଇନ ଆଫଗାନିସ୍ଥାନ, ପାକିସ୍ତାନ ଓ ବାଂଲାଦେଶ ନିର୍ଯ୍ୟାତିତ ହୋଇ ଆସିଥିବା ସେଠାକାର ସଂଖ୍ୟାଲଘୁ ହିନ୍ଦୁ, ଜୈନ, ବୌଦ୍ଧ, ଶିଖ ଓ ପାରସୀ ଧର୍ମାବଲମ୍ବୀ ଲୋକମାନଙ୍କ ପାଇଁ ଯୁଗାନ୍ତକାରୀ ପଦକ୍ଷେପ ହେବ । ଡ. ରଶ୍ମିରେଖା ଜେନା ଓ ଜେ ଗିରିଜା ଦେବୀ ରାଷ୍ଟ୍ର ଗାନ ଓ ଜାତୀୟ ସଙ୍ଗୀତ ଗାନ କରିଥିଲେ । ନୂତନ ସଦସ୍ୟ ଭାବରେ କରୁଣା ସିନ୍ଧୁ ପ୍ରଧାନ ଶପଥ ଗ୍ରହଣ କରିଥିଲେ । ତାଙ୍କୁ ଶାଖା ସଭାପତି ପୁଷ୍ପ ଗୁଚ୍ଛ ପ୍ରଦାନ କରି ସ୍ୱାଗତ ଜଣାଇଥିଲେ । ଶେଷରେ ସମ୍ପାଦକ ସୁକାନ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

---

**ରାଜଘାଟରେ ନୂତନ ଶୈଳୀରେ ସତ୍କାର ପିଣ୍ଡି ତିଆରି**

# ବ୍ୟବହାର ହେବ କମ କାଠ, ରହିବ ସ୍ୱତନ୍ତ୍ର ଟ୍ରେ

**ସମ୍ବଲପୁର, ୧୭।୩(ସମିସ):** ସମ୍ବଲପୁରରେ ସମସ୍ତ ସୁବିଧା ଥିବା ରାଜଘାଟ ଉଦ୍‌ଘାଟନ ହୋଇଛି । ଶବ ପୋଡିବା ପାଇଁ ବିଦ୍ୟୁତ ଚୁଲା, କାଠରେ ପୋଡିବା ବ୍ୟବସ୍ଥା ରହିଛି । ଏବେ ଏକ ଶବ ପୋଡିବା ପାଇଁ ନୂଆଁ ପଦ୍ଧତି ତିଆରି କରାଯାଉଛି । ସିମେଣ୍ଟ, ଲୁହା ବ୍ୟବହାର କରି ଏକ ପିଣ୍ଡା ନିର୍ମାଣ କରାଯାଉଛି । ଯେଉଁଥିରେ ଶବ ସତ୍କାର ସୁବିଧା ଓ କମ କାଠ ବ୍ୟବହାରରେ ହୋଇ ପାରିବ । ଏହା ସହ ଶବ ପୋଡିବା ପରେ ପିଣ୍ଡା ତଳେ ଖଞ୍ଜା ଯାଇଥିବା ଟ୍ରେରେ ପାଉଁଶ ପଡ଼ିବ । ଫଳରେ ସଫା କରିବା ସମୟରେ ପରିଶ୍ରମ କରିବାକୁ ପଡ଼ିବ ନାହିଁ । ଏହା ସହ ଟ୍ରେରେ ପଡୁଥିବା ହାଡକୁ ମଧ୍ୟ ଆତ୍ମୀୟମାନେ ସହଜରେ ନେଇ ପାରିବେ ।

ସମଲେଇ ପ୍ରକଳ୍ପରେ ପୁରୁଣା ରାଜଘାଟ ଉଚ୍ଛେଦ କରାଯାଇଥିଲା । ସହରରେ ଶବ ସତ୍କାର ପାଇଁ ମଦଲିଆ ପାଖରେ ଏକ ନୂତନ ଅତ୍ୟାଧୁନିକ ରାଜଘାଟ ନିର୍ମାଣ କରାଯାଇଛି । ଏସଏମସି ପକ୍ଷରୁ ପରିଚାଳନା କରାଯାଉଥିବା ବେଳେ ପରିଷ୍କାର ପରିଚ୍ଛନତା ରଖାଯାଉଛି । ଶବ ସତ୍କାରରେ ସାହାଯ୍ୟ ପାଇଁ କର୍ମଚାରୀ ମଧ୍ୟ ନିୟୋଜିତ ହୋଇଛନ୍ତି । ଏହା ସହ ବିଭିନ୍ନ ସମାଜିକ ଅନୁଷ୍ଠାନ ସଦସ୍ୟ ସହଯୋଗ କରୁଛନ୍ତି । ଶବକୁ କାଠରେ ପୋଡିବା ପାଇଁ ରାଜଘାଟର ସମସ୍ତ ବ୍ୟବସ୍ଥା



କରାଯାଇଛି । ବ୍ୟବହୃତ ହେଉଥିବା କାଠ ଓ ଅନ୍ୟାନ ସମାଗ୍ରୀ ସୁବିଧାରେ ଉପଲବ୍ଧ ହେଉଛି । ଶବ ପୋଡିବା ପାଇଁ ମଧ୍ୟ ଅଲଗା ଅଲଗା ପିଣ୍ଡି କରାଯାଇଛି । ଏକାଥରରେ ୧୨ରୁ ୧୫ ଜଣ ଶବ ସତ୍କାର ହେବା ଭଳିଆ ବ୍ୟବସ୍ଥା ରହିଛି । ଏବେ ପୋଡିବା ପରେ ହାଡ ପାଉଁଶ ବାଲି ଉପରେ ପଡ଼ିଥାଏ । ଯାହାକୁ ପରିବାର ଲୋକ ନେଇଥାନ୍ତି । ହେଲେ ଏବେ ନୂତନ ଶୈଳୀରେ ୯ ଗୋଟି ପିଣ୍ଡି ତିଆରି ହେଉଛି । ଯେଉଁଠିକି ପୋଡିବା ପରେ ହାଡ, ପାଉଁଶ ସବୁ ତଳେ ରଖା ହେଇଥିବା ଟ୍ରେରେ ପଡ଼ିବ । ସିମେଣ୍ଟରେ ୪ ଫୁଟ ଉଚ୍ଚତାର ପିଣ୍ଡା ତିଆରି ହେଉଛି । ଶରୀର ରଖିବା ପାଇଁ ଲୁହାର ଏକ ଫ୍ରେମ ମଧ୍ୟ ତିଆରି କରାଯାଉଛି । ଯାହା ଫଳରେ ଶବକୁ ସିମେଣ୍ଟ ପିଣ୍ଡା ଉପର ଲୁହା ଫ୍ରେମରେ ରଖି ସହଜରେ ପୋଡି ପାରିବେ । ଏହା ସହ ଏହି ପଦ୍ଧତିରେ କମ ପରିମାଣର କାଠ ବ୍ୟବହାର ହେବ । ଲୋକଙ୍କ ସୁବିଧା ପାଇଁ ତଳେ ଟ୍ରେ ମଧ୍ୟ ରହିବ । ଯାହା ସହଜରେ ହାଡ ପାଉଁଶ ଗୋଟାଇ ନେଇ ପାରିବେ । କାଠ କମ ବ୍ୟବହାର ଫଳରେ ବାୟୁ ପ୍ରଦୂଷଣ ମଧ୍ୟ କମ ହେବ ବୋଲି ଆଲୋଚନା ହେଉଛି । ଏବେ ପ୍ରଥମ ପର୍ଯ୍ୟାୟରେ ୯ ଗୋଟି ପିଣ୍ଡି ହେବା ବେଳେ ଆଗକୁ ସମସ୍ତ ପିଣ୍ଡି ଏହି ଭଳି ତିଆରି ହେବ ବୋଲି ରାଜଘାଟ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି ।

## ନୂତନ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ

**ବୁର୍ଲା, ୧୭।୩(ସମିସ):** ସମ୍ବଲପୁର ଜିଲ୍ଲା ଧନକଉଡ଼ା ବ୍ଲକ ଅନ୍ତର୍ଗତ କଳାମାଟି ପଞ୍ଚାୟତରେ ନୂତନ ଭାବରେ ଯୋଜନାରେ ସାମିଲ ହୋଇଥିବା ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରାଯାଇଛି । ନୂତନ ଭାବେର ୩୧ଜଣ ହିତାଧିକାରୀଙ୍କୁ ସାମାଜିକ ସୁରକ୍ଷା ଯୋଜନାରେ ସାମିଲ କରାଯାଇ ପ୍ରଥମଥର ପାଇଁ ଭତ୍ତା ବଣ୍ଟନ କରାଯାଇଛି । ଅନୁଷ୍ଠିତ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଡ.ସୁଷମା ସାହୁ ଯୋଗଦେଇ ୩୧ଜଣ ଯୋଗ୍ୟ ହିତାଧିକାରୀଙ୍କୁ ନଗଦ ୧୦୦୦ଟଙ୍କା ଲେଖାଏଁ ଅର୍ଥରାଶି ସହିତ ଭତ୍ତାକାର୍ଡ ବଣ୍ଟନ କରିଥିଲେ । କାର୍ଯ୍ୟକ୍ରମକୁ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଗଗନ ବିହାରୀ ପଟେଲଙ୍କ ସଂଯୋଜନା କରିଥିଲେ । ଏହି ଅବସରରେ ଯୋଗାଣ ସହାୟକ ରାଜୁ ପ୍ରଧାନ, ସମସ୍ତ ୱାର୍ଡ ସଭ୍ୟ, ସଭ୍ୟା ସମେତ ମହାସଂଘ ସମ୍ପାଦିକା ରୀତା ସାହୁ ତଥା ହିତାଧିକାରୀ ଉପସ୍ଥିତ ଥିଲେ ।



---

**ପ୍ରସନ୍ନ ଆଚାର୍ଯ୍ୟଙ୍କ ଆରୋଗ୍ୟ କାମନା କରି**

## ଝାଙ୍କରପାଲି, ଅଢାପଡ଼ାରେ ଦୀପ ପ୍ରଜ୍ୱଳନ

**ସମ୍ବଲପୁର, ୧୭ ।୩(ସମିସ):** ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ବିଜେଡି ନେତା ପ୍ରସନ୍ନ ଆଚାର୍ଯ୍ୟଙ୍କ ଆଶୁ ଆରୋଗ୍ୟ କାମନା କରି ଆଜି ରେଢ଼ାଖୋଲ ନିର୍ବାଚନମଣ୍ଡଳୀ ଯୁଯୋମୁରା ବ୍ଲକ ଝାଙ୍କରପାଲି ବାବା ପଣ୍ଡରାପାଟ ଶିବ ମନ୍ଦିରରେ ଗ୍ରାମବାସୀ ଦୀପ ପଜ୍ୱଳନ କରିଛନ୍ତି । ସେହିପରି ଛାମୁଣ୍ଡା ପଞ୍ଚାୟତ ଅଢାପଡ଼ା ହନୁମାନ ମନ୍ଦିର ଠାରେ ମଧ୍ୟ ଗ୍ରାମବାସୀଙ୍କ ପକ୍ଷରୁ ଦୀପ ପ୍ରଜ୍ୱଳନ କରାଯାଇଥିଲା । ଝାଙ୍କରପାଲିରେ ଗ୍ରାମବାସୀଙ୍କ ସମେତ ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ରୀନା ବେହେରା, ସୁବୋଧ ବେହେରା, ପ୍ରଦୀପ ପରିଡ଼ା, ରଜନୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଠିକ୍ ସେହିପରି ଅଢାପଡ଼ାରେ ନନ୍ଦ ରଞ୍ଜିତ, ବୀରେନ୍ଦ୍ର ପଶାୟତ, ଦିଲୀପ ନାୟକ, କଳ୍ପନା କଲେତ, ସୀତା ଭୋଇ ପ୍ରମୁଖଙ୍କ ସମେତ ଗ୍ରାମବାସୀ ସାମିଲ ଥିଲେ ।



**ଫସାଇବାକୁ ଯାଇ ପୁଣି ଫସିଲେ ଅମୂଲ୍ୟା**

# ଟଙ୍କା ଦାବି ମାମଲା, ଅମୂଲ୍ୟାଙ୍କ ପାଲଟା ଅଭିଯୋଗ

**ସମ୍ବଲପୁର, ୧୭।୩ (ସମିସ)**

ଗତ ଡିସେମ୍ବର ମାସରେ ଯୁବକ ଓ ତାଙ୍କ ପରିବାରକୁ ଟଙ୍କା ଦାବି କରିବା, ହତ୍ୟା ଧମକ ଦେବା ଭଳି ଅଭିଯୋଗରେ ଗିରଫ ହୋଇ ଜାମିନରେ ଆସିଥିବା ଅମୂଲ୍ୟା ବିଶି (ଆଞ୍ଚଲ) କୁ ଆଜି ପୁଣି ଅଇଁଠାପାଲି ପୁଲିସ ଅଟକ ରଖିଛି । ଅନ୍ୟ ଏକ ଯୁବକଙ୍କୁ ଏଭଳି ଭାବେ ଟଙ୍କା ଦାବି କରିବା ଅଭିଯୋଗରେ ସନ୍ଧ୍ୟାରେ ଗିରଫ କରି ସଖୀ ସେଣ୍ଟରରେ ଆଶ୍ରାୟ ପାଇଁ ନେଇଛି । ଅନ୍ୟପଟେ ଅମୂଲ୍ୟାଙ୍କ ଅଭିଯୋଗ କ୍ରମେ ମଧ୍ୟ ଥାନାରେ ଧନୁପାଲିର ଅଭିଶେକ ପଣ୍ଡା ନାମରେ ମାମଲା ରୁଜୁ କରିଛି । ଘଟଣାରେ ତଦନ୍ତ ଜାରି ରହିଥିବା ପୁଲିସ କହିଛି । ଅଭିଷେକ ମାର୍ଚ୍ଚ ୧୪ ତାରିଖ ଅଇଁଠାପାଲି ଥାନରେ ଅଭିଯୋଗ କରିଥିଯେ, ସହାୟତା କରିବା ପାଇଁ ପରିଚୟ ହୋଇଥିଲା । ଏହା ସୁଯୋଗ ନେଇ ଏବେ ବାରମ୍ବାର ଫୋନ କରି ଟଙ୍କା ଦାବି କରୁଛନ୍ତି । ପ୍ରଥମେ ୫ ଲକ୍ଷ ଟଙ୍କା ଦାବି କରୁଥିଲେ । ଘରକୁ ଆସି ମୋ ଝିଅକୁ ଜୀବନରେ ମାରିଦେବାକୁ ଧମକ ଦେଉଥିଲେ । ସ୍ତ୍ରୀ ଓ ପରିବାର ସଦସ୍ୟଙ୍କୁ ଗାଳିଗୁଲଜ କରୁଥିଲେ । କିଛି ନ ଶୁଣିବାରୁ ପୁଣି ୫ଲକ୍ଷ ନ ହେଲ ୧ଲକ୍ଷ ଟଙ୍କା ଦିଅ ବୋଲି ଦାବି କରିଥିଲେ । ପୁଣି ଧମକ ଚମକ ଦେଲେ । ଶାରୀରିକ ସମ୍ପର୍କ ରଖିଥିବା ନେଇ ମିଛ ମାମଲାରେ ଫସେଇ ଦେବାକୁ କହି ମଧ୍ୟ ଧମକ ଦେଲେ । ଏପରିକି ସ୍ତ୍ରୀ ଓ ପରିବାରକୁ ଛାଡି ମୋ ସହତି ରହିବାକୁ ବାଧ କରୁଛନ୍ତି । ଏନେଇ କାର୍ଯ୍ୟନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଅନୁରୋଧ କରିଥିଲେ । ଅନ୍ୟପଟେ ଆଜି ସନ୍ଧ୍ୟାରେ ଅମୂଲ୍ୟା ଅଭିଷେକ ନାମରେ ଅଭିଯୋଗ କରିବାକୁ ପୁଲିସ ଏକ ମାମଲା ରୁଜୁ କରିଥିଲା । ଅମୂଲ୍ୟାଙ୍କ ଅଭିଯୋଗ କ୍ରମେ ଦେଢ଼ବର୍ଷ ପୂର୍ବରୁ ସେ ଅଭିଷେକଙ୍କ ସହ ସମ୍ପର୍କରେ ରହିଛନ୍ତି । ସେ ବାରମ୍ବାର ଶାରୀରିକ ସମ୍ପର୍କ ରଖିଛନ୍ତି । ଏବେ ଗର୍ଭବତୀ ଅଛନ୍ତି । ହେଲେ ମୋ ସହିତ ରହିବାକୁ ମନା କରି ଦେଉଛନ୍ତି ବୋଲି ଅଭିଯୋଗ କରିଛନ୍ତି । ପୁଲିସ ଅଭିଷେକଙ୍କ ଅଭିଯୋଗରେ ୮୨।୨୪ ଓ ଅମୂଲ୍ୟାଙ୍କ ଅଭିଯୋଗ କ୍ରମେ ୮୫।୨୪ରେ ମାମଲା ରୁଜୁ କରିଛି । ହେଲେ ଅମୂଲ୍ୟା ଦେଢ ବର୍ଷ ପୂର୍ବରୁ ଅଭିଷେକ ସହ ଯଦି ସମ୍ପର୍କ ଥିଲା ତାହା ହେଲେ ତାଙ୍କ ସମ୍ପର୍କ କିଭଳି ଗଢି ଉଠିଲା ବୋଲି ପ୍ରଶ୍ନ ଉଠୁଛି । ପୂର୍ବ ମାମଲାରେ ଅମୂଲ୍ୟା ଫେସ୍‌ବୁକରେ ପ୍ରଥମେ ବନ୍ଧୁତା କରୁଥିଲେ । ଯୁବକଙ୍କ ଫସାଇ ଟଙ୍କା ମାଗୁଥିଲେ, ଟଙ୍କା ଦାବି କରୁଥିଲେ । ଯୁବକଙ୍କ ପରିବାରକୁ ଧମକ ଚମକ କରି ଟଙ୍କା ମାଗି ଫସେଇ ଦେବି ଟଙ୍କା ଦାବି କରିଥିଲେ । ଏପରିକି ଯୁବକଙ୍କ ଭଉଣୀକୁ ଫୋନ କରି ଆଞ୍ଚଳ ୧ଲକ୍ଷ ଟଙ୍କା ମାଗିଥିଲା । ବୁଢ଼ାରଜାରେ ଥିବା ଯୁବକର ବାପାଙ୍କ ଚଷମା ଦୋକାନକୁ ଯାଇ ଗାଳିଗୁଲଜ କରିଥିଲେ । ଯୁବକଙ୍କ ବାପା ଟଙ୍କା ଦେବାକୁ ମନା କରି ଦେଇଥିଲେ । ରାଗିଯାଇ ଅସଦାଚରଣ କରିବା ଓ ରେପ୍ କେସ୍‌ରେ ଫସାଇ ଦେବ ବୋଲି ଧମକ ଦେଇଥିଲା । ଯୁବତୀଙ୍କ ପାଇଁ ଏହା କୌଣସି ନୂଆ କଥା ନୁହେଁ । ପୂର୍ବରୁ ମଧ୍ୟ ଅନେକ ଯୁବକଙ୍କ ସହ ଏମିତି କରିଥିବା ପୁଲିସ ସୂଚନା ଦେଇଛି । ନିରୀହ ଯୁବକଙ୍କ ସହ ପ୍ରଥମେ ବନ୍ଧୁତା ସ୍ଥାପନ କରୁଥିଲା । ପରେ ମୋବାଇଲ ଫୋନ୍ ନମ୍ବର ନେଇ କିଛି ଦିନ କଥାବାର୍ତ୍ତା କରିବା ପରେ ସେମାନଙ୍କୁ ଫସାଇ ଟଙ୍କା ଦାବି କରୁଛନ୍ତି ।